

‘କଲ୍‌କି ୨୮ ୯୮
ଏଡି ୨’ରେ ପ୍ରଭାସ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-190 ◆MONDAY ◆5 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୦ ◆ସୋମବାର ◆୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗଙ୍ଗୋତ୍ରୀରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ

# ବରଫ ପାଲଟିଲା ନଦୀ, ଝରଣା



■ ନୂଆଦିଲ୍ଲୀ,୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି ଜାରି ରହିଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ଉଚ୍ଚ ସ୍ଥାନମାନଙ୍କରେ ତାପମାତ୍ରା ଶୂନ ଡିଗ୍ରୀଠାରୁ ତଳକୁ ଖସିଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗୋତ୍ରୀ କ୍ଷେତ୍ରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଛି। ଫଳରେ ଭାଗୀରଥୀ ନଦୀରେ ଜଳ ବରଫରେ ପରିଣତ ହୋଇଛି। ଝରଣାଗୁଡ଼ିକ ମଧ୍ୟ ବରଫ ପାଲଟିଯାଇଛି। ଜଳପ୍ରପାତ ମଧ୍ୟ ବରଫ ପାଲଟିଯାଇଥିବା ଦେଖିବାକୁ ମିଳିଛି। ପ୍ରବଳ ଶୀତ ଯୋଗୁଁ ୬ଟି ଜିଲ୍ଲାରେ କୋଲ୍ଡ ଡେ ଘୋଷଣା କରାଯାଇଛି।

ସେହିଭଳି ହିମାଚଳ ପ୍ରଦେଶରେ ୩ ଦିନ ଘନ କୁହୁଡି ଜାରି ରହିବ ବୋଲି ସତର୍କତା ଜାରି କରାଯାଇଛି। କୁକୁମସେରୀରେ ତାପମାତ୍ର ବିଯୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ୧୪ଟି ଜିଲ୍ଲାରେ ଘନ କୁହୁଡି ଆଚ୍ଛାଦିତ ହୋଇ ରହିଛି। ରାଜ୍ୟର ୫ ଜିଲ୍ଲାରେ ଶୀତ

### ଜାଡ଼ରେ ଜଡ଼ ଉତ୍ତରାଖଣ୍ଡ
### ରାଜସ୍ଥାନର ୧୪ ଜିଲ୍ଲାରେ କୁହୁଡ଼ି

ଲହରି ଓ ୯ ଜିଲ୍ଲାରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି। ରାଜସ୍ଥାନର ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ଦ୍ୱିତୀୟ ଦିନରେ ପାରା ଶୂନ୍ ଡିଗ୍ରୀରେ ପହଞ୍ଚିଥିଲା। ମଧ୍ୟପ୍ରଦେଶର ଭୋପାଳରେ ଚଳିତ ଶୀତ ଋତୁରେ ପ୍ରଥମଥର ପାଇଁ ଦିନସାରା କୁହୁଡି ଛାଇ ହୋଇ ରହିଥିଲା। ଆଗାମୀ ୧୫ ଦିନ ଶୀତ ଲହରି ଜାରି ରହିବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶରେ ମଧ୍ୟ ଆଗାମୀ ତିନି ଦିନ ଭୀଷଣ ଥଣ୍ଡା ପଡିବ।

ଦିଲ୍ଲୀରେ ଆଜି ସକାଳେ ଘନ କୁହୁଡି ଛାଇ ହୋଇ ରହିଥିଲା। ଫଳରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଉଡାଣ ବିଳମ୍ବିତ ହୋଇଥିଲା। ଉତ୍ତର ଭାରତରେ ଘନ କୁହୁଡି କାରଣରୁ କେତୋଟି ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ ବୋଲି ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ସୂଚନା ଦେଇଛି। ବିମାନ ବନ୍ଦର ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ୍ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# ନ୍ୟୁୟର୍କ ଜେଲ୍‌ରେ ନିକୋଲାସ୍

### ଆମେରିକାର ଆକ୍ରମଣକୁ ବିଶ୍ୱବ୍ୟାପୀ ବିରୋଧ
### ଉଦ୍‌ବେଗ ପ୍ରକାଶ କଲା ଭାରତ
### ଆମେ ଠିକ୍ କରିଛୁ: ଟ୍ରମ୍ପ
### କଲମ୍ବିଆ, ମେକ୍ସିକୋ ଓ କ୍ୟୁବାକୁ ଟ୍ରମ୍ପଙ୍କ ଧମକ



■ ୱାଶିଂଟନ, ୪।୧ (ଏଜେନ୍ସି): ଭେନେଜୁଏଲାରେ ଆମେରିକାର ଆକ୍ରମଣ ଏବଂ ସେଠାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଉଠାଇ ଆଣି ଜେଲରେ ରଖିବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ମିତ୍ର ୟୁରୋପୀୟ ରାଷ୍ଟ୍ର ନିରବତା ଅବଲମ୍ବନ କରିଥିବା ବେଳେ ଚୀନ, ରୁଷ, କୋରିଆ ସମେତ ଅନେକ ରାଷ୍ଟ୍ର ଏହାର ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ସେମାନେ ଗୁଣ୍ଡାଗର୍ଦ୍ଦି ବୋଲି କହିଛନ୍ତି। ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ଏହା ଏକ ଚିନ୍ତାର ବିଷୟ। ଆଲୋଚନା ଦ୍ୱାରା ସମାଧାନ ପାଇଁ ଭାରତ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ବିଶ୍ୱ ନେତାଙ୍କ ପ୍ରତିକ୍ରିୟାକୁ ଖାତିର ନ କରି ତାଙ୍କର କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦରେ ମାତିଥିଲେ। ଏହା ଆମେରିକାବାସୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ଭେନେଜୁଏଲା ଭଳି କ୍ୟୁବା, ମେକ୍ସିକୋ ଏବଂ କଲମ୍ବିଆ ଉପରେ ମଧ୍ୟ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ।

### ହେଲ୍‌ସି ରୋଡ୍ରିଗ୍ସ ଭେନେଜୁଏଲାର ନୂଆ ରାଷ୍ଟ୍ରପତି



ଇତିମଧ୍ୟରେ ରାଷ୍ଟ୍ରପତି ନିକୋଲାସଙ୍କୁ ଟ୍ରମ୍ପ ସେନା ଆଜି ଆମେରିକା ଆଣିଛନ୍ତି। ବିମାନରେ ତାଙ୍କୁ ନ୍ୟୁୟର୍କ ଅଣାଯାଇଛି। ବିମାନରୁ ଓହ୍ଲାଇଲା ବେଳେ ତାଙ୍କ ହାତରେ କଡ଼ି ପଡ଼ିଥିବା ଦେଖାଯାଇଥିଲା। ଏହାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା। ଏହି ଅଦାଲତ ଡ୍ରଗ୍ସ ମାମଲାର ବିଚାର କରୁଛି। ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଉତ୍ପାଦନ ଓ ଚାଲାଣ ସହିତ ଡ୍ରଗ୍ସ ସନ୍ତ୍ରାସବାଦ ଅଭିଯୋଗ ରହିଛି। ଅଦାଲତରେ ହାଜର କରିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଗତକାଲି ଭେନେଜୁଏଲା ଉପରେ ଆମେରିକା ସେନା ବଡ଼ ଧରଣର ▶ପୃଷ୍ଠା-୭

### ଆନ୍ଧ୍ରର ବନ୍‌କାଚେର୍‌ଲା ପ୍ରକଳ୍ପ ବିରୋଧରେ ଲଢୁଛି ତେଲଙ୍ଗାନାର ‘ସିଂଗଲ ଇଞ୍ଜିନ’

# ପୋଲାଭରମ୍ ପାଇଁ ନିରବ ‘ଟ୍ରିପଲ୍ ଇଞ୍ଜିନ’

### ମାଲକାନଗିରିର ଜନଜାତିଙ୍କ ଜୀବନଜୀବିକା ପାଇଁ ପୋଲାଭରମ୍ ବିପଦ
### ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ହେଉନି ପଛୁଆ ଜଳ ପ୍ରଭାବର ସର୍ଭେ



■ ଭୁବନେଶ୍ୱର,୪।୧(ସମିସ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ପୋଲାଭରମ-ବନକାଚେରଲା ପ୍ରକଳ୍ପ ନେଇ ତେଲଙ୍ଗାନା ସରକାର ଲଗାତାର ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର ଜଳ ଅଧିକାର ଉପରେ ଏହା ଅତ୍ୟନ୍ତ କୁପ୍ରଭାବ ପକାଇବା ନେଇ ଆଶଙ୍କା କରି ତେଲଙ୍ଗାନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଅନୁଭବ କରି ଆସନ୍ତାକାଲି ଅର୍ଥାତ୍ ସୋମବାର ଏହାର ଶୁଣାଣି କରିବେ। ପୂର୍ବରୁ ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ଆନ୍ଧ୍ର ସରକାର ଏହି ପ୍ରକଳ୍ପର ଡିପିଆର୍‌କୁ ବାତିଲ୍ କରିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ତେଲଙ୍ଗାନାର ନୈତିକ ବିଜୟ ବୋଲି କୁହାଯାଉଛି। ଅପରପକ୍ଷେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବାକୁ ଥିବା ବେଳେ ରାଜ୍ୟ ସରକାର ଏନେଇ ଅସମ୍ଭବ ନିରବତା ଅବଲମ୍ବନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତା ଓ ବିକାଶର ନାରା ଦେଇ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ମହାନଦୀ ଏବଂ ପୋଲାଭରମ୍ ସମସ୍ୟା ତୁଟିବା ନେଇ ଆଶା କରିଥିଲେ ରାଜ୍ୟବାସୀ। ମାତ୍ର ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାର କାହିଁକି ନିରବ ରହିଛନ୍ତି, ତାହାକୁ ନେଇ କାହା ପାଖରେ ଉତ୍ତର ନାହିଁ। ଗୋଟିଏ ପଟେ ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ରାଜ୍ୟସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୋଲାଭରମ-ବନକାଚେରଲା ଲିଙ୍କ୍ ପ୍ରକଳ୍ପକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟର ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ସରକାର ଆଶଙ୍କା କରୁଛନ୍ତି। ସେଥିପାଇଁ ସବୁ ମହଲରେ ତେଲଙ୍ଗାନା ଏହି ୮୧ ହଜାର କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ବିରୋଧ କରି ଆସୁଛି। ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆରକୁ ବାତିଲ କରିଛି। ଆସନ୍ତାକାଲି ସୁପ୍ରିମକୋର୍ଟରେ ମାମଲାର ଶୁଣାଣିରେ ତେଲଙ୍ଗାନା ନ୍ୟାୟ ପାଇବ ବୋଲି ▶ପୃଷ୍ଠା-୭

## ଆଜିଠୁ ଓମ୍‌ସାର ୨ ଘଣ୍ଟିଆ ଓପିଡି ସେବା ବନ୍ଦ

■ ଭୁବନେଶ୍ୱର,୪।୧(ସମିସ): ଆସନ୍ତାକାଲିଠାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ। ପୂର୍ବରୁ ଏନେଇ ଓମସା ଘୋଷଣା କରିଥିବା ବେଳେ ସୋମବାରଠାରୁ ଦିନ ୯ଟାରୁ ୧୧ଟା ଯାଏଁ ଓପିଡି ସେବା ବର୍ଜନ କରିବ ବୋଲି ସଂଘ ସୂତ୍ରରୁ ଜଣାପଡ଼ିଛି। ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ପ୍ରଥମେ କଳା ପୋଷାକ ପରିଧାନ କରିଥିଲା। ମାତ୍ର ସରକାର ଦାବି ନଶୁଣିବାରୁ ଆମେ ବାଧ୍ୟ ହୋଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ଆନ୍ଦୋଳନ କରିଥିଲୁ। ମାତ୍ର ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇନାହିଁ। ତେଣୁ ଆସନ୍ତାକାଲିଠାରୁ ଆମେ ୨ ଘଣ୍ଟିଆ ▶ପୃଷ୍ଠା-୭

### ୭ ମୁଣ୍ଡ ଗଡ଼ିବା ପରେ ଚେତିଲେ ସରକାର

# କଡ଼ାକଡ଼ି ହେଲା ‘ଆମ ବସ୍’ ଯାଞ୍ଚ

### ଗଠନ ହେଲା ଉଚ୍ଚସ୍ତରୀୟ କମିଟି



■ ଭୁବନେଶ୍ୱର, ୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଗତ ୧୧ ମାସ ମଧ୍ୟରେ ‘ଆମ ବସ୍’ ଶତାଧିକ ଦୁର୍ଘଟଣା ଘଟାଇବା ସହ ୭ ଜଣଙ୍କ ଜୀବନ ନେଇଛି। ଆମ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଓ ଦ୍ରୁତଗତିକୁ ବିରୋଧ କରି ବିଭିନ୍ନ ସମୟରେ ଜନଅସନ୍ତୋଷ ଉଗ୍ର ରୂପ ନେଇଛି। ଇତିମଧ୍ୟରେ ରାଜଧାନୀରେ ‘ଆମ ବସ୍’ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯିବା ପରେ ରାଜ୍ୟ ସରକାର ଚେତିଛନ୍ତି। ‘ଆମ ବସ୍’ର ପରିବହନ ସେବା, ଯାତ୍ରୀଙ୍କ ସୁରକ୍ଷା ଏବଂ ପରିଚାଳନା ଉପରେ ରବିବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଛି। ଆମ ବସ୍ ସେବାର ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେଇ ଗୃହ ଏବଂ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିବହନ କମିସନର, ଡିସିପି, ଟ୍ରାଫିକ୍ ▶ପୃଷ୍ଠା-୭

## ୬ରୁ ପୁଣି ବଢ଼ିବ ଶୀତ

### ଆଉ ୩ଦିନ ଘନ କୁହୁଡ଼ି



■ ଭୁବନେଶ୍ୱର,୪।୧(ସମିସ): ରାଜ୍ୟକୁ ପୁଣି ଫେରିବ ଶୀତ। ୬ ତାରିଖରୁ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ରହିଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ୩ ଦିନ ହେଲା ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ୬ ତାରିଖରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ। ତାପମାତ୍ରା ୪-୫ ଡିଗ୍ରୀ ହ୍ରାସ ପାଇବ ଓ ପୁଣି ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ପଡ଼ୋଶୀ ଝାଡ଼ଖଣ୍ଡରେ ତାପମାତ୍ରା ଖସିବା ସହ ସେଠାରେ ଶୀତ ଲହରୀ ଆରମ୍ଭ ହୋଇଛି। ▶ପୃଷ୍ଠା-୭






### ଅଶୁଭ ରବିବାର

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ଆନ୍ଧ୍ରରେ ବାଲେଶ୍ୱରର ୩ ମୃତ

■ ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ଏକ ଭୟଙ୍କର ଦୁର୍ଘଟଣାରେ ୩ ଓଡ଼ିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କ ଘର ବାଲେଶ୍ୱର ଅଞ୍ଚଳର ବୋଲି କୁହାଯାଉଛି। ମୃତ ମହିଳାଙ୍କ ନାମ କନକଲତା(୩୨) ଏବଂ ଦୁଇ ପୁଅର ନାମ ଅଭି(୮) ଓ ଆଦିତ୍ୟ (୧) ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି।



ଦୁଇ ପୁଅଙ୍କ ସହ ମହିଳା ମୃତ, ସ୍ୱାମୀ ଗୁରୁତର

ସୂଚନାନୁଯାୟୀ, ମୃତ ମହିଳାଜଣଙ୍କ ସ୍ଥଳସେନାରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଶାଖାପାଟଣାରେ କାର୍ଯ୍ୟରତ ଥିଲେ। ସ୍ୱାମୀ ଓ ଦୁଇ ପୁଅଙ୍କ ସହ ସେ ଆଜି ବାଲେଶ୍ୱରରୁ ଏକ କାର୍‌ରେ ବିଶାଖାପାଟଣା ▶ପୃଷ୍ଠା-୭

## ଅଜଣା ଗାଡ଼ି ଧକ୍କାରେ ଚାଲିଗଲେ ଦୁଇ ସାଙ୍ଗ

■ ବଅଁରପାଳ,୪।୧(ସମିସ): ବଅଁରପାଳ ଥାନା ବଉଳିଗଡ଼ ଆମନା ନିକଟରେ ଆଜି ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସେମାନେ ହେଲେ କଲଣ୍ଡା ଗାଁର ଶାନ୍ତନୁ ବେହେରା ଓ ଆମନା ଗାଁର ଅନିଲ ପ୍ରଧାନ। ଶାନ୍ତନୁ ଓ ଅନିଲ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ଆଜି ସନ୍ଧ୍ୟାରେ ବାଇକରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଲୋକେ ସେମାନଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ଅଧାରେ ରହିଗଲା ବାହାଘର କାର୍ଡ ବଣ୍ଟା

## କକା-ପୁତୁରାଙ୍କ ସମେତ ୫ ମୃତ

■ ଡୁଙ୍ଗୁରିପାଲି/ସମ୍ବଲପୁର, ୪।୧(ସମିସ): ଅଧା ରହିଗଲା ବାହାଘର କାର୍ଡ ବଣ୍ଟା। ଦୁର୍ଘଟଣାରେ ଚାଲିଗଲା ପାଞ୍ଚ ଜଣଙ୍କ ଜୀବନ। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଆଜି ଏହି ଅଘଟଣ ଘଟିଛି। ସୁବର୍ଣ୍ଣପୁରରେ ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ କକା-ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳର ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମର ଭଜନ ବାଗ (୩୨) ଓ ତାଙ୍କ ପୁତୁରା ପାର୍ଥ ବାଗ(୧୪) ଏବଂ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ମହମ୍ମଦ ୱାସିଫ, ମହମ୍ମଦ ଜିଆଉଲ୍ ଓ ମହମ୍ମଦ ସିଫାନ।



▶ପୃଷ୍ଠା-୭

# ଦୀପତଳ ଅନ୍ଧାର: ଶିଳ୍ପ ସହ ବିକାଶ ଖୋଜୁଛି ଖଣି ସମୃଦ୍ଧ ଯୋଡ଼ା ବ୍ଲକ୍



ଯୋଡ଼ା, ୪।୧(ସମିସ): ଓଡ଼ିଶାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଖଣି ସମୃଦ୍ଧି ଖ୍ୟାତିପ୍ରାପ୍ତ। ରାଜ୍ୟର ଏହି ଖଣିବହୁଳ ଅଞ୍ଚଳରେ ବିକାଶ ବାଟବଣା ହୋଇ ପଡ଼ିଛି। ଦୀପଦଳ ଅନ୍ଧାର ନୀତିରେ ଏଠାରେ ଶିଳ୍ପାୟନ ହୋଇପାରିନାହିଁ। ସାରା ରାଜ୍ୟକୁ ଶିଳ୍ପ ପାଇଁ 'ଆହାର' ଯୋଗାଉଥିବା ସମୃଦ୍ଧ ଖଣିଜ ସମ୍ପଦ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନ ଏଠାରେ ନାହିଁ। ଅନ୍ୟ ରାଜ୍ୟକୁ ପରିବହନ ହେଉଥିବା ଖଣିଜ ପଦାର୍ଥର ବ୍ୟାପକ ଉତ୍ତୋଳନ ସତ୍ତ୍ୱେ ଶିଳ୍ପ ପ୍ରତିଷ୍ଠାରେ ଯୋଡ଼ା ଖଣି ମଣ୍ଡଳକୁ ଉପେକ୍ଷା କରାଯାଇଛି। ଶିଳ୍ପ ଅଭିବୃଦ୍ଧି ହୋଇନାହିଁ, ଯାହାଫଳରେ ସ୍ଥାନୀୟ ବାସିନ୍ଦା ବେକାରୀ ଏବଂ ଅଭାବ ଅନଟନର କଷ୍ଟ ସହି ଆସୁଛନ୍ତି।

ଯୋଡାର ଖଣି କ୍ଲଷ୍ଟରରେ ୯୦ଟି ଖଣି ରହିଛି, କିନ୍ତୁ କେବଳ ୩୪ଟି କାର୍ଯ୍ୟକ୍ଷମ ରହିଛି। ବିଭିନ୍ନ ଆଇନଗତ ଏବଂ ନିୟାମକ ସମସ୍ୟା ଯୋଗୁଁ ୫୬ଟି ବନ୍ଦ ରହିଛି। ଓଡ଼ିଶା ଖଣି ରାଜସ୍ୱରୁ ବାର୍ଷିକ ପ୍ରାୟ ୪୬,୦୦୦ କୋଟି ଟଙ୍କା ଆୟ କରେ, ଯେଉଁଥିରୁ କେବଳ ଯୋଡ଼ା ଖଣି ବିଭାଗ ପ୍ରାୟ ୨୧,୦୦୦ କୋଟି ଟଙ୍କା ଯୋଗଦାନ କରେ। ଚଳିତ ଆର୍ଥିକ ବର୍ଷରେ ଯୋଡ଼ାରୁ ଖଣି ରାଜସ୍ୱ ପାଇଁ ଲକ୍ଷ୍ୟ ୨୨,୦୦୦ କୋଟି ଟଙ୍କା ରଖାଯାଇଛି।

୧୯୦୭ ମସିହାରେ ଯୋଡ଼ାରେ ଖଣି ଖନନ ଆରମ୍ଭ ହୋଇଥିଲା। ଏକ ଘରୋଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଥିଲା। ୧୧୭ ବର୍ଷ ଧରି, ଏହି ଅଞ୍ଚଳ ରେଳ ଏବଂ ସଡ଼କ ପଥରେ ଝାଡ଼ଖଣ୍ଡର ଏକ ବିଶାଳ ଇସ୍ପାତ କାରଖାନାକୁ ଲକ୍ଷ ଲକ୍ଷ ଟନ୍ ଲୁହାପଥର ଯୋଗାଇ ଆସିଛି। ଯୋଡା କ୍ଲଷ୍ଟରର ଏକ ଅଂଶ, ଜଜାଙ୍ଗରେ ଥିବା ଆଉ ଏକ ପ୍ରମୁଖ ଖଣି ୧୯୬୭ରେ ଲୁହାପଥର ଉତ୍ତୋଳନ ଆରମ୍ଭ କରିଥିଲା। ସମୟ ସହିତ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଲକ୍ଷ ଲକ୍ଷ ଟନ୍ ଖଣିଜ ରପ୍ତାନି କରି ପ୍ରଚୁର ଲାଭ ଉପାର୍ଜନ କରିଥିଲେ। ଅଞ୍ଚଳରେ ଏକ ବଡ଼ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବା ପରିବର୍ତ୍ତେ, ଯୋଡା ଏବଂ ଏହାର ଆଖପାଖରେ ଛୋଟ ସ୍ପଞ୍ଜ ଲୁହା କାରଖାନା ସ୍ଥାପନ କରାଯାଇଥିଲା। ଝାଡ଼ଖଣ୍ଡ ତଥା ଅନ୍ୟ ରାଜ୍ୟ ଓଡ଼ିଶାର ଲୁହାପଥର ବ୍ୟବହାର କରି ବିଶାଳ ଇସ୍ପାତ କାରଖାନା ନିର୍ମାଣ କରିଥିଲେ ମଧ୍ୟ, ଯୋଡା ଏବଂ ଏହାର ଆଖପାଖ ଅଞ୍ଚଳ ଅଣଦେଖା ଏବଂ ଅବହେଳିତ ହୋଇ ରହିଥିଲା।

> କଳିଙ୍ଗ ଲୁହା କାରଖାନାର ୧୭ ଏକର ଜମି ଅକାମୀ ପଡ଼ିଛି
> ୨୨ ହଜାର କୋଟି ରାଜସ୍ୱ ଲକ୍ଷ୍ୟ ସତ୍ତ୍ୱେ ଅଞ୍ଚଳବାସୀ ଅଭାବରେ

୧୯୭୦ ଦଶକରୁ ୨୦୨୦ ପର୍ଯ୍ୟନ୍ତ, ଏହି ଅଞ୍ଚଳରେ ବ୍ୟାପକ ଖଣିଜ ବାହାର ରାଜ୍ୟକୁ ରପ୍ତାନି ହୋଇଥିବା ସମୟରେ କୌଣସି ଆଖିଦୃଶିଆ ବିକାଶ ହୋଇ ପାରି ନ ଥିଲା। ହେଲେ ଯେତେବେଳେ ଲିଜ୍ ଶେଷ ହୋଇଗଲା ସେତେବେଳେ ଅଞ୍ଚଳରେ ବେରୋଜଗାରୀ ଦେଖାଦେଲା। ଆଗରୁ ଖଣି କମ୍ପାନୀଗୁଡ଼ିକ ଏହି ଅଞ୍ଚଳକୁ ଏକ ଶିଳ୍ପକେନ୍ଦ୍ରରେ ପରିଣତ କରିବାକୁ କମ୍ ଆଗ୍ରହ ଦେଖାଇଲେ, ଧୀରେ ଧୀରେ ଅଞ୍ଚଳ ଖଣିଜ ସମ୍ପତି ଖାଲି ହେବାକୁ ଲାଗିଲା। ଖଣି ବ୍ୟବସାୟୀ କେବଳ ଉତ୍ତୋଳନ ସ୍ଥାନ ଏବଂ ଅବାସ୍ତବ ସମ୍ଭାବନାକୁ ପଛରେ ପକାଇ ଦେଲେ।

ପ୍ରାୟ ପାଞ୍ଚ ଦଶନ୍ଧି ଧରି, ଜୁରୁଡି, କାସିଆ, ଟୋଣ୍ଟୋ ଏବଂ ଗୁଆଲି ଭଳି ଅଞ୍ଚଳରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ କେବଳ ଲାଭ ପାଇଁ ଖଣି କାର୍ଯ୍ୟରେ ନିୟୋଜିତ ହୋଇ ଆସୁଛନ୍ତି। ପେଲେଟ୍ ପ୍ଲାଣ୍ଟ, ସ୍ପଞ୍ଜ ଲୁହା କାରଖାନା ଏବଂ ଲୁହା ପଥର ଉପକାରୀ ପ୍ଲାଣ୍ଟ ପ୍ରତିଷ୍ଠା କରୁଛନ୍ତି। ଖଣି ବିଭାଗର ସୂତ୍ର ଅନୁଯାୟୀ, ଯୋଡା ଖଣି ଅଞ୍ଚଳରୁ ପ୍ରାୟ ୮.୩ କୋଟି ମେଟ୍ରିକ୍ ଟନ୍ ଲୁହା ପଥର ଉତ୍ତୋଳନ କରାଯାଇଛି, ଯାହା ମଧ୍ୟରୁ ୭.୭୪ କୋଟି ମେଟ୍ରିକ୍ ଟନ୍ ପରିବହନ କରାଯାଇଛି। ପ୍ରଚୁର ଖଣି କାର୍ଯ୍ୟକଳାପ ସତ୍ତ୍ୱେ ଯୋଡା ଖଣି ବେଲ୍ଟରେ କୌଣସି ପ୍ରମୁଖ ଇସ୍ପାତ ଶିଳ୍ପର ଅଭାବ ଅଛି। ୨୩ଟି ମଧ୍ୟମ ଶିଳ୍ପ ରହିଛି, ଯାହା ମୁଖ୍ୟତଃ ଖଣିଗୁଡ଼ିକୁ ସୁରକ୍ଷିତ ରଖିବା ଏବଂ ରାଜସ୍ୱ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଥାଏ। ଏହି ଶିଳ୍ପଗୁଡ଼ିକ ମଧ୍ୟରୁ ଅନେକ ଅଧିକାଂଶ ସମୟ ଅକାମି ରହିଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ଖଣି କ୍ଷେତ୍ରରେ ଏକ ପରିବର୍ତ୍ତନମୂଳକ ପରିବର୍ତ୍ତନ ପାଇଁ ଆଶା ଜାଗ୍ରତ କରିଥିଲା। ୨୦୧୫ରେ ସରକାର ଏକ ନୂତନ ଖଣି ନୀତି ପ୍ରଣୟନ କରିଥିଲେ। ୨୦୨୦ ସୁଦ୍ଧା ଖଣି ନିଲାମ ଆରମ୍ଭ ହୋଇଥିଲା। ଏହା ବହୁରାଷ୍ଟ୍ରୀୟ ଏବଂ ଅନ୍ତର୍ଜାତୀୟ ଖଣି କମ୍ପାନୀଗୁଡ଼ିକଠାରୁ ଆଗ୍ରହୀ ହୋଇଥିଲା, ଯାହା ଫଳରେ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶ ପ୍ରସ୍ତାବ ଆସିଥିଲା। ଏହାକୁ ସମର୍ଥନ କରିବା ପାଇଁ, ତତ୍କାଳୀନ ଓଡ଼ିଶା ସରକାର 'ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଆୟୋଜନ କରିଥିଲେ। ତଥାପି, ଏହି ଅଞ୍ଚଳରେ ଏକ ପ୍ରମୁଖ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାର ସ୍ୱପ୍ନ ଅଧା ରହିଗଲା। ପରବର୍ତ୍ତୀ ସମୟରେ, ନୂତନ ରାଜ୍ୟ ସରକାର ଏହି ମହତ୍ତ୍ୱାକାଂକ୍ଷାକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାରେ ଏକ ପ୍ରମୁଖ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ଯୋଡ଼ା ଅଞ୍ଚଳର ଜଣାଶୁଣା ନେତା ରଞ୍ଜିତ ମହାକୁଡ ଅଞ୍ଚଳର ପ୍ରଚୁର ଖଣିଜ ସମ୍ପଦ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ। ସରକାର ଏକ ନୂତନ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ପୂର୍ବରୁ ବଡ଼ବିଲ ମାଟକାମ୍ବେଡାରେ ବନ୍ଦ ହୋଇଥିବା କଳିଙ୍ଗ ଲୁହା କାରଖାନାର ପ୍ରାୟ ୧୭ ଏକର ଅଚଳ ଜମିକୁ ବ୍ୟବହାର କରି ଏକ ବିଶାଳ ଇସ୍ପାତ କାରଖାନା ନିର୍ମାଣ କରାଯାଇ ପାରିଲେ ଅଞ୍ଚଳର ଖଣିଜ ବାହାର ରାଜ୍ୟକୁ ରପ୍ତାନିରେ ରୋକ ଲାଗିବା ସହିତ ନିଯୁକ୍ତିର ସୁଯୋଗ ମିଳିବ, ଅଞ୍ଚଳର ବିକାଶ ହୋଇପାରିବ ବୋଲି ତାଙ୍କ ମତ ରହିଛି।

# ଅବକାରୀ ଚଢ଼ଉ; ୫ ଗିରଫ

## ବିପୁଳ ଦେଶୀମଦ ଓ ମହୁଲପୋଚ ନଷ୍ଟ



ଚମ୍ପୁଆ, ୪।୧(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଓ ଝୁମ୍ପୁରା ଥାନା ଅନ୍ତର୍ଗତ ଏକାଧିକ ସ୍ଥାନରେ ଅବକାରୀ ଚଢ଼ଉ କରାଯାଇ ୫ ହଜାର ୫୦୦ କେଜି ମହୁଲ ପୋଚ ସହ ୩୧୮ ଲିଟର ମହୁଲି ମଦ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ଚମ୍ପୁଆ ଉପଖଣ୍ଡ ଅବକାରୀ ଅଧିକାରୀ ଏଚ. ଜଗାରାଓଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ୟୁନିଟ୍, ଚମ୍ପୁଆ ଅବକାରୀ ଥାନାଧିକାରୀ ରୋହିତ ନାଏକ, ଚମ୍ପୁଆ ଅବକାରୀ ଥାନା ଓ ଉପଖଣ୍ଡସ୍ତରୀୟ ଷ୍ଟାଫ୍‌ଙ୍କୁ ନେଇ ଏକ ମିଳିତ ଟିମ୍ ଚଢ଼ଉ କରିବା ସମୟରେ ଚମ୍ପୁଆ ଅଞ୍ଚଳରୁ ଏହି ସଫଳତା ମିଳିଛି। ୬ଟି ଅବକାରୀ ମାମଲା ରୁଜୁ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଚମ୍ପୁଆ ଥାନା ନାରଦପୁରର ସୁଭଦ୍ରା ମହାକୁଡ଼ ଓ ବିପିନ୍ ମାଝୀ, ରିମୁଳିର ଜଳଧର ଦେହୁରୀ, ବସିରା ନାକଫୋଡ଼ି ମୁଣ୍ଡା ଏବଂ ଧାତିକା ଗ୍ରାମର ଋଷଭଚନ୍ଦ୍ର ନାଏକ। ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବା ସହ କୌଣସି ମଦ ମାଫିଆକୁ ଛଡ଼ାଯିବ ନାହିଁ ବୋଲି ଉପଖଣ୍ଡ ଅବକାରୀ ଅଧିକାରୀ ଜଗାରାଓ କହିଛନ୍ତି।

● ବାୟୁ ପ୍ରଦୂଷଣ ଚିନ୍ତାଜନକ

# ଧୂଳିଧୂଆଁରେ ଅଣନିଶ୍ୱାସୀ କେନ୍ଦୁଝର ଜିଲ୍ଲା



ଆନନ୍ଦପୁର, ୪।୧ (ସମିସ): ବର୍ତ୍ତମାନ ସମୟରେ ବେଲଗାମ୍ ଭାବେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଦ୍ୱାରା ନିର୍ଗତ ଧୂଆଁ ଏବଂ କ୍ରମବର୍ଦ୍ଧିଷ୍ଣୁ ଗାଡ଼ିମଟର ପରିବହନ ସହ ବେଆଇନ ମାଳ ମାଳ ଇଟା ଭାଟି ପାଇଁ କେନ୍ଦୁଝର ଜିଲ୍ଲାରେ ବାୟୁ ପ୍ରଦୂଷଣ ଚିନ୍ତାର କାରଣ ପାଲଟିଲାଣି। ସମଗ୍ର ଦେଶର ୯ଟି ସହର ମଧ୍ୟରେ କେନ୍ଦୁଝର ସହରର ବାୟୁ ଅଧିକ ପ୍ରଦୂଷିତ ରହିଥିବା ଏକ ସରକାରୀ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ବାୟୁ ଏତେ ବିଷାକ୍ତ ହୋଇ ଚାଲିଛି ଯେ ଜିଲ୍ଲାରେ ରହିଥିବା ଜଙ୍ଗଲର ପରିମାଣ ମଧ୍ୟ ଏହାକୁ ସାଧାରଣ କରିବା ଦିଗରେ ନିଅଣ୍ଟ ପଡୁଛି। କେନ୍ଦୁଝର ସହରର ବାୟୁର ମାନ ୩୧୧ ଏକ୍ୟୁଆଇ (ବାୟୁ ଗୁଣବତ୍ତା ମାନ)ରେ ପହଞ୍ଚିଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଖାଦାନରୁ ପ୍ରତିଦିନ ହଜାର ହଜାର ଟ୍ରକ ଯୋଗେ ଲୁହାପଥର ପରିବହନ ଓ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମାଳ ମାଳ ଇଟା ଭାଟି କୋଇଲା ପୋଡ଼ି ପ୍ରଦୂଷଣ କରୁଥିବାରୁ ବାୟୁର ମାନ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ଦାୟୀ କରାଯାଉଛି। ଚଳିତବର୍ଷ ଏହା ସବୁଠାରୁ ଖରାପ ସ୍ଥିତି ବୋଲି ପ୍ରଦୂଷଣ ବିଭାଗ ସୂଚନା ଦେଇଛି। ଏହି ଅଞ୍ଚଳରେ ୧୮ରୁ ଅଧିକ ଶିଳ୍ପାନୁଷ୍ଠାନ ରହିଛି। ମାଳ ମାଳ ଶିଳ୍ପାନୁଷ୍ଠାନ, ବଢୁଥିବା ଯାନବାହନ, ବିପର୍ଯ୍ୟସ୍ତ ରାସ୍ତା, ଗଛକଟା ଓ ଧୂଳିଧୂଆଁ ବାୟୁର ମାନ ଖରାପ କରିବାରେ ପ୍ରମୁଖ କାରଣ ସାଜିଛି। ବାୟୁର ମାନ ଶୂନରୁ ୫୦ ମଧ୍ୟରେ ରହିଲେ ତାହା ପ୍ରଦୂଷଣମୁକ୍ତ ବା ଶୁଦ୍ଧବାୟୁ

**ବେଲଗାମ୍ ପରିବହନ, ଇଟାଭାଟି ଓ କାରଖାନାର ହେଉନି ଯାଞ୍ଚ**

ପରିବେଶବିତ୍ ଓ କିଛି ବିଶେଷଜ୍ଞଙ୍କ ମତାନୁସାରେ, ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିବା ଦ୍ୱାରା ଶ୍ୱାସଜନିତ ରୋଗ ବ୍ୟତୀତ, ଧୀରେ ଧୀରେ ଏହା ଅନ୍ୟାନ୍ୟ ମାରାତ୍ମକ ରୋଗର କାରଣ ଭାବେ ଲୋକଙ୍କ ମୃତ୍ୟୁର କାରଣ ପାଲଟିଛି। ଆଗାମୀ ଦିନରେ ଏପରି ଜାରି ରହିଲେ, ଗୁରୁତର ସ୍ୱାସ୍ଥ୍ୟ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ମଧ୍ୟ କରାଯାଉଛି। ସୂଚନା ଅନୁସାରେ, ପଡ଼ୋଶୀ ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳରେ ବାୟୁର ମାନ (ଏକ୍ୟୁଆଇ) ୨୦୮ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ଏହା ଅଧିକ ବିଷାକ୍ତ ହୋଇ ଚାଲିଥିବାରୁ କୋଇଲା ପରିବହନରୁ ନିର୍ଗତ ବିଷାକ୍ତ ବାୟୁର ପରିମାଣ ଏବଂ ଇଟାଭାଟି ପୋଡ଼ିରୁ ଧୂଆଁକୁ ମଧ୍ୟ ଏବଂ ୧୫୦କୁ ବଢ଼ିଲେ ତାହା ଲାଲ ବର୍ଗରେ ରଖାଯାଇଥାଏ। ଏହା ସାଧାରଣ ଲୋକଙ୍କ ପ୍ରଶ୍ୱାସ ପାଇଁ ବିପଦ। ହଳଦିଆ ବର୍ଗ, ଯାହାକି ରୋଗୀ ତଥା ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ବିପଦପୂର୍ଣ୍ଣ। ଏକ୍ୟୁଆଇ ୫୧ରୁ ୧୦୦ ମଧ୍ୟରେ ରହିଲେ ତାହା ବହୁରୋଗର କାରଣ ହୋଇଥାଏ। ବାୟୁର ମାନ ୧୫୧ରୁ ୨୦୦ କିମ୍ବା ତଦୁର୍ଦ୍ଧ୍ୱ ହେଲେ ତାହା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ଲୋକଙ୍କ ଘରଦ୍ୱାର, ଖାଦ୍ୟ ପାନୀୟରେ ଧୂଳି ପଡୁଛି। ବର୍ଦ୍ଧିତ ଏକ୍ୟୁଆର ଚିନ୍ତାଜନକ ବୋଲି ବରିଷ୍ଠ ସଚେତନ ନାଗରିକ ବିରଞ୍ଚି ମହାପାତ୍ର ମତ ପୋଷଣ କରିଛନ୍ତି। ଏହାକୁ ନିୟନ୍ତ୍ରଣ ନକଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବାର ଆଶଙ୍କା ପ୍ରକାଶ ପାଇଛି।

# ହିନ୍ଦୁ ସମ୍ମିଳନୀ ଉଦ୍‌ଯାପିତ



ଚମ୍ପୁଆ,୪।୧(ସମିସ):

ଚମ୍ପୁଆ ଜାଗରମେଳା ପଡ଼ିଆଠାରେ ବାବା ଚନ୍ଦ୍ରଶେଖର ଆୟୋଜକ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଘ, କୃଷ୍ଣ ପ୍ରତିପଦା ଦିନ ଅନୁଷ୍ଠିତ ଏହି ସମ୍ମିଳନୀରେ ହିନ୍ଦୁ ମହିଳାଙ୍କ ଦ୍ୱାରା ପବିତ୍ର ବୈତରଣୀ ନଦୀରୁ ପବିତ୍ର ଜଳ ନେଇ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ତଥା ଶ୍ରେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞାଦି କାର୍ଯ୍ୟକ୍ରମରେ ମହିଳା ଓ ପୁରୁଷ ପୂଜାର୍ଚ୍ଚନା କରିଥିଲେ। ଆୟୋଜକ ସମିତି ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଖଣ୍ଡ ସଂଘ ଚାଳକ ଚତୁର୍ଭୁଜ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ବକ୍ତା ଭାବରେ ଜିଲ୍ଲା କାର୍ଯ୍ୟବାହକ ବିନୋଦ ବିହାରୀ ମହାନ୍ତ ସଂସ୍କୃତିସମ୍ପନ୍ନ ଭାରତବର୍ଷରେ ସନାତନ ଧର୍ମ ଓ ତାର ସଂସ୍କୃତି, ସାମାଜିକ ଚାଲିଚଳଣ ଉପରେ ଆଲୋକପାତ କରିଥିଲେ। ଏହାସହ ହିନ୍ଦୁ ତଥା ସନାତନ ଧର୍ମର ଲୋକଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୮ ଜଣ ଅନାଥ ଛାତ୍ରଛାତ୍ରୀ ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

# ବାରଡାଙ୍ଗୁଆରେ 'ଆମ ପୁଲିସ' ବୈଠକ

ତୁରୁମୁଙ୍ଗା, ୪।୧(ସମିସ): ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାରଡାଙ୍ଗୁଆ ଗ୍ରାମରେ ରବିବାର ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଲିସ ପ୍ରତି ଜନସାଧାରଣଙ୍କ ରହିଥିବା ଭ୍ରାନ୍ତ ଧାରଣା ଓ ଭୟ ଦୂର ସହ ବିଭିନ୍ନ ଆଇନ, ଅନ୍ଧବିଶ୍ୱାସକୁ ସଂସ୍କାର ଏବଂ ସାଇବର ଠକେଇ, ମଦ ବିରୋଧୀ ଉପରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ଥାନା ଏଏସଆଇ, ସୟଦ ସଲିମ ହୁସେନ୍ ଉପସ୍ଥିତ ଥିଲେ।

# ଚେମଣାରେ ମଦ ବିରୋଧୀ ଅଭିଯାନ

ତୁରୁମୁଙ୍ଗା, ୪।୧(ସମିସ): ପାଟଣା ବ୍ଲକ ଚେମଣା ପଞ୍ଚାୟତ ଚେମଣା ଗ୍ରାମରେ ରବିବାର ଗ୍ରାମର ମହିଳା ଓ ପୁରୁଷ ମଦ ବିରୋଧୀ ଅଭିଯାନରେ ସାମିଲ ହୋଇ ରାଲି କରିବା ସହ ଗାଁରେ ମଦ ବିକ୍ରି ବନ୍ଦ କରିବାକୁ ଶପଥ ନେଇଥିଲେ। ମଦ ବିକ୍ରି ବନ୍ଦ କରିବା, ଜୁଆ ଖେଳ ବନ୍ଦ କରି ଜୀବନ ରକ୍ଷା କରିବା, ନିଶା କରେ ନାଶ ଜୀବନ କରେ ଶେଷ, ମଦମୁକ୍ତ ସମାଜ ଆମର ଚେଷ୍ଟା ଓ ଦାୟିତ୍ୱ ଆଦି ପ୍ଲା-କାର୍ଡ ଧରି ଗ୍ରାମରେ ରାଲି କରି ଲୋକଙ୍କୁ ସଚେତନ କରିଥିଲେ। ମଦ ବିରୋଧୀ ଆନ୍ଦୋଳନରେ ବିରେନ୍ଦ୍ର ପ୍ରସାଦ ସାହୁ, କେଶବ ମହାନ୍ତ, ବାବୁଲି ମହାନ୍ତ, ଭାନୁମତି ବାରିକ, ମାନି ଦାସ, ଫୁଲସରି ବେହେରା, ରମଣୀ ବେହେରାଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ।




# ସୋସୋ ଥାନାରେ ନୂଆ ଆଇଆଇସି



ହାଟଡ଼ିହୀ,୪।୧(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନାରେ ନୂତନ ଆଇଆଇସି ଭାବେ କାନନ ସାହୁ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ କେନ୍ଦ୍ରପଡ଼ା ଜିଲ୍ଲାରେ ସେ କାର୍ଯ୍ୟରତ ଥିଲେ। କେନ୍ଦ୍ରାପଡ଼ାରୁ ବଦଳି ପରେ କେନ୍ଦୁଝର ଜିଲ୍ଲା ହେଡକ୍ୱାର୍ଟରରୁ ଏସପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶାନୁଯାୟୀ ସୋସୋ ଥାନାରେ ଯୋଗଦାନ କରିଛନ୍ତି। ପୂର୍ବରୁ ସୋସୋ ଥାନାରେ କାର୍ଯ୍ୟରତ ଆଇଆଇଆସି ଶିବକୁମାର ଆଲଦାଙ୍କ ବଦଳି ପରେ ପଦୋନ୍ନତି ପାଇଥିବା ନୂତନ ଡିଏସପି ମାନସ ବାରିକ ଦାୟିତ୍ୱ ବହନ କରୁଥିଲେ। ଆଇନ୍‌ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହ ଦଲାଲମୁକ୍ତ ଥାନା ପରିସର ସହ ବେଆଇନ୍ କାର୍ଯ୍ୟ ଉପରେ କଡ଼ା ନଜର ରଖିବେ ବୋଲି ଆଇଆଇସି ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।

# ନୂଆପଡ଼ାରେ ବ୍ଲକ୍‌ସ୍ତରୀୟ ୱାଟର୍‌ସେଡ ମହୋତ୍ସବ

ତୁରୁମୁଙ୍ଗା, ୪।୧(ସମିସ):



ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ନୂଆପଡ଼ାଠାରେ ରବିବାର କେନ୍ଦ୍ର ସରକାରଙ୍କ କୃଷି ସଞ୍ଚାର ଯୋଜନା ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଓ ଜିଲ୍ଲା ଜଳବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ୱାଟରସେଡ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ଓ ଜଳ ସଂରକ୍ଷଣ, ସ୍ୱଳ୍ପ ଜଳରେ କୃଷି ଉତ୍ପାଦନ ସହ ଆତ୍ମନିର୍ଭରଶୀଳତା ଓ ଏହାର ଲାଭ କିପରି ପାଇପାରିବେ ସେ ବିଷୟରେ ବାର୍ତ୍ତା ଦିଆଯାଇଥିଲା। ପୋଖରୀ ଖନନ, ବୃକ୍ଷ ରୋପଣ ଆଦି ଉପରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ରଭାନୁ ମହାକୁଡ଼ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଓ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାର୍ଚ୍ଚନ ଦ୍ୱିବେଦୀ, କେବିକେ ବୈଜ୍ଞାନିକ ନିଗମାନନ୍ଦ ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ ସେଠୀ, ସମିତିସଭ୍ୟ ଚନ୍ଦ୍ରମଣି ପାତ୍ର ପ୍ରମୁଖ ମୃତ୍ତିକା ସଂରକ୍ଷଣ, ବର୍ଷାଜଳ ସଂଗ୍ରହ, ଜଳଉତ୍ସର ଆବଶ୍ୟକତା ଓ ଏହାର ସଠିକ ଉପଯୋଗ ସହ ଆତ୍ମନିର୍ଭରଶୀଳ ହେବା ଉପରେ ମାର୍ଗ ଦର୍ଶନ କରାଇଥିଲେ। ବିଭାଗୀୟ ଯୋଜନାଗୁଡିକର ଲାଭ ନେବା ସହ ଏହାର କିପରି ଉପଯୋଗ କରିବେ ସେ ବିଷୟରେ ସୂଚନା ଦେଇଥିଲେ। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୀପ୍ତିମୟୀ ଦାଶ ଧନ୍ୟବାଦ ଦେଇଥିଲେ।

**ଓରାଳିରେ କାନ୍ଥ ପଡ଼ି ବୃଦ୍ଧା ମୃତ ଘଟଣା**

# ଜିଲ୍ଲାପାଳଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଯାଏଁ ଧାଇଁ ଧାଇଁ ନୟାନ୍ତ

ହାଟଡ଼ିହୀ,୪।୧(ସମିସ): ହାଟଡିହୀ ବ୍ଲକ ଓରାଳି ଗାଁରେ ଗତ ୨୦୨୪ ସେପ୍ଟେମ୍ବର ମାସ ୨୪ ତାରିଖରେ ଘରର କାନ୍ଥ ଭାଙ୍ଗି ପଡ଼ିବାରୁ ଜଣେ ୬୨ ବର୍ଷିୟା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ମୃତକ ତରୁ ଜେନାଙ୍କ ପରିବାର ଲୋକେ ସହାୟତା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିବାର ବର୍ଷକ ମଧ୍ୟରେ ଏଠି-ସେଠି ଧାଇଁ ଧାଇଁ ନୟାନ୍ତ ହୋଇପଡ଼ିଛନ୍ତି; କିନ୍ତୁ ସେମାନଙ୍କୁ କ୍ଷତିପୂରଣ କିମ୍ବା କୌଣସି ସହାୟତା ରାଶି ଏଯାଏ ସରକାରଙ୍କ ପକ୍ଷରୁ ମିଳିପାରିଲା ନାହିଁ। ସୂଚନା ଅନୁସାରେ, ସେଦିନ ଲଘୁଚାପଜନିତ ଲଗାଣବର୍ଷା ହେବା ଯୋଗୁଁ କାନ୍ଥଟି ଭିତର ପଟକୁ ଢ଼ଳି ରହିଥିଲା। ଦିନ ୧୧ଟା ବେଳେ ତରୁ ଜେନା ଘରେ ବସି ଖାଉଥିବା ସମୟରେ ହଠାତ ମାଟି ଘରର କାନ୍ଥଟି ତାଙ୍କ ଉପରେ ଭାଙ୍ଗି ପଡିଥିଲା। କାନ୍ଥ ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାଟଡିହୀ ଦମକଳବାହିନୀ ମୃତ ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ନନ୍ଦିପଦା ପୁଲିସ ପହଞ୍ଚି ଶବକୁ ଜବତ କରିଥିଲା। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଓରାଳି ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ମଧ୍ୟ ଏହାର ନିରୀକ୍ଷଣ କରିଥିଲେ। ୧୬ ମାସ ବିତିଥିଲେ ବି ତରୁଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିପାରିନି। ତରୁଙ୍କ ପୁଅ ପ୍ରଦୀପ ଜେନା ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲାପାଳ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ଗୁହାରି କରୁଥିଲେ ମଧ୍ୟ ସହାୟତା ତ ଦୂରର କଥା ତାଙ୍କ ଅଭିଯୋଗକୁ କେହି ଠିକ୍ ଭାବେ ଗ୍ରହଣ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜଣେ ଗରିବ ପରିବାରର ହୋଇଥିବା ବେଳେ ସହାୟତାରୁ ବଞ୍ଚିତ ହୋଇ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। କେନ୍ଦୁଝର ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସମାଜସେବୀ ବୁବୁ ପଟ୍ଟନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା କହିଛନ୍ତି, ସେ ହାଟଡ଼ିହୀ ତହସିଲଦାରଙ୍କ ଦ୍ୱାରା ଏହାର ତଦନ୍ତ କରାଇବା ସହ ସରକାରଙ୍କ ନୀତିନିୟମ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ।

**୧୬ ମାସ ବିତିଗଲା; ପରିବାରକୁ ମିଳିଲାନି ସହାୟତା**



**ଦୁଇ ପଞ୍ଚାୟତ ମଧ୍ୟରେ ଟଣାଓଟରା**

# ଲ୍ୟାମ୍ପସ ଗୃହ ନିର୍ମାଣ ପାଇଁ ହୋଇପାରୁନି ସ୍ଥାନ ଚିହ୍ନଟ

**ବଡ଼ସାହି, ୪।୧(ସମିସ)**

ସରକାରଙ୍କ ନୂତନ ନିୟମ ଅନୁସାରେ ପ୍ରତି ଦୁଇଟି ପଞ୍ଚାୟତକୁ ନେଇ ଏକ ଲ୍ୟାମ୍ପସ ଗୃହ ନିର୍ମାଣ ହେବା ପ୍ରସ୍ତାବ ରହିଛି । ତେବେ କେତେକ ସ୍ଥାନରେ ସ୍ଥାନ ଚିହ୍ନଟକୁ ନେଇ ବିବାଦ ଲାଗି ରହିଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ । ଫଳରେ ସମବାୟ ବିଭାଗ ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ନାକେଦମ ହେବାକୁ ପଡୁଛି । ଏଭଳି ଏକ ଘଟଣା ବଡସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ଓ ଶାଳଗାଁ ପଞ୍ଚାୟତକୁ ନେଇ ନିର୍ମାଣ ହେବାକୁ ଥିବା ଲ୍ୟାମ୍ପସ ଗୃହ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ଏହି ଲ୍ୟାମ୍ପସ ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଛିଡୁନି । ଦୁଇ ଗୋଷ୍ଠୀ ପକ୍ଷରୁ ଛକାପଞ୍ଝା, ଅଭିଯୋଗ, ପ୍ରତିଅଭିଯୋଗ ଲାଗି ରହିଛି । ଗୋଟିଏ ଗୋଷ୍ଠୀ ମାନଗୋବିନ୍ଦପୁର ପଞ୍ଚାୟତ ଅଫିସ ନିକଟରେ ଏହି ଲ୍ୟାମ୍ପସ ଗୃହ ନିର୍ମାଣ କରାଯିବାକୁ ଅଡି ବସିଥିବାବେଳେ ଅନ୍ୟଏକ ଗୋଷ୍ଠୀ ଏହି ଦୁଇ ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନ ମେର୍ଦା ନୂଆଗାଁଠାରେ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିବା ଜଣାଯାଇଛି । ଫଳରେ ଏହି ବିବାଦ ପଞ୍ଚାୟତରୁ ଯାଇ ଜିଲ୍ଲା ସ୍ତରରେ ପହଞ୍ଚିଲାଣି । ପଞ୍ଚାୟତ ଅଫିସ ନିକଟରେ ପର୍ଯ୍ୟାପ୍ତ ଜାଗା ସହିତ ବ୍ୟାଙ୍କ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, କୃଷି ଖଳା ଓ ସାପ୍ତାହିକ ହାଟ ବସୁଥିବାରୁ ନାଏବ ସରପଞ୍ଚ ଆରତୀ ମହାପାତ୍ର, ସମିତ ସଭ୍ୟ ରାକେଶ ମହାପାତ୍ର, ଅନିରୁଦ୍ଧ ରାଉତ, ଲ୍ୟାମ୍ପସ ଡାଇରେକ୍ଟର ସୁଦର୍ଶନ ସିଂ, ଶରତ ମହାପାତ୍ର ଓ କାର୍ତ୍ତିକ ଚନ୍ଦ୍ର ପରିଡ଼ା ପ୍ରମୁଖ ସେଠାରେ ଲ୍ୟାମ୍ପସ ଗୃହ ନିର୍ମାଣ ପାଇଁ ଦାବି କରିଥିବା ଜଣାଯାଇଛି । ସେମାନେ ଏ ସଂକ୍ରାନ୍ତରେ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ, ବଡସାହି ବିଧାୟକ, ଡିଆରସିଏସ, ଏଡିଏମ, ଉପଜିଲ୍ଲାପାଳ, ସଦର ବାରିପଦା, ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ସହିତ ଆବଶ୍ୟକ ପଡ଼ିଲେ ସେ ନିଜେ ସରଜମିନ ତଦନ୍ତରେ ଆସିବେ ବୋଲି କହିଥିବା ଜଣାଯାଇଛି । ପଞ୍ଚାୟତ ଅଫିସ ନିକଟରେ ଯଦି ଏହି ଗୃହ ନିର୍ମାଣ ନ ହୁଏ, ତେବେ ଏହାର ଦୃଢ ପ୍ରତିବାଦ କରାଯିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ରାଜରାସ୍ତାକୁ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ସଂକ୍ରାନ୍ତରେ ମାଣଡ୍ରାସ୍ଥ ମାନଗୋବିନ୍ଦପୁର ଲ୍ୟାମ୍ପସ ସଭାପତି ମହାଦେବା ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଦୁଇ ପଞ୍ଚାୟତର ଜନସାଧାରଣ ଓ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ବୋର୍ଡ ବୈଠକରେ ଡାଇରେକ୍ଟରଙ୍କ ପକ୍ଷରୁ ସର୍ବସମ୍ମତିକ୍ରମେ ମଧ୍ୟବର୍ତ୍ତୀ ସ୍ଥାନ ମେର୍ଦା ନୂଆଗାଁରେ ଏହି ଲ୍ୟାମ୍ପସ ନିର୍ମାଣ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

# ସାଲସାହିରେ ୧୭ ନୂତନ ଗୃହର ଶିଳାନ୍ୟାସ

**ଶୁଳିଆପଦା, ୪।୧(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ଫାନିଆ ପଞ୍ଚାୟତର ସାଲସାହି ଗ୍ରାମରେ ୧୭ ଗରିବ ଅସହାୟ ଲୋକଙ୍କ ନିମନ୍ତେ ନୂତନ ଗୃହର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ଗୃହ ନିର୍ମାଣ ନିମନ୍ତେ କେନ୍ଦ୍ରର ଏକ ସ୍ୱେଚ୍ଛାସେବୀ ସଂଗଠନକୁ ଦାୟିତ୍ୱ ଅର୍ପଣ କରାଯାଇଛି । ମାନବ ସମ୍ବଳ ଡାଇରେକ୍ଟର ଶ୍ରୀମତୀ ଓଫେ ଜାନିଆ ଏଲପିୟସ୍, ଏକତା ଟ୍ରଷ୍ଟର ଚେୟାରମ୍ୟାନ ଦୀପ୍ତିରେଖା ପଟ୍ଟନାୟକ ଓ ସିଏଲ ଏକାଡ଼େମୀ ଟ୍ରଷ୍ଟର ବାବୁଲାଲ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ଗୋଟିଏ ଘର ପାଇଁ ୫ ଲକ୍ଷ ୫୦ ହଜାର ଅଟକଳ କରାଯାଇଛି । ଏଥିସହ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୦ ଡିସିମିଲ ଜାଗା ପଟ୍ଟା ପ୍ରଦାନ କରାଯାଇଥିଲା । ତତସଙ୍ଗେ ସରକାରଙ୍କ ପକ୍ଷରୁ ବାଡି ବଗିଚାରେ ପନିପରିବା, କୁକୁଡା, ଛେଳି ଚାଷ, ଟେଲରିଂ କାମ ଓ ସବାଇ ସାମଗ୍ରୀ ଉତ୍ପାଦନ ନିମନ୍ତେ ସମସ୍ତ ପ୍ରକାରର ସୁବନ୍ଦୋବସ୍ତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ବିଡିଓ ଲକ୍ଷ୍ମୀସାଗର ମୁର୍ମୁ, ତହସିଲଦାର ନାରାୟଣ ହେମ୍ବ୍ରମ, ବରିଷ୍ଠ ବିଜେପି ନେତା-କାହ୍ନା ସୋରେନ, ପ୍ରଦୀପ ମହାନ୍ତି, ସାଂସଦ ପ୍ରତିନିଧି ଭାଗବତ ମାର୍ଣ୍ଡି ଯୋଗ ଦେଇଥିଲେ ।



# ବାଦାମପାହାଡ଼-କେନ୍ଦୁଝର ରେଳ ଲାଇନ୍ ଜମି ଅଧିଗ୍ରହଣ ସର୍ଭେ ଆରମ୍ଭ

**ରାଇରଙ୍ଗପୁର, ୪।୧(ସମିସ):** ବାଦାମପାହାଡ଼-କେନ୍ଦୁଝର ରେଳ ଲାଇନ ଜମି ଅଧିଗ୍ରହଣ ନେଇ ସର୍ଭେ ଆରମ୍ଭ ହୋଇଛି । ରେଳବାଇ ଆଇନ ୧୯୮୯ ଧାରା ୨୦(ଖ) ଅନୁସାରେ ପ୍ରଦତ୍ତ ଅଧିକାର ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜମି ସର୍ଭେ ମାପ/ସୀମା ନିର୍ଦ୍ଧାରଣ ଓ ତଦନ୍ତ କାର୍ଯ୍ୟ କରିବା ପାଇଁ ଜାନୁଆରୀ ୧୨ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି । ଏହି କାର୍ଯ୍ୟସୂଚୀ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ବାଦାମପାହାଡ଼-କେନ୍ଦୁଝରଗଡ଼ ୮୨.୬ କି.ମି (ମୟୂରଭଞ୍ଜ ଅଂଶ ୪୭.୪୬ କିମି), ନୂତନ ବ୍ରଡଗେଜ ଲାଇନ ସହ ସମ୍ପୃକ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସନ୍ଦର୍ଭରେ ହେବ । ଏହି ରେଳ ଲାଇନ ପାଇଁ କରଞ୍ଜିଆ ତହସିଲ ଅଧୀନରେ ୬ଟି, ଶୁକ୍ରୁଳିର ୭ଟି, ଯଶିପୁରର ୧୯ଟି ଓ କୁସୁମୀ ତହସିଲର ୩ଟି ଗ୍ରାମର କିଛି ଅଂଶ ଜମି ଅଧିଗ୍ରହଣର ଅନ୍ତର୍ଭୁକ୍ତ ଥିବାରୁ ଉକ୍ତ ନିର୍ଦ୍ଦେଶନାମାରେ କରଞ୍ଜିଆ, ଶୁକ୍ରୁଳି, ଯଶିପୁର ଓ କୁସୁମୀର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସମ୍ପୃକ୍ତ ତହସିଲ ଅନ୍ତର୍ଗତ ତାଙ୍କର ରେଭେନ୍ୟୁ ସୁପରଭାଇଜର/ ରେଭେନ୍ୟୁ ଇନ୍ସପେକ୍ଟର/ ଅମିନଙ୍କୁ ନିଯୁକ୍ତ କରି ଉକ୍ତ ଆଇନର ଧାରା ୨୦(ଖ) ଅନୁଯାୟୀ ପ୍ଲଟ ଚିହ୍ନଟ, ମାଲିକାନା ସତ୍ୟାପନ ଓ ସ୍ଥାନୀୟ ସମନ୍ୱୟରେ କାର୍ଯ୍ୟ କରିବେ । ନିଯୁକ୍ତ ରାଜସ୍ୱ କର୍ମଚାରୀ ଜିଲ୍ଲା ପ୍ରାଯୁକ୍ତିକ ଦଳ, ବନ ବିଭାଗ ଅଧିକାରୀ ଓ ଇଞ୍ଜିନିୟରିଂ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରିବେ । ଅନୁମୋଦିତ କାର୍ଯ୍ୟସୂଚୀ ଅନୁଯାୟୀ ରେଳବାଇ ଆଇନ ୧୯୮୯ ଧାରା ୨୦(ଖ) ଅନୁସାରେ କ୍ଷେତ୍ର ସତ୍ୟାପନ, ଗଛ ଗଣନା କରି ପ୍ରକ୍ରିୟା ସମାପ୍ତି ପରେ ଗଠନାତ୍ମକ ମୂଲ୍ୟାୟନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ୩୧ରେ ପାଳିତ ହେବ ଗୁରୁଦର୍ଶନ ଦିବସ

**ରାଇରଙ୍ଗପୁର, ୪।୧(ସମିସ):** ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜାନୁଆରୀ ୩୧ରେ ଗୁରୁଦର୍ଶନ ଦିବସ ପାଳିତ ହେବ । ତାଙ୍କୁ ଦର୍ଶନ କରିବା ପାଇଁ ଓଡ଼ିଶା ସମେତ ରାଜ୍ୟ ବାହାରୁ ଅନେକ ଲୋକଙ୍କ ସମାଗମ ହେବ । ଯାହାକୁ ନେଇ ପୀଠରେ

- ▶▶ ଚାଲିଛି ଜୋରଦାର ପ୍ରସ୍ତୁତି
- ▶▶ ଓଡ଼ିଶା ସମେତ ରାଜ୍ୟ ବାହାର ଲୋକଙ୍କ ହେବ ସମାଗମ



ଜୋରଦାର ପ୍ରସ୍ତୁତି ଚାଲିଛି । ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଦାଣ୍ଡବୋଷସ୍ଥ କାପି ଡୁଙ୍ଗୁରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳରେ ପ୍ରସ୍ତୁତି ଚାଲିଛି । ଉକ୍ତ ସ୍ଥାନକୁ ସଫା କରାଯାଉଛି ।

ପ୍ରତି ବର୍ଷ ମାଘ ମାସ ପୂର୍ଣ୍ଣିମା ତିଥିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସ ପାଳନ କରିବା ପାଇଁ ଦୂରଦୁରାନ୍ତରୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଆସିଥା'ନ୍ତି । ଚଳିତ ବର୍ଷ ମଧ୍ୟ ମାଘ ମାସ ପୂର୍ଣ୍ଣିମା ତଥା ଜାନୁଆରୀ ୩୧ ତାରିଖରେ ହେବାକୁ ଥିବା ରଘୁନାଥ ମୁର୍ମୁଙ୍କ ତିରୋଧାନ ଦିବସ ପାଳନ ହେବ । ଅନେକ ଲୋକଙ୍କ ସମାଗମ ହେବ । ଏଥିପାଇଁ ପାର୍ସି ସିଂ ଚାନ୍ଦ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ମାହାଲ ମାଡୱା ସଂଗଠନ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମିଳିତ ପ୍ରୟାସରେ ଚାଲିଥିବା ଅଲଚିକି ଶିକ୍ଷାନୁଷ୍ଠାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମିଳିତ ଭାବେ ପ୍ରସ୍ତୁତି ଜାରି ରଖିଛନ୍ତି । ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳକୁ ସଂଗଠର ସଦସ୍ୟ ଓ ଅଲଚିକି ଶିକ୍ଷକ ଓ ଶିକ୍ଷୟିତ୍ରୀ ଝାଡୁ ମାରି ସଫା କରୁଛନ୍ତି । ସମାଧି ପରିସରରେ ଥିବା ଐତିହାସିକ କୁଡ଼ିଆର ମଧ୍ୟ ମରାମତି କରୁଛନ୍ତି । ୧୯୮୨ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦେହାନ୍ତ ପରେ ପ୍ରତ୍ୟେକ ବର୍ଷ ଗୁରୁଙ୍କୁ ଦର୍ଶନ କରିବା ପାଇଁ ସମାଧି ସ୍ଥଳକୁ ଅନେକ ଲୋକେ ଛୁଟି ଆସିଥା'ନ୍ତି । ଏଥିପାଇଁ ସମାଧି ସ୍ଥଳର ନବୀକରଣ କାର୍ଯ୍ୟ ଜୋରଦାର ଜାରି ରହିଛି । ଏ ଅବସରରେ ସଂଗଠନ ପକ୍ଷରୁ ସାରନା ଗଡ଼େତ ନାମକ ୨୦୨୬ର ସାନ୍ତାଳୀ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା । ଏଥିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଭୀମୱାର ମୁର୍ମୁ, ସଂଗଠନ ସେକ୍ରେଟାରୀ ବିମଳ ମୁର୍ମୁଙ୍କ ସମେତ ସମସ୍ତ ଅଲଚିକି ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂଯୋଜକ ସାମିଲ ଥିଲେ । ଦିବସ ପାଳନ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

# ଭାଲିଆଡାଳ ଗ୍ରାମରେ ମୋବାଇଲ୍ ନେଟୱର୍କ ସମସ୍ୟା

**ମହୁଲଡିହା, ୪।୧(ସମିସ):** ଠାକୁରମୁଣ୍ଡା ବ୍ଲକ ଭାଲିଆଡାଳ ପଞ୍ଚାୟତର ଭାଲିଆଡାଳ ଗ୍ରାମବାସୀ ମୋବାଇଲ ନେଟୱର୍କ ସମସ୍ୟାରେ ଜର୍ଜରିତ । ଏହି ପଞ୍ଚାୟତ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବାରୁ ବନ ବିଭାଗ ପକ୍ଷରୁ ଜାମବଣି, ବଉଳା ଓ ଝରଝରି ତିନୋଟି ଟାୱାର କରିବା ପାଇଁ ୭/୮ ମାସ ପୂର୍ବେ ବିଏସଏନଏଲ କମ୍ପାନୀକୁ ଦାୟିତ୍ୱ ଦେଇଛି । ମାତ୍ର ଟାୱାର ବିଭାଗର ମନମୁଖୀ କାର୍ଯ୍ୟ ପାଇଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ କୌଣସି ଟାୱାର । ଭାଲିଆଡାଳରେ ମୋବାଇଲ ନେଟୱର୍କ ଆସୁ ନ ଥିବାରୁ ଅନଲାଇନ କାମ କିଛି ହୋଇପାରୁନାହିଁ । ନେଟୱର୍କ ଆସୁ ନ ଥିବାରୁ ସ୍ଥାନୀୟ ଗର୍ଭବତୀ ତୁଳସୀ କାଲୁଣ୍ଡିଆ, ମନିକା ମୁଣ୍ଡା, ରାଇନା ପୂର୍ତ୍ତି ଓ ପ୍ରସୂତି ବାସନ୍ତୀ ଗାଗାରାଇ, ତୁଳସୀ ସିଂ, ବେଲ ଲେୟାଙ୍ଗି, ନାଗୁରି ପୂର୍ତ୍ତି, ପାନ ଗାଗାରାଇ, ଜୟନ୍ତୀ ହୋ, ବର୍ଷା ମୁଣ୍ଡା, ଶାନ୍ତି ହୋ ପ୍ରମୁଖଙ୍କ ମୋବାଇଲରେ ଫଟୋ କ୍ୟାପଚର ହେଉନାହିଁ । ଫଳରେ ସେମାନେ ଅଙ୍ଗନବାଡି ମାଧ୍ୟମରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସହିତ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି । ମହୁଲଡିହାରୁ ବଣ ପାହାଡ଼ ଘେରା ଭାଲିଆଡାଳର ଦୂରତା ପ୍ରାୟ ୧୦/୧୨ କିମି ହେବ । ଏଣୁ ଅଙ୍ଗନବାଡି କର୍ମୀ ସେବତୀ ମହାନ୍ତଙ୍କ ସୂଚନା ଅନୁସାରେ ଭାଲିଆଡାଳର ଗର୍ଭବତୀ ଓ ପ୍ରସୂତି ମହିଳା ମହୁଲଡିହା ଆସି ମୋବାଇଲରେ ଫଟୋ କ୍ୟାପଚର କରୁଥିବା ଦେଖାଯାଇଛି । କମ୍ପାନୀ ଟାୱାର କାମ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରି ଚାଲୁ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

# ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ

**ବାରିପଦା, ୪।୧(ସମିସ):** ବାରିପଦା ଉପକଣ୍ଠ କରଞ୍ଜିଆ ଛକ ନିକଟରେ ବୁଲେଟ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ବାରିପଦା ସଦର ଥାନା ଅନ୍ତର୍ଗତ ପାଇକବସା ଗ୍ରାମର ବାପି ମହାନ୍ତ (୨୭) । ଅନ୍ୟଏକ ଘଟଣାରେ ଅମ୍ବିକା ମନ୍ଦିର ନିକଟରେ ବାଇକ୍ ଧକ୍କାରେ ଅନ୍ୟଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ କୋରାପୁଟ ଜିଲ୍ଲା ଗୁରଲା ଅଞ୍ଚଳର ବଂଶୀଧର ଚାଲାଣ । ସେ ଅମ୍ବିକା ମନ୍ଦିର ନିକଟରେ ରାସ୍ତା କଡ଼ରେ ଚାଲୁଥିବାବେଳେ ଏକ ବାଇକ୍ ଚାଳକ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ତାଙ୍କୁ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବାରିପଦା, ୪।୧(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ଆୟୋଜିତ ହେଉଛି । ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବ୍ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂହ ଯୋଗଦେଇ ବର୍ତ୍ତମାନ ସମୟରେ ଝିଅଙ୍କ ପାଇଁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଅବଗତ ହେବା ଓ ପ୍ରଶିକ୍ଷିତ ହେବା ନିତାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ । ପ୍ରଶାସନିକ ମୁଖ୍ୟ ତଥା ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ଚନ୍ଦ୍ରକାନ୍ତ ଦାସ ଯୋଗଦେଇ ଛାତ୍ରୀ ନିଜକୁ ସଂକୁଚିତ ନ କରି ଆଜିର ଦିନରେ ଆଗକୁ ବଢ଼ିବାକୁ ହେଲେ ନିଜକୁ ମାନସିକ ଓ ଶାରିରୀକ ଭାବେ ଦୃଢ଼ ରହିବାକୁ ହେବ ବୋଲି କହିଥିଲେ । ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ସୁନୀତା ପ୍ରଧାନ, କ୍ରୀଡ଼ା ପ୍ରଶିକ୍ଷିକା ତନିଷ୍କା ମନସ୍ୱିନୀ ସାହୁ ଉପସ୍ଥିତ ଥିଲେ । ପ୍ରଶିକ୍ଷିକା ସିଲୁ ବେଷ୍ଟକର ଓ ତୃପ୍ତିରେଖା ଜେନା ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସ୍ମରଣିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ହାଇମାଷ୍ଟ ଲାଇଟ୍ ଅଚଳ**

# ତିନିମାସ ହେଲା ଅନ୍ଧାରରେ ଚାରିଛକ 'ଶୀର୍ଷାପାଳ'

**ମୋରଡ଼ା, ୪।୧(ସମିସ):** ମୋରଡ଼ା ନିର୍ବାଚନମଣ୍ଡଳୀର ମୁଖ୍ୟ ଛକ ଭାବେ ଚିତ୍ରଡାର ଶୀର୍ଷାପାଳ ଛକ ପରିଗଣିତ । ଶୀର୍ଷାପାଳ ଛକ ଚାରିଛକ ହୋଇଥିବାବେଳେ ୬୧ନଂ ରାଜ୍ୟ ରାଜପଥ ଏହି ଛକରେ ସଂଯୋଗ ହୋଇଛି । ପଥଚାରୀ ଏହି ଛକ ଦେଇ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ପଡ଼ୋଶୀ ଜିଲ୍ଲା ବାଲେଶ୍ୱର, ଜିଲ୍ଲା ହେଡକ୍ୱାଟର ବାରିପଦା ଓ ଅର୍ମଦା ରେଳ ଷ୍ଟେସନକୁ ଯାତାୟାତ କରିଥା'ନ୍ତି । ମୋରଡ଼ା ନିର୍ବାଚନମଣ୍ଡଳୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ଅଧିକାଂଶ ସମୟ ମନ୍ତ୍ରୀ ଏହି ଛକ ରେ ଅଟକି ଥାନ୍ତି ।କିନ୍ତୁ ଦୁଃଖ ର କଥା ପ୍ରଶାସନିକ ଅଧିକାରୀ ଙ୍କ ଅବହେଳା ଯୋଗୁଁ ତିନି ମାସ ହେବ ଛକରେ ଲାଗିଥିବା ହାଇମାଷ୍ଟ ଲାଇଟ ଅଚଳ ହୋଇଥିବାରୁ ଚାରିଛକ ଟି ଅନ୍ଧାର ହୋଇ ପଡ଼ିରହିଛି ।ରାତିରେ ଅନ୍ଧାର ଯୋଗୁଁ ଟ୍ରାଫିକ୍ ସମସ୍ୟା ବଢ଼ିଯାଉଛି ।ଏହି ରାସ୍ତା ଦେଇ ପ୍ରତିଦିନ ବ୍ଲକ ର ଅଧିକାରୀ ଏବଂ ବିଦ୍ୟୁତ ବିଭାଗର ଅଧିକାରୀ ମାନେ ଯିବା ଆସିବା କରୁଥିଲେ ହେଁ କାହାରି ନଜର ପଡୁନାହିଁ । ତେବେ ବ୍ୟବସାୟୀ ଡାକ୍ତର ସାହୁ, ଯୋଗେଶ୍ୱର ସାହୁ, ସମାଜସେବୀ ପରିତୋଷ ବାରିକ, ସାମ୍ବାଦିକ ସ୍ମାରକ ମାଝି ଓ ଅନ୍ୟମାନେ ପ୍ରଶାସନଙ୍କୁ ଶୀଘ୍ର ଆଲୋକ ବ୍ୟବସ୍ଥାର ପୁନଃକାର୍ଯ୍ୟକ୍ଷମ କରିବାକୁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସଡିଓ ନାରାୟଣ ବେହେରାଙ୍କୁ ପଚାରିବାରୁ ଟାଟା ପାୱାର ପକ୍ଷରୁ କୌଣସି ଲାଇନ କଟାଯାଇନାହିଁ । ତାହା ବ୍ଲକ ପ୍ରଶାସନ ମରାମତି କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

**ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି**

# ମେର୍ଦା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବୈଶିଙ୍ଗା, ୪।୧(ସମିସ):** ବେତନଟୀ ବ୍ଲକ ଅଧୀନ ମେର୍ଦାଠାରେ ଜୀଉ ଆଥଲେଟିକ କ୍ଲବ୍ ଆନୁକୂଲ୍ୟରେ ମେର୍ଦା ପ୍ରିମିୟର ଲିଗ ସିଜିନ-୧୧ର ଆରମ୍ଭ ହୋଇଛି । ସଭାପତି ରାଜୀବ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରଶାନ୍ତ ସିଂସାମନ୍ତ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ର ଜୀବନ ଜୀବିକା ସଂଯୋଜକ ନିହାର ସାମଲ, ମେର୍ଦା ଲ୍ୟାମ୍ପସ ଏମଡି ହୃଦୟନାଥ ମହାନ୍ତ ପ୍ରମୁଖ ଯୋଗଦେଇ ପ୍ରଶଂସା କରିଥିଲେ । ସଦସ୍ୟ ସୁନୀଲ ମହାନ୍ତିଙ୍କ ସଂଯୋଜନାରେ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା । ପ୍ରଥମ ମ୍ୟାଚ୍ ସୁପର ସ୍ମାସର ଓ ଡେମନ ଫାଇଟ ମଧ୍ୟରେ ହୋଇଥିଲା । ସୁପର ସ୍ମାସର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା । ଜବାବରେ ଡେମନ ଫାଇଟ ୧୦. ୪ ଓଭରରେ ୧୯୦ ରନ କରି ବିଜୟୀ ହୋଇଥିଲା । ୧୮ ବଲରେ ୬୫ ରନ କରି ପପୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । କାଳିଆ ପାତ୍ର ଓ ମଳୟ ପାତ୍ର ଖେଳ ପରିଚାଳନା କରିଥିଲେ ।



# ମା' ଶାକମ୍ଭରୀଙ୍କ ଆବିର୍ଭାବ ଉତ୍ସବ



**ରାଇରଙ୍ଗପୁର, ୪।୧(ସମିସ):** ଭକ୍ତି ଓ ବିଶ୍ୱାସ ସହ ମା' ଶାକମ୍ଭରୀଙ୍କ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି । ଶାକମ୍ଭରୀ ସେବା ସମିତି ପକ୍ଷରୁ ରାଇରଙ୍ଗପୁରସ୍ଥ ସତ୍ୟନାରାୟଣ ମନ୍ଦିର ପରିସରରେ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମଙ୍ଗଳ ପାଠ, ଭଜନ ଓ ପ୍ରସାଦ ବଣ୍ଟନ କରାଯାଇଥିଲା । ପଣ୍ଡିତ ଦିନେଶ ଭରଦ୍ୱାଜ ମଙ୍ଗଳ ପାଠ ପରିଚାଳନା କରିଥିଲେ । ଶ୍ରୀରାଧାକୃଷ୍ଣ ଭଜନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଭକ୍ତ ଯୋଗ ଦେଇଥିଲେ । ରାମ ଅବତାର ପହରିଆ, ଲକ୍ଷ୍ମଣ ପହରିଆ, ଅନୀଲ ଚୌବେ, ରାଜେଶ ଶାହ, ବିକାଶ ଚୌବେ, ଶ୍ରୀଶାକମ୍ଭରୀ ସେବା ସମିତି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ପୁଲିସର ଦାୟିତ୍ୱହୀନତା**

# ଘରେ ଥିବା ବାଇକ୍‌ର କଟିଛି ୨, ୫୦୦ ଜରିମାନା





**ବାରିପଦା, ୪।୧(ସମିସ)**

ରାଜ୍ୟ ସରକାର ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ମୋଟା ଅଙ୍କ ଚାଲାଣ କାଟିବା ପାଇଁ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପୁଲିସ କର୍ମଚାରୀ ମାନେ ଚାଲାଣ କାଟିବା ବେଳେ ଅଜବ ଢଙ୍ଗରେ ଚାଲାଣ କାଟୁଛନ୍ତି । ଯାହା ବାରିପଦା ସହରରେ ସମ୍ମୁଖକୁ ଆସିଛି । ବାରିପଦାର ଶରତ ଅଞ୍ଚଳରେ ଘରେ ଥୁଆ ହୋଇଥିବା ବାଇକ୍‌ର ଶରତ ୨, ୫୦୦ ଫାଇନ୍ କଟିଛି । ଏଭଳି ଚାଲାଣ ବେତନଟୀ ଥାନା ଅନ୍ତର୍ଗତ ପାଇକପଡ଼ା ଗ୍ରାମର ସାଇରଞ୍ଜନ ଲେଙ୍କାଙ୍କ କଟିଛି । ଉକ୍ତ ଗାଡ଼ି ଓ ଗାଡ଼ି ମାଲିକ ବାରିପଦାରେ ରୁହନ୍ତି । ଜାନୁଆରୀ ୧ ତାରିଖ ସନ୍ଧ୍ୟାରେ ସାଇ ରଞ୍ଜନଙ୍କ ମୋବାଇଲକୁ ମେସେଜ ଆସିଥିଲା । ସେ ବାରିପଦାରେ ଥିବାବେଳେ ଶରତ ଅଞ୍ଚଳରେ ତାଙ୍କ ବାଇକ୍‌କୁ ଶରତ ଥାନା ପୁଲିସ ୨, ୫୦୦ ଟଙ୍କାର ଜରିମାନା କରିଥିବା ଦର୍ଶାଯାଇଛି ।

ଶରତ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ସମୟରେ ବିନା ହେଲମେଟରେ ଦୁଇଜଣ ଗାଡ଼ି ଚାଳନା କରୁଥିବା ସହ ଅନ୍ୟଏକ ଜରିମାନା ମିଶାଇ ଉକ୍ତ ଜରିମାନା କରିଛନ୍ତି । ତେବେ ଉକ୍ତ ଜରିମାନା ଦେଖି ସେ ତାଜୁବ ହୋଇଯାଇଥିଲେ । ତାଙ୍କର ଗ୍ଲାମର ଗାଡ଼ି ଥିବାବେଳେ ଗାଡ଼ି ନମ୍ବର ଓଡ଼ି ୧୧ଏବି ୮୯୯୭ ଅଟେ । କିନ୍ତୁ ଜରିମାନାରେ କଟିଥିବା ଗାଡ଼ିର ଫଟୋ କିନ୍ତୁ ଅନ୍ୟଏକ ଗାଡିର ଅଟେ । ତାହା ସ୍ପେଲଣ୍ଡର ପ୍ଲସ ଗାଡ଼ି ହୋଇଥିବାବେଳେ ନମ୍ବର ଓଡ଼ି ୧୧ଏବି ୦୯୯୭ ଅଟେ । ପୁଲିସ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏଭଳି ଦାୟିତ୍ୱହୀନତା କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜରିମାନା କାଟିବା ପାଇଁ ପୁଲିସ ବିଭାଗ ଏତେ ବ୍ୟତିବ୍ୟସ୍ତ ରହୁଛନ୍ତି ଯେ ଗାଡ଼ି ନମ୍ବର ଓ ଗାଡ଼ି କାଗଜ ପତ୍ର ମଧ୍ୟ ଠିକ୍ ଭାବେ ଯାଞ୍ଚ କରୁନାହାନ୍ତି । ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । କାଗଜପତ୍ର ଯାଞ୍ଚ ନ କରି ଭୁଲ ଗାଡ଼ି ନମ୍ବରରେ ଶରତ ଥାନା ଓଆଇସି ରମାକାନ୍ତ ପାତ୍ର ଜରିମାନା କାଟିଛନ୍ତି । ଯାହାକି ପୁଲିସର ଦାୟିତ୍ୱହୀନତା ଓ ରାଜ୍ୟ ସରକାରଙ୍କ ଫାଇନ ଟଙ୍କା ଉଠାଇବା ନିଶା ସ୍ପଷ୍ଟ ଭାବେ ଜଣାପଡୁଛି ବୋଲି ସାଇରଞ୍ଜନ ଅଭିଯୋଗ କରିଛନ୍ତି । ତ୍ରୁଟିପୂର୍ଣ୍ଣ ଭାବେ ତାଙ୍କୁ ମୋଟା ଟଙ୍କାର ଜରିମାନା ମେସେଜ ଆସିଛି । ଏହା ନମ୍ବର ଅଦଳବଦଳ ଯୋଗୁଁ ହୋଇଛି, ଅଭିଯୋଗ କଲେ କଟିଯିବ । କିନ୍ତୁ ଲୋକେ ଭୁଲ କଲେ ଜରିମାନା ଦେଉଛନ୍ତି, ତେବେ ପୁଲିସ ବିଭାଗ ଭୁଲ କଲେ କାହାକୁ ଫାଇନ ଦେବେ ବୋଲି ପ୍ରଶ୍ନ କରିଛନ୍ତି । ଏ ନେଇ ଅତିରିକ୍ତ ଏସପି ଦୀପକ ଗୋଛାୟତଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ଅଭିଯୋଗ ନାହିଁ । ଅଭିଯୋଗ ସମ୍ପର୍କରେ ଲିଖିତ ଅଭିଯୋଗ କଲେ, ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ରାଢ଼ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଉଦଳା, ୪।୧(ସମିସ):** ଉଦଳା ବ୍ଲକ ରାଢ଼ ପ୍ରିମିୟର ଲିଗ ସିଜିନ-୨ ଆଜି ଉଦଘାଟିତ ହୋଇଛି । ବଜରଙ୍ଗବାଲି କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୧୮ ତାରିଖରେ ଉଦ୍‌ଯାପିତ ହେବ । ଏହି ଲିଗରେ ୧୦ଟି ଫ୍ରାଞ୍ଚାଇଜ ଟିମ ଅଂଶଗ୍ରହଣ କରିଛନ୍ତି । ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ ରାଢ଼ ପଞ୍ଚାୟତ ସରପଞ୍ଚ ଜବା ମୁର୍ମୁ, ସମିତି ସଭ୍ୟ ଗୌରୀ ପାତ୍ର, ଆୟୁଷ୍ମାନ କେନ୍ଦ୍ର ଡାକ୍ତର ଆରତୀ ବାଳା ବେହେରା ଯୋଗଦେଇ ଉଦଘାଟନ କରିଛନ୍ତି । ଉଦ୍‌ଘାଟନୀ ମ୍ୟାଚ୍ ଜିଟି ଫାଇଟର ଓ ବିଘ୍ନେଶ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଘ୍ନେଶ ଫାଇଟର ବ୍ୟାଟିଂ କରି ୧୪ ଓଭରରେ ୧୨୪ ରନ୍ କରିଥିଲା । ଜବାବରେ ଜିଟି ଫାଇଟର ୧୩ ଓଭରରେ ୧୨୦ ରନ କରି ଅଲ୍‌ଆଉଟ୍ ହୋଇଥିଲା । ବିଘ୍ନେଶ ଫାଇଟର ପକ୍ଷରୁ ଭବେଶ ସିଂ ୨୨ ବଲରେ ୪୨ ରନ ଓ ୩ ଓଭରରେ ୩ଟି ୱିକେଟ୍ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଉପେନ୍ଦ୍ର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଚକ୍ରଧର ପଣ୍ଡା ଓ ନୋରେଶ ଜେନା ଖେଳ ପରିଚାଳନା କରିଥିଲେ । ସାଗର ସିଂ ଓ ଗୌରୀ ଶଙ୍କର ପାତ୍ର ସ୍କୋରର ଥିଲେ । ସ୍ମୃତିରଞ୍ଜନ ତ୍ରିପାଠୀ, ଦିଲ୍ଲୀପ ବେହେରା, ସରୋଜ ଦାସ, ଭବାନୀଶଙ୍କର ନନ୍ଦ, କିଶୋର ରାଉତ, ରାଜେଶ ବେହେରା, କୌଶିକ ରାଉତ ଏବଂ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ ।

ସକାଳ
THE SAKALA



## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଆଠଗଡ଼, ୪।୧(ସମିସ):** ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଆଠଗଡ଼ ବ୍ଲକ ଅଧୀନ ଭୋଗରା ସରକାରୀ ପ୍ରକଳ୍ପ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମିଶ୍ର ଆଠଗଡ଼ ବ୍ଲକରେ ସଫଳତା ହାସଲ କରିଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମିଶ୍ର ଆଠଗଡ଼ ବ୍ଲକରେ ସଫଳତା ହାସଲ କରିଥିବାରୁ ବିଶିଷ୍ଟ ସମାଜସେବୀ ଗୌରହରି ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁବଳ ମହାନ୍ତି, ସରପଞ୍ଚ ଅଜିତ ଦାସ ଶୁଭେଚ୍ଛା ଜଣାଇଥିଲେ । ଶିକ୍ଷୟିତ୍ରୀ ଦିପ୍ତିମୟୀ ପଣ୍ଡା ଓ ଦୀପ୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସମୟରେ ଶିକ୍ଷକ ପ୍ରକାଶଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମନସ୍ୱିନୀ ମିଶ୍ର ତପନ ମିଶ୍ର ଓ ରାନୁ ମିଶ୍ରଙ୍କର ସୁପୁତ୍ରୀ ତଥା ସବ୍ୟସାଚୀ ମିଶ୍ରଙ୍କର ନାତୁଣୀ ଅଟନ୍ତି ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ଟାଙ୍ଗୀ, ୪।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ପ୍ରଦତ୍ତ ଅସହାୟଙ୍କୁ ଶୀତବସ୍ତ୍ର, ଲୁଗା, ଲୁଙ୍ଗି ଓ ଗାମୁଛା ବଣ୍ଟନ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ ଓ ଗୌରାଙ୍ଗ ଚରଣ ମାଝି ପ୍ରମୁଖ ଯୋଗଦେଇ ଆଠଗଡ଼ ବିଧାୟକ ଶ୍ରୀ ସ୍ୱାଇଁଙ୍କ ଏଭଳି ମହତପୂର୍ଣ୍ଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଶହେରୁ ଊର୍ଦ୍ଧ୍ୱ ପରିବାରକୁ ଶୀତବସ୍ତ୍ର ଓ ଅନ୍ୟ ବସ୍ତ୍ରମାନ ପ୍ରଦାନ କରାଯାଇଥିଲା । ବିଜେଡି ଯୁବନେତା ବିଷ୍ଣୁଚରଣ ମାଝୀ, ମାନସ ରଞ୍ଜନ ବେଉରା, ମାନସ ରଞ୍ଜନ ମଲ୍ଲିକ, ଅଜୟ ବେହେରା, ବିଜ୍ଞାନ ପରିଡ଼ା, ଅଶୋକ ବେହେରା ଓ ଧର୍ମାନନ୍ଦ ରାଉତଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ଦଧିବାମନଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ଟାଙ୍ଗୀ, ୪।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମସ୍ଥ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ସପ୍ତମ ବାର୍ଷିକ ଉତ୍ସବ ଏବଂ ମହାଯଜ୍ଞ ବୁଧବାର ଆରମ୍ଭ ହୋଇ ଶନିବାର ଉଦଯାପିତ ହୋଇଯାଇଛି । ମହନ୍ତ ମହାରାଜ ଗୋପାଳ ଚନ୍ଦ୍ର ଦାସ ଓ ଗ୍ରାମବାସୀଙ୍କ ସହଯୋଗରେ ନୀତିକାନ୍ତି ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗାୟକ ଯୁବ ସମ୍ରାଟ ନୃସିଂହ ଚରଣ ହୋତା ଓ ଗାୟକ ଉଜ୍ଜ୍ୱଳ ବିଜୟ ଓଝାଙ୍କ ମଧ୍ୟରେ ବାଦିପାଲା ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦିବସରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ବିଧାୟକ ପାର୍ଥୀ ଅରବିନ୍ଦ ରାୟ, ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ଓ ସୁବାସଚନ୍ଦ୍ର ବେହୁରା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



**ମାହାଙ୍ଗା, ୪।୧(ସମିସ):** ଚାରିନଙ୍ଗଳ ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓଲାଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସର୍ବେଶ୍ୱର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅକ୍ଷୟ ଦଳାଇ ସଂଯୋଜନା କରିଥିଲେ । ଦୀର୍ଘ ୪୪ ବର୍ଷ ପରେ ସମସ୍ତ ବନ୍ଧୁ ଓ ବନ୍ଧୁ ପତ୍ନୀ ଯୋଗଦେଇଥିଲା ବେଳେ ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ କରାଯିବା ଜରୁରୀ ବୋଲି ରାଜେନ୍ଦ୍ର ବିହାରୀ, ବିକାଶ ସାମଲ, ହେମନ୍ତ ମହାରଣା, ଦମୟନ୍ତୀ ପୃଷ୍ଟି ପ୍ରମୁଖ ଦାବି ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବାଲିଚନ୍ଦ୍ରପୁର ଅଞ୍ଚଳର ଦୁଇ ସାମ୍ବାଦିକ ବନ୍ଧୁ ଅମରେନ୍ଦ୍ର ସିଂହ ଏବଂ ଏକାଦଶୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁଞ୍ଜବିହାରୀ ଜେନା, ବିଭୂତି ସାହୁ, ନରେନ୍ଦ୍ର ସାମଲ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାହିତ ହୋଇଥିବାରୁ ବନ୍ଧୁମାନଙ୍କ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେକ ଜଲଓ ଧନ୍ୟବାଦ ଦେଇଥିଲେ ।

### ଚୌଦ୍ୱାରରେ ଚିଟ୍‌ଫଣ୍ଡ ଠକେଇ ଘଟଣା

# କୋର୍ଟର ଦ୍ୱାରସ୍ଥ ଜମାକାରୀ; ବଢୁଛି ତାଲିକା

ଚୌଦ୍ୱାର, ୪।୧(ସମିସ)





▶▶ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର ଆଶଙ୍କା
▶▶ ଥାନାରେ ଏତଲା ସତ୍ତ୍ୱେ ତଦନ୍ତ କରୁନି ପୁଲିସ

ଚୌଦ୍ୱାର ଅଞ୍ଚଳରେ ବେଧଡ଼କରେ ଚାଲିଛି ଚିଟଫଣ୍ଡ । ଲୋକଙ୍କୁ ଅଳ୍ପ ଟଙ୍କା ବିନିଯୋଗ କରି ଦିନ କେଇଟାରେ ଅଧିକ ଲାଭ ପାଇବାର ପ୍ରତିଶ୍ରୁତି ଦିଆଯାଇ ଲୁଟ କରାଯାଉଥିବା ଏବେ ଅଭିଯୋଗ ଆସୁଛି । ଜମାକାରୀମାନେ ଏନେଇ ଥାନାରେ ଅଭିଯୋଗ କରିବାବେଳେ ପୁଲିସର ସହଯୋଗ ନ ମିଳିବାରୁ ବାଧହୋଇ କୋର୍ଟର ଦ୍ୱାରସ୍ଥ ହେଉଛନ୍ତି । ତେବେ ଏନେଇ ଦୈନିକ 'ସକାଳ' ଖବର କାଗଜରେ ଗତ ଡିସେମ୍ବର ୨୩ ତାରିଖରେ ଖବର ପ୍ରକାଶ ପାଇବା ପରେ ଏବେ ରୋଚକ ତଥ୍ୟ ସାମ୍ନାକୁ ଆସୁଛି ।

ମିଳିଥିବା ସୂଚନା ଅନୁଯାୟୀ, ରଙ୍ଗ ବ୍ୟବସାୟୀ ପ୍ରମୋଦ ଜେନା ଏବଂ ତାଙ୍କ ବାନ୍ଧବୀ ବିଷ୍ଣୁପ୍ରିୟା ସାମନ୍ତରାୟ ଲୋକଙ୍କଠାରୁ ନେଇଥିବା ଜମାରାଶିରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିବାର ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି । ଏନେଇ ଥାନାରେ ଅଭିଯୋଗ କରିବାକୁ ଯାଉଥିବାବେଳେ ପୁଲିସ ସେମାନଙ୍କ ଅଭିଯୋଗ ନ ରଖିବା ଯୋଗୁଁ ବାଧ ହୋଇ କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ ବାଧବାଧକତାରେ ସେମାନଙ୍କ ଅଭିଯୋଗ ପଞ୍ଜୀକରଣ କରୁଥିଲେ ବି ତଦନ୍ତ କରିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଜଣେ ଜମାକାରୀଙ୍କ ଅଭିଯୋଗ ନ ରଖିବା ଯୋଗୁଁ ଏବେ ଉକ୍ତ ବ୍ୟକ୍ତିଜଣକ ଗଣମାଧ୍ୟମରେ କହିଛନ୍ତି । ଏ ସଂକ୍ରାନ୍ତରେ ଜଣେ ଜମାକାରୀ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀଙ୍କ ଜରିଆରେ ହାଇକୋର୍ଟରେ ରିଟ ପିଟିସନ ୧୩୬୬/୨୫ ଦାଖଲ କରି ଅଭିଯୋଗ କରିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚୌଦ୍ୱାର ଥାନା ଏତଲା ଗ୍ରହଣ କରି ମାମଲା କରିଥିଲା । ଅଧିକ ତଦନ୍ତ କରିବା ନିମନ୍ତେ ଜଣେ ଏସଆଇଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା । ଏହି ଘଟଣା ପ୍ରଘଟ ହେବା ପରେ ବହୁ ଜମାକାରୀ ଏବେ ସମ୍ମୁଖକୁ ଆସିଛନ୍ତି । ସେମାନେ ନ୍ୟାୟ ପାଇବା ତଥା ସେମାନଙ୍କ ଜମା ରାଶି ଫେରସ୍ତ ନିମନ୍ତେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଏହି ଠକେଇରେ ଜମାକାରୀ ଆଗ୍ରାହାଟ ଯାଜଭୈରବ ମୌଜା ଶ୍ରୀବିହାର କଲୋନୀର ତ୍ରିଲୋଚନ ବେହେରା ୧୪ଲକ୍ଷ ୯୯ହଜାର ୭୦୦ଟଙ୍କା ଜମା କରିଥିବାବେଳେ ସେହିଭଳି ହରିଅନ୍ତା ପଞ୍ଚାୟତ ବ୍ରାହ୍ମଣଭୋଗ ଗ୍ରାମର ଅଂଶୁମାନ ସାହାଣୀ ୨୭ଲକ୍ଷ ୧୦ହଜାର ଟଙ୍କା, ଚୌଦ୍ୱାର ଚାରବାଟିଆ ହାଉସିଂ ବୋର୍ଡ଼ ଅଞ୍ଚଳର ପ୍ରଶାନ୍ତ କୁମାର ବିଶ୍ୱାଳ ୫ଲକ୍ଷ ଟଙ୍କା ଜମା କରିଥିବା ନଜରକୁ ଆସିଛି । ତେବେ ଶ୍ରୀ ବିଶ୍ୱାଳଙ୍କ ଏତଲାକୁ ଚୌଦ୍ୱାର ପୁଲିସ ୩ଦିନ ଧରି ଗ୍ରହଣ ନ କରିବା ପଛରେ ଚିଟଫଣ୍ଡ ମାଲିକଙ୍କ ସହ ଚୌଦ୍ୱାର ପୁଲିସର କିଛି ରହସ୍ୟ ସମ୍ପର୍କ ରହିଥିବା ଏବେ ଚର୍ଚ୍ଚା ହେଉଛି । ତେବେ ଏହା ପୂର୍ବରୁ ମଧ୍ୟ ଚୌଦ୍ୱାର ଥାନାରେ କେସ୍ ନମ୍ବର ୭୪୨/୨୫ ଏବଂ ୭୪୪/୨୫ ଦୁଇଟି ମାମଲା ରୁଜୁ ହୋଇଥିଲା । ସେହିଭଳି ଶ୍ରୀ ସାହାଣୀଙ୍କ ଏତଲାକୁ କେସ ନମ୍ବର ୭୫୭/୨୫ ରୁଜୁ କରିଥିବା ଜଣାପଡ଼ିଛି । ସେହିଭଳି ପୁଲିସ ଉପରେ ଭରସା ହରାଇ ଶ୍ରୀ ବେହେରା କୋର୍ଟରେ ସିଆରଏଲଏମପି ନମ୍ବର ୧୩୫୦/୨୦୨୫ରେ ମାମଲା ରୁଜୁ କରିଛନ୍ତି । ଏହି ଘଟଣାରେ ଏବେ ସୁଦ୍ଧା ୫ ଜଣଙ୍କ ନାମ ଆଗକୁ ଆସିଥିବାବେଳେ ଆହୁରି ବହୁ ଜମାକାରୀ ଏ ନେଇ ମୁହଁ ଖୋଲିବାକୁ ସାହାସ ଜୁଟାଉଥିବା ଜଣାପଡ଼ିଛି ।

## ପୁଷ୍ୟାଭିଷେକ ଦ୍ୱିତୀୟ ସନ୍ଧ୍ୟା
## ଝାଞ୍ଜମୃଦଙ୍ଗ ଧ୍ୱନିରେ କମ୍ପିଲା ଅଞ୍ଚଳ



**ଟାଙ୍ଗୀ, ୪।୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀର ପ୍ରସିଦ୍ଧ ପୁଷ୍ୟାଭିଷେକ ସମାରୋହର ୨ୟ ସନ୍ଧ୍ୟାରେ ସମଗ୍ର ଟାଙ୍ଗୀ ଅଞ୍ଚଳ ଆଲୋକ ଓ ତୋରଣରେ ସଜାଇ ହୋଇଥିବାବେଳେ ଝାଞ୍ଜମୃଦଙ୍ଗ ତାଳରେ କମ୍ପି ଉଠିଛି । ୧୧୬ ବର୍ଷରେ ପଦାର୍ପଣ କରିଥିବା ହାଟସାହିସ୍ଥିତ ମା' ଭଗବତୀ କଳା ନିକେତନ ପକ୍ଷରୁ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ ସାଧାରଣରେ ଚର୍ଚ୍ଚାକୁ ଆସିଛି । ସ୍ଥାନୀୟ ୮୪ ମଣ୍ଡଳ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ସମାରୋହରେ ସାମିଲ ହୋଇଥିଲେ । କଳାନିକେତନ ସଭାପତି ଚିନ୍ମୟ ସାହୁ, ଉପସଭାପତି ହେମନ୍ତ ସ୍ୱାଇଁ, ସମ୍ପାଦକ ଶେଷଦେବ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ବିଷ୍ଣୁ ବେହେରା, ତପନ ସାହୁ, ଦୀପକ ପୃଷ୍ଟି, ଆଲୋକ ବେହେରା, ଚକ୍ରଧର ସାହୁ ଓ ପ୍ରଶାନ୍ତ ସାହୁ ପ୍ରମୁଖ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହନ୍ତ ଅଧିକାରୀ ବିଶ୍ୱନାଥ ସ୍ୱାଇଁ ପୌରୋହିତ୍ୟ କରିଥିଲେ ।

## ଶିକ୍ଷାବିତ୍ ସୁରେନ୍ଦ୍ରନାଥ ସାହୁଙ୍କ ସ୍ମୃତିସଭା



**ନେମାଳ, ୪।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ରନାଥ ସାହୁଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ପ୍ରାକ୍ତନ ପ୍ରଧାନଶିକ୍ଷକ କାର୍ତ୍ତିକଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, ପ୍ରାକ୍ତନ ସରପଞ୍ଚ ନାରାୟଣ ଦ୍ୱିବେଦୀ, ସାହିତ୍ୟିକ ପ୍ରସନ୍ନ ମିଶ୍ର, ଗୌତମ ମହାରଣା, ସଚ୍ଚିଦାନନ୍ଦ ମିଶ୍ର, ଫକୀର ଚରଣ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଜେନା, ଦେବପ୍ରସାଦ କର, ଶିକ୍ଷାବିତ କୃଷ୍ଣଚନ୍ଦ୍ର ନାୟକ, ବିଶ୍ୱନାଥ ମହାନ୍ତି, ଦେବେନ୍ଦ୍ରନାଥ ସାହୁ, ରାଜକିଶୋର ଜେନା, ଶାରଦା ପ୍ରସାଦ ମିଶ୍ର, ବଟକୃଷ୍ଣ ସ୍ୱାଇଁ, ସମାଜସେବୀ ପୀତାମ୍ବର ପରିଜା, ବଦ୍ରିନାରାୟଣ ମହାନ୍ତି, ମୂରଲୀଧର ବାରିକ, ବିଚିତ୍ରାନନ୍ଦ ଜେନା, ବିଜୟ ବଳ, ବାପୁ ଭୂୟାଁ, ସୁଧାଂଶୁ ମହାପାତ୍ର, ତନ୍ମୟ କିଶୋର ଦାସ, ଅଞ୍ଜନ ମିଶ୍ର, ଦେବେନ୍ଦ୍ର ସାମନ୍ତରାୟ, କେଦାର ନାଥ ସାହୁ, ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ଦାସ, ସମାଜସେବୀ ବିଭୁ ପ୍ରସାଦ ଦ୍ୱିବେଦୀ, ଶିଳ୍ପପତି ଶ୍ରୀକାନ୍ତ ଦଣ୍ଡପାଟ, ସୁଶାନ୍ତ ବେହେରା, ରାଜନାରାୟଣ ସ୍ୱାଇଁ, ଜଗବନ୍ଧୁ ମଲ୍ଲିକ ସ୍ୱର୍ଗତ ସାହୁଙ୍କୁ ଜଣେ ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଭାବେ ବର୍ଣ୍ଣନା କରିଥିଲେ । ମୁରଲୀଧର ନାୟକ ଗୁରୁବନ୍ଦନା କରିଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱରା ଗୀତା ପାଠ କରାଯାଇଥିଲା । ଦେବୀପ୍ରସାଦ ସାହୁ, ସୁବାଷ ଖୁଣ୍ଟିଆ, ଅଶୋକ ସାହୁ, ଝିଅ ମମତା ସାହୁ, ଝିଅ ଅମିତା ସାହୁ, ଅଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ଯୁବକ ମୃତ

**ଚୌଦ୍ୱାର, ୪।୧(ସମିସ):** ସଡ଼କ ଦୁର୍ଘଟଣାରେ ରବିବାର ସନ୍ଧ୍ୟାରେ ଚୌଦ୍ୱାର ୧୭ନଂ ୱାର୍ଡ ନୂଆସାହିର ରଞ୍ଜିତ କୁମାର ରାଉତରାୟ(୨୪)ଙ୍କ ମୃତ୍ୟୁ ଘଟିଛି । ସକାଳେ କିଛି ସାଙ୍ଗଙ୍କ ସହିତ ବଣଭୋଜି କରିବାକୁ ଯାଇଥିଲେ । ସନ୍ଧ୍ୟାରେ ବାଇକ ଯୋଗେ ରଞ୍ଜିତ ଓ ଅନ୍ୟଜଣେ ସାଙ୍ଗ ଘରକୁ ଫେରୁଥିବା ବେଳେ ଆଗ୍ରାହାଟ ରାସ୍ତାର ମହିମା ପ୍ୟାଲେସ ପାଖରେ ଭାରସାମ୍ୟ ହରାଇ ଏକ ଖୁଣ୍ଟରେ ବାଡେଇ ହୋଇ ଗୁରୁତର ଆହତ ହୋଇଥିଲେ । ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ରଞ୍ଜିତକୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ସୁରେଶ ଓ ପ୍ରଫୁଲ୍ଲ କଟକ ଜିଲ୍ଲା ବିଜେପି ଉପସଭାପତି





**କନ୍ଦରପୁର, ୪।୧(ସମିସ):** କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ କଟକ ସହର ଜିଲ୍ଲା କମିଟି ଘୋଷଣା କରିଛନ୍ତି । କମିଟିରେ କଟକ ସଦର ବ୍ଲକର ପୂର୍ବତନ ବିଜେପି ସଭାପତି ଓ ବର୍ତ୍ତମାନ କଟକ ସଦର ନିର୍ବାଚନମଣ୍ଡଳୀର ସଂଯୋଜକ ସୁରେଶଚନ୍ଦ୍ର ଜେନାଙ୍କୁ ଜିଲ୍ଲା ଉପସଭାପତି ଭାବରେ ଚୟନ କରାଯାଇଛି । ଶ୍ରୀ ଜେନାଙ୍କୁ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଅଭିନନ୍ଦନ ଜଣାଇବା ସହିତ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠଟି ମଣ୍ଡଳର ସଭାପତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି ।

ସାଲେପୁର: ସେହିପରି ସାଲେପୁର ବିଜେପିର ଯୁବ ସଂଗଠକ ତଥା ବିଜେପିର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ପ୍ରଫୁଲ୍ଲ ସ୍ୱାଇଁ କଟକ ଜିଲ୍ଲା ଉପସଭାପତି ଭାବେ ମନୋନୀତ ହୋଇଥିବା ଜଣାଯାଇଛି । ତାଙ୍କୁ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ମନୋନୀତ କରିଛନ୍ତି । ଶ୍ରୀ ସ୍ୱାଇଁ ଦୀର୍ଘବର୍ଷ ଧରି ବିଜେପି ସଂଗଠନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରି ଆସୁଛନ୍ତି । ସେ କଟକ ଜିଲ୍ଲା ଓ ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀରେ ବିଜେପି ସଂଗଠନକୁ ଅଧିକରୁ ଅଧିକ ସୁଦୃଢ଼ କରି ଲୋକଙ୍କ ସେବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ।

## ଡକ୍ଟରେଟ ଉପାଧି ପାଇଲେ ହିମାଂଶୁ



**ଟାଙ୍ଗୀ, ୪।୧(ସମିସ):** ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା କଟକ ଜିଲ୍ଲା ଗ୍ରାମୀଣ ବିଜେପି ଉପସଭାପତି ହିମାଂଶୁ କୁମାର ମହାନ୍ତି ନୂଆଦିଲ୍ଲୀଠାରେ ନୂତନ ବର୍ଷରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନସ୍ଥ ସର୍ବଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଘ ଦ୍ୱାରା ଅନ୍ତର୍ଜାତୀୟ ଡକ୍ଟରେଟ ଉପାଧି ପାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଲୋକସେବା ଫାଉଣ୍ଡେସନ ମାଧ୍ୟମରେ ଗରିବ ନିଷ୍ପେସିତ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହ ରକ୍ତଦାନ ଶିବିର ଆୟୋଜନ କରି ଅଞ୍ଚଳରେ ସମସ୍ତଙ୍କ ପ୍ରିୟଭାଜନ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସମାଜସେବା କ୍ଷେତ୍ରରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ମନ୍ତ୍ରୀ ଗିରିରାଜ ସିଂ ଶ୍ରୀ ମହାନ୍ତିଙ୍କୁ ଦିଲ୍ଲୀଠାରେ ଡକ୍ଟରେଟ ଉପାଧି ପ୍ରଦାନ କରିଥିବା ଜଣାପଡ଼ିଛି ।

## ବ୍ୟାନର ପୋଡ଼ା ନେଇ ଥାନାରେ ଏତଲା

**ସାଲେପୁର, ୪।୧(ସମିସ):** ବିଜେପି ନେତା ଅରିନ୍ଦମ ରାୟଙ୍କ ନୂତନ ବର୍ଷର ଅଭିନନ୍ଦନ ବ୍ୟାନରକୁ କେହି ୩ଜଣ ଯୁବକ ପୋଡ଼ି ଦେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି । ଅରିନ୍ଦମ ରାୟଙ୍କ ସମର୍ଥକଙ୍କ ପକ୍ଷରୁ ଇଂରାଜୀ ନବବର୍ଷ ପାଇଁ ବିଭିନ୍ନ ସ୍ଥାନରେ ଅଭିନନ୍ଦନ ବ୍ୟାନର ଲଗାଯାଇଛି । କଟକ-ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟସ୍ଥ ବିଜେପି କାର୍ଯ୍ୟାଳୟ ସମ୍ମୁଖ ଭାତପଡ଼ା ପଡ଼ିଆରେ ଏକ ଅଭିନନ୍ଦନ ବ୍ୟାନରକୁ ପୋଡ଼ିଦେଇଥିବା ନେଇ ଭାତପଡ଼ା ଗ୍ରାମର ଚଇନ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗତକାଲି ରାତିରେ ଭାତପଡ଼ା ଗ୍ରାମର ମନୋଜ ଖିଲାର ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବାରୁ ବିଦ୍ୟୁତ୍ ଲାଇନ୍ କାଟିବା ସହ ଉକ୍ତ ଗ୍ରାମର ଟୁନା ଭୋଇ ଏବଂ କୁଶମୋହନ ମାହୁନ୍ତ ଉକ୍ତ ବ୍ୟାନରକୁ ପୋଡ଼ିଦେଇଥିବା ନେଇ ଭାତପଡ଼ା ଗ୍ରାମର ଚଇନ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏସବୁ ଦୃଶ୍ୟ ବିଜେପି ପାର୍ଟି କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିରୁ ସ୍ପଷ୍ଟ ଜଣାଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

# ବେଆଇନ ଖନନରେ ବନ ବିଭାଗର ଚଢ଼ଉ

ଆଠଗଡ଼, ୪।୧(ସମିସ)



ଆଠଗଡ଼ ବନାଞ୍ଚଳ ଅଧୀନ ଓସ୍ତିଆ ଅଞ୍ଚଳରେ ଜଙ୍ଗଲ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ବେଆଇନ ଖନନ କରୁଥିବା ଏକ ଠିକା ସଂସ୍ଥା ଉପରେ ବନବିଭାଗ ପକ୍ଷରୁ ଶନିବାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପ ପାଇଁ ପାଇପ୍ ଲାଇନ୍ ବିଛାଇବା ଆଳରେ ଏକ ଘରୋଇ ଠିକା ସଂସ୍ଥା ବିନା କୌଣସି ବିଭାଗୀୟ ଅନୁମତିରେ ଜଙ୍ଗଲ ଜମି ମଧ୍ୟରେ ଖନନ କାର୍ଯ୍ୟ ଜାରି ରଖିଥିଲା । ଏ ସମ୍ପର୍କରେ ସୂଚନା ପାଇ ଆଠଗଡ଼ ବନଖଣ୍ଡର ଭାରପ୍ରାପ୍ତ ଡିଏଫଓ ଡାକ୍ତର ବିଶ୍ୱାଳ ଚିଚିଲିଚି ସଦଳବଳେ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରିଥିଲେ । ଡିଏଫଓଙ୍କ ଉପସ୍ଥିତିରେ ଖନନ କାର୍ଯ୍ୟରେ ବ୍ୟବହୃତ ଦୁଇଟି ଦାମୀ ଏସ୍କାଭେଟର ମେସିନକୁ ଜବତ କରାଯିବା ସହ କାମ ବନ୍ଦ କରାଯାଇଛି । ଏହି ବେଆଇନ ଖନନ ପଛରେ ବନାଞ୍ଚଳର କିଛି ଅଧିକାରୀ ଓ ଠିକା ସଂସ୍ଥା ମଧ୍ୟରେ ଭିତିରି ସଲାସୁତୁରା ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ଅଭିଯୋଗ ଅନୁଯାୟୀ, ବନ ବିଭାଗର କିଛି କର୍ମଚାରୀ ହାତଗୁଞ୍ଜା ନେଇ ଏହି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିଲେ । ଜଙ୍ଗଲ ଜମିରେ ଏଭଳି ଗଭୀର ଖନନ ଯୋଗୁଁ ବନ୍ୟଜନ୍ତୁଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହେବା ସହ ସେମାନଙ୍କ ପ୍ରତି ବିପଦ ରହିଛି । ଏହି ଘଟଣାରେ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥା ଏବଂ ରେଙ୍ଗାଲି ଦକ୍ଷିଣ କେନାଲ ବିଭାଗ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି । ଡିଏଫଓ ଡାକ୍ତର ବିଶ୍ୱାଳ ସ୍ପଷ୍ଟ କରିଛନ୍ତି ଯେ କୌଣସି ବି ଜନକଲ୍ୟାଣକାରୀ ପ୍ରକଳ୍ପ ହେଉନା କାହିଁକି, ଜଙ୍ଗଲ ଜମି ବ୍ୟବହାର ପୂର୍ବରୁ ବନ ବିଭାଗର ବୈଧ ଅନୁମତି ନେବା ବାଧ୍ୟତାମୂଳକ । ଯଦି କୌଣସି ସଂସ୍ଥା ନିୟମ ଉଲ୍ଲଂଘନ କରେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓସ୍ତିଆ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ।

**ଠିକାସଂସ୍ଥାର ୨ଟି ଏସ୍କାଭେଟର ମେସିନ ଜବତ**

## ଜାତୀୟ ସେବା ଶିବିର ଉଦ୍‌ଘାଟିତ



**ମାହାଙ୍ଗା, ୪।୧(ସମିସ):** ପଲ୍ଲୀସାହି ସ୍ଥିତ ମାହାଙ୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରି ସାତଦିନ ବ୍ୟାପି ଚାଲିବାକୁ ଥିବା ଶିବିରାର୍ଥୀଙ୍କୁ ସେବା ପରାୟଣ, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତି ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ଜାତୀୟ ସେବା ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରି ନିଜକୁ ସୁନାଗରିକ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରକୁ ପ୍ରୋଗ୍ରାମ ଅଫିସର ତାନଜିମ ତଲତ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିବିରାର୍ଥୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଠାକୁରାଣୀଙ୍କ ଜମି ଜବରଦଖଲ ମୁକ୍ତ ଦାବି

## ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ବାସୁଦେବପୁର,୪।୧(ସମିସ):** ବାସୁଦେବପୁର ବ୍ଲକ୍‌ର ଖରିଦା ବିନାୟକପୁର ପଞ୍ଚାୟତର ଠାକୁରାଣୀଙ୍କ ଜମିକୁ ଜବରଦଖଲ କରିଥିବାର ଜିଲ୍ଲାପାଳଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଗଣ୍ଡାର ଶହଶହ ଏକର ସରକାରୀ ଜମିକୁ ମାଡ଼ି ବସିଛନ୍ତି ଗ୍ରାମବାସୀ। କେଉଁଠି ବେଆଇନ ଭାବେ ଘର ନିର୍ମାଣ କଲେଣି ତ ପୁଣି କେଉଁଠି ବାଡ଼ ବସାଇ ଦେଲେଣି। ସାଧାରଣ ଲୋକ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନାୟକପୁର ଗ୍ରାମର କାଳୀ ବସନ୍ତେଇ ଠାକୁରାଣୀଙ୍କ ନାମରେ ରହିଛି ସ୍ଥିତିବାନ ଜମି। ମା' କାଳୀ ବସନ୍ତେଇ ଠାକୁରାଣୀ ଆଖପାଖ ଗ୍ରାମର ଆରାଧ୍ୟ ଦେବୀ। ଭକ୍ତି ଓ ଶ୍ରଦ୍ଧାରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି। ଠାକୁରାଣୀଙ୍କ ଜମି ଜବରଦଖଲ କରିବାରୁ ଗ୍ରାମବାସୀଙ୍କ ଧର୍ମୀୟ ଭାବନାର କୁଠାରାଘାତ କରୁଛି। ଖରିଦା ବିନାୟକପୁର ଗ୍ରାମର ଶ୍ୟାମ ସୁନ୍ଦର ଦାସ ନାମକ ବ୍ୟକ୍ତି ଠାକୁରାଣୀଙ୍କ ଜମିକୁ ଜବରଦଖଲ କରିଛନ୍ତି। ଏହି ବେଆଇନ ଦଖଲକୁ ଉଚ୍ଛେଦ କରିବାକୁ ଗ୍ରାମବାସୀମାନେ ଭଦ୍ରକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରିବାକୁ ଜିଲ୍ଲାପାଳ ବାସୁଦେବପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ନଚେତ୍ ଜମିକୁ ନେଇ ଆଇନ ଶୃଙ୍ଖଳା ସମସ୍ୟା ଦେଖାଦେଇପାରେ ବୋଲି ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି।

# ମୃତ ପ୍ରବାସୀ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା

**ଧାମନଗର,୪।୧(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର ଯୁବକ ଦୀପକ ବାରିକ(୩୩) ବାଦବ ଖଟିବାକୁ ହାଇଦରାବାଦର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ଗତ ମାସରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ପରିବାରଟି



ଗଭୀର ସଙ୍କଟରେ ପଡ଼ିଛି। ଦୀପକଙ୍କ ପରିବାରରେ ଗର୍ଭବତୀ ସ୍ତ୍ରୀ, ଦୃଷ୍ଟିହୀନ ବାପା ଓ ଅସୁସ୍ଥ ମାଆ ଥିବାବେଳେ ସମସ୍ତ ଆର୍ଥିକ ଓ ପାରିବାରିକ ଦାୟିତ୍ୱ ତାଙ୍କ ଉପରେ ନିର୍ଭର କରୁଥିଲା। ଅକାଳ ମୃତ୍ୟୁ ପରେ ପରିବାରଟି ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହିଛି। ଏହି ଦୁଃଖଦ ପରିସ୍ଥିତିରେ ଶନିବାର "ଉତ୍କଳ ସେବା ସଂଘ" ତରଫରୁ କର୍ମକର୍ତ୍ତା ମୃତକଙ୍କ ପରିବାର ପାଖରେ ପହଞ୍ଚି ୧୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଛନ୍ତି। ସଂଘ ସଭାପତି ମୋହିତ୍ ସାମଲ, ସମ୍ପାଦକ ବିଜୟ ସେଠୀଙ୍କ ସହ ସଦସ୍ୟ ପ୍ରଦୀପ ବାରିକ, ଆଶୋକ ମଲ୍ଲିକ, ଶଶାଙ୍କ ଶେଖର ସାହୁ, ମାନସ ଦାସ, ବାସନ୍ତୀଲତା ସାହୁ, ରଜନୀକାନ୍ତ ସାମଲ, କମଳେନ୍ଦୁ ପରିଡ଼ା ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଉତ୍କଳ ସେବା ସଂଘ ଗତ ୫ ବର୍ଷ ଧରି ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ନିରନ୍ତର ଭାବେ ସେବାମୂଳକ କାର୍ଯ୍ୟ କରିଆସୁଛି। ଆଗାମୀ ଦିନରେ ମଧ୍ୟ ଏପରି ଜନହିତକର କାର୍ଯ୍ୟ ଜାରି ରଖିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଶାରଦା ବିଦ୍ୟାମନ୍ଦିର ପକ୍ଷରୁ ବନ୍ଧୁ ମିଳନ



**ବାରିକପୁର,୪।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ଅନ୍ୟତମ ଘରୋଇ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ତରଫରୁ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ବିଷ୍ଣୁପୁର ଗ୍ରାମ୍ୟ ଜଙ୍ଗଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତାରାକାନ୍ତ ରାଉତ, ସ୍କୁଲ ସମ୍ପାଦକ ପବନ ନାୟକ, ଗୁରୁଜୀ ନିମାଇଁ ବେହେରା, ନିତ୍ୟାନନ୍ଦ ସେନାପତି, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନେ ଶାରଦାର ମାର୍ଗଦର୍ଶକ ହୋଇଥିବାବେଳେ ସେମାନଙ୍କ ପରାମର୍ଶ ଓ ସହଯୋଗ ଆମ ପାଇଁ ନିତାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଧାନଆଚାର୍ଯ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ଗୁରୁଜୀ କେଶବ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରେଳ ଷ୍ଟେସନରୁ ପାଇଥିବା ଟଙ୍କା ଏସ୍‌ପିଙ୍କୁ ପ୍ରଦାନ କଲେ ଅକ୍ଷୟ

**ଭଦ୍ରକ,୪।୧(ସମିସ):** ରେଳ ଷ୍ଟେସନରୁ ପାଇଥିବା ୨୦ ହଜାର ୨୦୦ ଟଙ୍କା ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ବାଲିଖଣ୍ଡ ଅଞ୍ଚଳର ଅକ୍ଷୟ ସେଠୀ। ସୂଚନାଯୋଗ୍ୟ, ଗତ



୨ ତାରିଖରେ ଅକ୍ଷୟଙ୍କ ପୁଅ ନୂଆଦିଲ୍ଲୀ ଯିବେ ବୋଲି ଭଦ୍ରକ ରେଳ ଷ୍ଟେସନକୁ ଛାଡ଼ିବା ପାଇଁ ଆସିଥିଲେ। ଷ୍ଟେସନ ବାହାରକୁ ଆସିବାବେଳେ ସେ ୨୦ ହଜାର ୨୦୦ ଟଙ୍କା ପାଇଥିଲେ। ରେଳ ଷ୍ଟେସନ ଅଟୋ ଷ୍ଟାଣ୍ଡରେ ଟଙ୍କା ପାଇବା ଘଟଣା କହିବା ସହ ସାମାଜିକ ଗଣମାଧ୍ୟମରେ ମଧ୍ୟ ପୋଷ୍ଟ କରିଥିଲେ। ପରେ ଅକ୍ଷୟଙ୍କୁ ବହୁ ଲୋକ ଅଜଣା ନମ୍ବରରୁ ଫୋନ୍ କରି ଟଙ୍କା ଆମର ରେଳ ଷ୍ଟେସନକୁ ଆସି ଟଙ୍କା ଦେଇଯାଅ ବୋଲି କହିଥିଲେ। ରବିବାର ବାଧ୍ୟ ହୋଇ ଅକ୍ଷୟ ଭଦ୍ରକ ଏସ୍‌ପିଙ୍କୁ ଭେଟି ପାଇଥିବା ୨୦,୨୦୦ ଟଙ୍କା ହସ୍ତାନ୍ତର କରିଛନ୍ତି। ଏସ୍‌ପି ଶ୍ରୀ ରାଉତ ମଧ୍ୟ ଅକ୍ଷୟଙ୍କ ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଟଙ୍କା ଯାହାର ଉଚିତ୍ ତଥ୍ୟ ଦେଇ ଭଦ୍ରକ ଟାଉନ ଥାନାରୁ ନେଇଯିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି।

# ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବ୍ରଦର୍ସ ଚାମ୍ପିଅନ

**ଦୋଳସାହି,୪।୧(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତର ରାମନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ଅର୍ଣ୍ଣପାଳର ଫ୍ୟୁରିଅସ୍ କ୍ରିକେଟ ଟିମ୍ ସହ ଇଚ୍ଛାପୁରର ବ୍ରଦର୍ସ କ୍ରିକେଟ ଟିମ ଲଢ଼େଇ ହୋଇଥିଲା। ବ୍ରଦର୍ସ କ୍ରିକେଟ ଟିମ୍ ୧୬ ଓଭରରେ ୨୪୭ ରନ୍ କରିଥିଲାବେଳେ ଫ୍ୟୁରିଅସ୍



ଟିମ ୧୬ ଓଭରରେ ୨୧୫ ରନ୍ କରି ପରାଜିତ ହୋଇଥିଲା। ଏଥିରେ ବ୍ରଦର୍ସ ଟିମ୍ ଚାମ୍ପିଅନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୋଟିଏ ବଲ୍ ଖେଳି ୪ ରନ୍ ସଂଗ୍ରହ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ତରାଇ ଯୋଗଦେଇଥିଲେ। ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ସେଠୀ, ପ୍ରଶାନ୍ତ ସେଠୀ, ଭକ୍ତହରି ଜେନା, କମଳାକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ସନ୍ତୋଷ ଜେନା ଓ ସୁଶୀଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ବ୍ରଦର୍ସ ଟିମ୍‌କୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଫ୍ୟୁରିଅସ୍ ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

## ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟା

# 'ରାଜ୍ୟରେ ଭଦ୍ରକ କଳା ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି'

ଭଦ୍ରକ,୪।୧(ସମିସ)

ଭଦ୍ରକ ତ୍ୟାଗ, ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଭାବେ ଯେପରି ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ସୁବର୍ଣ୍ଣ ସ୍ୱାକ୍ଷର ଆଙ୍କିଛି। ସେହିପରି ସଂସ୍କୃତି ଓ କଳା କ୍ଷେତ୍ରରେ ସମଗ୍ର ଉତ୍କଳର ସ୍ୱତନ୍ତ୍ର ସ୍ଥାନ ଭାବେ ଆଦୃତ ହୋଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଜାତୀୟବାଦୀ ସଙ୍ଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିବାବେଳେ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକକବି ଜଗନ୍ନାଥ ପାଣି, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ

## ନାଟକ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନ ଛୁଇଁଲା



ସାଧକ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି 'ସଞ୍ଜୀବ କିଆ' ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହର ଗାନ୍ଧୀ ପଡ଼ିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। "ଭଦ୍ରକର ସଂସ୍କୃତି, କଳା ଓ ପରମ୍ପରା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସାଂସ୍କୃତିକ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, କଣ୍ଠଶିଳ୍ପୀ ସେକ୍ ନିଜାମ ଯୋଗଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମଞ୍ଚ ଆମନ୍ତ୍ରଣ, ରାମନାରାୟଣ ମହାନ୍ତିଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉପସଭାପତି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ, ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଅତିସ୍ ବେହେରା, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ଅପୂର୍ବ ରଞ୍ଜନ ବେହେରା, ରାଜେଶ ଦାସ, ଅଜୟ ପଣ୍ଡା, ଆବାହକ ଅବିନାଶ ପଣ୍ଡା, କ୍ଷିତୀଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦ୍ୱୀପ ମଲ୍ଲିକ, ଓମ୍‌କାର, ରମେଶ ଚନ୍ଦ୍ର ପାଗଳ, ରଶ୍ମି ଜଗନ୍ନାଥ ବେହେରା, ସୀତାକାନ୍ତ ବିଶ୍ୱାଳ, ରଶ୍ମି ରଞ୍ଜନ ସାହୁ, କମଳ ଲୋଚନ ପଣ୍ଡା, ପ୍ରକାଶ ରାଉତ, ତେଜସ୍ୱିନୀ ଦାସ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ବ୍ରଜ ସିଂଙ୍କ ନିର୍ଦ୍ଦେଶନା ଏବଂ ନିମାନନ୍ଦ ସାହୁ ଓ ଜୁଲିଙ୍କ ଅଭିନିତ ନାଟକ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା।

# ଏସ୍‌ଏଜେ ହାଇସ୍କୁଲ ହେବ ମଡେଲ ସ୍କୁଲ

**ଦୋବଲ,୪।୧(ସମିସ):** ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତର ଏସ୍‌ଏଜେ (ସାଜ) ହାଇସ୍କୁଲ ବା ସୌକତ ଅଲ୍ଲି ଜଲ୍ଲାଲୁଦ୍ଦିନ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି। ଆସନ୍ତା ଜାନୁଆରୀ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ବାଣପୁରଠାରେ ଏହି ମହତ୍ୱାକାଂକ୍ଷୀ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ସିଧାସଳଖ ପ୍ରସାରିତ ହେବ। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୧୦ଟି ବିଦ୍ୟାଳୟର ନବୀକରଣ କରାଯିବ। ଏସ୍‌ଏଜେ ହାଇସ୍କୁଲରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ୩୨୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟର ନିଜସ୍ୱ ୩.୦୩ ଏକର ଜମି ସହ ପାଖରେ ଥିବା ୧୯ ଏକର ସରକାରୀ ରାଜସ୍ୱ ଜମିକୁ ମିଶାଇ ମୋଟ୍ ୨୨.୦୩ ଏକର ଜମି ଉପଲବ୍ଧ

## ଗାଁ ପିଲାଏ ପାଇବେ ଗୁଣାତ୍ମକ ଶିକ୍ଷା




ରହିଛି। ଏଠାରେ ଉନ୍ନତମାନର ଶ୍ରେଣୀ ଗୃହ, ଆଧୁନିକ ଲାଇବ୍ରେରୀ, ଲାବୋରେଟୋରୀ, ଖେଳପଡ଼ିଆ, ହଷ୍ଟେଲ ଏବଂ ଶିକ୍ଷକମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଏଠାରେ ଶିକ୍ଷାଦାନ କରାଯିବ। ତୃତୀୟ ଶ୍ରେଣୀ ସୁଦ୍ଧା ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଆଧୁନିକ ଟେକ୍ନୋଲୋଜି ବ୍ୟବହାର ହେବ। କେବଳ ପାଠ୍ୟପୁସ୍ତକ ନୁହେଁ, ବରଂ ପିଲାମାନଙ୍କର ସାମାଜିକ, ସାଂସ୍କୃତିକ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକମାନେ କାର୍ଯ୍ୟ କରିବେ। 'ନିପୁଣ ଓଡ଼ିଶା' ଲକ୍ଷ୍ୟ ହାସଲ କରିବା ଏବଂ ପ୍ରାଥମିକସ୍ତରରୁ ପିଲାଙ୍କୁ ବୃତ୍ତିଗତ ଦକ୍ଷତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଆଭିମୁଖ୍ୟ। ଏସ୍‌ଏଜେ ହାଇସ୍କୁଲ ଏହି ଯୋଜନାରେ ସାମିଲ୍ ହୋଇଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅପାର ଖୁସି ଦେଖାଦେଇଛି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ବିଦ୍ୟାଳୟ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

# ବିଦ୍ୟାଳୟ ନିକଟରୁ ମଦ ଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ



**ଦୋଳସାହି,୪।୧(ସମିସ):** ପୀରହାଟ ଥାନା ଅଞ୍ଚଳରେ ଏକ ବିଦ୍ୟାଳୟ ନିକଟରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସୂଚନା ମୁତାବକ, ପୀରହାଟ ଥାନା ଅଞ୍ଚଳରେ ବ୍ୟାପକ ଭାବରେ ସରକାରୀ ଓ ବେସରକାରୀ ଚୋରା ମଦ ବେପାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ଥାନା ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଞ୍ଚଳରେ ମାରାତ୍ମକ ନିଶା ବ୍ରାଉନ୍‌ସୁଗର କବଳରେ ନାବାଳକରୁ ଯୁବପିଢ଼ି ପଡ଼ି ପଥଭ୍ରଷ୍ଟ ହେଉଥିବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିବା ନେଇ ପରିବାର ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୀରହାଟ ଥାନା ଅର୍ଜୁନବିନ୍ଧା ଛକ ନିକଟରେ ଅବସ୍ଥିତ ପୁରାତନ ଶାନ୍ତି ଶୈଳେନ୍ଦ୍ର ଉଚ୍ଚ ବିଦ୍ୟାପୀଠ ସମ୍ମୁଖରେ ଏକ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟ ସମ୍ମୁଖରେ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ଖୋଲିବାକୁ ଥିବା ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭରେ ସମାଜସେବୀ ଅଜୟ ରାଉତଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## ୧୯୯୫ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

# ରକ୍ତଦାନ, ବୃକ୍ଷରୋପଣ ଓ ନିଃଶୁଳ୍କ ସ୍ୱାସ୍ଥ୍ୟସେବା



**ଆରଡ଼ି,୪।୧(ସମିସ):** ଆରଡ଼ି ପୀଠର ସର୍ବପୁରାତନ ଶିକ୍ଷାକେନ୍ଦ୍ର ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟର ୧୯୯୫ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ନିଆରା ଭାବେ ସମାଜକୁ ନୂଆ ବାର୍ତ୍ତା ଦେବା ପାଇଁ ରବିବାର ବିଦ୍ୟାଳୟ ପରିସରରେ ରକ୍ତଦାନ, ବୃକ୍ଷରୋପଣ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ପାଳନ କରିଥିଲେ। ଦୀର୍ଘ ୩୦ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବାରୁ ସମସ୍ତଙ୍କ ମନରେ ଖୁସିର ବାତାବରଣ ଦେଖାଦେଇଥିଲା। ସର୍ବପ୍ରଥମେ ଛାତ୍ରଛାତ୍ରୀମାନେ ପୀଠର ଆରାଧ୍ୟ ଦେବ ବାବା ଆଖଣ୍ଡଳମଣିଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ଘର୍ଷଣ ଲାଗି କରିଥିଲେ। ପରେ ଗୁରୁ ବାବାଜୀ ଚରଣ ପଣ୍ଡା, କଳାକାର ନାୟକ, ଅର୍ଜୁନ ଚରଣ ସାହାଣୀ, ବଂଶୀଧର ପାଢ଼ୀ, ବିଜୟ ଦାଶ, କୁଶଭଦ୍ରା ପରିଡ଼ାଙ୍କ ସହ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହିତ ବାଜା ରୋଷଣୀ ଦ୍ୱାରା ପୀଠ ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ପରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ଶିକ୍ଷକ ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଗୁରୁ ପୂଜନ ଓ ଗୁରୁ ବନ୍ଦନା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସର ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା। ଏହା ସହ ଭଦ୍ରକ ଜିଲ୍ଲା ଭୂମିକା ହସ୍ପିଟାଲ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ସହ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏପରିକି ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇ ପାଖାପାଖି ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ପ୍ରଜାପିତା ଈଶ୍ୱରୀୟ ବିଦ୍ୟାଳୟର ଭାଇଭଉଣୀ ସହଯୋଗ କରିଥିଲେ।

# ପ୍ରତିଷ୍ଠିତ ଔଷଧ ବ୍ୟବସାୟୀଙ୍କ ପରଲୋକ

**ଭଦ୍ରକ,୪।୧(ସମିସ):** ଭଦ୍ରକର ପ୍ରତିଷ୍ଠିତ ତଥା ପୁରୁଖା ଔଷଧ ବ୍ୟବସାୟୀ ତଥା ଚକାଡୋଳା ମେଡିସିନ ଦୋକାନର ମାଲିକ ଉଦୟ ନାରାୟଣ ପଣ୍ଡାଙ୍କ ସହରାଞ୍ଚଳ ବାଗୁରାଇସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେବ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ତୀର୍ଥନାଥ ପଣ୍ଡା (ବାବୁ)ଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ଅବିଭକ୍ତ ଭଦ୍ରକ ବାଲେଶ୍ୱର ଜିଲ୍ଲାର ମେଡିସିନ ଆସୋସିଏସନର ସେ



ପୂର୍ବତନ ସାଧାରଣ ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ତୀର୍ଥନାଥ ମୁଖାଗ୍ନି ଦେଇଥିଲେ।

## ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ବଟବୃକ୍ଷ ସମାନ ପାଠଶାଳା'



ବାରିକପୁର,୪।୧(ସମିସ)

ଶିକ୍ଷା ଆଗକୁ ବଢ଼ିବାରେ ପ୍ରେରଣା ଦେବା ସହିତ ମଣିଷ ପାଇଁ ପାଠଶାଳା ବଟବୃକ୍ଷ ସମାନ ବୋଲି ରବିବାର ଭଣ୍ଡାରିପୋଖରୀ ବ୍ଲକ୍ ଚିଙ୍ଗିଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଭାବେ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଅନ୍ୟତମ ଅତିଥି ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ସରପଞ୍ଚ ଅମୂଲ୍ୟ ନାୟକ, ଶିକ୍ଷାବିତ୍ ରବିନାରାୟଣ ପତି, ବର୍ଷିଆନ ଲେଖକ ଅରୁଣୋଦୟ ଖିଲାର, ନିର୍ମଳ ଚନ୍ଦ୍ର ସ୍ୱାଇଁ, ମୋହନ ଖିଲାର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଅୟମାରମ୍ଭ ଓ ଶିକ୍ଷାଦାନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଛାତ୍ର ତଥା ଯୁବ ନେତା ସୁରେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ଅମିତାଭ ଖିଲାର ସ୍ୱାଗତ ଭାଷଣ, ଶିକ୍ଷକ ପ୍ରଫୁଲ୍ଲ ନାୟକ ମଞ୍ଚ ଆହ୍ୱାନ, କମିଟି ସମ୍ପାଦକ ବିନୋଦ ମହାରଣା ବିବରଣୀ ପାଠ କରିଥିଲେ। ପୁରାତନ ବିଦ୍ୟାର୍ଥୀ ସଦାନନ୍ଦ ପଣ୍ଡା ବିଦ୍ୟାଳୟର ଇତିହାସ ପାଠ କରିଥିବାବେଳେ ପ୍ରମୋଦ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "ଜଗନ୍ନାଥାୟନ ଓ ସାବରମତିର ସନ୍ଥ' ଉନ୍ମୋଚିତ ହୋଇଥିଲା। ଏହାଛଡ଼ା ବାଲୁକା ଶିଳ୍ପୀ ବିପିନ ବିହାରୀ ଜେନା ଏବଂ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ବିଦ୍ୟାର୍ଥୀମାନେ ପରିଚାଳନା କରିଥିଲେ।

# ଆଦର୍ଶ ମହିଳାଙ୍କ ପରଲୋକ

**ଧାମନଗର/ବାରିକପୁର,୪।୧(ସମିସ):** ଧାମନଗରଠାରେ କାର୍ଯ୍ୟରତ ସବ୍‌ରେଜିଷ୍ଟ୍ରାର ତଥା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ହାଟଡିହ(ଦକ୍ଷିଣବାଡ଼) ଗାଁର ସତ୍ୟାନନ୍ଦ ପାତ୍ରଙ୍କ ମାଆ କମଳା ପାତ୍ରଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ଧର୍ମପରାୟଣା, ସହୃଦୟୀ, ପରୋପକାରୀ, ସ୍ନେହମୟୀ ଓ ଆଦର୍ଶ ମହିଳା ଥିଲେ। ସେ ଅସୁସ୍ଥ ହୋଇ ଦୀର୍ଘ ଦିନ ଧରି ଚିକିତ୍ସାଧୀନ



ଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀଙ୍କ ସମେତ ପରିବାର ବର୍ଗ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଏହି ପରଲୋକ ଖବର ଶୁଣି ବିଭିନ୍ନ ଦଳର ରାଜନୈତିକ ନେତା, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ୩୮ ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ

# ‘ଉତ୍ତମ ଚରିତ୍ର ଲାଗି ପ୍ରେରଣା ଦିଏ ନାଟକ’

ରାଉରକେଲା, ୪।୧(ସମିସ)




ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ରାଉରକେଲାର କଲ୍‌ଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ୩୮ ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲ୍‌ଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ‘ନବପତ୍ର’ର ମୁଖ୍ୟ ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରି କହିଥିଲେ ଯେ, ମହାବାତ୍ୟା ଏବଂ କରୋନା କାଳରେ କିଛିବର୍ଷ ଲୋକନାଟକ ମହୋତ୍ସବ ବନ୍ଦ ଥିଲେ ମଧ୍ୟ ଲୋକନାଟକର ଧାରା କଲ୍‌ଚରାଲ ଏକାଡେମୀ ଅବ୍ୟାହତ ରଖିଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ କହିଥିଲେ ଯେ, ମାନବ ସଭ୍ୟତାକୁ ନାଟକର ଅବଦାନ ଅନେକ। ନାଟକ ଦ୍ୱାରା ଅନୁପ୍ରାଣିତ ହୋଇ କିଶୋର ଏବଂ ଯୁବକମାନେ ଉତ୍ତମ ଚରିତ୍ରର ମଣିଷ ହେବାପାଇଁ ସ୍ୱପ୍ନ ଦେଖନ୍ତି ଏବଂ ଯତ୍ନବାନ୍ ହୁଅନ୍ତି। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟକାର ପ୍ରଫୁଲ୍ଲ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋକୁଳାନନ୍ଦ ଦାଶ ସହଯୋଗ କରିଥିଲା ବେଳେ ଡ. ଶ୍ରୀକାନ୍ତ ମହାନ୍ତି ମାନପତ୍ର ପାଠ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଉଦ୍‌ଘାଟକ ପ୍ରଫୁଲ୍ଲ କୁମାର ସାମଲ, କହିଲେ ଯେ, ସାଂସ୍କୃତିକ ସହର ରାଉରକେଲା ହେଉଛି ମୋ ସହର। ନାଟକକୁ ଭଲ ପାଇବା ଜଣେ ମଣିଷ କିପରି ଅଭିନୟ କରୁକରୁ ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟକାର ପାଲଟି ଯାଏ ତାହାର ପ୍ରମାଣ ହେଉଛି ମୁଁ ନିଜେ। କଲ୍‌ଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡା. କୃପାସିନ୍ଧୁ ନାୟକ। କଲ୍‌ଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଅକ୍ଷୟ କୁମାର ସାମଲ, ଅକ୍ଷୟ ପଣ୍ଡା, କିଶୋର ଚନ୍ଦ୍ର ବେହେରା, ସୁଜିତ କୁମାର ନାଏକ, ଆଲୋକ ବୋଷ, ଡ.ନଗେନ ଦାସ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ପରେଶ୍ୱର ବିଶ୍ୱାଳ, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଲୋକନାଟକ ମହୋତ୍ସବର ପ୍ରଥମ ସଂଧ୍ୟାରେ ରାଉରକେଲାର ନାଟ୍ୟାନୁଷ୍ଠାନ ଉତ୍କଳ ସାଂସ୍କୃତିକ ଶିଳ୍ପୀର କଳାକାରମାନେ ପରିବେଷଣ କରିଥିଲେ ନାଟକ ‘କମ୍ପାନୀ ସରକାର’। ନାଟକଟିର ନିର୍ଦ୍ଦେଶନା ବିଲୋଚନ ପାତ୍ର ଦେଇଥିବାବେଳେ ସଙ୍ଗୀତରେ ଗୁଲାବ ଶର୍ମା ଓ ପ୍ରମୋଦ କୁମାର ସାହୁ, ମଞ୍ଚସଜ୍ଜାରେ ଆରତ କୁମାର ମାଝୀ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ତ୍ରିପତି ନାରାୟଣ ମିଶ୍ର, (ବାମଦେବ), ଚିନ୍ମୟ ତ୍ରିପାଠୀ (ଡ.ବାଗ୍), ଅଶୋକ କୁମାର ମହାନ୍ତି, ଆନନ୍ଦ ବାଗ୍, ବିଭୁତିଭୂଷଣ ନାଥ, ପ୍ରତାପ ମେହେର, ପ୍ରଦୀପ୍ତ ରାଏ, ନରୋତ୍ତମ ସାହୁ, ଇନ୍ଦ୍ରଜିତ୍ ରାଉଳ, ଅକ୍ଷୟ କୁମାର ମାଝୀ, ସୁଜିତ୍ କୁମାର ନାୟକ, ସଂଗ୍ରାମ ପତି, ସୋନାଲି ମହାରଣା, ପାୟଲ ସାମଲ, ସୁପ୍ରିୟା ପଟ୍ଟନାୟକ (ଶିଶୁ)।

## ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ଚୋରି ଘଟଣା

# ଜଣେ ଗିରଫ; ଟଙ୍କା ଓ ସୁନା ଅଳଙ୍କାର ଜବତ



ରାଉରକେଲା, ୪।୧(ସମିସ): ସ୍ଥାନୀୟ ସେକ୍ଟର - ୭ ଥାନା ସେକ୍ଟର-୮ରେ ଗତ ସେପ୍ଟେମ୍ବର ମାସରେ ଏକ ଆରଏସପି କ୍ୱାର୍ଟରର ଆଜବେଷ୍ଟସ ଭାଙ୍ଗି ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରଲ ଘଟଣାର ପର୍ଦ୍ଦାଫାଷ୍ଟ କରିଛି ସେକ୍ଟର - ୭ ଥାନା ପୁଲିସ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଚୋର ସମେତ ଜଣଙ୍କୁ ଗିରଫ କରିବା ସହ ତା ନିକଟରୁ ଲକ୍ଷାଧିକ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓରଫ ସନୋ(୨୩)। ସେ ସେକ୍ଟର-୧୫ ମଲ୍ଲିକ ବସ୍ତିର ବାସୀନ୍ଦା ବୋଲି ଜଣାପଡ଼ିଛି। ସୂଚନା ମୁତାବକ ସେପ୍ଟେମ୍ବର ୧୯ ତାରିଖରେ ସେକ୍ଟର - ୮, ଏ/୫୨ ଆରଏସପି କ୍ୱାର୍ଟରରେ ବାସ କରୁଥିବା ରତ୍ନାକର କିଷାନ ସେପ୍ଟେମ୍ବର ୧୧ ତାରିଖରେ ଘର ତାଲା ପକାଇ ପତ୍ନୀ ସୁକିନ୍ଦା ସହ ଆମ୍ବାଗନା ମାର୍କେଟକୁ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଘରର ଆଜବେଷ୍ଟସ୍ ଭାଙ୍ଗି ଘର ଭିତରୁ ଲକ୍ଷାଧିକ ନଗଦ ଟଙ୍କା, ସୁନା ଅଳଙ୍କାର, ରୂପା ଅଳଙ୍କାର ହାତ ଘଣ୍ଟା, ମୋବାଇଲ ଫୋନ ଚୋରୀ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ସେକ୍ଟର-୭ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢଉ ପରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ନିକଟରୁ ୧ ଲକ୍ଷ ୫ ହଜାର ଟଙ୍କା ନଗଦ ସହ ଗୋଟିଏ ସୁନା ଚେନ୍, ଏକ ହଳ ସୁନା କାନ ଫୁଲ, ୨ଟି ନାକ ରିଙ୍ଗ, ରୂପା ଅଳଙ୍କାର ଆଦି ଜବତ କରାଯାଇଥିଲା।

# ବାଂଲାଦେଶରେ ହିନ୍ଦୁ ଅତ୍ୟାଚାରକୁ ବିରୋଧ

କୁତ୍ରା, ୪।୧(ସମିସ): ସୁନ୍ଦରଗଡ଼ ଜିଲ୍ଲାକୁତ୍ରା ବ୍ଲକର ବଜରଙ୍ଗ ଦଳ ପକ୍ଷରୁ ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁମାନଙ୍କ ଉପରେ ହେଉଥିବା ହିଂସା, ଲୁଟପାଟ ଓ ହତ୍ୟାକୁ ବିରୋଧ କରି ଦିନକୁତ୍ରା ବଜରଙ୍ଗ ଦଳ ପକ୍ଷରୁ କୁତ୍ରା ବସଷ୍ଟାଣ୍ଡରେ ବିରୋଧ ପ୍ରଦର୍ଶନ କରାଯାଇଛି। କୁତ୍ରା ବଜରଙ୍ଗ ଦଳର ସଦସ୍ୟ କୁତ୍ରା ବସଷ୍ଟାଣ୍ଡରେ ଏକତ୍ରିତ ହୋଇ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିରୋଧ ପ୍ରଦର୍ଶନ ସମୟରେ ମହମ୍ମଦ ୟୁନୁସର ପୁତଳିକା ଦାହ କରିବା ସହିତ ବାଂଲାଦେଶର ଜାତୀୟ ପତାକାକୁ ମଧ୍ୟ ଜଳାଇ ଥିଲେ। ଏଥିରେ କୁତ୍ରା ବଜରଙ୍ଗ ଦଳର ମୁକେଶ ପ୍ରଧାନ, ଦିପକ ମହାନନ୍ଦିଆ, କ୍ଷିରୋଦ ଛୁରା, ଅରବିନ୍ଦ ବାଙ୍କରା, ସଞ୍ଜିବ ବରୁଆ, ପିଙ୍କୁ ସାହୁ, ରମାକାନ୍ତ ନାଏକ, ଅମିତ ମହାନନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ।

# ଇନ୍ଦିରା ଗାନ୍ଧୀ ପାର୍କରେ ଜନସମାଗମ



ରାଉରକେଲା, ୪।୧(ସମିସ): ରାଉରକେଲା ଇସ୍ପାତ କାରଖାନା ଅଧୀନ ଇନ୍ଦିରା ଗାନ୍ଧୀ ପାର୍କରେ ନୂତନ ବର୍ଷ ଅବସରରେ ବିପୁଳ ସଂଖ୍ୟକ ପରିଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଛି। ୧ ତାରିଖ ବହୁ ସଂଖ୍ୟକ ମହିଳା ଏବଂ ଶିଶୁଙ୍କ ସମେତ ପ୍ରାୟ ୧୦, ୦୦୦ ପର୍ଯ୍ୟଟକ ଏହି ପାର୍କ ପରିଦର୍ଶନ କରିଥିଲେ। ନୂଆବର୍ଷ ଦିନ ମୋଟ ୪, ୯୪, ୭୦୦ ଟଙ୍କା ସଂଗୃହିତ ହୋଇଥିବା ସୂଚନା ମିଳିଛି। ପାର୍କର ଯତ୍ନ ନେଉଥିବା ଆରଏସପିର ସହର ଇଞ୍ଜିନିୟରିଂ ଉଦ୍ୟାନକୃଷି ବିଭାଗ ପିଲାଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଏବଂ ପରିବେଶର ମହତ୍ତ୍ୱ ବିଷୟରେ ଶିକ୍ଷା ଦେବା ବ୍ୟତୀତ ଜୈବ ବିବିଧତାର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିଛି। ଆଇଜି ପାର୍କର ପ୍ରତ୍ୟେକ ଗୃହରେ ପଶୁ ପକ୍ଷୀଙ୍କର ବିଭିନ୍ନ ପ୍ରଜାତିର ସୂଚନା ଏବଂ ସେମାନଙ୍କର ବିଶେଷତା ପ୍ରଦର୍ଶିତ ହୋଇଛି। ଇସ୍ପାତ ସହରର ସୁଖଦ ଶୀତକାଳୀନ ପାଗ, ସବୁଜ ପରିବେଶ ଏବଂ ଉତ୍ତମ ରକ୍ଷଣାବେକ୍ଷଣରେ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ପଶୁ ଏବଂ ପକ୍ଷୀଙ୍କୁ ଗୋଟିଏ ସ୍ଥାନରେ ଦେଖିବାର ସୁଯୋଗ ପରିଦର୍ଶକଙ୍କ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ପ୍ରାଣୀ ଉଦ୍ୟାନ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ୨୨୪ ପ୍ରାଣୀ ଏବଂ ପକ୍ଷୀ ରହିଛନ୍ତି। ସେହିପରି ନୂତନ ବର୍ଷରେ ଇସ୍ପାତ ନେହେରୁ ପାର୍କରେ ମଧ୍ୟ ବିପୁଳ ଜନସମାଗମ ହୋଇଥିଲା।

# ବସନ୍ତ କବିଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା, ୪।୧(ସମିସ): ଶତାୟୁ ପୁରୁଷ ତଥା ପୁରୁଣାପାଣି କବି ବସ୍ତି ଶିବ ମନ୍ଦିରର ପୂର୍ବତନ ସାଧାରଣ ସମ୍ପାଦକ ବସନ୍ତ କବିଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା କବି ବସ୍ତିଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ଥାନୀୟ ଅଞ୍ଚଳର ସମାଜର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସଙ୍କଳ୍ପର ସଭାପତି, ଶିକ୍ଷାବିତ୍ ଡ.କିଶୋରୀ ଦାଶ, ଲୋକସମ୍ପର୍କ ସଚିବ ଅକ୍ଷୟ ଧଳ, କାର୍ଯ୍ୟକାରୀ ସଦସ୍ୟ ପ୍ରବିର ମିଶ୍ର, ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ସ୍ମୃତିଚାରଣ କରିଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ସ୍ୱର୍ଗତ କବିଙ୍କର ୨୧ ଡିସେମ୍ବର ୨୦୨୫ ରାତ୍ରରେ ପରଲୋକ ଘଟିଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ କବିଙ୍କ ପୁତ୍ର ରାଜେନ୍ଦ୍ର, ସରୋଜ, ବୋହୂ ସେବତୀ, ଚେତନା, ଝିଅ ଶୈଳ, ସଞ୍ଜୁ, ରେଣୁ, ଜୟନ୍ତୀ, ଜ୍ୱାଇଁ ବିରଞ୍ଚି, ପୁଷ୍ପ ଓ ନାତୀ ଅକ୍ଷୟ, ଆଶୁତୋଷ, ରିଦ୍ଧିଶ୍ରୀଙ୍କ ସମେତ ପରିବାରବର୍ଗ ଆୟୋଜନ କରିଥିଲେ। ସ୍ୱର୍ଗତ କବିଙ୍କ ସାନ ପୁତ୍ର ସରୋଜ ଚନ୍ଦ୍ର କବି ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳାପରିଷଦ, ସଙ୍କଳ୍ପ ରାଉରକେଲାର ସାଧାରଣ ସମ୍ପାଦକ ଅଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବ୍ୟଙ୍ଗକବି ଦରବାର




ରଉରକେଲା, ୪।୧(ସମିସ): ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ କକ୍ଷରେ ଏକ ବ୍ୟଙ୍ଗ କବିତା ଦରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କରପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆସରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ରାଉରକେଲାର ବ୍ୟଙ୍ଗ କବି ରାଧୁ ମିଶ୍ରଙ୍କ ସହ ଭୁବନେଶ୍ୱରୁ ଆସିଥିବା ବିଖ୍ୟାତ ବ୍ୟଙ୍ଗ କବି ଜ୍ଞାନ ହୋତା, ପ୍ରିୟବ୍ରତ ପଣ୍ଡା, ଦୁର୍ଗା ପଣ୍ଡା ଏବଂ ରାହୁଲ ପ୍ରକାଶ ପ୍ରମୁଖ ବ୍ୟଙ୍ଗ କବିମାନେ ବ୍ୟଙ୍ଗ କବିତା ଆବୃତ୍ତି କରି ଶ୍ରୋତାମାନଙ୍କର ମନୋରଞ୍ଜନ କରିଥିଲେ। ଏହି ଆସରକୁ ଜ୍ଞାନ ହୋତା ତାଙ୍କ ନିଆରା ଢଙ୍ଗରେ ସଂଯୋଜନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଦସ୍ୟ ଗଦାଧର ରଥ ଏବଂ ତାଙ୍କ ସାଥୀମାନେ ବାଦ୍ୟ ତଥା ଶଙ୍ଖଧ୍ୱନିର ତାଳେତାଳେ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସଭାପତି ଶଙ୍କରପ୍ରସାଦ ତ୍ରିପାଠୀ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ସୁବାସ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିବାବେଳେ, ରାଧୁମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇ ବ୍ୟଙ୍ଗ କବିତାର ଆନନ୍ଦ ଉପଭୋଗ କରିଥିଲେ।

# ଜାତୀୟ ଚାମ୍ପିଅନ୍‌ସିପ୍‌ରେ ସେଲ୍ ହକି ଏକାଡେମୀର ସଫଳତା



ରାଉରକେଲା, ୪।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସେଲ୍‌ଫ ହକି ଏକାଡେମୀ (ଏସଏଚଏ) ଗତ ଡିସେମ୍ବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ସୁରଟରେ ଅନୁଷ୍ଠିତ ହକି ଇଣ୍ଡିଆ ସବ୍‌ଜୁନିୟର ଏକାଡେମୀ, ଜାତୀୟ ଚାମ୍ପିଅନସିପରେ ତୃତୀୟ ସ୍ଥାନ ହାସଲ କରିଛି। ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଏସଏଚଏ ଦଳ ହକି ଏକାଡେମୀ ହରିୟାଣାକୁ ୭-୦ ଗୋଲରେ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟରେ ସାରା ଦେଶରୁ ମୋଟ ୧୭ଟି ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ। ଏସଏଚଏ ଦଳ ସେମିଫାଇନାଲରେ ପଞ୍ଜାବ ହକି ଏକାଡେମୀ ଠାରୁ ପରାସ୍ତ ହେବା ପୂର୍ବରୁ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା। ଏସଏଚଏର ଦିନେଶ ବାର୍ଲାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ମିଡ୍ ଫିଲ୍ଡର ଭାବେ ବିବେଚିତ କରାଯାଇଥିଲା। ଜାନୁଆରୀ ୧ ତାରିଖ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

# ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା

ରାଉରକେଲା, ୪।୧(ସମିସ): ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣ ବନ୍ଦ ଓ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତ ଦାବିରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ କରାଯାଇଛି। ଆଜି ଆମ୍ବାଗାନ୍ ଠାରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକଙ୍କ ସଭାପତିତ୍ୱରେ ବିଶାଳ ବିକ୍ଷୋଭ କରାଯାଇ ତୁରନ୍ତ ଆମେରିକାର ସୈନ୍ୟ ପ୍ରତ୍ୟାହାର ସହ ଏହାର ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିବାପାଇଁ ଦାବି କରାଯାଇଥିଲା। ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜ୍ୟ ସମ୍ପାଦକ ହୃଦୟାନନ୍ଦ ଯାଦବ, ବି.ପି. ମହାପାତ୍ର, ଜଯାତି ସାହୁ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ପ୍ରଦିପ ସେଠୀ, ଅରୁ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ବିକ୍ଷୋଭରେ ବିନୟ ବେହୁରିଆ, ବିଶ୍ୱଜିତ୍ ମାଝୀ, ପ୍ରଭାତ ମହାନ୍ତି, ଅଶୋକ ଦାସ, ଅରୁଣ ମହାରଣା, ବୁଧୁନି ମୁଣ୍ଡାରୀ, ବାସୁଦେବ ସାହୁ, ଉପେନ୍ଦ୍ର ତ୍ରିପାଠୀ, ଗୁରୁଚରଣ ଦାସ, ସୁରେନ୍ଦ୍ର ବେହେରା, ରାଜିବ ବସନ୍ତରାୟ, ଜନ୍ମେଜୟ ଘୋଷ, ବସନ୍ତ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

# ଲୁଟ୍ ଘଟଣାର ପର୍ଦ୍ଦାଫାସ

ରାଉରକେଲା, ୪।୧(ସମିସ): ଗତ ୩୧ତାରିଖରେ ସେକ୍ଟର-୧୯ ଥାନା ଅଧୀନ ବ୍ୟାଙ୍କ୍ ଅଫ ଇଣ୍ଡିଆ ନିକଟରେ ହୋଇଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ଟି ଭ୍ୟାନିଟି ବ୍ୟାଗ୍, ୨ ହଜାର ୬୮୦ ଟଙ୍କା, ଅଭିଯୋଗକାରିଣୀଙ୍କ ବିଭିନ୍ନ କାଗଜପତ୍ର, ୨ଟି ମୋବାଇଲ ଓ ଗୋଟିଏ ହାତ ଘଣ୍ଟା ଜବତ କରାଯାଇଛି। ଗିରଫ ଦ୍ୱୟ ହେଲେ ସେକ୍ଟର -୧୯ ପୁଲିସ ସେକ୍ଟର -୧୬ ଜଗନ୍ନାଥପାଲି ବସ୍ତିର ଅଭିଷେକ ନାଗ ଓରଫ ଅଭି (୨୨) ଓ ସେକ୍ଟର -୬ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱ ବସ୍ତିର ସୁବ୍ରତ କୁମାର ସ୍ୱାଇଁ ଓରଫ ହ୍ରିତିକ ଓରଫ ରାହୁଲ (୨୨)। ଉଭୟଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏନେଇ ଜୋନାଲ ଡିଏସପି ଯୋଗେଶ୍ୱର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଗତ ଡିସେମ୍ବର ୩୧ରେ କୋଏଲନଗର ଡି.ବ୍ଲକ ଭାଟାବସ୍ତିର ପୂଜା ରୱାନି ସେକ୍ଟର -୧୯ ସ୍ଥିତ ବ୍ୟାଙ୍କ୍‌ଅଫଇଣ୍ଡିଆରୁ କିଛି ଟଙ୍କା ଉଠାଇ ସାଇକଲରେ ଘରକୁ ଫେରୁଥିଲେ। ସ୍ଥାନୀୟ ଫିଟନେସ ପାର୍କ ନିକଟରେ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ବ୍ୟାଗ୍ ଲୁଟ୍‌କରି ଫେରାର ହୋଇଯାଇ ଥିଲେ। ଏହି ଘଟଣାରେ ସେକ୍ଟର-୧୯ ପୁଲିସ ଏକ ଲୁଟ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗିରଫ ହୋଇଥିବା ଅଭିଷେକ ନାଗ ଓରଫ ଅଭି ନାଁରେ ପୂର୍ବରୁ ସେକ୍ଟର -୧୯ ଓ ଝିରପାଣି ଥାନାରେ ୩ଟି ମାମଲା ରହିଥିବାବେଳେ ରାହୁଲ ନାଁରେ ମଧ୍ୟ ୩ଟି ମାମଲା ରହିଥିବା ଜଣାପଡ଼ିଛି। ସେକ୍ଟର -୭ ଥାନା ଇନ୍‌ସପେକ୍ଟର ରବୀନ୍ଦ୍ର ନାଥ ପାତ୍ର, ସେକ୍ଟର -୧୯ ଥାନା ଇନ୍‌ସପେକ୍ଟର ବୈଦ୍ୟନାଥ ସାହୁ ଓ ଝିରପାଣି ଥାନା ଇନ୍‌ସପେକ୍ଟର ପ୍ରଦୀପ କୁମାର ନାଏକ ମଧ୍ୟ ଉପସ୍ଥିତ ଥିଲେ।



# ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବଣାଇଁ, ୪।୧(ସମିସ): ବଣାଇଁଗଡ଼ ସହରସ୍ଥିତ କନ୍ତଯୋଡ଼ି ସାହିରେ ଥିବା ଇଣ୍ଡୋଇଂରାଜୀ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶିକ୍ଷକ ଗିରିଧାରୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଂଘମିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ବଣାଇଁରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଶୁଭେନ୍ଦୁ ନାଥ ମଲ୍ଲିକ, ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ଡ. କେ.ବିଶ୍ୱନାଥ, ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ସମ୍ପାଦିକା କାଞ୍ଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କର ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବର୍ତ୍ତମାନ ଯୁଗରେ ଶିକ୍ଷା ବୃତ୍ତି ସହିତ ଶରୀରକୁ ସୁସ୍ଥରଖିବା ଉଚିତ୍ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କାଉନସିଲର ଫିରୋଜ ଖାନ୍, ଆକାଶ ସାହୁ, ଶିକ୍ଷୟିତ୍ରୀ କିରଣବାଳା ଜେନା, ସଞ୍ଜୁକ୍ତା ନାଏକ, ଅନୁପମା ତ୍ରିପାଠୀ, ସଂଗୁପ୍ତା ପରବିନ, ସୁଚି ସ୍ମିତା ସାହୁ ପ୍ରମୁଖ ପ୍ରଦାନ କରିଥିଲେ।

# ‘ସଙ୍ଗୀତ ଶିଳ୍ପୀ ସମାଜ’ର ସଙ୍ଗୀତ ସଂଧ୍ୟା



ରାଉରକେଲା, ୪।୧(ସମିସ): ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ, କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ, ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ତବଲା ବାଦକ ଗୁରୁରଞ୍ଜନ ସାହୁ ଓ ଗୁରୁ ନରେନ୍ଦ୍ର ନାୟକ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଗୁରୁ ପ୍ରଭାତି ଦାସଙ୍କ ନିର୍ଦ୍ଦେଶନାରେ ଆରାଧ୍ୟା ପଣ୍ଡା, ଅର୍ପିତା ଦତ୍ତ, ଅଦିତି ଦାସ, ଗନଗୁନ ମହାରଣା, ତାପସୀ ନାୟକ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ରବୀନ୍ଦ୍ର ତନ୍ତୀ, ରୋହିତ ଜଗଦଲ୍ଲା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସ୍ନେହଲତା ବେହେରା, କଲ୍ୟାଣୀ ତ୍ରିପାଠୀ, ସୁଚିତ୍ରା ନାହାକ, ପ୍ରତ୍ୟୁଷା ରାଉଳ, ଅନୁଜ ଡିଣ୍ଡା, ଦେବାଞ୍ଜଳୀ ବେହେରା, ଦିବ୍ୟାଞ୍ଜଳୀ ବେହେରା, ସ୍ନେହା ସାହୁ, ନିଶା ନାଏକ, ଅନୁଶିଖା ମଣ୍ଡଳ, ଐଶାଳି ପାତ୍ର, କିରଣ ବାଳା ସାହୁ, ରୋଜାଲିନ୍ ବେହେରା, ଦିବ୍ୟରଞ୍ଜନ ବେହେରା, ଯୋୟା ମିଶ୍ର ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ସୁରଜ ସରାଫ, ଅରିଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥ ସମ୍ପାଦକ ଅମର ନାୟକ, ରମାକାନ୍ତ ବେହେରା, ବିଜୟ ବେହେରା, ପ୍ରଦୀପ ରାଉଳ, ସୁଶିଲ ପଣ୍ଡା, ଦିଲ୍ଲିପ ବରିହା ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଡ଼ବଂଶୀୟ ଗୋଣ୍ଡ ସମାଜର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; କେନାପାଲି ଚାମ୍ପିଅନ

କୁତ୍ରା, ୪।୧(ସମିସ)



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ବୁଢ଼ାକଟାଠାରେ ଷଡବଂଶୀୟ ଗୋଣ୍ଡ ସମାଜ ପକ୍ଷରୁ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେନାପାଲି ଦଳ ଚାମ୍ପିଅନ ହୋଇଥିବା ବେଳେ ଗଡ଼ପୋଷ ଦଳ ରନର୍ସଅପ ହୋଇଥିଲେ। କମିଟି ତରଫରୁ ବିଜେତାକୁ ନଗଦ ଦଶ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିବା ବେଳେ ରନର୍ସଅପ ଦଳକୁ ନଗଦ ସାତ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେରେ ଭୋଇପାଲି ଦଙ୍ଗା ବଡଦେଓ ପୂଜା କମିଟିର ସଭାପତି ନିତ୍ୟାନନ୍ଦ ନାଏକ, ସମାଜସେବୀ ହୃଦାନନ୍ଦ ଧାରୁଆ, ବୁଡାକଟା ଗୌଁଟିଆ ଫକୀରମୋହନ ବରିହା, ଗୌତମ ପାଉଲେ ଓ କ୍ଷେତ୍ରମଣି ବରିହା ଯୋଗଦେଇ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ ଥିବା ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ମ୍ୟାନ୍ ଅଫ୍‌ଦି ମ୍ୟାଚ୍ ସଲିମ ଓ ମ୍ୟାନ ଅଫଦି ସିରିଜ ସୁଧୀର ହୋଇଥିଲେ। ପରିଚାଳନାରେ କମିଟିର ଜିତୁ କାଲୋ, ଲଲାଟ ମରେଇ, ଆକାଶ ମରେଇ, ଲଳିତ ପାଉଲେ, ରକି ପ୍ରଧାନ, ରୋହିତ କୁମରା, ଅଙ୍କିତ ଗଡ଼ତିଆ, ମିତ୍ରଭାନୁ ସିଂ ଦଣ୍ଡପାଟ, କିଶୋର ବରିହା ଓ ଉପେନ୍ଦ୍ର ବରିହା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଅମଲାଙ୍କ କ୍ୟାଡରର ପୁନର୍ଗଠନକୁ ସ୍ୱାଗତ

ନବରଙ୍ଗପୁର,୪ା୧(ସମିସ): ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟରତ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ । ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧ୍ୟରେ ସାରିବାକୁ କୁହାଯାଇଛି । ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ୍ୟ ପଦୋନ୍ନତି ପାଇଁ ବିବେଚିତ ହେବେ । ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି)ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ ୨୦୧୯ କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ଲୋକ ସଭା ଭବନ, ଚଳିତ ମାସ ୨ ତାରିଖ ଦିନ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏହାପରେ ଜିଲ୍ଲା ସ୍ତରୀୟ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ ହେବ ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶକୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସ୍ୱାଗତ କରିବା ସହିତ ଅନେକ ସାଧୁବାଦ ଜଣାଇଥିବା କହିଛନ୍ତି ରାଜ୍ୟ ସଭାପତି ଶ୍ରୀ ସାହୁ ।

## ଗ୍ରାମ୍ୟ ରୋଜଗାର ସେବକଙ୍କ ବଦଳି ରଦ୍ଦ ପାଇଁ ଦାବି



ବୈପାରିଗୁଡ଼ା, ୪ା୧(ସମିସ): ବୈପାରିଗୁଡ଼ା ବ୍ଲକର କୋଲାର ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ୍ୟ ରୋଜଗାର ସେବକଙ୍କ ବଦଳି ରଦ୍ଦ କରିବା ପାଇଁ ସରପଞ୍ଚ ଜୟନ୍ତୀ ନାୟକ ଏବଂ ପଞ୍ଚାୟତବାସୀ ବିଡ଼ିଓଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଅନୁଯାୟୀ, କୋଲାର ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ୍ୟ ରୋଜଗାର ସେବକ ମାନଙ୍କୁ ବାରମ୍ବାର ବଦଳି କରାଯାଉଥିବାରୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଏହାଛଡ଼ା ବୃଦ୍ଧବୃଦ୍ଧାଙ୍କ ଭତ୍ତା ତଥା ପିଡିଏସ ସାମଗ୍ରୀ ବଣ୍ଟନରେ ସମସ୍ୟା ସୃଷ୍ଟି ହୋଇଥାଏ । ଗ୍ରାମ୍ୟ ରୋଜଗାର ସେବକଙ୍କ ବଦଳି ହେବା ଦ୍ୱାରା ଶଯ୍ୟାଶାୟୀ ହିତାଧିକାରୀଙ୍କ ଘର ଖୋଜି ତାଙ୍କୁ ଭତ୍ତା ବାଣ୍ଟିବାକୁ ଅସୁବିଧା ହୋଇଥାଏ । ତେଣୁ ବର୍ତ୍ତମାନ ଦାୟିତ୍ୱରେ ଥିବା ଗ୍ରାମ୍ୟ ରୋଜଗାର ସେବକଙ୍କ ବଦଳି ରଦ୍ଦ କରାଯାଇ ଆର୍ଥିକ ବର୍ଷ ୨୦୨୫-୨୬ ପର୍ଯ୍ୟନ୍ତ କୋଲାର ପଞ୍ଚାୟତରେ ପୁନଃ ଦାୟିତ୍ୱ ଦିଆଯିବାକୁ ଦାବି କରାଯାଇଛି ।

## ଦେଓମାଳୀ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର.



ସେମିଳିଗୁଡ଼ା, ୪ା୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ନିକଟସ୍ଥ ବେହେରାଗୁଡାରେ ଦେଓମାଳୀ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରକୁ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଜୟଚନ୍ଦ୍ର ଖେମୁଣ୍ଡୁ ଫିତାକାଟି ଉଦ୍‌ଘାଟନ କରିଥିଲେ । ଶିବିରରେ ସମୁଦାୟ ୩୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରରେ ପରିଚାଳନା କମିଟିର ଉପଦେଷ୍ଟା ରାୟଗଡା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଅକ୍ଷୟ ଖେମୁଣ୍ଡୁ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ତାଙ୍କ ସହିତ ଆସିଥିବା ତିନିଜଣ ଏପିଡି ରଶ୍ମିକାନ୍ତ ପରିଡା, ପ୍ରଭାତ କୁମାର ଲେଙ୍କା , ଅଜାତଶତ୍ରୁ ରାଉତ ରକ୍ତଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସାଧାରଣ ସମ୍ପାଦକ ତଥା ସୁନାବେଡା ପୌର ପରିଷଦର ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଓ କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ କରାମତି ଅଲ୍ଲୀ ଓ ଉପାଧ୍ୟକ୍ଷ ଜୟ ବାଡତ୍ୟା ଶିବିର ଆୟୋଜନ କରିଥିଲେ । ଓଡିଶା ରକ୍ତଦାତା ସଂଘର ଡକ୍ଟର ନରେଶ ଚନ୍ଦ୍ର ସାହୁ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ପ୍ରଦୀପ କୁମାର ତ୍ରିପାଠୀ, ସ୍ନିଗ୍ଧାରାଣୀ ମିଶ୍ର, ବିଜୟ ସାହୁ, ଜ୍ୟୋତ୍ସ୍ନା ବାଡତ୍ୟା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ ଓ କର୍ମଚାରୀ ଦେବବ୍ରତ, ସଂଜୟ, ରବୀନ୍ଦ୍ର ଓ କୈବଲ୍ୟ ଦାସ ରକ୍ତ ସଂଗ୍ରହ କରିଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ଜନହିତକର ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି ।

### ସରକାରୀ ଘୋଷିତ କ୍ଷତିପୂରଣରେ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିବନି

# ଏମ୍‌ଭି୨୬ ଗ୍ରାମବାସୀଙ୍କ ଥାନାରେ ଏତଲା

କୋରୁକୋଣ୍ଡା,୪ା୧(ସମିସ):



ମାଲକାନଗିରି ଜିଲ୍ଲାର ମାଲକାନଗିରି ସଦର କୋରୁକୋଣ୍ଡା ଥାନା ଅଧୀନ ଏମଭି୨୬ ଗ୍ରାମର ପ୍ରାୟ ୨୦୮ଟି ପରିବାର ଆଜି କୋରୁକୋଣ୍ଡା ଥାନାରେ ଉପସ୍ଥିତ ହୋଇ ନିଜ ନିଜ କ୍ଷୟକ୍ଷତି ସମ୍ପର୍କରେ ଲିଖିତ ଗଣଅଭିଯୋଗ ଦାଖଲ କରିଛନ୍ତି । ଗତ ଡିସେମ୍ବର ୭ ଓ ୮ ତାରିଖରେ ରଖାଲଗୁଡ଼ା ଓ ଏମ୍‌ଭି୨୬ ଗ୍ରାମ ମଧ୍ୟରେ ଘଟିଥିବା ପୋଡ଼ାଜଳା ଘଟଣାରେ ଏମଭି୨୬ ଗ୍ରାମର ପ୍ରାୟ ସମସ୍ତ ଘର ଜଳି ନଷ୍ଟ ହୋଇଯାଇଥିଲା । ଏହି ଘଟଣାରେ ଗ୍ରାମବାସୀଙ୍କ ଘରୋଇ ସାମଗ୍ରୀ, ଧନସମ୍ପତି ସହିତ ମୂଲ୍ୟବାନ ଦସ୍ତାବିଜ ମଧ୍ୟ ପୋଡ଼ି ନଷ୍ଟ ହୋଇଥିବା ଅଭିଯୋଗ କରାଯାଇଛି । ଏହାକୁ ନେଇ ଗ୍ରାମର ପ୍ରାୟ ୨୦୮ଟି ପରିବାରର ମହିଳା ଓ ପୁରୁଷ ଥାନାରେ ଉପସ୍ଥିତ ହୋଇ ଗଣଅଭିଯୋଗ ଦାଖଲ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରକାରଙ୍କ ପକ୍ଷରୁ ଘୋଷିତ ସାହାଯ୍ୟ ରାଶି କ୍ଷୟକ୍ଷତିର ତୁଳନାରେ ଅତ୍ୟନ୍ତ କମ୍ ଥିବାରୁ ଏହି ରାଶିରେ ଗୋଟିଏ ଘର ପୁନଃନିର୍ମାଣ କରିବା କଷ୍ଟସାଧ୍ୟ ହେଉଛି । ଏଣୁ ଗ୍ରାମବାସୀମାନେ ସରକାରଙ୍କୁ ପୁନର୍ବାର ସଠିକ ଭାବେ କ୍ଷୟକ୍ଷତିର ଆକଳନ କରି ସମସ୍ତ ପ୍ରକାର କ୍ଷତିର ପୂରଣ ସହ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ କୋରୁକୋଣ୍ଡା ଥାନା ଅଧିକାରୀ ଆର୍. ବିଜୟ କୁମାର ସମସ୍ତ ୨୦୮ଟି ଗଣଅଭିଯୋଗ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ପୋଡ଼ାଜଳା ଘଟଣାକୁ ନେଇ ପୂର୍ବରୁ କୋରୁକୋଣ୍ଡା ଥାନାରେ ୨୦୦/୨୫ ଓ ୨୦୧/୨୫ ନମ୍ବରରେ ମାମଲା ରୁଜୁ ହୋଇଛି ଏବଂ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଦାଖଲ ହୋଇଥିବା ସମସ୍ତ ଗଣଅଭିଯୋଗକୁ ସେହି ପୂର୍ବ ମାମଲା ସହ ସଂଲଗ୍ନ କରାଯିବ ।

## ଶିକ୍ଷା ପ୍ରଶିକ୍ଷଣ ଶିବିର ପାଇ ପ୍ରସ୍ତୁତି

ମାଲକାନଗିରି, ୪ା୧ (ସମିସ): ମାଲକାନଗିରି ଜିଲ୍ଲାରେହେବାକୁଥିବା ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ପାଇଁ ଏକ ପୂର୍ବ ପ୍ରସ୍ତୁତି ବୈଠକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମାଲକାନଗିରି ଠାରେ ସମ୍ମାନିତ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଜିଲ୍ଲାର ୭ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀ, ସମସ୍ତ ସଭ୍ୟ ସଭ୍ୟା, ବ୍ଲକ ସଂଯୋଜକ ତଥା ସମସ୍ତ କର୍ମକର୍ତ୍ତାମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ବୈଠକରେ ଏଡିଇଓ ମାଲକାନଗିରି ଭାଗିରଥି ବେହେରା, ସଂପାଦକ ତଥା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁଗ୍ମ ସଂପାଦକ ତଥା ପୂର୍ବତନ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ରଂଜନ କୁମାର ସ୍ୱାଇଁ, ଜେଆରସି ଓ ତଥା ସଂଯୋଜକ ନିରଞ୍ଜନ ମହାରଣା, ସମସ୍ତ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ରହିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ; ଦୁଇଟି ମାମଲା ରୁଜୁ

କୋରାପୁଟ, ୪ା୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ତରଗାଇ ଗ୍ରାମ ଠାରେ ଗତ ରାତିରେ ଭଲିବଲ୍ ଖେଳିବାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏଥିରେ ଗ୍ରାମର ରାମ କମାର (୨୦)ଙ୍କୁ ଲୁହା ଛଡରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଫଳରେ ସେ ଗୁରୁତର ଭାବେ ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଆଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଗ୍ରାମର ୭ଜଣ ବ୍ୟକ୍ତି ନାରାୟଣ ଭୂମିଆ, ହରିଶ୍ଚନ୍ଦ୍ର ଭୂମିଆ, ଘାସି ପୁଜାରୀ, କୁମ ଭୁମିଆ, ମଧୁ ଭୂମିଆ, ଘାସି ଭୂମିଆ, ଲଛମନ ଭୂମିଆ ଲିଖିତ ଭାବେ ପ୍ରଥମ ଅଭିଯୋଗକାରୀ ରାମଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି । ଏଥିନେଇ ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗକୁ ରୁଜୁ କରାଯାଇ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ଗତ ରାତିରେ ତରଗାଇ ଗ୍ରାମର କୋରାପୁଟ ପରମ୍ପରା ପୁଷପୁନି ଉତ୍ସବ ଚାଲିଥିବା ବେଳେ ଗ୍ରାମର ପ୍ରାୟ ୫ରୁ ଅଧିକ ଯୁବକ ଓ ଲୋକମାନେ ପ୍ରଥମ ଅଭିଯୋଗକାରୀ ଯୁବକ ରାମକୁ କୌଣସି କାରଣ ନଥିବା ନେଇ ଠେଙ୍ଗା ଓ ଲୁହା ଛଡରେ ଆକ୍ରମଣ କରିଥିଲେ । ଲୁହା ଛଡରେ ତାଙ୍କ ମୁଣ୍ଡକୁ ପାହାର କରିବା ପରେ ତାଙ୍କ ମୁଣ୍ଡ ଫାଟିଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଆକ୍ରମଣ ଶୀକାର ହେଉଥିବା ଯୁବକ ରାମଙ୍କୁ ମୁକ୍ତ କରିବାକୁ ତାଙ୍କ ବାପା , ମା ଓ ସମ୍ପର୍କିୟ ଭାଇ ଆସିଥିଲେ । କିନ୍ତୁ ଆକ୍ରମଣକାରୀ ମାନେ ତାଙ୍କୁ ମଧ୍ୟ ମାଡ ମାରିଥିଲେ । ସଦରଥାନା ପୁଲିସକୁ ସୂଚନା ଦେବା ପରେ ପୁଲିସ ଆସି ଆକ୍ରମଣର ଶୀକାର ହୋଇଥିବା ଯୁବକ ରାମକୁ ଜିଲ୍ଲା ଚିକିତ୍ସାଳୟକୁ ନେଇ ସେଠାରେ ତାଙ୍କର ଚିକିତ୍ସା କରିଥିଲେ ।। ଏଥିନେଇ ଆଜି ମଧ୍ୟାହ୍ନରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ଗ୍ରାମର ଯୁବକ ମାନେ ମିଳିତ ଭାବେ ଲାଇଟ୍ ଲଗାଇ ଗତକାଲି ରାତିରେ ଭଲିବଲ୍ ଖେଳୁଥିଲେ । ଗ୍ରାମର ଯୁବକ ରାମ ଅତ୍ୟଧିକ ମଦ୍ୟପାନ କରିବା ସହ ଗ୍ରାମରେ ପହଞ୍ଚି ଭଲିବଲ ଖେଳିବା ପାଇଁ ଜିଦ୍ କରିଥିଲେ । ମଦ୍ୟପାନ କରିଥିବା ଯୋଗୁଁ ତାଙ୍କୁ ଖେଳିବାକୁ ଯୁବକ ମାନେ ମନା କରିଥିଲେ । ଏଥିରେ ରାଗିଯାଇ ଘରକୁଯାଇ ଏକ ଖଣ୍ଡା ଆଣି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଗୋଡାଇବା ସହିତ ଜାତିକୁ ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ପ୍ରାଣ ଭୟରେ ଗ୍ରାମବାସୀ ଦୌଡିବାକୁ ଲାଗିଥିଲେ । କିନ୍ତୁ ଗ୍ରାମର କିଛି ଯୁବକ ସାହସର ସହିତ ଯୁବକ ରାମଙ୍କୁ କାବୁ କରିବା ସହି ତାଙ୍କ ହାତରୁ ଖଣ୍ଡା ଛଡାଇଥିଲେ । ଏହିପରି ଆକ୍ରମଣକାରୀ ଯୁବକ ରାମ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଚମକ ଦେଇଥିବା ନେଇ ଏତଲାରେ ଦର୍ଶାଯାଇଛି । ତେଣୁ ଉଭୟଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ନବରଙ୍ଗପୁର,୪ା୧(ସମିସ): ନବରଙ୍ଗପୁର ଆରସିଡି ହାଇସ୍କୁଲ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଆଜିର ଏହି ମେଳାର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ନବରଙ୍ଗପୁର ନଗରପାଳ କୁନୁ ନାୟକ ,ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଭିଓ ଡ. ରାଧେଶ୍ୟାମ ଲାଇକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିସାନ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ବୃନ୍ଦ ନିଜ



ନିଜ ର ଅଭିଭାଷଣରେ ଏ ନେଇ ସରକାରଙ୍କ ପଦକ୍ଷେପ ଉପରେ ନିଜ ନିଜର ମତ ରଖିଥିଲେ । ସଫଳ ମାଛଚାଷୀ ଓ ଗୋପାଳକ ମାନେ ସେମାନଙ୍କ ସଫଳ କାହାଣୀ ସବୁ ଏଲ୍‌ଇଡି ଟିଭି ମାଧ୍ୟମରେ ଦେଖାଯାଇଥିଲା

## ନଦୀରେ ବୁଡି ଦିବ୍ୟାଙ୍ଗ ବାଳକର ମୃତ୍ୟୁ

ଚନ୍ଦ୍ରପୁର, ୪ା୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ବିଜାପୁର ଗ୍ରାମ ପଞ୍ଚାୟତ ଗୋଡ଼ିଙ୍ଗି ଗ୍ରାମ ନିକଟ ହରଭଙ୍ଗା ନଦୀ କୂଳରେ ଆଜି ଗୁଡ଼ାରୀ ବ୍ଲକ ଶ୍ରିପଲ୍ଲି ଗ୍ରାମର କିଛି ଯୁବକ ନୂଆ ବର୍ଷ ଉପଲକ୍ଷେ ଭୋଜି କରିବା ପାଇଁ ଯାଇଥିଲେ । ଦିବ୍ୟାଙ୍ଗ ସୁରଜ ଗାଣ୍ଡା (୨୨) ନଦୀରେ ଗାଧଉଥିବା ସମୟରେ ଗଭୀର ପାଣିରେ ବୁଡି ଯିବାରୁ ସାଙ୍ଗ ସାଥୀ ମାନେ ନଦୀରେ ଖୋଜା ଖୋଜି କରି ନିରାଶ ହେଲେ । ଚନ୍ଦ୍ରପୁର ଥାନା ଅଧିକାରୀ ପ୍ରଶାନ୍ତ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଏଚ୍. କେ ମୁଣ୍ଡାରୀ, ଏଏସଆଇ ନରସିଂହ ସାହୁ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହୀନି ଘଟଣା ସ୍ଥଳକୁ ଯାଇ ନଦୀରେ ଖୋଜା ଖୋଜି କରି ଗଭୀର ପାଣି ଭିତରୁ ଶବକୁ ବାହାର କରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।।ଆଜି ପଞ୍ଚନାମା ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିବା ପୋଲିସ ଅଧିକାରୀ ଶ୍ରୀ ସାହୁ ସୂଚାଇଛନ୍ତି ।

## ସାପ୍ତାହିକ ହାଟରୁ ଗୋମାଂସ ଜବତ

ନାରାୟଣପାଟଣା, ୪ା୧(ସମିସ): ନାରାୟଣପାଟଣା ପୁଲିସକୁ ବଡ଼ ସଫଳତା ମିଳିଛି । ସାପ୍ତାହିକ ହାଟ ଥିବାରୁ ପ୍ରତି ହାଟରେ ଝଂଜାବତୀ ନଦୀ କୂଳ ନିକଟ ବୁଦାରେ ଅବାଧ ଗୋ ମାଂସ କଟାଯାଇ ବିକ୍ରି କରାଯାଉଥିବା ସୂଚନା ପାଇ ଚଢ଼ାଉ କରିଥିଲା ପୁଲିସ । ଗୋମାଂସ ବେପାରୀ ନଦୀ ପାର ହୋଇ ଦୌଡ଼ି ପଳାଇଥିଲେ । ଘଟଣା ସ୍ଥଳରେ ଗୋ ମାଂସକୁ ପୋତି ନଷ୍ଟ କରିଛି ପୁଲିସ । ହାଟରେ ବିକ୍ରିକୁ ନେଇ ପୁଲିସ ଏହି ବେପାରୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇ ଆସୁଥିଲା । ନଦୀକୂଳେ ଗୋ ମାଂସ ବିକ୍ରି ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରି ୭୦କିଲୋ ଗୋମାଂସ ଜବତ କରି ନଷ୍ଟ କରି ଦେଇଛି । ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ଖବର ମିଳିଛି । ବିଶ୍ୱ ହିନ୍ଦୁ ପରିଷଦ ତରଫରୁ କଡା ନିନ୍ଦା କରାଯାଇଛି । ଏହି ର୍‌ୟାକେଟ୍‌ରେ ଥିବା ସମସ୍ତଙ୍କୁ ଧରିବାକୁ ବିଶ୍ୱହିନ୍ଦୁ ପରିଷଦ ଦାବି କରିଛି । ଏନେଇ ନାରାୟଣ ପାଟଣା ଥାନା ଅଧିକାରୀ ପ୍ରମୋଦ ନାୟକଙ୍କୁ ପଚାରିବାରୁ ଏଭଳି କୁକର୍ମରେ ନିୟୋଜିତ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି କହିଛନ୍ତି । ଏଥିସହ ଅବାଧ ଗୋରୁ ବିକ୍ରି ,ଗୋଚାଲଣ ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି ।

## ଏସ୍‌ଏସ୍‌ପିଏଲ୍‌ର ଅଫିସ ଉଦ୍‌ଘାଟିତ



ସେମିଳିଗୁଡ଼ା,୪ା୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ସତ୍ୟ ନଗର ଲେନ୍ ୭ରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମାଗଣା ବିଜୁଳି ଯୋଜନା ଆନୁକୂଲ୍ୟରେ ଏସଏସପିଏଲ କମ୍ପାନୀ ଏକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟକୁ ସମାଜସେବୀ ତଥା ଲିଭ ଫର୍ ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ,ସୁନାବେଡା ଇଲେକଟ୍ରିକ ଡିଭିଜନ ଏସ୍‌ଡିଓ ଗୋପାଳକୃଷ୍ଣ ପ୍ରଧାନ, ଓ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ପାଣିଗ୍ରାହୀଙ୍କ ପତ୍ନୀ ବିଶ୍ୱ ବନ୍ଦିତା ପାଣିଗ୍ରାହୀ ମିଳିତ ଭାବରେ ଫିତାକାଟି ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । କମ୍ପାନୀର ମନୋଜ ପାଣିଗ୍ରାହୀ ଯୋଜନା ବିଷୟରେ ସମସ୍ତଙ୍କୁ ବୁଝାଇବା ସହ ସରକାରଙ୍କ ରିହାତି ବିଷୟରେ କହିଥିଲେ । ମନୋଜ ସାହୁ, ପବିତ୍ର, ଅଭୟ, କାହ୍ନା , ନୀଲୁ ପ୍ରମୂଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଭ ଫର ଅଦର୍ସର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ବେହେରା, ଜେଇ ଗଣେଷ ସାମନ୍ତ, ଜେଇ ପ୍ରଭାତ କୁମାର ପଣ୍ଡା ଓ ବହୁ ଲୋକ ଯୋଗ ଦେଇଥିଲେ । ଏହି ଯୋଜନାର ସୁବିଧା ନେବାପାଇଁ ବହୁଜଣ ଆବେଦନ କରିଥିଲେ ।

## ଜିଲ୍ଲା ବିଜେପି କମିଟିରେ କୋଟପାଡ଼ର ୪ ଜଣଙ୍କୁ ଦାୟିତ୍ୱ







କୁନ୍ଦୁରା, ୪ା୧(ସମିସ): କୋରାପୁଟ ଜିଲ୍ଲା ବିଜେପି କମିଟିରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ୪ ଜଣ ବରିଷ୍ଠ ପୁରୁଖା କର୍ମୀଙ୍କୁ ସ୍ଥାନିତ କରିଛି ରାଜ୍ୟ ବିଜେପି । ସେମାନେ ହେଲେ କୋଟପାଡ଼ ବ୍ଲକର ରାମେଶ୍ୱର ଜେନା, ବିଶ୍ୱ ରଞ୍ଜନ ତ୍ରିପାଠୀ, ସୁର୍ମା ନାୟକ ଏବଂ ବୈପାରୀଗୁଡା ବ୍ଲକର ଚନ୍ଦ୍ରଶେଖର ରଥ । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଭାରୀ ଭାବେନ୍ଦ୍ର ପଣ୍ଡା ଏବଂ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ନିଷ୍ପତ୍ତି କ୍ରମେ କମିଟିରେ ସ୍ଥାନିତ ହୋଇଥିବା ସୂଚନା ମିଳିଛି ।

### ନନ୍ଦଗୁଡା ଗ୍ରାମରେ ଜଳସଙ୍କଟ

# ପ୍ରତ୍ୟେକ ଘରକୁ ମାତ୍ର ୨ ହାଣ୍ଡି ପାଣି

କୋରାପୁଟ, ୪ା୧ (ସମିସ):



ଜୟପୁର ସହର ଅନତିଦୂରରେ ଏକମ୍ବା ଗ୍ରାମପଞ୍ଚାୟତର ନନ୍ଦଗୁଡା ଗ୍ରାମର ଇନ୍ଦିରା କୋଲନୀରେ ଜଳସଙ୍କଟ ଲାଗି ରହିଛି । କିନ୍ତୁ ଏଥିପ୍ରତି ବ୍ଲକ କିମ୍ବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହିପରି ଜଳ ସଙ୍କଟ ଯୋଗୁଁ ଇନ୍ଦିରା କୋଲନୀରେ ପ୍ରାୟ ୮୦ଟି ଗୃହ ପ୍ରତ୍ୟେକ ଘର ପିଛା ମାତ୍ରି ୨ ହାଣ୍ଡି ପାଣି ଭାଗବଣ୍ଟା କରୁଛନ୍ତି । ଉକ୍ତ ଗ୍ରାମର ମାତ୍ର ଦୁଇଟି ପାଇପ ଜଳ ଯୋଗାଣ ପଏଣ୍ଟ ରହିଛି ଏବଂ ସେଥିରୁ ଗୋଟିଏ ଅଚଳ ହୋଇଥିବା ବେଳେ ଗ୍ରାମବାସୀ ମାନେ କେବଳ ଗୋଟିଏ ପଏଣ୍ଟ ଉପରେ ନିର୍ଭର କରୁଛନ୍ତି । ଏହିପରି ନଳକୂପ ରହିଥିଲେ ସୁଦ୍ଧା ସେଥିରୁ ପାଣି ବାହାରୁ ନାହିଁ । ଗ୍ରାମ ଜଳଯୋଗାଣ ବିଭାଗ ପକ୍ଷରୁ ପାଇପ ଜଳକୁ ଗ୍ରାମବାସୀ ମାନେ ରନ୍ଧନ ଓ ପିଇବା ପାଇଁ ବ୍ୟବହାର କରୁଥିବା ବେଳେ ଗାଧୋଇବା ପାଇଁ ଅନ୍ୟ ଏକ ଗ୍ରାମ ଏବଂ ଗ୍ରାମର ତଳି ଅଞ୍ଚଳରେ ଏକ ଚୂଆ ଖୋଳିବା ସହ ଉକ୍ତ ଜଳକୁ ଗାଧୋଇବା ଏବଂ ଶୌଚ ଭାବେ ବ୍ୟବହାର କରୁଥିବା ନେଇ ପ୍ରକାଶ କରିଛନ୍ତି । ଏହିପରି ନିଜର ପିନ୍ଧିବା ବସ୍ତ୍ର ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଧୋଇବା ପାଇଁ କେନାଲ କିମ୍ବା ଜୟପୁର ନିକଟସ୍ଥ କୌଣସି ନଳକୂପ ଉପରେ ନିର୍ଭର କରୁଛନ୍ତି । ଏହିପରି ସହରର ନିକଟରେ ଏହି ଗ୍ରାମରେ ସମସ୍ୟା ରହିଥିଲେ ସୁଦ୍ଧା ବଡବଡିଆ ସରକାରୀ ଅଧିକାରୀ ଓ କର୍ମଚାରୀ ଦୃଷ୍ଟି ନ ଦେବାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକୋଟ କରାଯାଇଛି । ଏହିପରି କୌଣସି କାରଣରୁ ପାନୀୟ ଜଳ ଯୋଗାଣ ବନ୍ଦ ହେଲେ ଗ୍ରାମବାସୀ ମାନେ ପ୍ରାୟ ୧ରୁ ୨ କିଲୋମିଟର ଚାଲି ଚାଲି ପଡୋଶୀ ଗ୍ରାମର ନଳକୂପ କିମ୍ବା ପାଇପ ଜଳ ଉପରେ ନିର୍ଭର କରୁଛନ୍ତି । ଏଥିନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ର କହିଛନ୍ତି ଯେ, ଉକ୍ତ ଗ୍ରାମରେ ଦୁଇଟି ନଳକୂପ ଖନନ କରାଯାଇଥିଲା, କିନ୍ତୁ ଭୂତଳ ଜଳ ସମସ୍ୟା ରହିଥିବା ଯୋଗୁଁଏହା ବିଫଳ ହୋଇଥିଲା । ତେଣୁ ମେଗ ଜଳ ଯୋଗାଣ ପ୍ରକଳ୍ପ ଯୋଜନାରେ ଏହି ଗ୍ରାମକୁ ସାମିଲ କରାଯାଇଛି ଏବଂ ଅତିଶିଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

## ‘ଆଶା କିରଣ’ର ସବୁ ସମସ୍ୟା ସମାଧାନ ହେବ: ନିତ୍ୟାନନ୍ଦ

### ଦିବ୍ୟାଙ୍ଗଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି : ଗୌରୀ ଶଙ୍କର ମାଝୀ

ନବରଙ୍ଗପୁର, ୪ା୧(ସମିସ): ନବରଙ୍ଗପୁର ସହର ମଧ୍ୟଭାଗରେ ଥିବା ସ୍ୱତନ୍ତ୍ର ଶିକ୍ଷା ଓ ଧନ୍ଦାମୂଳକ ତାଲିମ କେନ୍ଦ୍ର ଆଶା କିରଣ ପରିଦର୍ଶନରେ ଆସିଥିଲେ ଶିକ୍ଷା ତଥା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ଓ ସଶକ୍ତିକରଣ ଏବଂ ସଂଖ୍ୟା ଲଘୁ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି , ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ମ୍ୟୁନିସିପାଲଟି ଅଧ୍ୟକ୍ଷ କୁନୁ ନାୟକ ଯୋଗ ଦେଇଥିଲେ । ଏହି ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନରେ ଚାଲୁଥିବା ଧନ୍ଦା ମୂଳକ ଶିକ୍ଷାର ସମସ୍ତ ଦିଗ ଉପରେ ପଚାରି ବୁଝିଥିଲେ । ଆଗକୁ ପିଲାଙ୍କୁ ନିଜ ଗୋଡ ନିଜେ ଠିଆ ହେବା ପାଇଁ ସୁଯୋଗ ଦିଆଯିବ ବୋଲି କହିଥିଲେ । ବର୍ତ୍ତମାନ



ଓଡ଼ିଶା ସରକାର ଦିବ୍ୟାଙ୍ଗମାନଙ୍କ ମୌଳିକ ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ । ଯେ କୌଣସି ଅନୁଷ୍ଠାନ ହେଲେ ହେଁ ସମସ୍ୟା ନିଶ୍ଚୟ ଥିବ । କିନ୍ତୁ ସମସ୍ୟାର ସମାଧାନ ତୁରନ୍ତ ଏବଂ ସୁନିଶ୍ଚିତ ହେବ ବୋଲି କହିଥିବା ବେଳେ ବିଧାୟକ ଗୌରୀ ଶଙ୍କର ମାଝି ଏବଂ ବିଧାୟକ ମନୋହର ରନ୍ଧାରୀ ପ୍ରାୟ ସମୟରେ ଆମେ ଏହି ଅନୁଷ୍ଠାନ କୁ ଆସି ପିଲାଙ୍କ ସହିତ ସମୟ ବିତାଉ ଥିବା କଥା କହିଥିଲେ । ଅନୁଷ୍ଠାନ କର୍ମଚାରୀ ମାନଙ୍କ ଛୋଟ ବଡ ଯାହା ସମସ୍ୟା ରହିଛି ଓଡ଼ିଶା ସରକାରଙ୍କ ଦ୍ୱାରା ତୁରନ୍ତ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଆଶା କିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା, କର୍ମଚାରୀ ଇନ୍ଦ୍ରମଣି ମଙ୍ଗରାଜ, ସନ୍ଧ୍ୟାରାଣି ବେହେରା ,ଶାନ୍ତି ପଣ୍ଡା, ରିଙ୍କୁରାଜ ବେହେରା, ରଶ୍ମିତା ପ୍ରଧାନ, ଈଶ୍ୱର ବଞ୍ଜରା, ପାର୍ବତୀ ଜାନି ଏବଂ ରଶ୍ମିତ ଧନଫୁଲ ପ୍ରମୁଖଙ୍କ ସମେତ ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।

# କଟକ ସିଟି



## କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା

# ବଦଳିଲେ ଅଧିକାରୀ; ମନ୍ଥର ଗତିରେ ତଦନ୍ତ



**କଟକ,୪।୧(ସମିସ):** କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅସ୍ୱାଭାବିକ ମୃତ୍ୟୁ ବିବାଦକୁ ନେଇ ମର୍କତନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏବେ ଏହା ଧିମେଇଯାଇଛି। ଏହା ଭିତରେ ତଦନ୍ତକାରୀ ଅଫିସର ତଥା ଆଇଆଇସି ସତ୍ୟବ୍ରତ ଭୂତିଆଙ୍କ ଲାଲବାଗ ଥାନାକୁ ବଦଳି ହୋଇଯାଇଛି। ଯାହାଫଳରେ ତଦନ୍ତର ଗତି ଆହୁରି ମନ୍ଥର ହେବାର ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଏମ୍ସ ପକ୍ଷରୁ ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ମେଡିକାଲ ରିପୋର୍ଟ ଏଯାବତ୍ ପୁଲିସର ହସ୍ତଗତ ହୋଇନାହିଁ। କେବେ ଏମ୍ସ କର୍ତ୍ତୃପକ୍ଷ ମର୍କତନଗର ଥାନାକୁ ରିପୋର୍ଟ ପ୍ରଦାନ କରିବେ, ତାହା ସ୍ପଷ୍ଟ ହୋଇନାହିଁ।

ଗତ ଡିସେମ୍ବର ୨୧ ତାରିଖରେ ତାଙ୍କ ମା' ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ପୁଲିସ ୯ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ୨ଦିନ ମଧ୍ୟରେ ସମସ୍ତଙ୍କୁ ନୋଟିସ୍ ଦିଆଯାଇ ଜେରା କରାଯିବ ବୋଲି କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ପୁଲିସ ନୋଟିସ୍ ଦେଇନାହିଁ। ଏତଲାର ୧୫ଦିନ ବିତିଯାଇଥିଲେ ମଧ୍ୟ କାହାରିକୁ ଜେରା କରାଯାଇ ପାରିନାହିଁ। ତଦନ୍ତରେ ବିଳମ୍ବ ହେବାରୁ ଏହା ବାଟବଣା ହେବା ସହ ଅଭିଯୁକ୍ତମାନେ ଖସିଯିବାର ସମ୍ଭାବନା ରହିଛି। ଏହି ମାମଲାର ତଦନ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କେନ୍ଦ୍ରିତ ହୋଇଥିଲା। ପ୍ରଥମ ଦିଗଟି ଥିଲା ମାନସିକ ନିର୍ଯାତନା। ଏଥିପାଇଁ ପୁଲିସ ମୁଖ୍ୟତଃ ହ୍ୟୁମାନଙ୍କ ମୋବାଇଲ୍ ସିଡିଆର୍ ଏବଂ ହ୍ୱାର୍ଟସ୍ଆପ୍ ଚାଟ୍ ଯାଞ୍ଚ କରିବା ସହ ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସବୁ ଅଭିଯୋଗ ହୋଇଥିଲା ସେମାନଙ୍କ ବୟାନ ରେକର୍ଡ କରିବାର ଥିଲା। ଦ୍ୱିତୀୟ ଦିଗଟି ଟଙ୍କା ପଇସା ହଡ଼ପ ବା ଆର୍ଥିକ ହେରଫେର। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ପୁଲିସ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବା ସହିତ ସନ୍ଦେହଜନକ ବ୍ୟକ୍ତିଙ୍କ ନାମରେ ହୋଇଥିବା ନୂଆ ଦିଗ ଖୋଜିବାର ଯୋଜନା ରହିଥିଲା। ତୃତୀୟ ଦିଗଟି ଥିଲା, ବିଷକ୍ରିୟା ସନ୍ଦେହ, ଯାହାର ତଦନ୍ତ କରିବା ପୁଲିସ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଏମ୍ସରେ ହ୍ୟୁମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇନଥିଲା ଏବଂ ମରଶରୀରକୁ କବର

### ଏପର୍ଯ୍ୟନ୍ତ ଏମ୍ସରୁ ହସ୍ତଗତ ହେଲାନି ମେଡିକାଲ ରିପୋର୍ଟ

ଦିଆସରିଛି। ଏହା ତଦନ୍ତରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷରେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତାଙ୍କ ସମେତ ଡାକ୍ତର ସୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଆବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା' ଶେଫାଳୀ ନିବେଦନ କରିଥିଲେ। ଏଭଳି ସଂଗୀନ ଅଭିଯୋଗ ହ୍ୟୁମାନଙ୍କ ମା'ଆଣିଥିଲେ ମଧ୍ୟ ପୁଲିସ ଏହାକୁ ହାଲୁକା ଭାବେ ଗ୍ରହଣ କରି ତଦନ୍ତ ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରୁନଥିବା ଅଭିଯୋଗ ଉଠିଛି। ତେବେ ଏଭଳି ଅଭିଯୋଗକୁ ପୁଲିସ ଅଧିକାରୀ ଖଣ୍ଡନ କରିଛନ୍ତି।

# ଜଗତ କଲ୍ୟାଣ ଭାଗବତ ସତ୍ ସଂଘର ବାର୍ଷିକ ଉତ୍ସବ




**କଟକ,୪।୧(ସମିସ):** କଟକ ସହରର ମହିଦାସ ବଜାର ଅଞ୍ଚଳରେ ଜଗତ କଲ୍ୟାଣ ଭାଗବତ ସତ୍ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଅତି ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଶ୍ରୀମଦ୍ ଭାଗବତ ପାରାୟଣ ଏବଂ ପବିତ୍ର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୂତି ପରେ ଅଞ୍ଚଳରେ ଏକ ଶାନ୍ତିପୂର୍ଣ୍ଣ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଶ୍ରୀ ଶ୍ରୀ ବାଳକେଶ୍ୱର ରାଧା ଗୋବିନ୍ଦ ମନ୍ଦିର ପରିସରରେ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ସଂଘର ସଦସ୍ୟ ଓ ଶ୍ରଦ୍ଧାଳୁମାନେ ସମବେତ ହୋଇ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହିଦାସ ବଜାରର ସମସ୍ତ ମୁରବୀ, ଯୁବକ, ସ୍ଥାନୀୟ କ୍ଲବଗୁଡ଼ିକର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମହିଦାସ ବଜାର ପୂଜା କମିଟିର ସଭାପତି ଓ ସମ୍ପାଦକ ମଧ୍ୟ ଉପସ୍ଥିତ ରହି ଭକ୍ତଙ୍କୁ ଉତ୍ସାହିତ କରିଥିଲେ। ସତ୍ ସଂଘର ଏହି ପ୍ରୟାସ ଅଞ୍ଚଳରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାରେ ସହାୟକ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଏସ୍‌ସିବିରେ ଖାଦ୍ୟ ବଣ୍ଟନ




**କଟକ,୪।୧(ସମିସ):** ସମାଜ ସେବା ସଂଗଠନ "ୟୁଥ୍ ୱିଙ୍ଗ ଆସୋସିଏସନ ତରଫରୁ ଏ.ସି.ବି ମେଡିକାଲ କ୍ୟାମ୍ପସରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ପାଇଁ ନିଶୁଳ୍କ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପ୍ରାୟ ୫୦୦ ଲୋକଙ୍କ ପାଇଁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ସଂଗଠନର ସଭାପତି ଆଶିଷ ଦେ, ଉପସଭାପତି ରୋଶନ କୁମାର ସାହୁ, ସମ୍ପାଦକ ବିବେକ ପଟ୍ଟନାୟକ, କୋଷାଧ୍ୟକ୍ଷ ଡଃ ଦିଗବିଜୟ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସହରରେ ଏଭଳି ସାମାଜିକ କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦକ ବିବେକ କହିଛନ୍ତି।

# ଅଷ୍ଟମ ବେତନ କମିସନ୍‌ରେ ଡାକ ପେନ୍‌ସନ୍‌ଭୋଗୀଙ୍କୁ ସାମିଲ ଦାବି

**କଟକ,୪।୧(ସମିସ):** ଡାକ ବିଭାଗର ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ କିପରି ଅଷ୍ଟମ ବେତନ କମିସନରେ ଅନ୍ତର୍ଭୁକ୍ତ ହୋଇ ସେମାନଙ୍କ ସଂଶୋଧିତ ଓ ବର୍ଦ୍ଧିତ ପେନସନର ସୁବିଧା ପାଇପାରିବେ ସେଥିପାଇଁ କେନ୍ଦ୍ର ସରକାରଙ୍କ ଠାରେ ଡାକ ପେନସନ ଭୋଗୀମାନେ ଦାବି କରିଛନ୍ତି। ନବବର୍ଷ ୨୦୨୬ ପରିପ୍ରେକ୍ଷୀରେ କଟକ ନଗର ମଣ୍ଡଳ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକ ଜିପିଓ ରିକ୍ରେସନ୍ କ୍ଲବରେ ଅନୁଷ୍ଠିତ ହୋଇଥିଲା। ବିଷ୍ଣୁପ୍ରସାଦ ଦାସଙ୍କ ଆବାହକତ୍ୱରେ ଏବଂ କୁଞ୍ଜବିହାରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନବବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଭିଜନର ପୂର୍ବତନ ପିଏମ୍‌ଜି ଲଳିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ କୁଞ୍ଜବିହାରୀ ରଥ, ଏ.କେ.ଗାଙ୍ଗୁଲି, ଗୋପୀନାଥ ମହାନ୍ତି, ପଦ୍ମନାଭ ରଣସିଂ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପ୍ରସାଦ ପଣ୍ଡା, ଗୋପବନ୍ଧୁ ନାୟକ, ଗନ୍ଧର୍ବ ଜେନା, ଅଭିନ୍ନ ଚନ୍ଦ୍ର ସିଂହ, ଅଜୟ ନାୟକ, ଧନେଶ୍ୱର ଜେନା ପରିଚାଳନା କରିଥିଲେ। ବିମଳ ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ।



# ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ମେଗା ସ୍ପୋର୍ଟସ୍ କାର୍ନିଭାଲ୍




**କଟକ,୪।୧(ସମିସ):** କଟକ ସହରର କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରସ୍ତୁତ କରିବା ଲକ୍ଷ୍ୟରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ "ମେଗା ସ୍ପୋର୍ଟସ କାର୍ନିଭାଲ' ଆଜି ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେଉଥିବା "ମୋକିମ ଫାଉଣ୍ଡେସନ ପ୍ରିମିୟର ଲିଗ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମଧ୍ୟ ସେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ଯେ କଟକ ସହରର ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳର କ୍ଲବ ମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଥିରେ ସହରର ପ୍ରାୟ ୬୪ଟି ଦଳ ଭାଗ ନେଉଥିବା ବେଳେ ଏହା ସ୍ଥାନୀୟ ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ ଉତ୍ସାହ ସୃଷ୍ଟି କରିଛି। କେବଳ କ୍ରିକେଟ ନୁହେଁ, ବରଂ ଏହି କାର୍ନିଭାଲରେ ଟାଇକୋଣ୍ଡୋ, ଯୋଗ ଏବଂ ବକ୍ସିଂ ଭଳି ବିଭିନ୍ନ ଇଣ୍ଡୋର କ୍ରୀଡ଼ାକୁ ମଧ୍ୟ ସାମିଲ କରାଯାଇଛି। ଆସନ୍ତା ଜାନୁୟାରୀ ୧୪ ତାରିଖରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଏହି ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ। ଆଜିର ଏହି ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କର୍ପୋରେଟର ଲିଜା ରାଣୀ ରାଉତ, ଶେଖବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା ଏବଂ ସୁଦିପ୍ତା ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ୧୧ରେ ଚଳଚ୍ଚିତ୍ର ଜଗତର ସୁବର୍ଣ୍ଣ ଜୟନ୍ତୀ



**କଟକ,୪।୧(ସମିସ):** ଚଳଚ୍ଚିତ୍ର ପତ୍ରିକା "ଚଳଚ୍ଚିତ୍ର ଜଗତ'ର ୫୦ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୧୧ ତାରିଖରେ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୦୨୫ରେ ପ୍ରେକ୍ଷାଳୟରେ ମୁକ୍ତି ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର ଗୁଡ଼ିକରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ୩୦ ଜଣ କଳାକାର ଓ ଅଭିଜ୍ଞ ଟେକ୍‌ନିସିଆନ୍‌ଙ୍କୁ, ଦୂରଦର୍ଶନରେ ପ୍ରସାରିତ କାର୍ଯ୍ୟକ୍ରମରୁ ୪ଟି ବିଭାଗରେ ୪ ଜଣଙ୍କୁ ଏହି ଉତ୍ସବରେ "ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ-୨୦୨୫' ପ୍ରଦାନ କରାଯିବା ସହ ଚିକିତ୍ସା, ଶିକ୍ଷା, ବିଜ୍ଞାନ, ଶିଳ୍ପ, ସାହିତ୍ୟ, କୃଷି, ନୃତ୍ୟ, ବୈଷୟିକ ଜ୍ଞାନକୌଶଳ, କଳା ସ୍ଥାପତ୍ୟ ପ୍ରଭୃତି ବିଭିନ୍ନ ବର୍ଗରୁ ସମାଜର ୩୫ ଜଣ ପ୍ରତିଷ୍ଠିତ ପ୍ରତିଭାଧରଙ୍କ ସୁବର୍ଣ୍ଣ ଜୟନ୍ତୀ ସମ୍ମାନ ମଧ୍ୟ ପ୍ରଦାନ କରାଯିବ। 'ଚଳଚ୍ଚିତ୍ର ଜଗତ' ପକ୍ଷରୁ ପଦର ନିତାଇ ପାଲିତ ସମ୍ମାନ ଏ ବର୍ଷ ବରିଷ୍ଠ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କୁ, ଭୀମ ସିଂ ସ୍ମାରକୀ ସମ୍ମାନ ପ୍ରଯୋଜକ ଓ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ, ସତ୍ୟନାରାୟଣ ଅଗ୍ରୱାଲ ସ୍ମାରକ-ସମ୍ମାନ କଣ୍ଠଶିଳ୍ପୀ ଓ ସଙ୍ଗୀତକାର ବିକାଶ ଦାଶଙ୍କୁ ଏବଂ ମିହିର ଦାସ ସ୍ମାରକୀ ସମ୍ମାନ ଅଭିନେତା ଶ୍ରୀତମ ଦାସଙ୍କ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ଉତ୍ସବରେ ବଲିଉଡ଼ର ପ୍ରଖ୍ୟାତ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ବିଶେଷ ଅତିଥିଭାବେ ଯୋଗଦେବେ ବୋଲି ପତ୍ରିକାର ସଂପାଦକ ଆଦିକନ୍ଦ ରାଉତ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ "ଚଳଚ୍ଚିତ୍ର ଜଗତ'-ଉପଦେଷ୍ଟା ପ୍ରଫେସର ଡାକ୍ତର ଶକ୍ତି ପ୍ରସାଦ ଦାସ,ଡାକ୍ତର ଅଜିତ୍ ପ୍ରସାଦ ଜେନା, ବିଜୟ ମଲ୍ଲ,ବିଜୟ ରାଉତରାୟ, ଇଂ ସ୍ଥିତପ୍ରଜ୍ଞ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀକୁ ବନସ୍ମିତା ରାଉତରାୟ, ସନ୍ଧ୍ୟା ଶତପଥୀ,ରଣଜିଂ ଚୌଧୁରୀ,ମୋହନ ସେଠୀ,ସାରଦା ସାହୁ, ସ୍ୱପ୍ନ ସୌରଭ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

## ପଜେସନ୍ ଦେଉନି ବିଲ୍‌ଡର

# ବାରଙ୍ଗ ଥାନାରେ ଅଭିଯୋଗ କଲେ ୧୫୦ରୁ ଊର୍ଦ୍ଧ୍ୱ ପରିବାର



**କଟକ,୪।୧(ସମିସ):** ଦୀର୍ଘ ୧୭ ବର୍ଷ ଧରି ପିପି କନଷ୍ଟ୍ରକସନଠାରୁ ବିଦ୍ୟାଧରପୁର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିକଟରେ ଜମି କିଣିବା ସତ୍ତ୍ୱେ ପୋଜେସନ କିମ୍ବା ସରକାରୀ ରାସ୍ତା ସହ ଉକ୍ତ ପ୍ରୋଜେକ୍ଟର ସଂଯୋଗୀକରଣ ହୋଇ ନଥିବା ଅଭିଯୋଗରେ ସୋସାଇଟି ଚେଞ୍ଜର୍ସ ରାଜ୍ୟ ସଭାପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଆଜି ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ସଂଖ୍ୟାଧିକ କ୍ରେତା। ତାରିଣୀ ଭିଲ୍ଲା ଜମିକ୍ରେତା ସଂଘର ସଂପାଦକ ଦେବଦତ୍ତ ନାୟକ, ଜୟଗୁରୁ ଦାସ, ସୁଧୀର ସ୍ୱାଇଁ, ଅଜୟ ରାଏ ଭୂୟାଁ, ନରେନ୍ଦ୍ର ସ୍ୱାଇଁ, ବିଷ୍ଣୁ ସାମଲ ଓ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଯେଉଁମାନେ ରାସ୍ତା କିମ୍ବା ପୋଜେସନ ପାଇ ନାହାନ୍ତି ରେରା କୋର୍ଟ ୨୦୨୦ ଆଦେଶ ଦେବା ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ନିଜ ଅଧିକାରରୁ ବଞ୍ଚିତ ରଖିବା ଅଭିଯୋଗରେ ବାରଙ୍ଗ ଥାନାକୁ ଯାଇଁ ଆଇଆଇସିଙ୍କୁ ପିପି କନଷ୍ଟ୍ରକସନ ବିରୁଦ୍ଧରେ ଅଭିଯୋଗ କରିଥିଲେ। ସେଠାରେ ପିପି କନଷ୍ଟ୍ରକସନର ବିଲଡର ପ୍ରକାଶ ନାୟକଙ୍କୁ ପୁଲିସ ଡାକି ଗୋଟିଏ ରାଜିନେମା ଲେଖାଇଥିଲେ। ଯେଉଁଥିରେ ୧ ସପ୍ତାହ ମଧ୍ୟରେ ରାସ୍ତା ସଂଯୋଗୀକରଣ ସବୁ ପ୍ଲଟକୁ କରିବା ସହ ଲୋକଙ୍କୁ ଏକ ମାସ ମଧ୍ୟରେ ପୋଜେସନ ଦେବ ବୋଲି ବିଲଡ଼ର ପ୍ରକାଶ ନାୟକ ରାଜିନାମା ଦେଇଥିଲେ। ଏହି ଘଟଣାରେ ତୁରନ୍ତ ସମାଧାନ ନ ହେଲେ ଲୋକମାନେ ଆଗାମୀ ଦିନରେ ଜିଲ୍ଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି।

# ପୂର୍ବତନ ପୁଲିସ ଅଧିକାରୀଙ୍କ ପରଲୋକ



**କଟକ,୪।୧(ସମିସ):** କ୍ରାଇମବ୍ରାଞ୍ଚର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ସବଇନସପେକ୍ଟର ରାଜେନ୍ଦ୍ର କୁମାର ପଣ୍ଡାଙ୍କ ହୃଦଘାତରେ ପରଲୋକ ଘଟିଛି। ଚାଉଳିଆଗଞ୍ଜ ଡିଭାଇନ ନଗରରେ ଥିବା ତାଙ୍କ ବାସଭବନରେ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ଶେଷଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୀମା, ଭାଇ ବ୍ରଜକିଶୋର, ଭଉଣୀ ସଂଯୁକ୍ତା, ଭାଇବୋହୂ ନିବେଦିତା, ଝିଅ ଚିନ୍ମୟୀ, ଶୁଭସ୍ମିତା, ସାନପୁଅ ଅମ୍ରିତ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଦେବୀଦତ୍ତ ମୁଖାଗ୍ନି ଦେଇଥିଲେ।

# ଏସ୍‌ୟୁସିଆଇ ପକ୍ଷରୁ ବୀଣାପାଣି ଦାସଙ୍କ ସ୍ମୃତିସଭା



**କଟକ,୪।୧(ସମିସ):** ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟିର ବରିଷ୍ଠ ସଭ୍ୟ ବୀଣାପାଣି ଦାସଙ୍କ ବିୟୋଗରେ ପାର୍ଟି ପକ୍ଷରୁ କଟକ ଶହୀଦ ଭବନଠାରେ ରାଜ୍ୟସ୍ତରୀୟ ସ୍ମରଣସଭା ଅନୁଷ୍ଠିତ ହୋଇଯାଇଛି। ଦଳ ରାଜ୍ୟ ସମ୍ପାଦକମଣ୍ଡଳୀର ବରିଷ୍ଠ ସଦସ୍ୟ ବିଷ୍ଣୁ ଦାସ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ କମିଟି ସଭ୍ୟ ଦ୍ୱାରିକା ନାଥ ରଥ, ପାର୍ଟି ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତା, ବରିଷ୍ଠ ନେତ୍ରୀ ଛବି ମହାନ୍ତି, ସିପିଆଇ ପକ୍ଷରୁ ଅମରେନ୍ଦ୍ର ମହାନ୍ତି, ସିପିଆଇ (ଏମ) ପକ୍ଷରୁ ଦୁଷ୍ମନ୍ତ ଦାସ, ସିପିଆଇ (ଏମଏଲ-ଲିବରେସନ) ପକ୍ଷରୁ ମହେନ୍ଦ୍ର ପରିଡ଼ା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପରେ ଦଳର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟା ସ୍ୱୟଂପ୍ରଭା ନାୟକ ରାଜ୍ୟ କମିଟିର ଶ୍ରଦ୍ଧାଞ୍ଜଳି ପାଠ କରିଥିଲେ।

# କ୍ରିକେଟ ନିଶାରେ ୯୪ ବର୍ଷୀୟ କେଶବ

## ଡାଏରୀରେ ସାଇତିଛନ୍ତି ୫୪ ବର୍ଷର କ୍ରିକେଟ ଇତିହାସ

**କଟକ,୪।୧(ସମିସ):**



କୁହାଯାଏ ସଉକର କୌଣସି ବୟସ ନଥାଏ। ଯଦି ମନରେ ଆଗ୍ରହ ଏବଂ କିଛି ହାସଲ କରିବାର ଜିଦ୍ ଥାଏ, ତେବେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି କଟକର ୯୪ ବର୍ଷୀୟ ବୃଦ୍ଧ କେଶବଚନ୍ଦ୍ର ଦାଶ। ଯେଉଁ ବୟସରେ ମଣିଷ ସ୍ମୃତିଶକ୍ତି ହରାଇ ବସେ, ସେହି ବୟସରେ କେଶବ ବାବୁଙ୍କ ମସ୍ତିଷ୍କ କ୍ରିକେଟ୍ ସ୍କୋରବୋର୍ଡ ଭଳି ଦ୍ରୁତ ଗତିରେ ଚାଲିଛି। ୧୯୭୦ ମସିହାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ, ଭାରତ ଖେଳିଥିବା ପ୍ରତିଟି ମ୍ୟାଚର ଟିକିନିଖି ତଥ୍ୟ ତାଙ୍କ ଡାଏରୀର ପୃଷ୍ଠାରେ ଜୀବନ୍ତ ହୋଇ ରହିଛି।

କେଶବଙ୍କ ଏହି ଅଭ୍ୟାସ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଟିଭି କିମ୍ବା ସ୍ମାର୍ଟଫୋନ୍ ନଥିଲା। ସେ ସମୟରେ ୫-୬ଟି ଦେଶ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ସୀମିତ ଥିଲା। ସେତେବେଳେ ସେ ଜଣେ ଡେଭଲପମେଣ୍ଟ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଅଫିସ୍ ଗଲା ବେଳେ ସାଥୀରେ ରେଡିଓ ନେଇ ଯାଉଥିଲେ। ରେଡିଓରୁ ଧାରାବିବରଣୀ ଶୁଣି ସେ ମ୍ୟାଚର ସ୍କୋର, ଖେଳାଳିଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଟିପି ରଖୁଥିଲେ। ୧୯୮୩ ମସିହାରେ ଭାରତ ବିଶ୍ୱକପ୍ ଜିତିବା ପରେ ତାଙ୍କର ଏହି ନିଶା ଦ୍ୱିଗୁଣିତ ହୋଇଯାଇଥିଲା। ତାଙ୍କ ଡାଏରୀ କୌଣସି ଇତିହାସ ବହିଠାରୁ କମ୍ ନୁହେଁ। ସେଥିରେ ଉଲ୍ଲେଖ ରହିଛି, ମ୍ୟାଚ୍ କେଉଁ ଷ୍ଟାଡିୟମରେ ଏବଂ କେଉଁ ଦେଶ ବିପକ୍ଷରେ ହେଉଛି? ଖେଳାଳିଙ୍କ ନାମ ଏବଂ ସେମାନଙ୍କ ଜର୍ସି ନମ୍ବର। କିଏ କେତେ ରନ୍ କଲା, କିଏ ଶତକ ହାସଲ କଲା। ବୋଲରଙ୍କ ପ୍ରଦର୍ଶନ ଏବଂ କିଏ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେଲା। ଆଜିର ସମୟରେ ସବୁ ସୂଚନା ଗୁଗଲରେ ଉପଲବ୍ଧ, କିନ୍ତୁ କେଶବଙ୍କ ପାଇଁ ନିଜ ହାତରେ ଲେଖିବାର ଆନନ୍ଦ କିଛି ଅଲଗା। ଖେଳ ପ୍ରତି ତାଙ୍କର ଭଲପାଇବା ଏତେ ଯେ ଭାରତର ମ୍ୟାଚ୍ ଥିଲେ ସେ ଖାଇବା ପିଇବା ବି ଭୁଲିଯାଆନ୍ତି। ତାଙ୍କ ବୋହୂ ଅନୀତା ପାଢ଼ୀଙ୍କ କହିବା ଅନୁସାରେ, ଯଦି ଦିବାରାତ୍ର ମ୍ୟାଚ୍ ଥାଏ, ତେବେ ତାଙ୍କୁ ଖାଇବାକୁ ଦେବା କଷ୍ଟକର ହୋଇପଡ଼େ। ଯଦି କୌଣସି କାମରେ ବାହାରକୁ ଯାଆନ୍ତି, ରାତି ଯେତେ ହେଲେ ବି ମ୍ୟାଚ୍ ହାଇଲାଇଟ୍ସ ଦେଖି ତଥ୍ୟ ଲିପିବଦ୍ଧ କରିବା ପରେ ହିଁ ସେ ଶୁଅନ୍ତି। ତାଙ୍କର ଏହି ଗଭୀର ଜ୍ଞାନ ପାଇଁ ସେ ଅନେକ କ୍ରିକେଟ୍ କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଅନେକ ଲୋକ 'ଡାଇମେନସିଆ' ବା ସ୍ମୃତିଭ୍ରଂଶ ରୋଗର ଶିକାର ହୁଅନ୍ତି। ମାତ୍ର କେଶବ ବାବୁଙ୍କ ନାତି ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଲଗ୍ନଜିତ ଦାଶଙ୍କ ମତରେ, ଏହି ଲେଖା ଅଭ୍ୟାସ ହିଁ ତାଙ୍କୁ ବୌଦ୍ଧିକ ସ୍ତରରେ ସକ୍ରିୟ କରି ରଖିଛି। ଏହି କାରଣରୁ ୯୪ ବର୍ଷ ବୟସରେ ବି ସେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସଚେତନ ଅଛନ୍ତି। କେଶବଙ୍କ ଜୀବନ ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ଶିକ୍ଷା। କୌଣସି କାମ ପ୍ରତି ଯଦି ସଚ୍ଚୋଟ ନିଶା ଥାଏ, ତେବେ ତାହା କେବଳ ଆନନ୍ଦ ଦିଏ ନାହିଁ ବରଂ ଶରୀର ଓ ମନକୁ ମଧ୍ୟ ନିରୋଗ ରଖେ। କଟକର ଏହି କ୍ରିକେଟ୍ ପ୍ରେମୀ ବୃଦ୍ଧ ଜଣକ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ।

● କାର୍ ରଖି ରାସ୍ତା ଅବରୋଧ

# ଆମ ବସ୍ ଚଳାଚଳ ବାଧାପ୍ରାପ୍ତ

ଉମରକୋଟ ୪।୧ (ସମିସ): ଜଣେ କନିଷ୍ଠ ଯନ୍ତ୍ରୀ ନିଜ କାରକୁ ମାଝିରାସ୍ତାରେ ରଖିବାରୁ ଲକ୍ଷ୍ମୀ ବସ ଚଳଚଳ ଠପ୍ ହୋଇଯାଇଛି। ସୂଚନା ପ୍ରକାରେ ଉମରକୋଟ ବ୍ଲକର ୨୬ ପଞ୍ଚାୟତକୁ ଯାତାୟାତ କରୁଥିବା ଲକ୍ଷ୍ମୀ ବସ୍ ସନ୍ଧ୍ୟା ହେଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ରହିଥାଏ ଏବଂ ସକାଳ ହେଲେ ଚାଳକ ବସ ଗୁଡିକକୁ ନେଇ ନିଜ ନିଜ ଅଞ୍ଚଳକୁ ଯାଇଥାନ୍ତି। କିନ୍ତୁ ଆଜି ସକାଳେ ଗପ ସିଂ ନାମକ ବ୍ଲକର କନିଷ୍ଠ ଯନ୍ତ୍ରୀ ନିଜ କାର ଟିକୁ ରାସ୍ତା ମଝିରେ ରଖି ସକାଳ ଭ୍ରମଣରେ ଚାଲିଯାଇଥିଲେ। ଫଳରେ ବସ ଗୁଡିକ ବାହାରି ପାରି ନ ଥିଲା। ଚାଳକ ଏବଂ ବସ୍ ସୁପରଭାଇଜର ଯନ୍ତ୍ରୀଙ୍କୁ କାର କାଢ଼ିବାକୁ କହିବାରୁ ଯନ୍ତ୍ରୀ ଚାଳକ ମାନଙ୍କୁ ନାଲି ଆଖି ଦେଖାଇବା ସହ ଗାଳି ଗୁଲଜ କରିଥିବା କହିଛନ୍ତି ଚାଳକ। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସୁପରଭାଇଜର ଫୋନ ଯୋଗେ ଯୋଗାଯୋଗ କରିବାରୁ ଥାନାରେ ଲିଖିତ ଅଭିଯୋଗ କରନ୍ତୁ ବୋଲି କହିଥିଲେ। ବସ ଚଳା ଚଳ ବନ୍ଦ ରହିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଏତଲା ଦିଆଯାଇନାହିଁ।

# ମାଘ ମଣ୍ଡେଇ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



କୋଷାଗୁମୁଡ଼ା,୪।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଞ୍ଚଳରେ ଅଗ୍ର ପୂଜ୍ୟ ଆରାଧ୍ୟ ରାଜା ଚାଉଁରୀଆ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମାଘ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀ, ବିଭାଗୀୟ ଅଧିକାରୀ, ଗ୍ରାମର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗ୍ରାମର ସମସ୍ତ ମନ୍ଦିର, ଗୁଡ଼ି ମାନଙ୍କର ପୂଜାରୀ, ଶିରା, ଗଣ୍ଡା, ଗ୍ରାମ୍ୟ କମିଟି ଉପସ୍ଥିତ ରହିଥିଲେ। ବୈଠକରେ ସରପଞ୍ଚ ଡାଲିମ୍ବ ମାଝୀଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଉପ ସଭାପତି ମଧୁସୂଦନ ଭତ୍ରା, ସମ୍ପାଦକ ଭୁବନେଶ୍ୱର ନାୟକ, କୋଷାଧ୍ୟକ୍ଷ ଭାବେ ମୋହିତ କୁମାର ଜୈନଙ୍କୁ ସର୍ବ ସହମତିରେ ଚୟନ ପ୍ରକ୍ରିୟା ସମ୍ପାଦନ ହୋଇଥିଲା। ମାଁ ଭଣ୍ଡାରଘରଣୀ, ବାବା ଭୈରବ, ବୀର୍ ଚାଉଁରିଆଙ୍କ ପୂଜା, ଲାଠି ପୂଜା ଯେପରି ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ ହେଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଯାତ୍ରା ନିମନ୍ତେ ମୀନା ବଜାର, ନଗର ସାଜସଜ୍ଜା, ପାରମ୍ପରିକ ନାଟକ ଏବଂ ଯାତ୍ରାର ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପ୍ରଥମ ଥର ଲାଗି କରିବା ଲାଗି ନିଷ୍ପତ୍ତି ନିଆଯାଇଛି ।ଆସନ୍ତା ମଙ୍ଗଳବାର ଦିନ କମିଟିର ଉପସ୍ଥିତିରେ ବଜାରରେ ଦୋକାନ ଓ ରାସ୍ତା ଚିହ୍ନ ଦିଆଯିବା ନିର୍ଦ୍ଧାରିତ କରାଯାଇଥିଲା

# କ୍ଷତ୍ରୀୟ ଧାକଡ଼ ସମାଜର ବୈଠକ



କୋଷାଗୁମୁଡା,୪।୧(ସମିସ): କୋଷାଗୁମଡ଼ା ବ୍ଲକ ଅନ୍ତର୍ଗତ ଆଉଁଳୀରେ କ୍ଷତ୍ରୀୟ ଧାକଡ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ସୁରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଚକ୍ରଧର ସିଂହ, ମୁଖ୍ୟ ବକ୍ତା ଭାବେ ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, ବିଶିଷ୍ଟ ଅତିଥି ଭାବେ କାର୍ଯକାରୀ ସଭାପତି ଧନେଶ୍ୱର ସିଂ, ଉପସଭାପତି ପଦ୍ମନ ନାୟକ, ଲକ୍ଷ୍ମୀ ନାରାୟଣ ପାଣ୍ଡେ, ମନମୋହନ ସିଂ ଓ ମାର୍ଗଦର୍ଶକ ଦେବ ଚନ୍ଦ୍ର ଧାକଡ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ, ମହେଶ୍ୱର ନାୟକ, ଭିକାରୀ ଚରଣ ନାୟକ, ବିପିନ୍ ଭୁକ୍ତା, ବଳିରାମ ସିଂ, ସୁମିତ ସିଂ ଠାକୁର, ଜଳନ୍ଧର ସିଂ, କୈଳାସ ପାତ୍ର, ଲକ୍ଷ୍ମଣ ସିଂ, ଦଶମୁ ପାତ୍ର, ପଦଲାମ ପାତ୍ର , କୃଷ୍ଣ ସିଂ, ଭୁବନ ଧାକଡ, ବୀଣା ପାତ୍ର, ଲମ୍ବୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାଶୀରାମ୍ ନାୟକଙ୍କୁ କୋଷାଗୁମୁଡା ବ୍ଲକ ସଭାପତି ଭାବେ ମନୋନୀତ କରାଯାଉଥିଲା। ସମାଜର ଉନ୍ନତି ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା।









# ପୁଷ୍‌ପୁନିଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ





କୋରାପୁଟ, ୪ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର କୋରାପୁଟିଆ କଳା ଓ କଳାକାର ମଞ୍ଚ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ଠାରେ ଅନୁଷ୍ଠିତ ଆଦିବାସୀ ସଂସ୍କୃତିର ପୁଷପୁନିଂ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜୟପୁର ରାଜବଂଶର ଦାୟଦ ଯୁବରାଜ ଚନ୍ଦ୍ରଚୂଡ ସିଂ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆକାଶବାଣୀ ଜୟପୁରର ଅବସରପ୍ରାପ୍ତ ସଂଗୀତ ସଂଯୋଜକ ବିଜୟ କୁମାର ସାମନ୍ତରାୟ ମଞ୍ଚାସୀନ ଥିଲେ। ଗତକାଲି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁପ୍ତେଶ୍ୱରରୁ ଆସିଥିବା ରିଞ୍ଜଡି ଆଦିବାସୀ ନୃତ୍ୟ ସହିତ ଅନ୍ୟାନ୍ୟ ୪ଟି ନୃତ୍ୟ ଦଳ ଏବଂ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା। ସେହିପରି ଆଜି ଓଡ଼ିଆ କଣ୍ଠଶିଳ୍ପୀ ସୁଙ୍କାନୀ ମହାପାତ୍ର ଏବଂ ତାଙ୍କ ଦଳଙ୍କ ଦ୍ୱାରା ଓଡ଼ିଆ ଓ ଆଦିବାସୀ ସଂଗୀତ ପରିବେଷଣ କରାଯାଇଥିଲା। ଏଥିରେ ଦର୍ଶକ ମାନେ ଭରପୁର ମଜା ଉଠାଇବା ସହିତ ମଞ୍ଚ ତଳେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ସ୍ଥାନୀୟ ବିଭିନ୍ନ ଦଳ ପକ୍ଷରୁ ଆଧୁନିକ , ସାଂସ୍କୃତିକ ଏବଂ ଅଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ଏଥିରେ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ, ବରିଷ୍ଠ ବିଜେପି ନେତା କାଳୀରାମ ମାଝି, ଇଣ୍ଡିଆନ ଆଥେଲେଟିକ୍ ସଂଘର ଉପସଭାପତି ଡ. ଶ୍ରୀନିବାସ ପଟ୍ଟନାୟକ, ନୃତ୍ୟ ଗୁରୁ କାହ୍ନୁ ଚରଣ ପ୍ରଧାନ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିବା ସହ କୋରାପୁଟ ଜିଲ୍ଲା କଳା, କଳାକାର ଓ ସଂସ୍କୃତିର ମାଟି , ତେଣୁ ସେମାନେ ସ୍ୱାଭିମାନୀ ଅଟନ୍ତି ବୋଲି କହିଥିଲେ । ଏହି ଅବସରରେ ଉତ୍ସବ ସ୍ଥଳରେ ଲାଗିଥିବା ମୀନାବଜାର ଓ ଖାଦ୍ୟ ମେଳା ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମଞ୍ଚର ସଭାପତି ମନୋଜ ପାତ୍ର ଏବଂ ସମ୍ପାଦକ ଧିରେନ ମୋହନ ପଟ୍ଟାନାୟକଙ୍କ ନେତୃତ୍ୱରେ ଅନ୍ୟାନ୍ୟ କଳାକାର ତଥା ମଞ୍ଚର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ନନ୍ଦପୁର ଅଞ୍ଚଳରେ ପୁଷ ପରବ ଉତ୍ସବ

ନନ୍ଦପୁର,୪।୧(ସମିସ): କୋରାପୁଟ ଜିଲ୍ଲାରେ ନିଆରା ପୁଷ ପରବ ନେଇ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିବା ବେଳେ କୌତୁକିଆ ଛେର୍ ଛେରାନି ପ୍ରଥା ଲୋକଙ୍କୁ ବେଶ ଆନନ୍ଦ ଦେଇଛି। ଏହି ନିଆରା ପର୍ବ ଏବେ କୋରାପୁଟ ଜିଲ୍ଲାର ପୁର ପଲ୍ଲୀରେ ଉତ୍ସବ ମୁଖର କରିଛି । ଏହି ନିଆରା ପରବ ପୌଷ ମାସରେ ଅନୁଷ୍ଠିତ ହେଉ ଥିବାରୁ ପୁଷ ପରବ ବୋଲି କହନ୍ତି କୋରାପୁଟ ଜିଲ୍ଲା ବାସୀ। କୋରାପୁଟ ଜିଲ୍ଲାରେ ଏହି ପର୍ବ ଗୁଡ଼ିକ ମୁଖ୍ୟତଃ ଚାଷ, ଜୀବନ ଜୀବିକା ସହ ଜଳ ବାୟୁ ସନ୍ତୁଳିତ ଉପରେ ମାଟି ଦେବତାକୁ ଆରାଧନା କରିଥାନ୍ତି । ମୁଖ୍ୟ ଚାଷୀ ଭାଇ ଭାଇ ମାନେ ନିଜ ନିଜ ଚାଷ ଜମିରୁ ଅମଳ ଧାନ ମାଣ୍ଡିଆ, ଶସ୍ୟ ଘରକୁ ଆସିବା ପରେ ଗୋ ମାତାକୁ ପୂଜା ଆରାଧନା କରିଥାନ୍ତି ଚାଷୀ ଭାଇ। ଚାଷରେ ଗାଈଗୋରୁଙ୍କ ଅବଦାନ ଅଧିକ ରହିଥିବା ବେଳେ ପୁଷ ପରବ ମାଧ୍ୟମରେ ପ୍ରତିଟି ଚାଷୀ ଭାଇ ଗୋମାତାକୁ ପୂଜା କରି ଖିଚିଡ଼ି ଭାତ ଖାଇବାକୁ ଦେଇ ଗୋଠରେ ଛାଡ଼ିଆନ୍ତି। ଏହି ଦିନ ଠାରୁ ଗାଈ ଗୋରୁଙ୍କୁ ଆଉ କିଛି ମାସ ପର୍ଯ୍ୟନ୍ତ ଗୋଠ ଜଗନ୍ତି ନାହି। ଗାଈ ଗୋରୁ ତାଙ୍କ ଇଚ୍ଛା ଅନୁସାରେ ଖାଦ୍ୟ ପାଇଁ ନିଜେ ଦିନ ତମାମ ବୁଲିକି ଖାଇବା ପରେ ସଂଧ୍ୟାରେ ଘରକୁ ଆଣିଥାନ୍ତି ଚାଷୀ ଭାଇ ମାନେ। ଏହି ପର୍ବରେ କେତେକ ଗ୍ରାମର ପିଲା ଠାରୁ ବୃଦ୍ଧା ପର୍ଯ୍ୟନ୍ତ କୌତିକିଆ ପୋଷାକ ପିନ୍ଧି ଘର ଘର ବୁଲି ଖୁସିରେ ନାଚ, ଗୀତ ଗାଇ ଛେର ଛେରାନି ମାଗି ଥାନ୍ତି । ପରେ ପ୍ରତି ଘରୁ ସଂଗୃହିତ ଚାଉଳ ପଇସାରେ ଭୋଜି ଭାତ କରି ଆନନ୍ଦ ନେଇଥାନ୍ତି ।

# ସାମାଜିକ ସୁରକ୍ଷାକୁ ନେଇ ପ୍ରଶିକ୍ଷଣ ଶିବିର

ବୈପାରୀଗୁଡ଼ା, ୪।୧(ସମିସ): ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ପ୍ରଣାଳୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏବିଡିଓ ନିବେଦିତା ଦଣ୍ଡସେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ବୁଝାଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ପ୍ରଭାତ କୁମାର ନିହାଣ, ମନୋଜ କୁମାର ଆରିସାଲ, ଏବଂ ରାଜଲକ୍ଷ୍ମୀ ସିଂ ଉପସ୍ଥିତ ରହି ଗ୍ରାମପଞ୍ଚାୟତରେ ସାମାଜିକ ସୁରକ୍ଷା ପ୍ରଣାଳୀକୁ ସୁଦୃଢ଼ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଆଯାଇଛି । ନିଜର ଅଧିକାର ପାଇଁ କିପରି ସ୍ୱର ଉଠାଇବେ ସେ ନେଇ ବୁଝାଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ନାଏବ ସରପଞ୍ଚ, ୱାର୍ଡ ମେମ୍ବର, ଜେଣ୍ଡେର ସିଆରପି, ଯୋଗାଣ ସହାୟକ, ଜିପିଏଲଏଫ ସଭାପତି ଏବଂ ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠି ମହିଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ବ୍ଲକ ପେସା କୋର୍ଡିନେଟର ଦିନେଶ କୁମାର ପଣ୍ଡା ପରିଚାଳନା କରିଥିଲେ।

# ପ୍ରେସ୍ ଆଣ୍ଡ ମିଡିଆ ୱେଲ୍‌ଫେୟାର ସଂଘର ବୈଠକ



ରାୟଗଡ଼ା,୪।୧(ସମିସ): ପ୍ରେସ୍ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏସନ, ରାୟଗଡ଼ା ଜିଲ୍ଲାର ଏକ ସାଧାରଣ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ହାଲୁଆ ତୋଟା ବଣଭୋଜି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବୃତ୍ତିଗତ ସାମ୍ବାଦିକ ସଦସ୍ୟଙ୍କ କଲ୍ୟାଣ ପାଇଁ ସଂଘ ସର୍ବଦା ସଚେତନ ଓ ପ୍ରସ୍ତୁତ ହୋଇରହିଛି। ସଦସ୍ୟମାନଙ୍କ ଅଧିକାର ସୁରକ୍ଷା, ସାମାଜିକ-ଆର୍ଥିକ ସହାୟତା, ପେଶାଗତ ସମସ୍ୟାର ସମାଧାନ ସହିତ ମର୍ଯ୍ୟାଦାପୂର୍ଣ୍ଣ ସାମ୍ବାଦିକତାକୁ ପ୍ରୋତ୍ସାହନ ଦେବା ଦିଗରେ ସଂଘ ନିରନ୍ତର କାର୍ଯ୍ୟରତ ରହିବ ବୋଲି ବୈଠକରେ ପରିଚାଳନା କମିଟି ସଦସ୍ୟମାନେ ବକ୍ତବ୍ୟ ରଖିଥିଲେ। ସଂଘର ସୁଚିନ୍ତନ ବିଚାରଧାରାକୁ ଅନୁପ୍ରାଣିତ ହୋଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ବୃତିଗତ ସାମ୍ବାଦିକମାନେ ଯୋଗ ଦେଇ ସଂଘର ଆଭିମୁଖ୍ୟ ଓ ଉଦ୍ଦେଶ୍ୟକୁ ନେଇ ନିଜର ମତାମତ ଉପସ୍ଥାପନା କରିଥିଲେ। ସାମ୍ବାଦିକ ସଦସ୍ୟମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ ଗୋଷ୍ଠୀ ବୀମା,ସ୍ୱାସ୍ଥ୍ୟ ସହାୟତା,ଆପତ୍କାଳୀନ ତହବିଲ,ପାରିବାରିକ ସହଯୋଗ ଭଳି ବ୍ୟବସ୍ଥାକୁ ଶକ୍ତ କରିବା ଦିଗରେ ସଂଘ ସର୍ବଦା ପ୍ରୟାସରତ। ଅସୁସ୍ଥତା,ଦୁର୍ଘଟଣା କିମ୍ବା ଅକାଳ ଦେହାନ୍ତ ଭଳି ଦୁଃଖଦ ପରିସ୍ଥିତିରେ ପରିବାରକୁ ସହାୟତା ଯୋଗାଇବା ସଂଘର ମାନବିକ ଦାୟିତ୍ୱ ବୋଲି ବରିଷ୍ଠ ସଦସ୍ୟମାନେ ବକ୍ତବ୍ୟ ରଖିଥିଲେ। ପ୍ରେସ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏସନର ଆଗାମୀ ଭବିଷ୍ୟତ ସାମାଜିକ କାର୍ଯ୍ୟକ୍ରମ ଉପରେ ବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାର ୬ଟି ବ୍ଲକରେ ସଂଘ କାର୍ଯ୍ୟକ୍ରମ ବୃଦ୍ଧି କରିବା ପାଇଁ ୬ଜଣ ବ୍ଲକସ୍ତରୀୟ ସାମ୍ବାଦିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମଟି ବରିଷ୍ଠ ସାମ୍ବାଦିକ ତଥା କମିଟି ସଦସ୍ୟ ଶିବାଜୀ ଦାସ, ଆଶିଷ ରଂଜନ ପଣ୍ଡା, ସୁଶାନ୍ତ ପ୍ରଧାନ, ଧରଣୀଧର ପଟ୍ଟନାୟକ,ସୁରେଶ ଦାସ, ସଂଗ୍ରାମ ପଟ୍ଟନାୟକ ଓ ଅନ୍ୟମାନଙ୍କ ସହଯୋଗରେ ପରିଚାଳନା ହୋଇଥିବା ବେଳେ ଅମୂଲ୍ୟରତ୍ନ ସାହୁ, ଗୋପାଳ ଅଧିକାରୀ ପ୍ରଶାନ୍ତ ପାଲ,ଶିବପ୍ରସାଦ ଦୋରା,ଶିବ ନାରାୟଣ ଗଉଡ,ବି.ଭେଙ୍କେଟ ରାମଣା,ୱାଇ. ଦାମୋଦାର ରାଓ, ମୃତ୍ୟୁଂଜୟ ନନ୍ଦ, ତୁଷାର ରଂଜନ ସାହୁ,ସନ୍ତୋଷ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ବିଶ୍ୱହିନ୍ଦୁ ସମ୍ମିଳନୀ

ବନ୍ଧୁଗାଁ, ୪।୧(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ ପଡିଆରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବନ୍ଧୁଗାଁ ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଉଦିତ ନାରାୟଣ ରାଚମଲାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସ୍ୱୟଂ ସେବକ ସଂଘ ଆବାହକ ହରିଶ୍ଚନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ। ବନବାସୀ ମାନେ ତାଙ୍କ ପୂର୍ବ ପୁରୁଷଙ୍କ ବିଶ୍ୱାସ ସାଂସ୍କୃତିକ ପରମ୍ପରା ଅନୁସାରେ ଯେଉଁ ବିଶ୍ୱାସ ଲୋକଙ୍କ ରହିଛି ତାହାକୁ ବଜାୟ ରଖିବା ପାଇଁ ଶତାଧିକ ଲୋକ ଏକତ୍ରିତ ହୋଇ ଥିଲେ। ଏକତା ଏବଂ ଆଧ୍ୟାତ୍ମିକ ଉତ୍ସାହର ଏକ ଶକ୍ତିଶାଳୀ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ଗ୍ରାମରୁ ଜାନି, ଦିସାରି, ସାଉନ୍ତା ଓ ବେଜିଣୀ ସଜ୍ଜିତ ମାଟି ପାତ୍ର ଧରି ଆସିଥିଲେ। ପୁରୁଣା ପରମ୍ପରା ସମ୍ପ୍ରଦାୟର ମୂଳଦୁଆକୁ ପ୍ରତିନିଧିତ୍ୱ କରିବା ପାଇଁ ସ୍ଥାନୀୟ ଗ୍ରାମ୍ୟ ମନ୍ଦିର ଏବଂ ଝାଙ୍କେରିର ଦେବଦେବୀ ପୀଠରୁ ସଂଗୃହିତ ମାଟି ଏବଂ ଜଳ ମାଟି କଳସ ମାଧ୍ୟମରେ ପାରମ୍ପରିକ ବାଦ୍ୟ ଓ ମୌରି ବଜାଇ ସଭା ମଣ୍ଡପକୁ ଆସିଥିଲେ। ଏହି ଶୋଭା ଯାତ୍ରା ବନ୍ଧୁଗାଁ ଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ ହୋଇ ମିନି ଷ୍ଟାଡିୟମରେ ପଡିଆରେ ପହଞ୍ଚି ଥିଲା। ପୂଜାର୍ଚ୍ଚନା ଶୋଭାଯାତ୍ରା କରାଯାଇଥିଲା। ଭକ୍ତମାନଙ୍କ ବୈଦିକ ସ୍ତୁତି ଏବଂ ଭକ୍ତି ଗୀତ ଗାନ କରି ବ୍ଲକର ମୁଖ୍ୟ ସ୍ଥାନରେ ପହଞ୍ଚିବା ପରେ, ପୁରୋହିତ ମାନଙ୍କ ଦ୍ୱାରା ମହାପୂଜାର ଏକ ହୋମଯଜ୍ଞ କରାଯାଇଥିଲା। ବିଭିନ୍ନ ଗ୍ରାମର ମାଟି ଏବଂ ଜଳକୁ ରୀତିନୀତିରେ ପବିତ୍ର କରାଯାଇଥିଲା। ଯାହା ପ୍ରତିବନ୍ଧକ ଭାଙ୍ଗିବା ଏବଂ ସମଗ୍ର ହିନ୍ଦୁ ସମ୍ପ୍ରଦାୟର ଏକ ଆଧ୍ୟାତ୍ମିକ ଛାୟା ତଳେ ଏକତ୍ରିତ ହେବାର ସୂଚକ ଥିଲା। ଆୟୋଜକ ବିଜେପି ଦଳର ଜିଲ୍ଲା କାର୍ଯ୍ୟକର୍ତ୍ତା ଶରତ ପାତ୍ର, ଶିକ୍ଷକ ବାସୁଦେବ ଦେବରପଲି, ଏଡିଇଓ ରାଜ କୁମାର ସାରତି ଓ ବଳରାମ ଗେଦେଲି ପ୍ରମୁଖ ରହିଥିଲେ।

● ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ

# ଧର୍ମ ପରିବର୍ତ୍ତନ ନ କରିବା ପାଇଁ ଶପଥପାଠ

ଜୟପୁର,୪ ।୧(ସମିସ): ଜୟପୁର ବ୍ଲକ ଆମ୍ବାଗୁଡା ଗ୍ରାମ ପଞ୍ଚାୟତରେ ବଡ଼ମଣାପଦର ଗ୍ରାମଠାରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରବିବାର ପଞ୍ଚାୟତ ସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଖେଳପଡିଆଠାରେ ଆୟୋଜିତ ଏହି ସମ୍ମିଳନୀରେ ଆଜି ପୂର୍ବାହ୍ନରେ ମହିଳା ମାନେ ନିକଟସ୍ଥ ନଦୀର ଜଳ କଳସ ଭର୍ତ୍ତି କରିବା ସହ ଶୋଭାଯାତ୍ରା ମାଧ୍ୟମରେ ଆମ୍ବାଗୁଡା ଗ୍ରାମପଞ୍ଚାୟତ ପରିକ୍ରମା କରିଥିଲେ । ଏଠାରେ ରୀତିନୀତିର ସହିତ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ଏହାପରେ ସମ୍ମିଳନୀରେ ହିନ୍ଦୁ ଏକତା ମଞ୍ଚର ସଭାପତି ବିଷ୍ଣୁ ପଟ୍ଟନାୟକ, ବିନୟ କୁମାର ଆଚାର୍ଯ୍ୟ, ଅଧ୍ୟାପକ ଡ.ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହିନ୍ଦୁ ଧର୍ମ ଓ ବୈଦିକ ରୀତି ନୀତି ଉପରେ ନିଜ ମତ ପ୍ରଦାନ କରିଥିଲେ। ମୁଖ୍ୟତଃ ଗ୍ରାମାଞ୍ଚଳରେ ନିରୀହ ଲୋକଙ୍କ ବିଶ୍ୱାସର ସୁଯୋଗ ନେଇ ବିଭିନ୍ନ ମିଥ୍ୟା ଆଶା, ଲୋଭ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଛି। କିନ୍ତୁ ଧର୍ମ ପରିବର୍ତ୍ତନ ପରେ ସେମାନେ ସରକାରୀ କିମ୍ବା ବେସରକାରୀ କୌଣସି ସୁବିଧା ପାଇପାରୁନାହାଁନ୍ତି ଫଳରେ ହଇରାଣ ହେଉଛନ୍ତି। ମୁଖ୍ୟତଃ ଅନୁସୂଚିତ ଜାତିର ଲୋକମାନେ ଧର୍ମପରିବର୍ତ୍ତନ କଲେ ଅନୁସୂଚିତ ଜାତିରୁ ବାଦ୍ ପଡୁଛନ୍ତି। ଅନ୍ୟ ଧର୍ମ ପରିବର୍ତ୍ତନ କରୁଥିବା ସଂସ୍ଥା ପକ୍ଷରୁ ସେମାନଙ୍କୁ କୌଣସି ସାହାଯ୍ୟ କରାଯାଉନାହିଁ ବୋଲି ସଚେତନତା କରାଯାଇଥିଲା। ତେଣୁ ସମସ୍ତ ପରିବାରକୁ ଏକଜୁଟ କରିବା, ଦେଶର ଏକମାତ୍ର ହିନ୍ଦୁ ସନାତନି ଧର୍ମ ଓ ସଂସ୍କୃତିକୁ ପାଳନ କରିବା, ଜନ୍ମଦିନରେ ମାଙ୍କ ନାମରେ ବୃକ୍ଷରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ଗ୍ରାମପଞ୍ଚାୟତର ୧୨ଟି ଗ୍ରାମର ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ ଏବଂ ହିନ୍ଦୁ ଧର୍ମର ସୁରକ୍ଷା ନେଇ ଶପଥ କରିଥିଲେ।










## କିରାମାହାରେ ଭୂତ ଖେଳପଡ଼ିଆ

# ଲକ୍ଷେ ଟଙ୍କାର ଫଳକ ଅଛି; ପଡ଼ିଆ ଖୋଜୁଛନ୍ତି ଗ୍ରାମବାସୀ

ବ୍ରାହ୍ମଣୀଗାଁ,୪ା୧(ସମିସ)




ଦାରିଙ୍ଗବାଡି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କିରାମାହା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧ ଲକ୍ଷ ଟଙ୍କା ବିନିମୟରେ ଖେଳ ପଡ଼ିଆ ନିର୍ମାଣ ହୋଇଥିବା ଫଳକ ରହିଛି । ହେଲେ କିରାମାହା ଗ୍ରାମବାସୀ ଏତେ ଟଙ୍କା ବିନିମୟରେ ହୋଇଥିବା ଖେଳ ପଡ଼ିଆକୁ ଖୋଜି ପାଉନାହାନ୍ତି । ଖେଳ ପଡ଼ିଆକୁ ଭୂତ ନେଇଯାଇଛି, ହେଲେ ଫଳକ ଛାଡ଼ି ଯାଇଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

ଗ୍ରାମର ଜିଲୁ ବଳିଆରସିଂ କମ୍ୟୁନିଟି ଗୃହ କରିବାକୁ ଫଳକ ତିଆରି କରିଥିଲେ । ତାହାର ଅନୁପସ୍ଥିତିରେ ଲେଖାକୁ ଲିଭାଇ ଗତ ନଭେମ୍ବର ମାସରେ ଖେଳ ପଡିଆର ଫଳକ ଲେଖା ଯାଇଥିବା ଜିତୁଙ୍କ ସହିତ କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଫଳକରେ ଆର୍ଥିକ ବର୍ଷ ୨୦୨୨-୨୦୨୩ ଲେଖାଯିବା ସହ କାର୍ଯ୍ୟ ଆରମ୍ଭ ତାରିଖ ୫-୮-୨୦୨୩ ଓ ଅଟକଳ ପରିମାଣ ୧ ଲକ୍ଷ ଟଙ୍କା ଲେଖାଯାଇଛି । କାର୍ଯ୍ୟ ଆରମ୍ଭ ତାରିଖ ୫-୮-୨୩ ଲେଖାଯାଇଛି । ଗାଁସାଥୀ ଓ ବିଭାଗୀୟ ଅଧିକାରୀ ଠକେଇ କରିଥିବା ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ହୋଇଛି । ଜିତୁଙ୍କ କହିବା କଥା କମ୍ୟୁନିଟି ଗୃହ ନିର୍ମାଣ ନିମନ୍ତେ ସେ ଫଳକ ତିଆରି କରିଥିଲେ । ହେଲେ ତାଙ୍କ ଅନୁପସ୍ଥିତିରେ କାହିଁକି ଖେଳ ପଡ଼ିଆର ସମ୍ପୂର୍ଣ୍ଣ ତଥ୍ୟ ଲେଖିଲେ ବୋଲି ଗାଁ ସାଥୀଙ୍କୁ ପଚାରିଥିଲେ । ଉତ୍ତର ଦେବା ପରିବର୍ତ୍ତେ ଓଲଟା ଧମକ ଚମକ ପାଇଥିବା ଜିତୁ କହିଛନ୍ତି । ଗ୍ରାମବାସୀଙ୍କ କହିବା କଥା ଗାଁରେ ମୂଳରୁ ଖେଳପଡ଼ିଆ ନାହିଁ । ଏତେଟଙ୍କା ବିନିମୟର ଖେଳ ପଡ଼ିଆ ଗଲା କୁଆଡେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଦାୟିତ୍ୱରେ ଥିବା ପଞ୍ଚାୟତର ଅଧିକାରୀ ଓ ବ୍ଲକ ପ୍ରଶାସନ ଲକ୍ଷାଧିକ ଟଙ୍କା ଜାଲିଆତି କରିଥିବା ଅଭିଯୋଗ ହେଉଛି । ଏଭଳି ଆଉ କେଉଁ କେଉଁ ପଞ୍ଚାୟତରେ ଖେଳ ପଡ଼ିଆ ନାମରେ ଟଙ୍କା ହରିଲୁଟ କରାଯାଇଛି ସେନେଇ ତଦନ୍ତ କରାଯିବାକୁ ଦାବି ହୋଇଛି । ଗ୍ରାମର କିଛି ଶିକ୍ଷିତ ଯୁବକ ଏସମ୍ପର୍କରେ ଆର୍‌ଟିଆଇ ତଥ୍ୟ ମାଗିବାକୁ ପ୍ରସ୍ତୁତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ଘନ କୁହୁଡିରେ ଜନଜୀବନ ଅସ୍ତବ୍ୟସ୍ତ



ଧରାକୋଟ,୪ା୧(ସମିସ): ଧରାକୋଟ ଅଞ୍ଚଳରେ ସଂପ୍ରତି ଘନ କୁହୁଡି ଜନ ଜୀବନକୁ କଲବଲ କଲାଣି । ବିଳମ୍ବିତ ରାତିରୁ ଆରମ୍ଭ ହୋଇ ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ି ଚାରିଆଡ଼େ ମାଡ଼ି ରହୁଛି । ଏଣୁ ରାସ୍ତାରେ ଗାଡିମଟର ଚଳାଚଳ କଷ୍ଟସାଧ୍ୟ ଓ ବିପଦପୂର୍ଣ୍ଣ ହେଉଛି । ଛୋଟ ପିଲା, ଛାତ୍ରଛାତ୍ରୀ ଏବଂ ବୟସାଧିକ ବ୍ୟକ୍ତିଙ୍କ ପାଇଁ ଏହା ଆହୁରି ଅସହ୍ୟ ହେଉଛି । ଏଣୁ ସେମାନେ ସ୍କୁଲ କଲେଜ ଯିବା ମୁସ୍କିଲ ହେଲାଣି । ଖୁବ ନିକଟରୁ ମୁହଁକୁ ମୁହଁ ଦେଖାଯାଉନାହିଁ । ଏଣୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି । ଅନ୍ୟପକ୍ଷରେ ପରିବା ଚାଷ ଉପରେ ମଧ୍ୟ ଏହାର ପ୍ରଭାବ ପଡ୍ଛି । ଖରିଫ ଧାନ ଅମଳ ପରେ ଚାଷୀ ନିଜ ବିଲରେ ବୁଣିଥିବା ମୁଗ ଗଛରେ ଜଉ ଆରମ୍ଭ ହେଲାଣି । ଏଣୁ ମୁଗ ଫସଲ ନଷ୍ଟ ହେବାକୁ ବସିଲାଣି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆହୁରି ଏକ ସପ୍ତାହ ଏପରି କୁହୁଡିଆ ପରିବେଶ ଲାଗି ରହିବ । ଏଣୁ ପରିବା ଫସଲ ନଷ୍ଟ ହେବା ସହ ଅହେତୁକ ଦର ବୃଦ୍ଧିର ସ୍ପଷ୍ଟ ସମ୍ଭାବନା ଦେଖାଦେଲାଣି । ଯାହାକୁ ନେଇ ସାଧାରଣ ଲୋକ ଓ ଚାଷୀ ଚିନ୍ତାରେ ପଡ଼ିଛନ୍ତି ।

## କବିସୂର୍ଯ୍ୟ ସ୍ମୃତି ପରିଷଦର ଆଲୋଚନାସଭା

# ଶ୍ରୀପଞ୍ଚମୀରେ ପାଳନ ହେବ ମହୋତ୍ସବ



ଦିଗପହଣ୍ଡି,୪ା୧(ସମିସ): ଦିଗପହଣ୍ଡି ଏନଏସି ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ତଥା ଆଇନଜୀବୀ ଅଶେଷନାଥ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୨୩ ତାରିଖ ମାଘ ମାସ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ତିଥିରେ ସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଦିଗପହଣ୍ଡି ବଜାର ଗାନ୍ଧୀ ଛକରେ କବିସୂର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ କରାଯାଇଥିଲା । ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତର କବିସୂର୍ଯ୍ୟଙ୍କ ଜନ୍ମପୀଠ ବିଜୟନଗରଗଡ଼ ଗ୍ରାମରୁ କବିସୂର୍ଯ୍ୟଙ୍କ ଜ୍ୟୋତି ବିଭିନ୍ନ ଗ୍ରାମାଞ୍ଚଳ ଓ ଦିଗପହଣ୍ଡି ସହର ପରିକ୍ରମା କରିବା ପରେ ମହୋତ୍ସବ ସ୍ଥଳରେ ପହଞ୍ଚିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା । ସନ୍ଧ୍ୟାରେ ସଭା ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା । ସଭାରେ ପରିଷଦର ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଗତବର୍ଷ ର କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଚଳିତବର୍ଷ ମହୋତ୍ସବ ନିମନ୍ତେ ଅତିଥି ନିମନ୍ତ୍ରଣ ଏବଂ ଆବଶ୍ୟକ ବ୍ୟୟବରାଦ ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ କୁମାର ମିଶ୍ର, ଗବେଷକ ଡ଼. ଅନନ୍ତ ରାମ କର, ଆଲୋକ କୁମାର ବିଷୋୟୀ, ଗୋପାଳକୃଷ୍ଣ ମଲ୍ଲିକ, ସରକାରୀ ଓକିଲ ମନୋରଞ୍ଜନ ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, ପରିଷଦର ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼, ଯୁଗ୍ମ ସମ୍ପାଦକ ଚିତ୍ରସେନ ଗୌଡ଼, କୋଷାଧ୍ୟକ୍ଷ ତଥା ଶିକ୍ଷକ ସନ୍ତୋଷ କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମେକାପ, ଶିକ୍ଷକ କାଳୁ ଚରଣ ପାଣିଗ୍ରାହୀ, ନରସିଂହ ପଣ୍ଡା, ଉଜ୍ଜଳ କୁମାର ମହାନ୍ତି, ଶରତ କୁମାର ଶବର ପ୍ରମୁଖ ସଭାରେ ଉପସ୍ଥିତ ଥିଲେ ।

# ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ସଭା



ଦିଗପହଣ୍ଡି,୪ା୧(ସମିସ): ଦିଗପହଣ୍ଡି ବ୍ଲକ ରାଜପୁର ନିକଟ ଶ୍ରୀରାଧେଶ୍ୟାମ ଆଶ୍ରମ ପରିସରରେ ରବିବାର ଭାଜପା ଦିଗପହଣ୍ଡି ନଗର କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ନଗର କମିଟି ସଭାନେତ୍ରୀ ସୁଷମା ଗୌଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଜେପି ଗଞ୍ଜାମ ଜିଲ୍ଲା କମିଟି ସଭାପତି ସରୋଜ ସାବତ, ନବ ନିଯୁକ୍ତ ଉପସଭାପତି ତଥା ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ସେଠୀ, ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟାନନ୍ଦ ଦାସ ମହାରାଜ, ନବନିଯୁକ୍ତ ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ମଦନ ପାତ୍ର, ହେମନ୍ତ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ବିଜୟ କୁମାର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ଏମପି ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀ, ଭବାନୀ ଶଙ୍କର ପଣ୍ଡା, ସନ୍ତୋଷ କୁମାର ଚୌଧୁରୀଙ୍କ ସମେତ ବିଜେପିର ୬ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜେପି ପ୍ରମୁଖ କାର୍ଯ୍ୟକର୍ତ୍ତା ଗୋପାଳକୃଷ୍ଣ ମଲ୍ଲିକ, ଭାଗିରଥି ଚୌଧୁରୀ, ଟୁନା ଚୌଧୁରୀ, ଦୟାନିଧି ନାୟକ, ଭୁବନେଶ୍ୱର ପଣ୍ଡା, ରାଜକିଶୋର ଚୌଧୁରୀ, ଇ. ବିଶିକେଶନ, ଶକ୍ତି ପାତ୍ର, ଆଇନଜୀବୀ ରାଜେନ୍ଦ୍ର ସାହୁ, ବନ୍ଦିତା ମହାରଣା, ସୁଷମା ଦାସ, ସ୍ନେହଲତା ବେହେରା, ଶ୍ରୀକାନ୍ତ ମହାରଣା, ନରେଶ ଚନ୍ଦ୍ର ରଥ, ଗଣେଶ ପଣ୍ଡା, ପ୍ରତାପ ଗୌଡ଼ ଓ ସୀମା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ସବିଶେଷ ଆଲୋଚନା କରାଯାଇଥିଲା ।

## ୫୮୩୩ ଚାଷୀଙ୍କ ଠାରୁ ଧାନ କିଣିବ ସମବାୟ ସମିତି

# ଏବେବି ଟ୍ୟାଗ୍‌ରୁ ବଞ୍ଚିତ ମିଲର

ପୋଲସରା,୪ା୧(ସମିସ): ପୋଲସରା ବ୍ଲକ ଅଧୀନ ଚାଷୀଙ୍କ ଧାନ ବିକ୍ରିର ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଧାନ ମଣ୍ଡିର ବ୍ୟବସ୍ଥା କରିଛନ୍ତି । ଚଳିତ ବର୍ଷ ପୋଲସରା ବ୍ଲକରୁ ମୋଟ ୫୮୩୩ ଚାଷୀ ସେମାନଙ୍କର ନାମ ପଞ୍ଜିକରଣ କରିଛନ୍ତି । ଅଞ୍ଚଳର ପଞ୍ଜିକୃତ ଚାଷୀଙ୍କ ଠାରୁ ସିଧାସଳଖ ଧାନ କ୍ରୟ ପାଇଁ ମୋଟ ୧୬ ସମବାୟ ସମିତି ଓ ୫ ମହିଳା ସଗୋଷ୍ଠୀଙ୍କୁ ନିୟୋଜିତ କରାଯାଇଛି । ସ୍ୱୀକୃତିପ୍ରାପ୍ତ ମହିଳା ଗୋଷ୍ଠୀ ମଧ୍ୟରେ ଢୁଙ୍କାପଡା ଗ୍ରାମର ସିରିଡ଼ିଶାଇ, ଜା ଡେଙ୍ଗାପଦର ମା' କିଚକେଶ୍ୱରୀ, ଜକର ଗ୍ରାମର ମା' ମହାମାୟୀ, ନିମିନା ର ମା' ବୈଷ୍ଣଦେବୀ ଓ ବର୍ତ୍ତିନି ଗ୍ରାମର ବସୁଧା ଏସଏଚଜି ରହିଛି । ଗତ ୧ ତାରିଖରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକଙ୍କ ଦ୍ୱାରା କଣଛାଇ ଠାରେ ଧାନ ମଣ୍ଡିର ଉଦଘାଟନ ହୋଇଥିଲା । ଚାଷୀଙ୍କ ଠାରୁ ଧାନ ଉଠାଇବା ପାଇଁ ମିଲର ମାନେ ଆବଶ୍ୟକୀୟ କାଗଜ ପତ୍ର ଦେଖାଇ ଆଇଡ଼ି ପାଇଗଲେଣି ତ ଆଉ କିଛି ମିଲର ବର୍ତ୍ତମାନ ସୁଦ୍ଧା ଟାଗ ନ ହୋଇ ରହିଯାଇଛନ୍ତି । ସରକାରଙ୍କୁ ବିଗତ ବର୍ଷ ଗଣେଶ ରାଇସ ମିଲ, ଗୋପୀନାଥ ରାଇସ ମିଲ, ରାମକୃଷ୍ଣ ରାଇସ ମିଲ, ଲକ୍ଷ୍ମୀ ରାଇସ ମିଲ ଓ ଜଗନ୍ନାଥ ରାଇସ ମିଲ ପ୍ରମୁଖ ଏହି ୫ଟି ମିଲ ପିଡ଼ିଏସ ଚାଉଳ ସଠିକ ପୈଠ କରି ନଥିବା ହେତୁ ବର୍ତ୍ତମାନ ୨୫-୨୬ ଆର୍ଥିକ ବର୍ଷରେ ସେମାନଙ୍କୁ ପୁନଃ ଟ୍ୟାଗ କରାଯାଇନଥିବା ଯୋଗାଣ ନିରୀକ୍ଷକ ସନ୍ଦୀପ ବେହେରାଙ୍କ ଠାରୁ ସୂଚନା ମିଳିଛି । ସେହିଭଳି ପ୍ରମୁଖ ସମସ୍ୟାକୁ ନେଇ ଟ୍ୟାଗ ହୋଇନଥିବା ମିଲରଙ୍କ ସହ ଯୋଗାଯୋଗବେଳେ ଚାଉଳ ଅଖାରେ ପ୍ୟାକିଙ୍ଗ ହୋଇ ନେଟ ମାରି ରଖାଯାଇଥିଲେ ସୁଦ୍ଧା ସରକାର ସହଯୋଗ ଚାଉଳ ନେଉନଥିବା କହିଛନ୍ତି । ଗୋଟିଏ ପଟେ ସରକାର ଚାଉଳ ନେଉନଥିବା ବେଳେ ଅନ୍ୟପଟେ ନୂଆ ଆର୍ଥିକ ବର୍ଷରେ ଧାନ କିଣିବାରେ ସୁଯୋଗ ଦେବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ବର୍ତ୍ତମାନ ସୁଦ୍ଧା ଟାଗ ହୋଇନଥିବା କିଛି ମିଲର ନିଜ ନାମକୁ ଗୋପନରେ ରଖି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅନ୍ୟପଟେ ଏବେସୁଦ୍ଧା ୨ଟି ଗ୍ରୁପ ଓ ବର୍ତ୍ତିନି, ନିମିନା ଓ ହାତୀଓଟ ସମବାୟ ସମିତି ଏହି ତିନୋଟିର ଆଇ ଡ଼ି ବର୍ତ୍ତମାନ ସୁଦ୍ଧା ଆସିନଥିବା ଯୋଗାଣ ନିରୀକ୍ଷକ ସନ୍ଦୀପ ବେହେରା ପ୍ରକାଶ କରିଥିଲେ । ଉଦବେଗର କଥାହେଲା ବର୍ତ୍ତମାନ ସୁଦ୍ଧା କିଛି ମିଲର ଟ୍ୟାଗ ହୋଇନଥିବା ଓ ଚାଷୀଙ୍କ ଧାନ ମଣ୍ଡିରୁ ଉଠିପାରୁନଥିବା ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତି ପୋଲସରା ଅଞ୍ଚଳର ଚାଷୀଙ୍କ ଧାନ କ୍ରୟ ଉପରେ ଏବେବି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜାତୀୟ ସେବା ଯୋଜନା ଶୀତକାଳୀନ ଶିବିର




ବେଲଗୁଣ୍ଠା,୪ା୧(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ସେବା ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ରୂପେ ପୂର୍ବତନ ସରପଞ୍ଚ ଅନିଲ୍ କୁମାର ପାଠୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ, ସପନ କୁମାର ପ୍ରଧାନ, ଲକ୍ଷ୍ମୀ ଗୌଡ଼, କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପିଙ୍କି ପାତ୍ରଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୭ ଦିନ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପିଙ୍କି ପାତ୍ର ଆଲୋଚନା କରିଥିଲେ । ସୋଡ଼ଙ୍ଗାଇ, ଠେଙ୍ଗାଧର, ତନରଡ଼ା, ବେଲଗୁଣ୍ଠା ଆଦି ଅଞ୍ଚଳରେ ସଡ଼କ ସୁରକ୍ଷା, ସର୍ଭେ କାର୍ଯ୍ୟକ୍ରମ, ନିଶା ନିବାରଣ, ବେଟି ବଚାଓ ବେଟି ପଢ଼ାଓ ସଚେତନ କରିଥିଲେ । ସନ୍ତୋଷ ଗୌଡ଼, ଡ଼ିଇଓ ପ୍ରଶାନ୍ତ ମହାନ୍ତି ସହଯୋଗ କରିଥିଲେ । ପିଙ୍କି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରେଷ୍ଠ ୧୦ ଥାନା ମଧ୍ୟରେ କୋଦଳା ଚତୁର୍ଥ

କୋଦଳା,୪ା୧(ସମିସ): କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଙ୍ଗ ନେଟୱାର୍କ ସିଷ୍ଟମ ୨୦୨୫(ସିସିଟିଏନ୍‌ଏସ୍) ପ୍ରଗତି ଡ୍ୟାସ ବୋର୍ଡ୍ ରିପୋର୍ଟ ମୁତାବକ ଗଞ୍ଜାମ ପୁଲିସ ଜିଲ୍ଲାକୁ ବେଶ ସଫଳତା ମିଳିଛି । ରାଜ୍ୟରେ ଶ୍ରେଷ୍ଠ ୧୦ଟି ଥାନା ମଧ୍ୟରୁ ଗଞ୍ଜାମ ପୁଲିସ ଜିଲ୍ଲାରେ ୬ଟି ଥାନା ରହିଛି । ରାଜ୍ୟର ୬୪୩ ଥାନା ମଧ୍ୟରୁ କୋଦଳା ଥାନା ଚତୁର୍ଥ ସ୍ଥାନରେ ରହିଛି । କୋଦଳା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା ୭ ଜାନୁଆରୀ ୨୦୨୪ରେ ଯୋଗଦେବା ଠାରୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ, ସମନ୍ୱୟ






ରକ୍ଷା, ଅଭିଯୋଗର ସଠିକ ନ୍ୟାୟ, ସଫଳ ଟିମ ୱାର୍କ, ଗୃହରକ୍ଷୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଅଧିନସ୍ଥ ପୁଲିସ ଅଧିକାରୀଙ୍କ ସହିତ ଉତ୍ତମ ସମନ୍ୱୟ ସ୍ଥାପନ, ଅପରାଧ ଦମନ ଯୋଗୁ କୋଦଳା ଥାନା ସମଗ୍ର ରାଜ୍ୟରେ ଚତୁର୍ଥ ସ୍ଥାନ ଭିତରେ ରହିପାରିଛି । ଏଠାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଓ ସମସ୍ତ ପୁଲିସ ଅଧିକାରୀଙ୍କୁ କୋଦଳା ଓ ବେଗୁନିଆପଡାର "ଭଏସ ଅଫ ମିଡ଼ିଆ'ର ସଦସ୍ୟ କାର୍ଯ୍ୟରତ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବଡୁ, କୃଷ୍ଣଚନ୍ଦ୍ର ପୋଲାଇ, ସୁଶାନ୍ତ କୁମାର ପଟ୍ଟନାୟକ, ବାପୁନି କୁମାର ମାଲୁଙ୍କ ସମେତ ସାମ୍ବାଦିକ ବିଜୟ କୁମାର ନାୟକ, ଭଗବାନ ପାଢ଼ୀ, ଗୁଲସନ କର, ଟୁକୁନା ପ୍ରଧାନ, ଶିକ୍ଷାବିତ, କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ, ସମାଜସେବୀ ତଥା କୋଦଳା ଅଞ୍ଚଳବାସୀଙ୍କ ତରଫରୁ ଶୁଭେଚ୍ଛା ଜଣାଯାଇଛି ।

## ସରକାରୀ ଘୋଷିତ କ୍ଷତିପୂରଣରେ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିବନି

# ଏମ୍‌ଭି୨୬ ଗ୍ରାମବାସୀଙ୍କ ଥାନାରେ ଏତଲା

କୋରୁକୋଣ୍ଡା,୪ା୧(ସମିସ):ମାଲକାନଗିରି ଜିଲ୍ଲାର ମାଲକାନଗିରି ସଦର କୋରୁକୋଣ୍ଡା ଥାନା ଅଧୀନ ଏମଭି୨୬ ଗ୍ରାମର ପ୍ରାୟ ୨୦୮ଟି ପରିବାର ଆଜି କୋରୁକୋଣ୍ଡା ଥାନାରେ ଉପସ୍ଥିତ ହୋଇ ନିଜ ନିଜ କ୍ଷୟକ୍ଷତି ସମ୍ପର୍କରେ ଲିଖିତ ଗଣଅଭିଯୋଗ ଦାଖଲ କରିଛନ୍ତି । ଗତ ଡିସେମ୍ବର ୭ ଓ ୮ ତାରିଖରେ ରଖାଲଗୁଡ଼ା ଓ ଏମ୍‌ଭି୨୬ ଗ୍ରାମ ମଧ୍ୟରେ ଘଟିଥିବା ପୋଡ଼ାଜଳା ଘଟଣାରେ ଏମଭି୨୬ ଗ୍ରାମର ପ୍ରାୟ ସମସ୍ତ ଘର ଜଳି ନଷ୍ଟ ହୋଇଯାଇଥିଲା । ଏହି ଘଟଣାରେ ଗ୍ରାମବାସୀଙ୍କ ଘରୋଇ ସାମଗ୍ରୀ, ଧନସମ୍ପତି ସହିତ ମୂଲ୍ୟବାନ ଦସ୍ତାବିଜ ମଧ୍ୟ ପୋଡ଼ି ନଷ୍ଟ ହୋଇଥିବା ଅଭିଯୋଗ କରାଯାଇଛି । ଏହାକୁ ନେଇ ଗ୍ରାମର ପ୍ରାୟ ୨୦୮ଟି ପରିବାରର ମହିଳା ଓ ପୁରୁଷ ଥାନାରେ ଉପସ୍ଥିତ ହୋଇ ଗଣଅଭିଯୋଗ ଦାଖଲ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରକାରଙ୍କ ପକ୍ଷରୁ ଘୋଷିତ ସାହାଯ୍ୟତା ରାଶି କ୍ଷୟକ୍ଷତିର ତୁଳନାରେ ଅତ୍ୟନ୍ତ କମ୍ ଥିବାରୁ ଏହି ରାଶିରେ ଗୋଟିଏ ଘର ପୁନଃନିର୍ମାଣ କରିବା କଷ୍ଟସାଧ୍ୟ ହେଉଛି । ଏଣୁ ଗ୍ରାମବାସୀମାନେ ସରକାରଙ୍କୁ ପୁନର୍ବାର ସଠିକ ଭାବେ କ୍ଷୟକ୍ଷତିର ଆକଳନ କରି ସମସ୍ତ ପ୍ରକାର କ୍ଷତିର ପୂରଣ ସହ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ କୋରୁକୋଣ୍ଡା ଥାନା ଅଧିକାରୀ ଆର୍. ବିଜୟ କୁମାର ସମସ୍ତ ୨୦୮ଟି ଗଣଅଭିଯୋଗ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ପୋଡ଼ାଜଳା ଘଟଣାକୁ ନେଇ ପୂର୍ବରୁ କୋରୁକୋଣ୍ଡା ଥାନାରେ ୨୦୦/୨୫ ଓ ୨୦୧/୨୫ ନମ୍ବରରେ ମାମଲା ରୁଜୁ ହୋଇଛି ଏବଂ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଦାଖଲ ହୋଇଥିବା ସମସ୍ତ ଗଣଅଭିଯୋଗକୁ ସେହି ପୂର୍ବ ମାମଲା ସହ ସଂଲଗ୍ନ କରାଯିବ ।

## ହାଟସରପାଲି-କମୁଗଣ୍ଡା ରାସ୍ତା ବିପଦସଙ୍କୁଳ

ବନ୍ଧୁଗାଁ,୪ା୧(ସମିସ): ବନ୍ଧୁଗାଁ ବ୍ଲକ ବଡ଼ସରପାଲି ମୁଖ୍ୟରାସ୍ତାରୁ କମୁଗଣ୍ଡା ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି । ୨୦୧୯ ମସିହାରେ କାର୍ଯ୍ୟନିର୍ବାହୀ ସଂସ୍ଥା ପୂର୍ତ୍ତ ବିଭାଗ ତଦାରଖରେ ଠିକାଦାରଙ୍କ ଦ୍ୱାରା ରାସ୍ତା ନିର୍ମାଣ କରାଯାଇ ଥିଲା । ପ୍ରତିବର୍ଷ ଏହି ରାସ୍ତାର ଆବଶ୍ୟକ ସ୍ଥଳେ ମରାମତି କରିବା ପାଇଁ ଅର୍ଥ ମଧ୍ୟ ରହିଛି । ଏହି ରାସ୍ତା ଦେଇ କାନାଗାଁ, କମୁଗଣ୍ଡା ପଞ୍ଚାୟତ ଓ ପଡୋଶୀ ପଞ୍ଚାୟତର ପ୍ରାୟ ୨୪ ଖଣ୍ଡ ଗ୍ରାମର ଲୋକେ ପ୍ରତି ଦିନ ଯିବା ଆସିବା କରିଥାନ୍ତି । ଚଳିତ ବର୍ଷ ପ୍ରବଳ ବର୍ଷା ହେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ବର୍ଷା ପାଣି ବୋହି ଚାଲିଥିଲା । ଫଳରେ ବର୍ତ୍ତମାନ ସେହି ରାସ୍ତା ଦେଇ କିଛି ଭାରି ଯାନ ସହିତ ଦୁଇ ଚକିଆ ଯାନ ଯିବା ଯୋଗୁଁ ରାସ୍ତା ଉପରୁ ପିଚୁ ଛାଡ଼ି ମେଟାଲ ଗୁଡିକ ବାହାରକୁ ବାହାରି ଆସିଛି । ରାସ୍ତା ନିର୍ମାଣ ହେବାରୁ ଆଜି ପର୍ଯ୍ୟନ୍ତ ସଠିକ ଭାବେ ରାସ୍ତା ମରାମତି ହୋଇନଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ନଦୀରେ ବୁଡି ଦିବ୍ୟାଙ୍ଗ ବାଳକର ମୃତ୍ୟୁ

ଚନ୍ଦ୍ରପୁର, ୪ା୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ବିଜାପୁର ଗ୍ରାମ ପଞ୍ଚାୟତ ଗୋଡ଼ିଙ୍ଗି ଗ୍ରାମ ନିକଟ ହରଭଙ୍ଗୀ ନଦୀ କୂଳରେ ଆଜି ଗୁଡ଼ାରୀ ବ୍ଲକ ଶ୍ରିପଲ୍ଲି ଗ୍ରାମର କିଛି ଯୁବକ ନୂଆ ବର୍ଷ ଉପଲକ୍ଷେ ଭୋଜି କରିବା ପାଇଁ ଯାଇଥିଲେ । ଦିବ୍ୟାଙ୍ଗ ସୁରଜ ଗାଣ୍ଟା (୨୨) ନଦୀରେ ଗାଧଉଥିବା ସମୟରେ ବୁଡି ଯାଇଥିଲେ । ଦମକଳ ବାହୀନି ଘଟଣା ସ୍ଥଳକୁ ଯାଇ ନଦୀରେ ଖୋଜା ଖୋଜି କରି ଗଭୀର ପାଣି ଭିତରୁ ଶବକୁ ବାହାର କରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

## ● ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରମ୍ଭା କ୍ରିକେଟ୍ କ୍ଲବ୍ ଚାମ୍ପିଅନ



ରମ୍ଭା,୪ା୧(ସମିସ)

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ରମ୍ଭା କପ୍ ସିଜନ-୪ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ ଆଇସିସି ଇଚ୍ଛାପୁରମ୍ ସହ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରମ୍ଭା ଦଳ ଚାମ୍ପିଅନ୍ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତତେଇ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ସଂଜିତ ରାଉଳ, ଭୀମସନ ବେହେରା ଯୋଗଦେଇଥିଲେ । ରମ୍ଭା କ୍ରିକେଟ କ୍ଲବ୍ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସାମ୍ବାଦିକ ନୀଳାଞ୍ଚଳ ସେନାପତି ଓ ବନବାସୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରମ୍ଭା ଦଳ ପକ୍ଷରୁ ଉପଅଧିନାୟକ ସଚିନ କୁମାର ଗୌଡ଼ ସର୍ବାଧିକ ୩୯ ଗୋଟି ବଲରେ ୩୪ ରନ ସଂଗୃହୀତ କରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ଘୋଷିତ ହୋଇଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ମ୍ୟାନ ଅଫ୍ ଦି ମ୍ୟାଚ ଆୟୁଷଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ଏଥିସହ ଚାମ୍ପିଅନ ଦଳକୁ ଟ୍ରଫି ସହ ୪୦ ହାଜର ଟଙ୍କାର ଚେକ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ କୁମାର ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଜଗନ୍ନାଥ ଚୌଧୁରୀ ରହିଥିବା ବେଳେ ଅମ୍ପାୟାର ଦେବବ୍ରତ ଦେବ ଏବଂ ସୁଶାନ୍ତ ପଣ୍ଡା ରହିଥିଲେ । ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ହାପି, ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ, ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ସହ ଅନ୍ୟ ମାନେ ସହଯୋଗ କରିଥିଲେ କ୍ଷ ତତ ସହିତ ଦ୍"ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ।



# ଜଗନ୍ନାଥଙ୍କ ପୁଷ୍ୟାଭିଷେକ ଓ ରାଜାଧିରାଜ ବେଶ



ଏରସମା,୪।୧(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଭିତରଅନ୍ଧାରୀ ପଞ୍ଚାୟତର ରସକଡ଼ାପୁର ଗ୍ରାମର ବିଶର ଶ୍ରୀକ୍ଷେତ୍ରରେ କୋଟି କୈବଲ୍ୟନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପବିତ୍ର ପୁଷ୍ୟାଭିଷେକ ଏବଂ ରାଜାଧିରାଜ ବେଶ ଅବସରରେ ସାଧୁ ସନ୍ଥ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଶରଶ୍ରୀକ୍ଷେତ୍ରର ଅଧିକାରୀ ରାମଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ମଞ୍ଚ ସଂଚାଳନରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି, ମୁଖ୍ୟବକ୍ତା ଭାବେ ବାବା ମୁରଲୀ ମନୋହର ଦାଶ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଧ୍ୱଜରାଜ ଖଣ୍ଡୁଆଳ, ପ୍ରବଚିକା ମଧୁସ୍ମିତା ଖଣ୍ଡୁଆଳ, ଅଧିକାରୀ ଅଶୋକ କୁମାର ଦାଶ, ବାବା ଗୌରାଙ୍ଗ ଚରଣ ଦାଶ, ବିସ୍ମୟବାଳକ ସାଇ ମେଘରାଜ, ସାରଦା ପ୍ରସାଦ ମଲ୍ଲ, ବିଚିତ୍ର ସ୍ୱାଇଁ, ବିଜୟ କୁମାର ଦାଶ ପ୍ରମୁଖ ଯୋଗଦାନ କରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କଥା ରଖିଥିଲେ । ଜ୍ୟୋତିର୍ବିଦ ଡ. ଅରୁଣ ପାଣି ବିଶର କ୍ଷେତ୍ରର ଇତିହାସ ଏବଂ ଶ୍ରୀକ୍ଷେତ୍ର ସହ ସମ୍ପର୍କ ଉପରେ ତଥ୍ୟ ରଖିଥିଲେ ।

## ଐତିହ୍ୟ ପଦଯାତ୍ରାର ଦ୍ୱାଦଶତମ ସଂସ୍କରଣ

# ମୁଚୁକୁନ୍ଦ ସୋମନାଥ ମନ୍ଦିର ପରିଦର୍ଶନ

ଜଗତସିଂହପୁର,୪।୧(ସମିସ)

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଦ୍ୱାଦଶତମ ସଂସ୍କରଣ ଖୁବ୍ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ଆଜି ସମ୍ପନ୍ନ ହୋଇଛି । ଐତିହ୍ୟାନୁରାଗୀ ବନ୍ଧୁମାନେ ଜଗତସିଂହପୁର ସହରରେ ଥିବା ପ୍ରାଚୀନ "ମୁଚୁକୁନ୍ଦ ସୋମନାଥ ମନ୍ଦିର' ପରିଦର୍ଶନରେ ଯାଇଥିଲେ । ଏହି ମନ୍ଦିରଟି ବହୁ ପ୍ରାଚୀନ ନ ହେଲେ ବି ମୋଗଲ ପରବର୍ତ୍ତୀ ମରହଟ୍ଟା ଶାସନ କାଳରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ପଥର ନିର୍ମିତ ପୀଢ଼ ଶୈଳୀର ବିମାନ ଓ ଜଗମୋହନକୁ ନେଇ ମନ୍ଦିରଟି ନିର୍ମାଣ ହୋଇଛି । ମନ୍ଦିରର ଉଚ୍ଚତା ପ୍ରାୟ ତିରିଶି ଫୁଟ ହେବ । ମନ୍ଦିର ଗର୍ଭଗୃହରେ ଥିବା ଶିବଲିଙ୍ଗ ଓ ନବଗ୍ରହଙ୍କ ପାଟ ପଥର କିନ୍ତୁ ବହୁତ ପୁରୁଣା । ଆଜିର ଆଲୋଚନାରେ, ଆଲୋଚକ ମାନେ ସୋମନାଥ ମନ୍ଦିରର




ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ଜଗତସିଂହପୁର ଗୁରୁକୁଳ ମଠର ପ୍ରତିଷ୍ଠାତା ମୁଚୁକୁନ୍ଦ ଗୋସ୍ୱାମୀ ଗୁଜୁରାଟର କମା ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ ଓ ବ୍ରତୋପନୟନ ଦିନ ତ୍ରିରେଖା ଅତିକ୍ରମ କରି ବ୍ରହ୍ମଚାରୀ ହୋଇଥିଲେ । ସୋମନାଥଙ୍କ ଭକ୍ତ ମୁଚୁକୁନ୍ଦ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ଶୁଣି ଦର୍ଶନ ନିମିତ୍ତ ଶ୍ରୀକ୍ଷେତ୍ର ଆସିଥିଲେ । ସେ ସ୍ୱପ୍ନାବିଷ୍ଟ ହୋଇ ସୋମନାଥ ମନ୍ଦିର ପଛପଟୁ ଏକ ଶିବଲିଙ୍ଗ ଲାଭ କରିଥିଲେ । ଆଉ ସେଇ ଶିବଲିଙ୍ଗଟି କିପରି ସମୟର ସ୍ରୋତରେ ଭାସି ଆସି, ବିଧିର ବିଧାନ ରୂପେ ଅଳକା ନଦୀ ତୀରରେ ସ୍ଥାପିତ ହୋଇଥିଲା ତାହାର କିମ୍ବଦନ୍ତୀ ବିଷୟରେ ଅତିଥିଗଣ ଆଲୋଚନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ ଦିଗଦର୍ଶନରେ ଆଜିର କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । କଟକ, ଜଗତସିଂହପୁର, ତଥା ପୁରୀରୁ ଆସିଥିବା ପ୍ରାୟ ୨୫ ଜଣ ଐତିହ୍ୟାନୁରାଗୀ ବନ୍ଧୁ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ବିକାଶ ସ୍ୱାଇଁ, ହୃଦାନନ୍ଦ ବେହେରା ଆଦି କାର୍ଯ୍ୟକର୍ତ୍ତାମାନେ ଆଜିର କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ ।

# ମହାଦେବ ସେନା ଫାଉଣ୍ଡେସନର ନୂତନ କାର୍ଯ୍ୟାଳୟ




ପାରାଦୀପ,୪।୧(ସମିସ): ମହାଦେବ ସେନା ଫାଉଣ୍ଡେସନ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ଟ୍ରଷ୍ଟର ୧୦ମ ଶାଖା କାର୍ଯ୍ୟାଳୟ ପାରାଦୀପଗଡ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇଥିଲେ । ଉକ୍ତ ଟ୍ରଷ୍ଟ ପାରାଦୀପ ଅଞ୍ଚଳରେ ଥିବା ସମସ୍ତ ଶୈବ ପୀଠର ସୁରକ୍ଷା ଓ ବିକାଶ କରିବା ସହିତ ଗୋଶାଳା ନିର୍ମାଣ କରି ଅସୁସ୍ଥ, ରୋଗଗ୍ରସ୍ତ ଓ ଦୁର୍ଘଟଣାରେ ଶିକାର ହେଉଥିବା ଗୋରୁଗାଈଙ୍କ ସେବା କରିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ ଦାସ, ସମ୍ପାଦକ ଗୌତମ ବେହେରା, ମନ୍ମଥ ସାହୁ, ବାବା ଧନେଶ୍ୱର ଦାସ, ହୃଷୀକେଶ ମହାନ୍ତି, ଶରତ ସାହୁ, ରଞ୍ଜନ ଜେନା, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ବିଚିତ୍ର ପ୍ରଧାନ, ପ୍ରଭାତ ସାହୁ, ସୋମନାଥ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ ।

# ଶିକ୍ଷାବିତ ନୀଳମଣି ପାଣି ସମ୍ବର୍ଦ୍ଧିତ




ବାଲିକୁଦା,୪।୧(ସମିସ): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ଗ୍ରାମର ଶିକ୍ଷାବିତ ତଥା ସାହିତ୍ୟିକ ନୀଳମଣି ପାଣିଙ୍କୁ ଶ୍ରୀକ୍ଷେତ୍ର ପୁରୀରେ "ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି । ଅନ୍ନପୂର୍ଣ୍ଣା ଥିଏଟରରେ ଅନୁଷ୍ଠିତ ଓଡିଶା ଆର୍ଟ ଏଣ୍ଡ କଲଚର ଓ ସଂଗୀତ ମୂର୍ଚ୍ଛନା ତରଫରୁ ଅନୁଷ୍ଠାନର ସଭାପତି ବସନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ଡ. ତ୍ରିଲୋଚନ ବରାଳ, ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଐତିହାସିକ ଓ ଗବେଷକ ଡ. ଅନିଲ ଧୀର, ବ୍ୟଙ୍ଗକବି ଡ. ସମ୍ପଦ ରଥ, ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ପାଣିଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ ।

# ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ପାରାଦୀପ, ୪।୧ (ସମିସ): ପାରାଦୀପ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଡିଜିଟାଲ ବ୍ୟାଙ୍କିଙ୍ଗ ଆଣ୍ଡ ସାଇବର ସିକ୍ୟୁରିଟି ସମ୍ପର୍କରେ ଆଜି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶୀର୍ଷକ ଆଲୋଚନାଚକ୍ରରେ ବ୍ୟାଙ୍କ୍ ଅଫ ଇଣ୍ଡିଆ ଭୁବନେଶ୍ୱରର ମହାପରିଚାଳକ ଶ୍ୟାମଳ କୁମାର ଦାସ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱରର ଆଞ୍ଚଳିକ ପରିଚାଳକ ପୀୟୂଷ ରଞ୍ଜନ ସ୍ୱାଇଁ ବକ୍ତା ଭାବେ ଯୋଗଦେଇ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଜଗମୋହନ ମିଶ୍ର ଅତିଥି ପରିଚୟ ଓ ବିଷୟ ବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ । ବିଭାଗର ଅଧ୍ୟାପିକା କବିତା ପ୍ରଧାନ ଉଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଶେଷରେ ବିଭାଗର ଅଧ୍ୟାପକ ସୁଜିତ୍ କୁମାର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତରିକୁଣ୍ଡସ୍ଥିତ ନବକୃଷ୍ଣ ଚୌଧୁରୀ ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର କଲେଜ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ପ୍ରତିଷ୍ଠାତା ବୀରକିଶୋର ରାଉତରାୟ ମୁଖ୍ୟଅତିଥି ଏବଂ ବୃନ୍ଦାବନ ଚନ୍ଦ୍ର ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାଚକ୍ରର ବିଷୟବସ୍ତୁ ଆତ୍ମନିର୍ଭରଶୀଳ ଭାରତ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ସଂଗୀତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ସୁନୀଲ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଦୀପ୍ତିମୟୀ ସେଠୀ, ଶୁଭଶ୍ରୀ ଇପସିତା ଦାସ, ଦୁଷ୍ମନ୍ତ ବେହେରା, ଶିବ ପ୍ରସାଦ ମିଶ୍ର, ସାରଦା ପ୍ରସାଦ ସାହୁ, ବିଶ୍ୱନାଥ ସାହୁ, ସନ୍ତୋଷ ନାୟକ, ମନୀଷା ଆଚାର୍ଯ୍ୟ, ମନୋରମା ସାହୁ ଏବଂ ସନ୍ତୋଷ କରଣଙ୍କ ସମେତ ଛାତ୍ରଛାତ୍ରୀ ଏହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ ।

# ନାଟ୍ୟକାର ଗୋପାଳ ଛୋଟରାୟଙ୍କ ସ୍ମୃତିସଭା

ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ବ୍ଲକ ଅଧୀନ ପୁରୁଣାଗଡ଼ ଠାରେ ଅବସ୍ଥିତ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରଫୁଲ୍ଲ ପାଠାଗାର ପରିସରରେ ଆଜି ରାଜ୍ୟସ୍ତରୀୟ ଗୋପାଳ ଛୋଟରାୟ ସ୍ମୃତିସଭା ଓଡ଼ିଶା



ସାହିତ୍ୟ ଏକାଡେମୀ ଏବଂ ପ୍ରଫୁଲ୍ଲ ପାଠାଗାର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାରନ କରିଥିଲେ । ମୁଖ୍ୟଅତିଥି ଭାବେ ନାଟ୍ୟକାର ମହେନ୍ଦ୍ର ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଉତ୍ତମ ଦାସ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଥିଏଟର ନାଟକର ବିଭିନ୍ନ ଦିଗ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଶ୍ୱଜିତ ଦାସ ନାଟକ ଓ ଚଳଚ୍ଚିତ୍ର ଉପରେ ଆଲୋଚନା କରିଥିଲେ । ପ୍ରାବନ୍ଧିକ ତଥା ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରସନ୍ନ ଦାଶ ପ୍ରମୁଖ ଆଲେଶଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ ପତି ଓ ଲକ୍ଷ୍ମୀଧର ପ୍ରଧାନ, ସମ୍ପଦ ବେହେରା, ରମାକାନ୍ତ ସାମନ୍ତରାୟ, ବିଭୁତି ଲେଙ୍କା, ବଂଶୀଧର ବେହେରା ଏଥିରେ ଅଂଶଗ୍ରହଣ କରିଥିଲା ବେଳେ ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

**ମା'ଜାଗୁଲାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ବଡ଼ିଜଙ୍ଗା ଏକାଦଶ ଟିମ୍ ଚାମ୍ପିଅନ

ତିର୍ତ୍ତୋଲ,୪।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ତୃତୀୟ ବର୍ଷର ପଞ୍ଚମ ସଟ୍ ବାଉଣ୍ଡରି ଧମାକା ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ପ୍ରତିମା ମହାନ୍ତି ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟିମ୍ ଭାଗ ନେଇଥିବା ବେଳେ ଫାଇନାଲରେ ବଡ଼ିଜଙ୍ଗା ଏକାଦଶ ଟିମ୍ ଡାଇମଣ୍ଡ ଏକାଦଶକୁ ରାଇ ଚାମ୍ପିଅନ ହୋଇଥିଲା । ଡାଇମଣ୍ଡ ଏକାଦଶ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫୧ ରନ୍ ସଂଗ୍ରହ କରିଥିଲା । ଜବାବରେ ବଡ଼ିଜଙ୍ଗା ଏକାଦଶ ୭ ଓଭରରେ ଆବଶ୍ୟକୀୟ




ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଅତିଥି ସମାଜସେବୀ ପ୍ରଶାନ୍ତ ପଣ୍ଡା ଓ ଚନ୍ଦନ ମଲ୍ଲିକ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଅମ୍ପାୟାର ଭାବେ ନାରାୟଣ ପଲାଇ ଓ ଦେବଦର୍ଶୀ ଶାଶ୍ୱତ ପଲାଇ ଖେଳ ପରିଚାଳନା କରିଥିଲେ ।

# ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜଗତସିଂହପୁର,୪।୧(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମହିଳୋ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମନୋରମା ଦାଶଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ପ୍ରୀତିପ୍ରଭା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଲୋକନାଥ ବଳ, ଡ. ବୈଜୟନ୍ତୀମାଳା ଶତପଥୀ, ଡ. ବିଷ୍ଣୁପ୍ରିୟା ଦାସ, କୋଠିଆଁ ସାଧନକେନ୍ଦ୍ରର ପ୍ରାକ୍ତନ ସିଆରସିସି ପ୍ରଦୀପ କୁମାର ରଥ, ନବକାକଳିର ସମ୍ପାଦକ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମାଜସେବୀ ହେମନ୍ତ ରଥ, ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରାକ୍ତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ତିର୍ତ୍ତୋଲ ବ୍ଲକ୍ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଶିକ୍ଷକନେତା ଚୈତନ୍ୟ ରାଉତ, ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, ଶିକ୍ଷକନେତା ଗୌରାଙ୍ଗ ଚରଣ ଦାଶ, ବାବୁଲି ସ୍ୱାଇଁ, ନରେଶ ଜେନା, ମାତୃପ୍ରସାଦ ଶତ୍ରୁଜିତ ଏବଂ ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରଦୀପ୍ତ କୁମାର ପାଲ, ବଂଶୀଧର ବେହେରା, ନୀଳକଣ୍ଠ ଦାଶ, ଶେଷଦେବ ଛୋଟରାୟ, ପୁରୁଷୋତ୍ତମ ଦାସ, ନିର୍ମଳା ସାହୁ, ପଣ୍ଡିତ ବାସବ ନନ୍ଦ, ଶ୍ରାବଣୀ ଜେନା, ଜୟଶ୍ରୀ ମିଶ୍ର, ନିରଞ୍ଜନ ନାୟକ, ହୃଦାନନ୍ଦ ସ୍ୱାଇଁ କବିତା ପାଠ କରିଥିଲେ । ଏଥିରେ ଗଣେଶ ଚନ୍ଦ୍ର ସ୍ୱାଇଁ, ମଧୁଛନ୍ଦା ଆଚାର୍ଯ୍ୟ, ପ୍ରଣତିକା ମହାନ୍ତି, ରଞ୍ଜନପ୍ରଭା ସ୍ୱାଇଁ, କାଳନ୍ଦୀ ଚରଣ ସ୍ୱାଇଁ ଓ ପ୍ରଜ୍ଞା ପରିଡ଼ା ପ୍ରମୁଖ ସହଯୋଗ କରିଥିବା ବେଳେ ମନୋରଞ୍ଜନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ । ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ନନ୍ଦ ଶାନ୍ତିପାଠ କରିଥିଲେ ।

# ଏନ୍‌ସିସି ଆଲୁମିନି ଆସୋସିଏସନର ସ୍ୱଚ୍ଛତା ଅଭିଯାନ



ପାରାଦୀପ,୪।୧(ସମିସ): ପାରାଦୀପ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ୭୯ତମ ସ୍ୱଚ୍ଛତା ଅଭିଯାନ ପାରାଦୀପ ସମୁଦ୍ର ବେଳାଭୂମିରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଏନ୍‌ସିସି କ୍ୟାଡେଟ୍, ଆଲୁମିନି ସଦସ୍ୟ ଏବଂ କୁଜଙ୍ଗ ବନାଞ୍ଚଳ କର୍ମଚାରୀମାନେ ମିଳିତ ଭାବେ ବେଳାଭୂମି ସଫେଇ କରିଥିଲେ । ଏଥିସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବନ୍ଦ କରିବା, ଅଳିଆକୁ ଉପଯୁକ୍ତ ସ୍ଥାନରେ ପକାଇବା ଏବଂ ବେଳାଭୂମି ସହ ପରିବେଶକୁ ସୁନ୍ଦର ଓ ସବୁଜିମାମୟ ରଖିବା ପାଇଁ ପର୍ଯ୍ୟଟକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଏନ୍‌ସିସି ଆଲୁମିନି ଆସୋସିଏସନ୍ ପ୍ରତ୍ୟେକ ରବିବାର ସ୍ୱଚ୍ଛତା ଅଭିଯାନ ସହ ରକ୍ତଦାନ ଶିବିର ଓ ବିଭିନ୍ନ ସରକାରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସଙ୍ଗଠନର ବହୁ ସଦସ୍ୟ ଯୋଡି ହୋଇଥାନ୍ତି ।

# ବିଦ୍ୟାଳୟରେ କ୍ରୀଡ଼ାର ଆବଶ୍ୟକତା ଅପରିହାର୍ଯ୍ୟ



ଜଗତସିଂହପୁର,୪।୧(ସମିସ)

ବିଦ୍ୟାଳୟରେ ଶିକ୍ଷାଗ୍ରହଣ ସହିତ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଏବଂ ବୌଦ୍ଧିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମହାକାଳେଶ୍ୱର ଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନବମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି । ଏହି କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ୩ ତାରିଖରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ପିଟି ଉଷା ସ୍ପୋର୍ଟ୍ସ କ୍ଲବର ସଂପାଦକ ପ୍ରିୟରଞ୍ଜନ ରାୟ ଯୋଗଦେଇ ସାମ୍ପ୍ରତିକ ସମୟରେ କ୍ରୀଡାର ଗୁରୁତ୍ୱ ସମସ୍ତେ ଉପଲବ୍ଧି କରୁଥିବା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଇଂ.ସୁଧାଂସୁ ଶେଖର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ଅଧ୍ୟୟନ ସହିତ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ସେହିପରି ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅରୁଣ କୁମାର ମହାରଣା ଯୋଗଦେଇଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚେୟାରମ୍ୟାନ ଇଂ.ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଆଲୋକ ରଂଜନ ଦାସ, ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା, ଶିକ୍ଷକ ନେତା ଅରୁଣ କୁମାର ମହାରଣା, ପଲି ସରପଞ୍ଚ କୌଶଲ୍ୟା ଦାସ, ସାମ୍ବାଦିକା ଲିଲନପ୍ରଭା ପାଢି ପ୍ରମୁଖ ଯୋଗଦେଇଥିଲେ । ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ରାଜଶ୍ରୀ ବସ୍ତିଆ, ସବିତା ମହାରଣା, ବିଭୁପ୍ରସାଦ ବେହେରା, ପ୍ରଶାନ୍ତ କୁମାର ବେହେରା, ମନୋଜ କୁମାର ଜେନା, କସର ସାହା, ପ୍ରତିଭା ନାୟକ, ସସ୍ମିତା ରାୟ, ସସ୍ମିତା ସିଂ, ନିର୍ମଳା ସାହୁ, ରସ୍ମିତା ମହାରଣା, କର୍ମ.ରୀ ତବାସୁମ ଆରା, ରଂଜିତା ଭୋଇ, ଉଲ୍ଲାସ ଭୋଇ ପ୍ରମୁଖ ପରି.ଳନା କରିଥିଲେ ।

# ମୋନାଲିସା ସାହିତ୍ୟ ପତ୍ରିକା ଉନ୍ମୋଚିତ



ପାରାଦୀପ,୪।୧(ସମିସ): ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର, ସମ୍ବେଦନ, ମୂଲ୍ୟବୋଧ ଭିତ୍ତିକ ସମାଜର ପରିକଳ୍ପନା କରାଯାଇପାରିବନାହିଁ । ଏଥିପାଇଁ ପତ୍ରପତ୍ରିକାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୋନାଲିସା ପତ୍ରିକା ଉନ୍ମୋଚନ ଉତ୍ସବରେ ମତପ୍ରକାଶ ପାଇଛି । ପୌରପାଳିକା ସମ୍ମିଳନୀ କକ୍ଷରେ ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦ ଆୟୋଜିତ ନବବର୍ଷ କବିତାପାଠ ଓ ସାହିତ୍ୟ ଆଲୋଚନା ଆସରରେ ବିଶିଷ୍ଟ ସୃଜନ ସାଧକ ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଯୁଗଯୁଗ ଧରି ସାହିତ୍ୟ ମଣିଷର ଭାବାବେଗକୁ ବହନ କରି ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସାହିତ୍ୟ ମାନବ ସମାଜର ସହଯାତ୍ରୀ ପରି ଜୀବନ ଓ ଜଗତର ଜୟଗାନ କରିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି କାନମାସ ସଂପାଦକ ଶ୍ରୀମନ ନାରାୟଣ ମିଶ୍ର, ମେଘମହ୍ଲାର ସଭାପତି ଡ. କେଶବ ଚନ୍ଦ୍ର ଦଳାଇ, ଶ୍ରମିକନେତା ଅନନ୍ତ କୁମାର ଦାସ ପ୍ରେମ, ପ୍ରକୃତି ଓ ପ୍ରାର୍ଥନା ସାହିତ୍ୟର ମୂଳ ଭିତ୍ତିଭୂମି ବୋଲି କହିଥିଲେ । ଏଇ ଅବସରରେ ଅତିଥିମାନେ ସଂଘମିତ୍ରା ସ୍ୱାଇଁଙ୍କ ସଂପାଦିତ ପତ୍ରିକା 'ମୋନାଲିସା'କୁ ଉନ୍ମୋଚନ କରିଥିଲେ । କବି ପ୍ରଭାତୀ ମାଝୀ ଓ ତୁଳସୀ ବରାଳଙ୍କ ସଂଯୋଜନାରେ ନଳିନୀ ପ୍ରଭା ସାହୁ, ଉର୍ମିଳା ମହାନ୍ତି, ବିଜୟ ନାୟକ, କଳ୍ପନା ବେହେରା, ବାବାଜୀ ନାୟକ, ନିମାଁଇ ମହାପାତ୍ର, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ, ରବୀନ୍ଦ୍ର କୁମାର ଦାସ, ଗୋଲାପରାଣୀ ସାହୁ, ଆରତି ଦାଶ, ସବ୍ୟସାଚୀ ତ୍ରିପାଠୀ ପ୍ରମୁଖ ନବବର୍ଷ ଶୀର୍ଷକରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ
THE SAKALA



www.sakalaepaper.com

# ରାଇବଣିଆରେ କଳା ଓ କ୍ରୀଡ଼ା କାର୍ଯ୍ୟକ୍ରମ



ଜଳେଶ୍ୱର, ୪।୧ (ସମିସ): ଆଦିବାସୀ ବହୁଳ ରାଇବଣିଆ ଅଞ୍ଚଳର ପିଲାମାନଙ୍କ ଶିକ୍ଷା ସହିତ କଳା, କ୍ରୀଡ଼ା ଓ ସଂସ୍କୃତିର ବିକାଶଲାଗି ଫଂଗଷ୍ଟାର ଗ୍ରୁପର ସଦସ୍ୟମାନେ ପ୍ରୟାସ ଆରମ୍ଭ କରିଛନ୍ତି। କାଳିକ ପଞ୍ଚାୟତର ଧରମପୁର ଗ୍ରାମର ଆଦିବାସୀ ଶିକ୍ଷିତା ଯୁବତୀମାନଙ୍କ ଦ୍ୱାରା ଗଠିତ ଏହି ଗ୍ରୁପର ପ୍ରୟାସ ଦ୍ୱାରା ଗ୍ରାମର କୁନିକୁନି ପିଲାମାନଙ୍କୁ ନେଇ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନୂତନ ବର୍ଷ ପ୍ରଥମ ଦିନରୁ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। କୃତି ପିଲାମାନଙ୍କୁ ମାନପତ୍ର ସହ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଂଗଠନର ସଭାପତି ଅଞ୍ଜନା ମାରାଣ୍ଡି ସଭାପତିତ୍ୱ କରି ଆଭିମୁଖ୍ୟ ସଂପର୍କରେ କହିଥିଲେ। ମୁଖ୍ୟ ଅତିଥି ସାମ୍ବାଦିକ ସନ୍ତୋଷ କୁମାର ଜେନା, ସମ୍ମାନୀତ ଅତିଥି ସମାଜସେବୀ ଦୀନେଶ କିସ୍କୁ,ମାଣିକ ମାରାଣ୍ଡି, ୱାର୍ଡ ସଭ୍ୟା ତିଳତମା ପାତ୍ର, ସମିତି ସଭ୍ୟା ସୀତା ମାରାଣ୍ଡି, ସୁଦିପ୍ତା ଜେନା, ବିମଳ ହେମ୍ବ୍ରମ ଉପସ୍ଥିତ ରହି ପିଲାମାନଙ୍କୁ ଶିକ୍ଷା ସହ କଳା,ସଂସ୍କୃତିର ବିକାଶ ଓ କ୍ରୀଡ଼ା କ୍ଷେତ୍ରରେ ବିକାଶ ଲାଗି ସଂଗଠନର ଯୁବତୀ ମାନଙ୍କ ଦ୍ୱାରା ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ପାଦକ କଳ୍ପନା ହେମ୍ବ୍ରମ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ। ମମତା ମାରାଣ୍ଡି, ସୁନୀତା ମାରାଣ୍ଡି, ବିତସ୍ତା ହେମ୍ବ୍ରମ, ମୋନାଲିସା ମାରାଣ୍ଡି, ସାମୁଏଲ ହେମ୍ବ୍ରମ, ବିଦ୍ୟାଧର ମାରାଣ୍ଡି, ସୋମବାରୀ ମାରାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମବାୟ ସମିତିର ପୂର୍ବତନ ସଭାପତିଙ୍କ ଦେହାନ୍ତ

ଭୋଗରାଇ, ୪।୧ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତ ଗ୍ରାମପଞ୍ଚାୟତ ଅଧିନ ବାରବାଟିଆ ଗ୍ରାମର ପୂର୍ବତନ ସମିତି ସଭାପତି ନିମାଇଁ ଚରଣ ପାଳ (ଚୈତନ)ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ଦୁଇଥର ଖରିଦପିପଳସେବା ସମବାୟ ସମିତିରେ ସଭାପତି ଭାବେ କାର୍ଯ୍ୟ କରିଥିଲେ ଏବଂ ତିନି ତିନିଥର ସମିତିରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସିଥିଲେ। ବାଲେଶ୍ୱରରୁ ମରଶରୀରକୁ ପୈତୃକ ଗ୍ରାମ ବାରବାଟିଆ ଗ୍ରାମର ରାସ୍ତାର ଉଲୁଡ଼ା ଛକ ନିକଟରୁ ଶୋଭାଯାତ୍ରାରେ ଖରିଦ ପିପଳସେବା ସମବାୟ ସମିତିର ସଭାପତି କେଶବଚନ୍ଦ୍ର ପାଳଙ୍କ ସହିତ ସମସ୍ତ ନିର୍ଦ୍ଦେଶକ ନିର୍ଦ୍ଦେଶିକା ଗହଣରେ ସେବା ସମବାୟ ସମିତି ଅଫିସକୁ ନିଆଯାଇ ଥିଲା। ସେଠାରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ମର ଶରୀରକୁ ଶୋଭାଯାତ୍ରାରେ ବାରବାଟିଆ ଗ୍ରାମକୁ ଅଣାଯାଇ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଆଶିଷ କୁମାର ପାଳ ମୁଖାଗ୍ନି ଦେଇଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ଉପାଧ୍ୟକ୍ଷା ମିନାରାଣୀ ସାସମଲ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଖରିଦପିପଳ ସରପଞ୍ଚ ମଞ୍ଜୁରାଣୀ ବେହେରା, ସମିତି ସଦସ୍ୟା ବିନତୀ ସାହୁ , ଆରୁହାବୃତ୍ତି ସରପଞ୍ଚ ଗୀତାରାଣୀ ଜେନା, ସମିତି ସଭ୍ୟା ଅଞ୍ଜଳି ଜେନା, କବି ସୁକୁମାର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଏଲ.ଆଇ. ପ୍ରୋଜେକ୍ଟରୁ ଚୋରି

ନୀଳଗିରି, ୪।୧ (ସମିସ): ନୀଳଗିରି ଥାନା ଅଧିନ ଧୋବଶିଳା ମୌଜାରେ ଚାଲୁଥିବା ଏଲ୍ ଆଇ ପ୍ରୋଜେକ୍ଟରୁ ଗତ ଦୁଇ ତାରିଖ ରାତିରେ ପାଞ୍ଚଗୋଟି ଖୁଣ୍ଟିର ତାର ଓ ଏକ ସବ୍ ଷ୍ଟେସନ ଚୋରି ହୋଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଅଛି। ମୟୂରଭଂଜ ମାଣିକପୁର ଗ୍ରାମର ଅଜୟ କୁମାର ଗିରି ଏକ ଏଲ. ଆଇ ପ୍ରୋଜେକ୍ଟ ଧୋବଶିଳା ମୌଜାରେ ଚାଲୁଥିବା ବେଳେ ଗତ ଦୁଇ ତାରିଖ ରାତିରେ ରେମୁଣା କାଳିଆ ସିଂ ଓ ଟୁଲା ସିଂ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଆନୁମାନିକ ସତୁରୀ ହଜାରରୁ ଅଶି ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ କରିଛନ୍ତି।

# ନାରାୟଣ ମହାନ୍ତି ପଡ଼ିଆରେ କଳାକାର ସଂଘ ବୈଠକ

ଚନ୍ଦନେଶ୍ୱର, ୪।୧(ସମିସ) : ବାଲେଶ୍ୱର କଳାକାର ସଂଘ ତରଫରୁ ନାରାୟଣ ମହାନ୍ତି ପଡିଆ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୬ତାରିଖରେ ଜିଲ୍ଲା ସଂଘର ସଭାପତି ତଥା ପ୍ରଖ୍ୟାତ ଯାତ୍ରା ଅଭିନେତା ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ରକୁ ଭୋଗରାଇ ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯିବ। ଏ ନେଇ ଆୟୋଜିତ ବୈଠକରେ ଶାଖାର ସଭାପତି ଅମୂଲ୍ୟ ଗିରି ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ଜିଲ୍ଲା କଳାକାର ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ଭୋଗରାଇ କଳାକାର ସଂଘର ସଭାପତି ଅନୀଲ କୁମାର ଜେନା, ଉପସଭାପତି ଚକ୍ରଧର ପାତ୍ର, ସମ୍ପାଦକ ବିଷ୍ଣୁପଦ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଭୁବନ ଚନ୍ଦ୍ର ପାତ୍ର, ସହ ସମ୍ପାଦଜ ବିଜୟ କୁମାର ଜେନା, ସଂଯୋଜକ ବନମାଳୀ ଘଡ଼ାଇ,ରାଧାଶ୍ୟାମ ଭୋଳ ପ୍ରମୁଖ ଯୋଗ ଦେଇ ସଙ୍ଘକୁ ମଜବୁତ କରିବାକୁ ଆହ୍ୱାନ ଦେବା ସହିତ କଳାକାରମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ଅତିଥି ବରେନ୍ଦ୍ର ସାମଲ, ନଳିନୀ ପଟ୍ଟନାୟଜ, ସୁନୀଲ ପାତ୍ର ଓ ନାରାୟଣ ମହାନ୍ତି ପଡିଆ ଶାଖାର ସଦସ୍ୟ ବନମାଳୀ ସେନାପତି, ସରୋଜ ମହାନ୍ତି, ବିଭୁତି ମାଝୀ, ଅଦୈତ୍ୟ ଜେନା,ଦୟାନିଧି ଗିରି,ସୁଶାନ୍ତ ଘଡ଼ାଇ, ସୁଶାନ୍ତ ପ୍ରଧାନ, ରାଧାକୃଷ୍ଣ ସେଣ, ରାଧାକୃଷ୍ଣ ଦାସ, ମଙ୍ଗରାଜ ଦାସ ଉପସ୍ଥିତ ଥିଲେ।

## ଭୋଗରାଇ ବିଜେଡି ପକ୍ଷରୁ ବନ୍ଧୁମିଳନ

# ଦଳୀୟ କର୍ମୀ ଓ ନେତାଙ୍କୁ ଏକାଠି ହୋଇ ଲଢ଼ିବାକୁ ଆହ୍ୱାନ

ବାଲେଶ୍ୱର(ଉତ୍ତର)/ଭୋଗରାଇ/ଚନ୍ଦନେଶ୍ୱର, ୪।୧(ସମିସ)







ବିଜୁ ଜନତା ଦଳ ହେଉଛି ଲୋକଙ୍କ ବଳ। ଏ ଦଳର ସମସ୍ତ ତୃଣମୂଳ ସ୍ତରର କର୍ମୀ ଓ ନେତାଙ୍କ ମଧ୍ୟରେ ସ୍ନେହ ମମତା ରେ ବାନ୍ଧି ହୋଇ ଦଳକୁ ବାର ବାର କ୍ଷମତାସୀନ କରାଇଛନ୍ତି। ରାଜନୀତି ହେଉଛି ଏକ ସାମାଜିକ କାର୍ଯ୍ୟ। ବିଜେଡି ତାହା ହିଁ ବିଶ୍ୱାସ କରେ। ସେଥିପାଇଁ ଆଜିର ଦିନରେ ଏହା ରାଜନୈତିକ ଦଳ ଭାବରେ ନୁହେଁ ସାମାଜିକ ଆନ୍ଦୋଳନରେ ଆଜି ପରିଣତ ହୋଇଛି। ଦଳ କ୍ଷମତାରେ ଥାଉ କି ନଥାଉ ଦଳର କର୍ମୀ ଠାରୁ ଆରମ୍ଭ କରି ନେତା ପର୍ଯ୍ୟନ୍ତ ଆଜି ସମସ୍ତେ ପ୍ରତି ଗାଁ ଗାଁରେ ସାମାଜିକ କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ଆଜି ସମୟ ଆସିଛି ଦଳର ସମସ୍ତ ଲଢୁଆ କର୍ମୀ ମାନଙ୍କୁ ଶାସକ ଦଳ ବିଜେପିର ଅସତ୍ୟ, ଅପପ୍ରଚାର ଏବଂ ଜନ ବିରୋଧୀ ନୀତି ବିରୁଦ୍ଧରେ ଲଢ଼ିବାକୁ ପଡ଼ିବ। ସେଥିପାଇଁ ଦଳକୁ ସଂଗଠିତ କରିବାକୁ ହେବ ଏବଂ ଏକଜୁଟ ହୋଇ ଲଢ଼ିବାକୁ ପଡ଼ିବ ବୋଲି ଆଜି ନବବର୍ଷ ୨୦୨୬ ଉପଲକ୍ଷେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ତଲାଡ଼ିସ୍ଥିତ ବାସଭବନ ଠାରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ଯୋଗ ଦେଇ ନୟାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ନୟାଗଡ଼ ବିଧାୟକ ଡ. ସାହୁଙ୍କ ସହିତ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବିଜେଡି ଦଳର ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଏବେବି ଓଡ଼ିଶା ବାସୀଙ୍କ ଆଶା ଓ ଭରସା ଅତୁଟ ରହିଛି। ସେ ସବୁବେଳେ ଦଳର ସମସ୍ତ ନେତା ଓ କର୍ମୀମାନଙ୍କୁ ଲୋକଙ୍କ ସହିତ ରହି ସେବା ଯୋଗାଇବାକୁ ପରାମର୍ଶ ଦେଇଆସିଛନ୍ତି। ଶାସକ ଦଳର କର୍ମୀ ଓ ନେତା ମାନଙ୍କର ମିଛ ଓ ଅପପ୍ରଚାର ବିଷୟରେ ଲୋକେ ଜାଣି ସାରିଲେଣି। ବିଜେପି ସରକାରଙ୍କୁ ଲୋକେ ଭୋଟ ଦେଇ କ୍ଷମତାସୀନ କରାଇ ଥିଲେ, ମାତ୍ର ୧୫ମାସ ବିତିବା ପରେ ଆଜି ଲୋକେ ସବୁ ବୁଝି ସାରିଲେଣି। ଭୋଗରାଇବାସୀ ସବୁବେଳେ ସଠିକ ନିଷ୍ପତ୍ତି ନେଇଥାନ୍ତି, ତେଣୁ ଆମ ସମସ୍ତଙ୍କୁ ପୁଣି ସଂଗଠିତ ହୋଇ ରହିବାକୁ ପଡ଼ିବ ଏବଂ ଲୋକଙ୍କ ସେବା କରିବା ସହ ଭୋଗରାଇର ସର୍ବାଙ୍ଗୀନ ଉନ୍ନତି ଉପରେ ସବୁବେଳେ ଗୁରୁତ୍ୱ ଦେବାକୁ ହେବ ବୋଲି ଉପସ୍ଥିତ ଥିବା ବିଭିନ୍ନ ପଞ୍ଚାୟତର ନେତା ଓ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡିର କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ସାଧାରଣ ସମ୍ପାଦକ ହେମନ୍ତ ବେହେରା, ଜିଲ୍ଲା ବିଜେଡି ସମ୍ପାଦକ ତପନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ ଦତ୍ତ, ବ୍ଲକ ବିଜେଡି ଉପସଭାପତି ପ୍ରଦୀପ ବେହେରା, ଦେବାଶିଷ ଚାନ୍ଦ, ନଗେନ୍ଦ୍ର ନାଥ ପାତ୍ର ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ସମିତି ର ସଦସ୍ୟ ସଦସ୍ୟା, ଫଂଚାୟତ ବିଜେଡି ସଭାପତି ଏବଂ ବହୁ ବିଜେଡି ନେତା ଓ ବିଜେଡିଙ୍କୁ ଭଲପାଉଥିବା ଲୋକମାନେ ଯୋଗଦେଇ ଥିଲେ।

# ଜୈବବିବିଧତା ସଂରକ୍ଷଣ ସଚେତନତା





ଚନ୍ଦନେଶ୍ୱର, ୪।୧ (ସମିସ) : ଭୋଗରାଇର ହାସିମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ରବିବାର ଓଡ଼ିଶା ଉପକୂଳୀୟ ଜୈବ ବିବିଧତା ସଂରକ୍ଷଣ ସଚେତନତା ପଦଯାତ୍ରା ଉଦଘାଟିତ ହୋଇ ଯାଇଛି। ଏ ନେଇ ଅୟୋଜିତ ସଚେତନତା ପଦଯାତ୍ରାକୁ ଜଳେଶ୍ୱର ଅତିରିକ୍ତ ବନ ସଂରକ୍ଷକ ଅଧିକାରିଣୀ ଜୟଶ୍ରୀ ମୁର୍ମୁ ସଂଚାଳନ କରିଥିଲେ। ମୁଖ୍ୟ ଅତିଥି ପିସିସିଏଫ ସୁରେଶ ପନ୍ତ ଯୋଗଦେଇ ସୁରକ୍ଷିତ ଉପକୂଳ ମାଛ, କଇଁଛ, ପକ୍ଷୀ ସହିତ ସାମୁଦ୍ରିକ ଜୀବମାନଙ୍କୁ ଆବାସ ପ୍ରଦାନ କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପିସିସିଏଫ ଦେବବ୍ରତ ସ୍ୱାଇଁ ଯୋଗଦେଇ ଉପକୂଳ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଫଳରେ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ସ୍ଥିତି ସୁଦୃଢ ହୁଏ। ତେଣୁ ଉପକୂଳକୁ ପ୍ଲାଷ୍ଟିକ ଏବଂ ଆବର୍ଜନା ମୁକ୍ତ କରିବା ଆମର ଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନାନୀ, ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ, ୱାଇଲ୍ଡଲାଇଫ ୱାଡେନଅଶ୍ୱିନୀକୁମାରଦାସ, ଏସିଏଫ ତଟିନୀ ସେଠୀ,ସାହାବାଜିପୁର ସରଫଂଚ ଅରୁଣ କୁମାର ଗିରି,ଡିସିଓ ହରିପ୍ରିୟା ଚାନ୍ଦ ପ୍ରମୁଖ ଯୋଗଦେଇ ସମୁଦ୍ରକୁ ସୁସ୍ଥ ରଖିବା ସହିତ ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ କହିଥିଲେ। ଏହି ଅବସରରେ କ୍ଲାଇମେଟ ଚାମ୍ପିଆନ ମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ହାସିମପୁର ବିଦ୍ୟାଳୟର ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସମସ୍ତେ ସଚେତନତା ପଦଯାତ୍ରାରେ ବାହାରି ଶଙ୍ଖାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ସଚେତନ୍ତା ହୋଇ ବିଚିତ୍ରପୁର ପ୍ରକୃତି ନିବସ ପର୍ଯ୍ୟନ୍ତ ଯାଇଥିଲେ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଫରେଷ୍ଟ ଗାର୍ଡ ପ୍ରମିଳା ସେଣ ଏବଂ ସବୁଜବାହିନୀର ସଥୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ୪ ଗୋରୁ ଉଦ୍ଧାର, ୪ ଜଣଙ୍କୁ ପୁଲିସ ଜିମା

ନୀଳଗିରି, ୪।୧ (ସମିସ): ରାଜ୍ୟରେ ଗୋହତ୍ୟା ଏବଂ ଗୋଚାଲାଣକୁ ବନ୍ଦକରିବାକୁ ଅଣ୍ଟାଭିଡ଼ିଛି ହିନ୍ଦୁସଂଗଠନ। ବିଶେଷକରି ଗୋସେବକ ମାନେ ବିଭିନ୍ନସ୍ଥାନରେ ଚଢାଉକରି ଦଲାଲ, ବେପାରୀମାନଙ୍କୁ ଅଟକରଖି ସେମାନଙ୍କ ନିକଟରୁ ଗୋମାତା ଉଦ୍ଧାର କରିବା ଦେଖିବାକୁ ମିଳିଥିବା ବେଳେ ଆଜି ପୂର୍ବାହ୍ନ ପ୍ରାୟ ୮.୩୦ସମୟରେ ବରହମପୁର ଅଞ୍ଚଳର କିଛି ଗୋସେବକ ଗୋହିରା ଛକ ନିକଟରେ ଚାରିଜଣ ବେପାରୀଙ୍କୁ ଅଟକ ରଖି ସେମାନଙ୍କ ନିକଟରୁ ୪ଟି ଗୋରୁଙ୍କୁ ଉଦ୍ଧାରକରି ବରହମପୁର ପୁଲିସକୁ ଖବର ଦେଇଥିଲେ। ଖବରପାଇ ବରହମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏନେଇ ବରହମପୁର ଥାନାରେ ୨/୨୬ନଂରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ବହୁଦିନଧରି ଗୋରୁବେପାର କରିଆସୁଥିବା ଗରଡି ଅଞ୍ଚଳର ହାଡିବନ୍ଧୁ ମଣ୍ଡଳ ନିଜର ସହକର୍ମୀ କାର୍ତ୍ତିକ ମଣ୍ଡଳ, ଚନ୍ଦ୍ରକାନ୍ତ ଘଡେଇ ଏବଂ ତପନ ଘଡେଇ ନୀଳଗିରି ଅଞ୍ଚଳରୁ ତିନୋଟି ଗାଇ ଏବଂ ଗୋଟିଏ ଗୋରୁଙ୍କୁ ନେଇ ମୟୂରଭଞ୍ଜ ଉଦଳା ହାଟକୁ ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ଖବରପାଇ ଗୋସେବକ ମାନେ ଗୋହୀରାଛକରେ ଅଟକରଖି ପୁଲିସକୁ ଖବର ଦେଇଥିଲେ। ପରେ ଉଦ୍ଧାର ସମସ୍ତ ଗୋରୁଗୁଡ଼ିକୁ ମା ଭାରତୀ ଗୋଶାଳା ବାମପଦାକୁ ପଠାଇ ଦିଆଯାଇଥିବା ବେଳେ ବରହମପୁର ଥାନାର ଏଏସଆଇ ନନ୍ଦକିଶୋର ବିଶ୍ୱାଳ ଘଟଣାର ତଦନ୍ତକାରି ଅଫିସର ଅଛନ୍ତି।

# କୀର୍ତ୍ତିଚନ୍ଦ୍ର ଉଚ୍ଚ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପ୍ରସ୍ତୁତି ବୈଠକ



ବାଲିଆପା/ଲଙ୍ଗଳେଶ୍ୱର, ୪।୧ (ସମିସ): ବାଲିଆପାଳ ବ୍ଲକ କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ,ନାରାୟଣପୁର ଆସନ୍ତା ୨୦୨୭ ମସିହାରେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି। ଉକ୍ତ ଉତ୍ସବକୁ ସଫଳ ରୂପାୟନ ପାଇଁ ପୁରାତନ ଛାତ୍ରମାନଙ୍କର ଏକ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆବାହକ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପଟ୍ଟାୟତ ପ୍ରଥମେ ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିବାବେଳେ ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ଓ ପରିଚାଳନା ସମିତି ସଦସ୍ୟ ଅମୂଲ୍ୟ କୁମାର ବେହେରା ପ୍ରସ୍ତୁତି ପର୍ବରେ ୧୯୮୯ରୁ ୨୦୨୫ ମସିହା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସମବେତ ହୋଇ ଯୁକ୍ତ ମତ ଦେବା ସହ ଆସନ୍ତା ବୈଠକରେ ଏକ ପରାମର୍ଶ କମିଟି, କାର୍ଯ୍ୟକାରୀ କମିଟି ଓ ସହକାରୀ କମିଟି ଗଠନ କରିବାର ସିଦ୍ଧାନ୍ତ ନିଆଯାଇଥିଲା। ପୁରାତନ ଛାତ୍ର ଯତୀନ୍ଦ୍ର ନାଥ ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ।

# ଦାଦାବଟି ପାଇଁ ଫୁଟିଲା ଗୁଳି

ବାଲେଶ୍ୱର,୪।୧(ସମିସ): ଦାଦାବଟି ଆଦାୟକୁ ନେଇ ଫୁଟିଲା ଗୁଳି। ଚାନ୍ଦିପୁର ଥାନା ଅନ୍ତର୍ଗତ ଗବଗାଁ ଅଞ୍ଚଳରେ ଏପରି ଏକ ଅପରାଧିକ ଘଟଣା ଘଟିଛି। ଏହି ଘଟଣା ପରେ ସ୍ଥାନୀୟଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଚାନ୍ଦିପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗବଗାଁ ଅଞ୍ଚଳର ମଇନା ଘର ଆଗରେ ଦୁର୍ବୃତ୍ତମାନେ ଦାଦା ବଟି ଆଦାୟ ପାଇଁ ଗୁଳି ଫୁଟାଇଥିବା ଅଭିଯୋଗ ହୋଇଛି। ଏହା ସହ ଘର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଚାନ୍ଦିପୁର ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଥିବା ବେଳେ କାହାରିକୁ ଏପର୍ଯ୍ୟନ୍ତ ଗିରଫ କରିନାହିଁ।

# ଶ୍ରଦ୍ଧାପତିଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ

ବାଲିଆପାଳ, ୪।୧ (ସମିସ): ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ମହାପ୍ରଭୁ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥ ରାଜଧିରାଜ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ସକାଳ ଧୂପ ପରେ ମହାପ୍ରଭୁ ଶ୍ରଦ୍ଧାପତି ଶ୍ରୀଜଗନ୍ନାଥ ରାଜଧିରାଜ ବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ପୁଷ୍ୟାଭିଷେକ ଅନ୍ୟତମ ଉତ୍ସବ। ଶ୍ରଦ୍ଧାପତିଙ୍କ ମୁଖ୍ୟ ସେବକ ବିଷ୍ଣୁଦାସ ପାଠୀ ହୋମ ଯଜ୍ଞ ସହ ସମସ୍ତ ନୀତି କାନ୍ତି ସୁଚାରୁରୂପେ ସମ୍ପନ୍ନ କରାଇଥିଲେ। କର୍ତ୍ତା ଭାବରେ ପ୍ରତାପ କୁମାର ପାତ୍ର ଏବଂ ତାଙ୍କ ଧର୍ମପତ୍ନୀ ମାମିଲତା ସଂକଳ୍ପ ହୋଇ ବିଧି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ଶ୍ରଦ୍ଧାପତିଙ୍କ ଅନ୍ୟ ସେବକ ରବିନାରାୟଣ ପାଠୀ, ଲୋକନାଥ ପାଠୀ, ହରେକୃଷ୍ଣ ପଣ୍ଡା,ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ଚକ୍ରବର୍ତ୍ତୀ ସଦସ୍ୟ ମୁରଲୀ ମୋହନ ସାହୁ, ପ୍ରିୟନାଥ ସେଠୀ, କାଳିଚରଣ ଦେ, ମଧୁସୂଦନ ସାହୁ, ମଧୁସୂଦନ ବାରିକ, ମନ୍ଦିର ମାଳାକାର କାର୍ତ୍ତିକ ଚନ୍ଦ୍ର ପଣ୍ଡିତ, ନାପିତ କୁମୁଦ ରଞ୍ଜନ ବାରିକ, ସୁପକାର ଶିଶିର କୁମାର ପଣ୍ଡା ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଦେବେନ୍ଦ୍ର କୁହ୍ଲାରୀ, କାଙ୍ଗାଳି ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୪।୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କୁ ଅଧିକ ପଢିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଡିଓ ରାଧା ରଞ୍ଜନ ଦାଶ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗିରଥ ଗିରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ପରିଚାଳନା କମିଟିର ସଭାପତି ଧନଞ୍ଜୟ ରାଉତ, ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ଜର୍ନାଦନ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ।

# କଂଗ୍ରେସର କର୍ମୀ ବୈଠକ

ରାଜଘାଟ/ବସ୍ତା ବ୍ଲକ, ୪।୧ (ସମିସ): ଭେଲୋରା ତାରିଣୀ କଲ୍ୟାଣ ମଣ୍ଡପରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବସ୍ତା ବ୍ଲକର ୧୪ଟି ପଞ୍ଚାୟତକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଭାପତି ସତ୍ୟ ନାରାୟଣ ଗୁପ୍ତାଙ୍କ ପୌରାହିତ୍ୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ଯୋଗଦେଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଅରୁଣ ମଣ୍ଡଳ, ଅଞ୍ଜଳି ପ୍ରଧାନ, ସୁଶାନ୍ତ ଦାସ, ସଂଜୀବ ମହାନ୍ତି, ପ୍ରଦୀପ ପ୍ରଧାନ, କାର୍ତିକ କୁମାର ପାତ୍ର, ଦାମୋଦର ଜେନା, ଗଙ୍ଗାଧର ପଢିହାରି, ମନ୍ମଥ ଦାସ, ଭାଗବତ ଦାସ, ସୁଶାନ୍ତ ସାହୁ, ବିନୋଦ ଦାସ, ପ୍ରେମାନନ୍ଦ ବାରିକ ପ୍ରମୁଖ ମଞ୍ଚସିନ ହୋଇ ବିଜୁଳି କାଟ, ଭତ୍ତା, ଭୂମିହୀନ, ଆବାସ ଓ ମଦ ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବା ସହ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ନାମ ପରିବର୍ତନ କରି ଜି.ଭି.ଜି. ରାମଜୀ ଯୋଜନାକୁ ଜୋରଦାର ବିରୋଧ କରାଯିବା ସହ ସରକାରଙ୍କ ଅପାରଗତାକୁ ତୃଣ ମୂଳ ସ୍ତରରେ ଘରେ ଘରେ ପହଞ୍ଚିବା ପାଇଁ ଉପସ୍ଥିତ ନେତାମାନେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଯୁବନେତା ରବୀନ୍ଦ୍ର ଜେନା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରୁଥିବା ବେଳେ ଯୁବ ନେତା ଗୌରୀଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟି ଟ୍ରାକ୍ଟର ଜବତ

ଜଳେଶ୍ୱର,୪।୧(ସମିସ): ଜଳେଶ୍ୱର ବ୍ଲକର ରାଇବଣିଆ ଅଞ୍ଚଳରେ ବେଆଇନ ବାଲି, ଗୋଡ଼ି ଓ ମାଟି ବେଆଇନ ଚୋରା ଚାଲାଣ ବଢିବାରେ ଲାଗିଛି। ଶନିବାର ସନ୍ଧ୍ୟାରେ ଦକ୍ଷିଣପ୍ରହରାଜପୁର ପଞ୍ଚାୟତ ମାଗୁଣିଆପଡ଼ା ଗ୍ରାମରେ ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ଆରଆଇମାନଙ୍କ ସହିତ ଏକ ଟିମ୍ ଚଢ଼ଉ କରିଥିଲେ। ଗୋଟିଏ ଟ୍ରାକ୍ଟର ଧରାପଡ଼ିଥିବା ବେଳେ ଅନ୍ୟଗୁଡ଼ିକ ଖସି ପଳାଇବାରେ ସଫଳ ହୋଇଥିଲେ।

# ସୁବର୍ଣ୍ଣରେଖାରେ ବଙ୍ଗ ମାଫିଆଙ୍କ ଅସ୍ଥାୟୀ ପୋଲ ନିର୍ମାଣ

ଜଳେଶ୍ୱର ବ୍ଲକ, ୪।୧ (ସମିସ)



ପରିବେଶ ପ୍ରଦୂଷଣ, ଖଣିଜ ପଦାର୍ଥ ଲୁଟ, ବନ ବିଭାଗ ଆଇନର ଦୁରୁପଯୋଗ, ବେଆଇନ ଭାବେ ନଦୀ ଗର୍ଭରୁ ବାଲିଉତ୍ତୋଳନ, ସ୍ୱମ୍ପପମ୍ପ ସହାୟତାରେ ନଦୀ ଗର୍ଭ ର ୪୦/୫୦ ଫୁଟ ତଳୁ ବାଲିଆଣିବାକୁ ବିରୋଧ କରି ଏନଜିଟି ଆଇନ ପ୍ରଣୟନ ଓ କେତେକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଓଡିଶାର କେତେକ ବ୍ୟକ୍ତି ଓ ଅଧିକାରୀଙ୍କୁ ବଶ କରି ପଶ୍ଚିମବଙ୍ଗ ବାଲି ମାଫିଆ ବେଆଇନ ଓ ବେଧଡ଼କ ଭାବେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ଚୋରାରେ ଲୁଟ କରି ଆସୁଛନ୍ତି। ଏବେ ଏହି କାର୍ଯ୍ୟକୁ ଅଧିକ ଚାଲାଣ ପାଇଁ ଓଡିଶା ପଶ୍ଚିମବଙ୍ଗ ସୀମା ନଦୀରେ ଅସ୍ଥାୟୀ ପୋଲ ନିର୍ମାଣ କରି ଅଧିକ ବାଲି ପରିବହନ ଲାଗି କାର୍ଯ୍ୟ କରୁଛନ୍ତି। ସୁବର୍ଣ୍ଣରେଖା ନଦୀର ପ୍ରାୟ ୧୦ କିମି ସୀମା ସମସ୍ୟା ରହିଛି। ନଦୀର ପଶ୍ଚିମ ପଟେ ଓଡିଶାର ରାଇବଣିଆ ଅଞ୍ଚଳ ଥିବା ବେଳେ ପୂର୍ବ ପଟେ ପଶ୍ଚିମବଙ୍ଗର ଦାନ୍ତନ ଅଞ୍ଚଳ ଅବସ୍ଥିତ। ପଶ୍ଚିମବଙ୍ଗ ବାଲି ମାଫିଆମାନେ ନଦୀରେ ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ଓଡିଶା ଅଞ୍ଚଳର କେତେକ ଗ୍ରାମର କିଛି ଅଧିବାସୀଙ୍କୁ ବଶ କରି ବାଲି ନେବା ନିମନ୍ତେ ରାସ୍ତା ନିର୍ମାଣ କରିଛନ୍ତି। ପ୍ରାୟ ୧୦ଟି ସ୍ଥାନରୁ ପଶ୍ଚିମବଙ୍ଗର କେତେକ ମାଫିଆ ଚୋରାରେ ବାଲି ନେଉଥିଲା ବେଳେ ଏବେ ରାଜନଗର, ମାକିଡ଼ିଆ, କୁଆଁରପୁର, ସୁନାକଣିଆ, ପ୍ରହାରାଜପୁର, ଗୁଆ ଗଡିଆ, ଦକ୍ଷିଣ ପ୍ରହରାଜପୁର ଠାରେ ନଦୀଟି ପଶ୍ଚିମବଙ୍ଗ କୂଳରେ ପ୍ରବାହିତ ହେଉଥିବାରୁ ଅସ୍ଥାୟୀ ପୋଲ ନିର୍ମାଣ ଚାଲିଛି। ଏହି ରାସ୍ତାରେ ସ୍ୱମ୍ପପମ୍ପ ସହାୟତାରେ ଗଭୀର ନଦୀ ପାଣି ମଧ୍ୟରୁ ବାଲି ଉତ୍ତୋଳନ କରି ଅସ୍ଥାୟୀ ପୋଲ ନିର୍ମାଣ ହେଉଛି। ଏହାକୁ ରୋକିବା ଲାଗି ଜିଲ୍ଲା ଓ ରାଜ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ନଦୀ କୂଳ ଗ୍ରାମବାସୀଙ୍କ ପକ୍ଷରୁ କେତେକ ସଚେତନ ବ୍ୟକ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଭିଜିଲାନ୍ସ ବିଭାଗ ଓ ଏନଜିଟିକୁ ଲିଖିତ ଭାବେ ନିବେଦନ କରିଛନ୍ତି। ଅନ୍ୟଥା ନଦୀ କୂଳ ଅତଡା, ନଦୀର ଗତି ପଥ ପରିବର୍ତ୍ତନ, ଭୂମି କମ୍ପନ ଇତ୍ୟାଦି ଦ୍ୱାରା ବ୍ୟାପକ କ୍ଷତି ହେବ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୪/୧/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୬୪,୭୮୫/-
ସୁନା: ୦୦.୧୫୦ ଗ୍ରାମ୍
ରୁପା: ୨୩.୮୫୦ ଗ୍ରାମ୍





## ବେଲେଶ୍ୱର ମହାଦେବ ପୀଠରେ ଭକ୍ତଙ୍କୁ ଶୋଷଣ

# ବସ୍ ପାର୍କିଂ ଫି’ ୩ ଘଣ୍ଟାକୁ ୨୦୦

ପୁରୀ,୪।୧(ସମିସ)

ଚାଲିଛି ପର୍ଯ୍ୟଟନ ଋତୁ। ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଏବେ ଭକ୍ତ, ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ଶ୍ରୀମନ୍ଦିର ସାଙ୍ଗକୁ କୋଣାର୍କ ସୂର୍ଯ୍ୟମନ୍ଦିର, ସାତପଡ଼ା, ମା’ ମଙ୍ଗଳା ମନ୍ଦିର, ପୀର୍‌ଜାହାନିଆଁ ବେଳାଭୂମି, ରାମଚଣ୍ଡୀ, ବାଲିହରଚଣ୍ଡୀ ଆଦି ଅନେକ ଧାର୍ମିକ ପୀଠ ଏବଂ ଦର୍ଶନୀୟ ସ୍ଥାନ ରହିଛି। ତେଣୁ ପ୍ରତିଦିନ ଜିଲ୍ଲାର ବିଭିନ୍ନ ଦର୍ଶନୀୟସ୍ଥଳ, ମଠ, ମନ୍ଦିରକୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେଉଛି। ଅଧିକାଂଶ ମହାପ୍ରଭୁଙ୍କ ଦର୍ଶନ ପରେ କୋଣାର୍କ ଯାତ୍ରା କରିଥା’ନ୍ତି। ତେବେ ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା ଶୈବପୀଠ ବାବା ବେଲେଶ୍ୱରଙ୍କ ଦର୍ଶନ ସହ ସେଠାରେ ଥିବା ବେଳାଭୂମିକୁ ମଧ୍ୟ ଅନେକ ଭକ୍ତ, ପର୍ଯ୍ୟଟକ ଯାଇଥା’ନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଏହି ପବିତ୍ର ପୀଠରେ ଭକ୍ତଙ୍କୁ ଶୋଷଣ ଏପରିକି ଦୁର୍ବ୍ୟବହାର କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହାକୁ ନେଇ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ କ୍ଷୋଭପ୍ରକାଶ କରିଛନ୍ତି। ପୁରୀ-କୋଣାର୍କ ମୁଖ୍ୟ ରାସ୍ତାରୁ ପ୍ରାୟ ୪ କି.ମି. ଦୂର ଏହି ପୀଠକୁ ପ୍ରାୟ ପ୍ରତ୍ୟେକ ଦିନ ସଂଖ୍ୟାଧିକ ବସ୍, କାର୍ ଓ ବାଇକ୍‌ରେ ଶ୍ରଦ୍ଧାଳୁ ଏବଂ ନିକଟସ୍ଥ ବେଳାଭୂମିକୁ ପର୍ଯ୍ୟଟକ ଆସିଥା’ନ୍ତି। ହେଲେ ଏଠାରେ ପାର୍କିଂ ଫି’ ମନଇଚ୍ଛା ଆଦାୟ କରାଯାଉଛି। ୩ ଘଣ୍ଟା ପାଇଁ ବସ୍ ପିଛା ୨୦୦ ଟଙ୍କା, କାର୍ ୧୦୦ ଏବଂ ବାଇକ୍ ପାଇଁ ୨୦ ଟଙ୍କା ଆଦାୟ କରାଯାଉଛି। ଏହାକୁ ନେଇ ଭକ୍ତ ଅସନ୍ତୁଷ୍ଟ ବ୍ୟକ୍ତ କରୁଛନ୍ତି। ରବିବାର ବେଲେଶ୍ୱର ମହାଦେବଙ୍କୁ ଦର୍ଶନ କରିବାକୁ ଆସିଥିବା ମଦମୁକ୍ତି ଯୁବ ବାହିନୀ ଓ ଗୋ-ସୁରକ୍ଷା ସମିତିର କର୍ମୀମାନଙ୍କଠାରୁ ବସ୍ ପିଛା ୨୦୦ ଟଙ୍କା ଆଦାୟ କରାଯାଇଛି। ହେଲେ ପାର୍କିଂ ଫି’ ଏତେ ଟଙ୍କା ନେଉଥିଲେ ବି ବସ୍‌ର ଜଗାରଖା ଦାୟିତ୍ୱ ସେମାନଙ୍କର ନୁହେଁ ବୋଲି ମନ୍ଦିର କମିଟି ରସିଦ୍ ଲେଖା ହିଁ ସ୍ପଷ୍ଟ କରୁଛି। କାରଣ ସେଥିରେ ଲେଖାଯାଇଛି ‘ଡ୍ରାଇଭର ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ। କୌଣସି କ୍ଷୟକ୍ଷତି କିମ୍ବା ଚୋରି ପାଇଁ ଆମେ ଦାୟୀ ନୁହେଁ। ଗାଡ଼ି ରଖିବାର ସମୟସୀମା ୩ ଘଣ୍ଟା।’ ଅର୍ଥାତ୍ ଯଦି କେହି ଅଧିକ ସମୟ ଗାଡ଼ି ରଖନ୍ତି ତେବେ ତାଙ୍କୁ ଆହୁରି ଅଧିକ ଟଙ୍କା ଦେବାକୁ ପଡ଼ିପାରେ। ଉଦ୍‌ବେଗର ବିଷୟ ହେଉଛି ମନ୍ଦିରକୁ ଲମ୍ବିଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କିଭଳି ଏତେ ଟଙ୍କା ଆଦାୟ କରାଯାଉଛି? ଏ ବିଷୟରେ ମନ୍ଦିର କମିଟିଠାରୁ ଟେଣ୍ଡର ନେଇ ଟଙ୍କା ଆଦାୟ କରୁଥିବା ବ୍ୟକ୍ତିଙ୍କୁ ପଚାରିବାରୁ ତାଙ୍କୁ ସେ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି ଅବସରପ୍ରାପ୍ତ ନୌସେନା ଅଧିକାରୀ ଯଦୁନାଥ ସାହୁ। ଚୁପ୍‌ଚାପ ପଇସା ଦେଇ ଯାଆନ୍ତୁ ବୋଲି ବ୍ୟକ୍ତି ଜଣକ କହିଥିଲେ।


ଓଁ ଶ୍ରୀ ଶ୍ରୀ ବେଲେଶ୍ୱର ମହାଦେବ
ବେଲେଶ୍ୱର କମିଟି
ସା - ରାମଚଣ୍ଡୀ, ଜିଲ୍ଲା - ପୁରୀ
10
ଗାଡ଼ି ନଂ........
ତାରିଖ.........
ବସ୍
ଟ.୨୦୦/-
ବି.ଦ୍ର.: ଡ୍ରାଇଭର ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ।
କୌଣସି କ୍ଷୟକ୍ଷତି କିମ୍ବା ଚୋରି ପାଇଁ ଆମେ ଦାୟୀ ନୁହେଁ।
ଗାଡ଼ି ରଖିବାର ସମୟସୀମା ୩ଘଂଟା।
ଆଦାୟକାରୀଙ୍କ ସ୍ୱାକ୍ଷର

- **କାର୍ ୧୦୦ ଓ ବାଇକ୍ ଫି’ ଆଦାୟ ହେଉଛି ୨୦ ଟଙ୍କା**
- **୩ଟି ବେଲପତ୍ର, ଗୋଟିଏ କଦଳୀ ଓ ଗୋଟିଏ ଗେଣ୍ଡୁଫୁଲ ୪୦ ଟଙ୍କା**

ବେଲେଶ୍ୱର ପୀଠରେ ଭକ୍ତଙ୍କୁ ପାର୍କିଂଠାରୁ ଭୋଗ ଦୋକାନ ପର୍ଯ୍ୟନ୍ତ ସବୁଠି ଶୋଷଣ କରାଯାଉଥିବା ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ୩ଟି ବେଲପତ୍ର, ଗୋଟିଏ ଗେଣ୍ଡୁ ଫୁଲ ଓ ଗୋଟିଏ କଦଳୀର ମୂଲ୍ୟ ୪୦ ଟଙ୍କା। ସେହିପରି ଦୀପଟିଏ କିଣିଲେ ୨୦ ଟଙ୍କା ଦେବାକୁ ପଡୁଛି। ବାସ୍ତବିକ ମୂଲ୍ୟଠାରୁ ଏହାର ବହୁତ୍ ଅଧିକ। ମନଇଚ୍ଛା ମୂଲ୍ୟରେ ପୂଜା ସାମଗ୍ରୀକୁ ବିକ୍ରି କରୁଛନ୍ତି। ଯେହେତୁ ଆଖପାଖରେ କୌଣସି ପୂଜା ଦୋକାନ ନାହିଁ ଭକ୍ତମାନେ ବାଧ ହୋଇ ସେଠାରୁ କିଣୁଛନ୍ତି। ଆଉ ଏକ ଉଦ୍‌ବେଗର କଥା ହେଉଛି ବର୍ତ୍ତମାନ ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନ ଋତୁ ଚାଲିଛି। ପାର୍କିଂ ନେଇଥିବା ବ୍ୟକ୍ତି କିଭଳି ଟଙ୍କା ନେଇ ରାତିରେ ବେଳାଭୂମିକୁ ପ୍ରିୱେଡିଂ ଶୁଟିଂ ପାଇଁ ଛାଡୁଛନ୍ତି? ଏ ଦିଗରେ ବନ ବିଭାଗର ଅଧିକାରୀ ଅବଗତ ଅଛନ୍ତି ନା ନାହାନ୍ତି? ଏହି ପୀଠର ଗରିମାକୁ ଅକ୍ଷୁଣ୍ଣ ରଖିବା ଏବଂ ଭକ୍ତଙ୍କୁ ଭଲ ଅନୁଭୂତି ଦେବା ପାଇଁ ଜିଲ୍ଲାପାଳ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

# ପୁରୀ ଜିଲ୍ଲାରେ ଆମ ବସ୍‌ର ଯାଞ୍ଚ

ପୁରୀ,୪।୧(ସମିସ): ପରିବହନ ବିଭାଗ ପକ୍ଷରୁ ରବିବାର ମାଳତୀପାଟପୁର ଛକଠାରେ ଆମ ବସ୍‌ଗୁଡ଼ିକର ଯାଞ୍ଚ କରାଯାଇଛି। ଗାଡ଼ିଗୁଡ଼ିକର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫିଟ୍‌ନେସ୍ ଇତ୍ୟାଦି ଠିକ୍ ଅଛି ନା ନାହିଁ, ଗାଡ଼ି ଚଳାଇବାବେଳେ ଚାଳକ ମାଦକଦ୍ରବ୍ୟ ସେବନ କରିଛନ୍ତି କି ଏ ସବୁର ଯାଞ୍ଚ କରାଯାଇଥିଲା। ପୁରୀକୁ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକର ସମସ୍ତ କାଗଜପତ୍ର ଠିକ୍ ଥିବା ଓ କୌଣସି ଡ୍ରାଇଭର ମାଦକଦ୍ରବ୍ୟ ସେବନ କରି ନ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା ସୂଚନା ଦେଇଛନ୍ତି। ଇନ୍ସପେକ୍ଟର ଏମ୍‌ଭିଆଇ ବିଭୂତି ରଞ୍ଜନ ନାୟକ ଓ ଜୁନିୟର ଏମ୍‌ଭିଆଇ ଦମୟନ୍ତୀ ମାହାଲି ଯାଞ୍ଚରେ ସାମିଲ୍ ଥିଲେ।



# ୫ ଗୋରୁ ଉଦ୍ଧାର; ଡ୍ରାଇଭର ଗିରଫ

ଗୋପ,୪।୧(ସମିସ): ଶନିବାର ସୁବର୍ଣ୍ଣପୁର-ଗବକୁଣ୍ଡ ରାସ୍ତାର ଆଇମା ଗ୍ରାମ ନିକଟରେ ୪ ଗାଈ ଓ ୧ ବାଛୁରୀ ବିକ୍ରୟ କରିବା ନିମନ୍ତେ ସାକ୍ଷୀଗୋପାଳ ଅଭିମୁଖେ ଯାଉଥିବା ଏକ ଟାଟାଏସିଇ ଭ୍ୟାନ୍‌କୁ ସ୍ଥାନୀୟ ଲୋକେ ଅଟକ ରଖି ଗୋପ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ି ସହ ଡ୍ରାଇଭରକୁ ଗିରଫ କରି ରବିବାର ଜେଲ୍ ପଠାଇଛନ୍ତି। ସନ୍ଧ୍ୟାରେ ଅନ୍ୟ ଏକ ଗାଡ଼ିରେ ଗାଈବାଛୁରୀଙ୍କୁ ବାଲିଘାଇ ନିକଟସ୍ଥ ହରିହରାନନ୍ଦ ଗୋଶାଳାରେ ଛଡ଼ାଯାଇଛି।

## ୬ରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ

# ବୁଲିଲା ପ୍ରଚାର ଗାଡ଼ି; ମାପଚୁପରେ ପ୍ରିୟାପ୍ରୀତି ଅଭିଯୋଗ

ଗୋପ,୪।୧(ସମିସ): ଆସନ୍ତା ୬ ତାରିଖ ଦିନ ଗୋପ ବଜାର ଉଚ୍ଛେଦ ପ୍ରକ୍ରିୟା କରାଯିବା ନେଇ ଅତିରିକ୍ତ ତହସିଲ୍‌ଦାରଙ୍କ ନେତୃତ୍ୱରେ ଏକ ଟିମ୍ ମାପ କରି ଚିହ୍ନ ଦେଉଥିବାବେଳେ କାର୍ଯ୍ୟାଳୟ ପକ୍ଷରୁ ବୁଲିଛି ପ୍ରଚାର ଗାଡ଼ି। ହେଲେ ଏହି ମାପଚୁପ ଓ ଚିହ୍ନଟ ପ୍ରକ୍ରିୟାରେ ବ୍ୟାପକ ଭାବରେ ପ୍ରିୟାପ୍ରୀତି ହୋଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, କିଛି ବର୍ଷ ଧରି ଗୋପ-ଚାରିଛକ, ଗୋପ-ନିମାପଡ଼ା, ଗୋପ-ବାଲିଘାଇ ଓ ଗୋପ-କୋଣାର୍କ ରାସ୍ତାରେ ସରକାରୀ ଜମି ଜବରଦଖଲ ହୋଇଥିବା ଭଳି ଅଭିଯୋଗ ହୋଇ ଆସୁଥିଲା। ଏପରିକି ଅଧିକାଂଶ ସମୟରେ ଏହିସବୁ ରାସ୍ତାରେ ପୁରୀ, କୋଣାର୍କକୁ ଦେଶ ବିଦେଶର ପର୍ଯ୍ୟଟକମାନେ ବୁଲି ଯାଉଥିବାବେଳେ ଯା’ଆସ କରୁଥିବା ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥାଏ। ଏହିସବୁ ଅଭିଯୋଗ ଉପରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ସରକାର ପର୍ଯ୍ୟଟନର ବିକାଶ ଓ ରାସ୍ତାଘାଟର ଉନ୍ନତି କରିବା ଲାଗି ଅଣ୍ଟା ଭିଡ଼ିଥିବାରୁ ଏହି ରାସ୍ତାଗୁଡ଼ିକରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗତ ମାସରେ ଏହି ଉଚ୍ଛେଦ ପାଇଁ ଗୋପ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ରାସ୍ତାକଡ଼ରେ ଥିବା ଓ ସରକାରୀ ଜମି ଉପରେ ରହି ଜବରଦଖଲ କରିଥିବା ଦୋକାନୀମାନଙ୍କୁ ନୋଟିସ ଦିଆଯିବା ସହ ବିଭିନ୍ନ ରାସ୍ତାକୁ ମାପଚୁପ ଆରମ୍ଭ ହୋଇଥିଲା। ହେଲେ ଗୋପ ବଜାରର ଚାରିପଟରେ ବଡ଼ବଡ଼ ଦୋକାନ କରି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ସରକାରୀ ଜମିକୁ ଜବରଦଖଲ କରିଥିବାବେଳେ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ସଲାସୁତରା ହୋଇଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷରେ ଗୋପ ବଜାର କଡ଼ରେ ଥିବା ଥାନା ଜମିରେ ଉପରେ କେତେକ ଦୋକାନ ବଜାର ଚାଲିଥିବାବେଳେ ଏବେ ଅଳ୍ପ ଦିନ ତଳେ ଗୋପ ବ୍ଲକ୍ ପକ୍ଷରୁ ଏହି ଜମିରେ ସରକାରୀ ଟଙ୍କା ଖର୍ଚ୍ଚ କରାଯାଇ ପିଣ୍ଡି କରାଯିବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ହେଲେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ ଏହା ଥାନା ଜମି, ଏଠାରେ କେମିତି ଦୋକାନ ବଜାର ହେବ ବୋଲି କହିଥିଲେ। ଫଳରେ ଏବେ ଏହି କାର୍ଯ୍ୟ ବନ୍ଦ ରହିଥିବାବେଳେ ଥାନା ପକ୍ଷରୁ ଥାନା ଜମିରୁ ଦୋକାନ ବଜାର ଉଚ୍ଛେଦ କରାଯିବା ଲାଗି ଚିଠି କରାଯାଇଛି। ଗୋପ ବଜାର ଉଚ୍ଛେଦ ପୂର୍ବରୁ ସରକାରୀ ଜମିକୁ ଠିକ୍ ଭାବରେ ମାପଚୁପ କରାଯିବାକୁ ଦାବି କରାଯାଇଥିବା ବେଳେ ଦୀର୍ଘ ବର୍ଷ ଧରି ଗୋପ ପଞ୍ଜାବ ବ୍ୟାଙ୍କ ଓ ମୁଖ୍ୟ ରାସ୍ତାକଡ଼ରେ ଥିବା ସରକାରୀ ଜମି ନୟନଯୋଡ଼ିକୁ ଜବରଦଖଲ କରିଥିବା ଜମିଗୁଡ଼ିକୁ ଉଚ୍ଛେଦ କରାଯିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶଙ୍କୁ ପଚାରିବାରେ ମାପଚୁପ ଚାଲିଛି। ଅନ୍ୟ ଅଭିଯୋଗ ଉପରେ ଖୁବ୍‌ଶୀଘ୍ର ମାପଚୁପ କରାଯିବା ସହ ୬୨ ବର୍ଷ ଧରି ସରକାରୀ ଜମିକୁ ଜବରଦଖଲ ଉପରେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

## • କଳାକାର ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

# ସାଧନା, ନିଷ୍ଠା ଦ୍ୱାରା କଳା ଅଧିକ ପରିମାର୍ଜିତ ହୋଇଥାଏ

ପୁରୀ,୪।୧(ସମିସ): ଓଡ଼ିଶା କଳା ଓ ସଂସ୍କୃତିର ମାଟି। କଳାକାର ଓ ସାହିତ୍ୟିକମାନଙ୍କୁ ସମ୍ମାନ ପ୍ରଦର୍ଶନ ଦ୍ୱାରା ପୂଜ୍ୟ ପୂଜାର ଗୌରବ ବୃଦ୍ଧି ଓ ପ୍ରେରଣାଦାୟକ ହୋଇଥାଏ ବୋଲି କହିଛନ୍ତି ଅତିଥିମାନେ। ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚରାଲ ଆର୍ଟ ଏକାଡେମୀ ପକ୍ଷରୁ ଜାତୀୟସ୍ତରୀୟ ଶ୍ରୀକ୍ଷେତ୍ର ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଐତିହାସିକ ଓ ଗବେଷକ ଅନୀଲ କୁମାର ଧିର ଓଡିଶାର କଳା, ସ୍ଥାପତ୍ୟ, ପରମ୍ପରା ଓ ସଂସ୍କୃତି ଅନନ୍ୟ ବୋଲି କହିବା ସହ ଆହୁରି ଅଧିକ ଗବେଷଣା ମାଧ୍ୟମରେ ଏହାର ପୁନରୁଦ୍ଧାର ପାଇଁ ମତ ରଖିଥିଲେ। ଅନୁଷ୍ଠାନର ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଅଧ୍ୟକ୍ଷ ନଙ୍ଗୁଳି ବାବା, ସମାଜସେବୀ ଡ. ସୁବାସ ଚନ୍ଦ୍ର ପାଣି, ବିଶିଷ୍ଟ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ଦେବାଂଶୀ ମିଶ୍ର, ଡ. ସୁବାସ ରଥ, ବ୍ୟଙ୍ଗ କବି ସମ୍ପଦ ରଥ ପ୍ରମୁଖ ଉପସ୍ଥିତ ରହି କଳା ଏକ ଈଶ୍ୱରଦତ୍ତ ପ୍ରତିଭା। ସାଧନା, ନିଷ୍ଠା ଓ ପରିଶ୍ରମ ଦ୍ୱାରା ଏହା ଅଧିକ ପରିମାର୍ଜିତ ହୋଇଥାଏ। ତେଣୁ ପ୍ରତ୍ୟେକ ଶିଳ୍ପୀ ଓ କଳାକାର କଠୋର ସାଧନା ସହ ଅଧ୍ୟବସାୟୀ ହୋଇ ନିଜର ପରିଚୟ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ପରେ ଅତିଥିମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜେପୁରରୁ ଆସିଥିବା କଂସ ଚରିତ୍ରଧାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଦାସ ଅତିଥି ପରିଚୟ ଓ ବିବରଣୀ ପଠନ ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବିଜୟିନୀ ଦାଶ ଓ ବିଜୟଲକ୍ଷ୍ମୀ ଶତପଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସଦସ୍ୟ ପ୍ରଦୀପ କୁମାର ବିହାରୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।



# ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ



ପୁରୀ,୪।୧(ସମିସ): ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠ ପରିସରରେ ରବିବାର ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ମେଳା କମିଟି ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ଉଦ୍‌ଘାଟକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ମୁଖ୍ୟଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଓ ସତ୍ୟବାଦୀ ଦାଶ ଯୋଗଦେଇ ପୁସ୍ତକ ମେଳା ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ କମିଟିର ମୁଖପତ୍ର “ବହିବିଚିତ୍ରା’, ଭଗବାନ ଦାଶଙ୍କ ରଚିତ ପୁସ୍ତକ ‘ସମୟ ସବୁ ବଦଳାଇଦିଏ’, ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ରଚିତ ପୁସ୍ତକ “ଓଡ଼ିଆ ବ୍ୟାକରଣବୋଧ’, ଡ. ଅର୍ଚ୍ଚନା ଆଚାର୍ଯ୍ୟଙ୍କ ରଚିତ ପୁସ୍ତକ “ନୀୟବତାର ରିଗିଣୀ’, ଜାନକୀ ବଲ୍ଲଭ ଦାଶଙ୍କ ରଚିତ ପୁସ୍ତକ ‘ବିଦୀର୍ଣ୍ଣ ଆକାଶ’, ଶ୍ରୀକାନ୍ତ ମହାନ୍ତିଙ୍କ ସମ୍ପାଦିତ ସଂକଳନ ‘ଅମୃତ ଅନୁଭବ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ପରିଷଦର କଳାକାରମାନେ ଗୁରୁ ଉର୍ମିଳା ପ୍ରଧାନଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ବନ୍ଦନା ଗାନ କରିଥିଲେ। କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ମହାନ୍ତି, ଡ. ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ବିପିନ ବିହାରୀ ଦଳାଇ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁକାନ୍ତ ପଣ୍ଡା, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ଗୀତାଞ୍ଜଳି ପଣ୍ଡା, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପ୍ରସନ୍ନ ମିଶ୍ର।

# ଡ. ବିଭୂତିଭୂଷଣ ଚମ୍ପତିଙ୍କୁ ଯୁବ ପ୍ରତିଭା ସମ୍ମାନ

ପୁରୀ,୪।୧(ସମିସ): ନିକଟରେ ବଲାଙ୍ଗିରଠାରେ ଅନୁଷ୍ଠିତ ନୃତ୍ୟ ଅନୁଶୀଳନ ଉତ୍ସବରେ ଡ. ବିଭୂତିଭୂଷଣ ଚମ୍ପତିଙ୍କୁ ଶିକ୍ଷା ଏବଂ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟ ଅନୁଶୀଳନ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। କଣାସ ଖଣ୍ଡହତା ପଞ୍ଚାୟତ ଅଧୀନ ତିଗିରିଆ ଗ୍ରାମର ଡ. ଚମ୍ପତି ଶୈଶବରୁ ପାରମ୍ପରିକ ଗୀତ, ନୃତ୍ୟ ଏବଂ ବାଦ୍ୟ ପ୍ରତି ଅତ୍ୟନ୍ତ ଆଗ୍ରହୀ ଥିଲେ। ୨୦୦୦ ମସିହାରେ ସେ ଐତିହ୍ୟ ଗ୍ରାମ ରଘୁରାଜପୁର ପଦ୍ମଶ୍ରୀ ଗୁରୁ ମାଗୁଣି ଦାସଙ୍କ ଗୋଟିପୁଅ ଗୁରୁକୁଳରେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ନୃତ୍ୟ, ଗୀତ ଏବଂ ବାଦ୍ୟରେ ଅତି ଚମତ୍କାର ପ୍ରଦର୍ଶନ କରିପାରିଥିଲେ। ବିଭିନ୍ନ ସମ୍ମାନଜନକ ମଞ୍ଚରେ ତାଙ୍କର କଳାତ୍ମକ ପରିବେଷଣ ସମସ୍ତଙ୍କୁ ସ୍ତମ୍ଭିଭୂତ କରୁଥିଲା। ସେ ଅନେକ ପୁରସ୍କାର ଓ ସମ୍ମାନ ଅଧିକାରୀ ହୋଇପାରିଥିବା ବେଳେ ଏବେ ନୃତ୍ୟ ଅନୁଶୀଳନ ଯୁବ ପ୍ରତିଭା ସମ୍ମାନ ପାଇଛନ୍ତି।

## • ସମବାୟ ବର୍ଷ ସମାରୋହ ଉଦ୍‌ଯାପିତ

# ଭାରତର ସମବାୟ ଆନ୍ଦୋଳନ ବିଶ୍ୱର ସର୍ବବୃହତ୍

ପୁରୀ,୪।୧(ସମିସ): ସମବାୟ ବିଭାଗ ପୁରୀ ବିଭାଜନ ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତର ସମବାୟ ଆନ୍ଦୋଳନ ବିଶ୍ୱର ସର୍ବବୃହତ୍ ଓ ସବୁଠାରୁ ଶକ୍ତିଶାଳୀ ସାମାଜିକ ଓ ଆର୍ଥିକ ପ୍ରୟାସ ମାଧ୍ୟମରେ ଏକ ଅନ୍ୟତମ ଆନ୍ଦୋଳନ। ସମବାୟ ଭାବଧାରାର ପ୍ରସାର, ସମବାୟ ଆନ୍ଦୋଳନ ବିଷୟରେ ସଚେତନତା ସୃଷ୍ଟି ଏହିସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ। ଚଳିତବର୍ଷ ସମବାୟ ସପ୍ତାହ ଏବଂ ବର୍ଷତମାମ କାର୍ଯ୍ୟକ୍ରମ ପାଳନ ଅବସରରେ ଆଲୋଚ୍ୟ ପ୍ରସଙ୍ଗ ରଖାଯାଇଥିଲା ‘ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ’। ପୁରୀ ବିଭାଜନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସମବାୟ ସମିତି ସମୂହ ପୁରୀ ବିଭାଜନର ଉପନିବନ୍ଧକ ସୁଶ୍ରୀ ସରୋଜିନୀ ଜେନା। ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ବନଶ୍ରୀ ମଲ୍ଲିକ, ପୁରୀ ସମୀକ୍ଷା ମଣ୍ଡଳର ଉପ ସହକାରୀ ମହାସମୀକ୍ଷକ ଯୁଧିଷ୍ଠିର ଜେନା, ଅତିରିକ୍ତ ଯୋଗାଣ ଅଧିକାରୀ ରୀନା ସରିତା, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଉପ ସହକାରୀ ନିବନ୍ଧକ ଲକ୍ଷ୍ମୀଧର ସାହୁ, ସମବାୟ ସମିତି ସମୂହ ପୁରୀ ମଣ୍ଡଳର ସହକାରୀ ନିବନ୍ଧକ ସନାତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନର ବଜାର ବ୍ୟବସ୍ଥା ଅର୍ଥନୀତିରେ ସମବାୟ ଅନୁଷ୍ଠାନକୁ ସମୃଦ୍ଧ ଓ ସଶକ୍ତ କରିବାକୁ ହେଲେ ସମବାୟଗୁଡ଼ିକ ମଧ୍ୟରେ ଆର୍ଥିକ ସହଭାଗିତା ଓ ସହଯୋଗିତା ଅପରିହାର୍ଯ୍ୟ। ଗ୍ରାମାଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତି ପାଖରେ ସମବାୟର ସୁଫଳ ପହଞ୍ଚି ପାରିଲେ ହିଁ ସମବାୟ ଆନ୍ଦୋଳନ ସଫଳ ହେବ ବୋଲି କହିଥିଲେ। ଏହି ଅବସରରେ ବାଙ୍ଗୁରିଗାଁ ସମବାୟ ସମିତି, କୃଷ୍ଣପ୍ରସାଦ ସେବା ସମବାୟ ସମିତି, ବିଷ୍ଣୁପୁର ସେବା ସମବାୟ ସମିତିକୁ ଏବଂ ଶ୍ରେଷ୍ଠ ବ୍ୟାଙ୍କ ଶାଖା ଭାବେ ନିମାପଡ଼ା, ବ୍ରହ୍ମଗିରି ଓ ପିପିଲି ଶାଖାକୁ ପୁରସ୍କୃତ କରାଯାଇଥିଲା। ପୁରୀ ବିଭାଜନର ଉପ ସହକାରୀ ନିବନ୍ଧକ ଦିଲ୍ଲୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସମାରୋହରେ ୧୧ ବ୍ଲକ୍‌ରୁ ସମବାୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମ୍‌ଶ୍ରୀ ଉତ୍ସବ

ପୁରୀ,୪।୧(ସମିସ): ଜାତୀୟ ଶିକ୍ଷା ନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍ଗିଣ ବିକାଶ ବୋଲି କହିଛନ୍ତି ପୁରୀ ସାଂସଦ ଡ. ସମ୍ବିତ ପାତ୍ର। ଶନିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଡ. ପାତ୍ର ପାଠ ସହ ଅନ୍ୟାନ୍ୟ ଦିଗ ଯଥା କ୍ରୀଡ଼ା, ସଂସ୍କୃତି, ଚିତ୍ରାଙ୍କନ, ବୈଷୟିକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିବା ପିଏମ୍‌ଶ୍ରୀ ବିଦ୍ୟାଳୟର ଉଦ୍ଦେଶ୍ୟ। ଆମ ଜିଲ୍ଲାରେ ୨୭ଟି ପିଏମ୍‌ଶ୍ରୀ ବିଦ୍ୟାଳୟ ରହିଛି। ୨୦୩୬ ମସିହାକୁ ବିକଶିତ ଓଡ଼ିଶା ଓ ୨୦୪୭କୁ ବିକଶିତ ଭାରତର ପରିକଳ୍ପନାକୁ ସଫଳ କରିବା ବୋଲି କହିଥିଲେ। ପୁରାତନ ଛାତ୍ରଛାତ୍ରୀ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟରେ ନିୟୋଜିତ ରହିଛନ୍ତି ସେମାନଙ୍କୁ ବିଦ୍ୟାଳୟମାନଙ୍କୁ ଆମନ୍ତ୍ରଣ କରି ଅଭିଜ୍ଞତା ଓ ଅନୁଭବକୁ ବର୍ତ୍ତମାନର ପିଢ଼ିମାନଙ୍କୁ ଶୁଣେଇବାକୁ ଡ. ପାତ୍ର ପରାମର୍ଶ ଦେଇଥିଲେ। ପରେ ସାଂସଦଙ୍କ ପରାମର୍ଶ କ୍ରମେ ସମସ୍ତେ ଶୁକ୍ରବାର ବଡ଼ଦାଣ୍ଡ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶିଶୁ ଶ୍ରେୟାଂଶ ଦେଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ସହ ସୁସମନ୍ୱୟ ଏବଂ ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ ଶିକ୍ଷା ପ୍ରତି ପିଲାମାନଙ୍କୁ ଅଧିକ ପ୍ରେରଣା ଦେବ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଭାରତରେ ୧୪ହଜାର ୫୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ପିଏମ୍‌ଶ୍ରୀ ବିଦ୍ୟାଳୟ କାର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟର ବିକାଶ ଓ ଶିକ୍ଷାର ଉତ୍ଥାନ ପାଇଁ ପିଏମ୍‌ଶ୍ରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଓ ରାଜଶ୍ରୀ ଦାସ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ମିଳୁ ଦର୍ଶନ ସୁବିଧା

ପୁରୀ,୪।୧(ସମିସ)

ନୂଆବର୍ଷ ସାଙ୍ଗକୁ ଏବେ ଚାଲିଛି ପିକ୍‌ନିକ୍ ଋତୁ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପିକ୍‌ନିକ୍ ପାଇଁ ଯାଉଛନ୍ତି। ଛୁଟିଦିନ ଯୋଗୁଁ ରବିବାରକୁ ଏଥିପାଇଁ ଅଧିକାଂଶ ସ୍କୁଲ କର୍ତ୍ତୃପକ୍ଷ ଚୟନ କରୁଛନ୍ତି। ଏବେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପିଲାମାନଙ୍କୁ ଶ୍ରୀମନ୍ଦିର ପରିଦର୍ଶନରେ ଆଣୁଛନ୍ତି। ହେଲେ ପରିତାପର ବିଷୟ ଦେଶର ଭବିଷ୍ୟତ କୁହାଯାଉଥିବା ଏହି ପିଲାମାନଙ୍କ ପାଇଁ ବଡ଼ ଦେଉଳରେ ସେମିତି କୌଣସି ଦର୍ଶନ ସୁବିଧା ନାହିଁ। କେବେ କେମିତି କୌଣସି ଅନୁଷ୍ଠାନ ସହଯୋଗରେ ହେଉ ଅବା ପୁଲିସର ଦୃଷ୍ଟିକୁ ଆସିଲେ ସେମାନଙ୍କୁ ସହଜରେ ମନ୍ଦିର ପ୍ରବେଶରେ ସୁଯୋଗ ମିଳିଥାଏ। କିନ୍ତୁ ଭିତରେ ସେହି ଠେଲାପେଲାରେ ସେମାନେ ଦର୍ଶନ କରିଥା’ନ୍ତି। ଅଧିକାଂଶ ସମୟରେ ସ୍କୁଲ ଛାତ୍ରଛାତ୍ରୀମାନେ ଦର୍ଶନ ପାଇଁ ଆସି କଲବଲ ହେଉଥିବାର ଚିତ୍ର ସାମ୍ନାକୁ ଆସିଥାଏ। ରବିବାର ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶତାଧିକ ସ୍କୁଲ ଛାତ୍ରଛାତ୍ରୀ ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍ ମଧ୍ୟରେ ଛିଡ଼ା ହୋଇ ରହିଥିଲେ। ଏପରିକି କେତେଜଣ ଅତିଷ୍ଠ ହୋଇପଡ଼ିବା ସହ ବ୍ୟାରିକେଡ୍ ବାଡ଼ାକୁ ଧରି ଆଉଜି ପଡ଼ିଥିଲେ। ସାଥିରେ ଆସିଥିବା ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ନିରୁପାୟ। ସେମାନେ କାହାକୁ ବା କହିବେ କିଏ ଶୁଣିବ? ଏଭଳି ସ୍ଥିତିରେ ବ୍ୟାରିକେଡ୍ ଭିତରେ ପିଲାମାନଙ୍କୁ ଦୀର୍ଘ ସମୟ ଛିଡ଼ା ହୋଇଥିବା ଦେଖି ଅନ୍ୟ ଶ୍ରଦ୍ଧାଳୁମାନେ ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି। ଅନ୍ତତଃପକ୍ଷେ ଛାତ୍ରଛାତ୍ରୀମାନେ ଯେପରି ସହଜରେ ଦର୍ଶନ କରିପାରିବେ ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯିବା ଦରକାର ବୋଲି କହିଛନ୍ତି। ଅନ୍ୟପକ୍ଷରେ ବ୍ୟାରିକେଡ୍ ଭିତରେ ୨/୩ ଘଣ୍ଟା ସମୟ ଯିବାରୁ ପିଲାମାନେ ଅନ୍ୟ ପର୍ଯ୍ୟଟନସ୍ଥଳୀ ଦର୍ଶନ କରିବାରୁ ବଞ୍ଚିତ ହେଉଥିବା ପୂର୍ବରୁ ମଧ୍ୟ ଅଭିଯୋଗ ରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁହାଯାଉଛି।



**ବ୍ୟାରିକେଡ୍‌ରେ କଲବଲ ହେଉଛନ୍ତି**

**ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା**

# ଲଳିତଙ୍କ ସମେତ ୩୦ ବିଜେପି କର୍ମୀଙ୍କ ନାଁରେ ମାମଲା ରୁଜୁ

ରାଜନଗର/କେନ୍ଦ୍ରାପଡ଼ା, ୪ ।୧(ସମିସ)



ରାଜନଗର ବ୍ଲକର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଘବଦ୍ଧ ଭାବେ ଘେରିବା ସହ ସରକାରୀ ଲାପଟପ ଉଠାଇ ମାରିବାକୁ ଉଦ୍ୟମ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି । ଏହି ଘଟଣା ସମ୍ପର୍କରେ ବିଡିଓ ତିଲୋତ୍ତମା ପୃଷ୍ଟି କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ତାଙ୍କର ମାନସିକ ଅବସ୍ଥା ଭଲ ନଥିବାରୁ ସେ ଛୁଟିରେ ଯାଇଥିବା ଜଣାପଡିଛି । ଏହି ଘଟଣାକୁ ଜିଲ୍ଲାର ଓଏଏସ ସଂଘ ମଧ୍ୟ ଗୁରୁତର ସହ ନେବା ସହ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର ରାଜନଗର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ରାଜନଗର ଥାନାରେ ବିଜେପି ନେତା ତଥା ବିଜେପିର ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଓ ତାଙ୍କ ସମର୍ଥକଙ୍କ ନାଁରେ କେସ ନମ୍ବର ୩/୨୦୨୬ରେ ମାମଲା ରୁଜୁ ହୋଇଛି ।

ସୂଚନା ମୁତାବକ, ବିଜେପି ବିଧାୟକ ପାର୍ଥୀ ଲଳିତ ବେହେରାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ୨ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ । ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ କରିଥିଲେ । ବିଡିଓ ମନା କରିବାରୁ ପ୍ରଥମେ ଲଳିତଙ୍କ ସହିତ ଯାଇଥିବା କର୍ମୀ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିଲେ । ବିଡିଓ ଏହାର ପ୍ରତିବାଦ କରିବାରୁ ବିଜେପି ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପଟପକୁ ଟାଣି ଆଣି ତାଙ୍କ ଉପରକୁ ଫୋପଡିବାକୁ ଯାଉଥିଲେ । ଅନ୍ୟ କର୍ମୀ ତାଙ୍କଠାରୁ ଲାପଟପ ଛଡାଇ ଆଣିବାରୁ ବିଡିଓ ରକ୍ଷା ପାଇଯାଇଥିଲେ । ପରେ ବିଡିଓଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ କଥାରେ କାମ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି । ସରକାରୀ କାର୍ଯ୍ୟ କରୁଥିବାବେଳେ କାର୍ଯ୍ୟ ସମ୍ପାଦନ କରିବାକୁ ନ ଦେଇ ଆକ୍ରମଣ ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ଏହି ଘଟଣା ପରଠାରୁ ବିଡିଓ ତାଙ୍କ କାର୍ଯ୍ୟାଳୟକୁ ଆସି ନ ଥିବାବେଳେ ଛୁଟିରେ ଚାଲିଯାଇଛନ୍ତି । ଏହି ଘଟଣାକୁ ନେଇ ଆସନ୍ତାକାଲି ରାଜ୍ୟ ସ୍ତରରେ ଓ ରାଜନଗରରେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଜଣାପଡ଼ିଛି ।

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଓଏଏସ୍ ସଂଘର ଦାବି

## ଅନ୍ଧାରରେ ଅଢ଼ାଜୋରୀ ବିଦ୍ୟୁତ୍ କାର୍ଯ୍ୟାଳୟ

ପଟ୍ଟାମୁଣ୍ଡାଇ,୪ ।୧(ସମିସ): ଟିପିସିଓଡିଏଲର ପଟ୍ଟାମୁଣ୍ଡାଇ ସବଡିଭିଜନ ଅନ୍ତର୍ଗତ ଅଢ଼ାଜୋରୀ ବିଦ୍ୟୁତ ସେକ୍ସନ ଅଫିସ ଦୀର୍ଘଦିନ ହେବ ଅନ୍ଧାରରେ ରହିଥିବା ଦେଖାଯାଉଛି । ଅଧିକାରୀଙ୍କ ଅବହେଳାରୁ ଉତ୍ତିକଣ ଅଞ୍ଚଳର ଅନେକ ଗ୍ରାମକୁ ବିଦ୍ୟୁତ ଯୋଗାଇ ଆଲୋକିତ କରୁଥିବା ଅଢ଼ାଜୋରୀ ବିଦ୍ୟୁତ କାର୍ଯ୍ୟାଳୟ ବାହାର ପାଶ୍ୱର୍ରେ କୌଣସି ଲାଇଟ ଲାଗିପାରିନାହିଁ । ମୁଖ୍ୟ ରାସ୍ତାରୁ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା କଡ଼ରେ ଥିବା କୌଣସି ଗୋଟିଏ ବି ଖୁଣ୍ଟରେ ଲାଇଟ ଲଗାଇବା ପାଇଁ କାର୍ଯ୍ୟାଳୟ ତରଫରୁ ଉଦ୍ୟମ କରାଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଯଦ୍ୱାରା ରାତିରେ ଅନ୍ଧାରର ସୁଯୋଗ ନେଇ ନିଶାଡ଼ିମାନେ କାର୍ଯ୍ୟାଳୟ ପାଖରେ ଅଡ୍ଡା ଜମାଉଛନ୍ତି । ରାତିରେ ଜନସାଧାରଣ କୌଣସି ଜରୁରୀ କାମରେ କାର୍ଯ୍ୟାଳୟକୁ ଗଲେ ଅନ୍ଧାର ଜନିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟାଳୟର ରାତି ଡ୍ୟୁଟି କରୁଥିବା କର୍ମଚାରୀ ମଧ୍ୟ ଅନ୍ଧାର ଯୋଗୁଁ ଭୟଭୀତ ଅବସ୍ଥାରେ ଡ୍ୟୁଟି କରୁଥିବା ପ୍ରକାଶ କରିଛନ୍ତି । କନିଷ୍ଠ ଯନ୍ତ୍ରୀଙ୍କୁ ସମସ୍ୟା ବିଷୟରେ ପଚାରିବାରୁ କାର୍ଯ୍ୟାଳୟରେ ଲାଇଟ ଗଚ୍ଛିତ ନ ଥିବାରୁ ଲାଗିପାରୁନାହିଁ ବୋଲି କହିଛନ୍ତି । ଏପରିକି ବହୁ ଦିନରୁ ଲାଗିଥିବା କାର୍ଯ୍ୟାଳୟର ନାମ ଫଳକରୁ ରଙ୍ଗ ଉଡ଼ିଯାଇଥିଲେ ବି ନୂଆ ନାମ ଫଳକ ଲଗାଇବା ପାଇଁ ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ଜଣାପଡ଼ିଛି । ଉଚ୍ଚ ଅଧିକାରୀ ସମସ୍ୟାର ଗୁରୁତ୍ୱ ଅନୁଭବ କରି ତୁରନ୍ତ କାର୍ଯ୍ୟାଳୟ ବାହାର ପାଶ୍ୱର୍ରେ ଲାଇଟ ଲଗାଇବା ସହ ସମ୍ମୁଖ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ଲାଇଟ ଲଗାଇବା ପାଇଁ ସର୍ବେଶ୍ୱର ସେଠୀ, ରମାକାନ୍ତ ଦାସ, ସଂଗ୍ରାମ ମହାନ୍ତି, ବୁଟୁନା ପଣ୍ଡା, ବିଶ୍ୱଜିତ ପରିଡ଼ା, ଅର୍ଜୁନ ସାହୁ, ଅତନୁ ମଳିକ, ଆଶିଷ ମଳିକ, ନିରଞ୍ଜନ ଦାଶ ପ୍ରମୁଖ ଦାବି କରିଛନ୍ତି ।




## ପୁନ୍ଦାଲରେ ଚୋରି ପରେ ଦୋକାନ ପୋଡ଼ି ଘଟଣାରେ ୨ ଗିରଫ

କେନ୍ଦ୍ରାପଡ଼ା,୪।୧(ସମିସ): ପୁନ୍ଦାଲ ଅଞ୍ଚଳରେ ଲଗାତର ଅପରାଧିକ ଘଟଣା ଏବେ ସାଧାରଣ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିଛି । ୩ଟି ଦୋକାନର ଗୋଦାମ ଘରକୁ ଟାର୍ଗେଟ କରି ଘଟିଥିବା ଚୋରି ଓ ପରବର୍ତ୍ତୀ ପୋଡ଼ି ଘଟଣା ଏହି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି । ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଧରିବାରେ ସଫଳ ହୋଇଥିବାବେଳେ ଆଉ ୨ ଜଣ ଫେରାର ଅଛନ୍ତି । ଧରାପଡ଼ିଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ଥାନାରେ ଅଟକ ରଖାଯାଇ ଜୁଭେନାଇଲ କୋର୍ଟରେ ପ୍ରତ୍ୟୁସ କରାଯିବାକୁ ପ୍ରସ୍ତୁତି ହେଉଛି । ଅନ୍ୟ ଜଣେ ଅଭିଯୁକ୍ତକୁ ସ୍ଥାନୀୟ ଲୋକେ କାବୁ କରିଦେବା ପରେ ସେ ଭୟରେ ବିଷ ପିଇଦେଇଥିବା ଜଣାପଡ଼ିଛି । ତାଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଗୋଦାମ ଘରୁ ମୂଲ୍ୟବାନ ସାମଗ୍ରୀ ଚୋରି କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଦୋକାନଗୁଡ଼ିକୁ ନିଆଁ ଲଗାଯାଇଥିଲା । ଘଟଣାସ୍ଥଳ ସହିତ ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ସାମଗ୍ରୀ ମଧ୍ୟ ପୁଲିସ ଜବତ କରିଛି । ଏହି ଘଟଣା ପରେ ପୁନ୍ଦାଲ ଅଞ୍ଚଳରେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ରାତି ହେଲେ ଘର ଓ ଦୋକାନ ସୁରକ୍ଷା ନେଇ ଚିନ୍ତା ବଢ଼ୁଛି ବୋଲି କହିଛନ୍ତି ସ୍ଥାନୀୟ ବ୍ୟବସାୟୀ । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ସିସିଟିଭି ଫୁଟେଜ ଆଧାରରେ ତଦନ୍ତକୁ ଜୋରଦାର କରାଯାଇଛି । ପୁଲିସର କଡ଼ା ପଦକ୍ଷେପ ଓ ରାତ୍ରକାଳୀନ ପ୍ରହରା ବଢ଼ିଲେ ହିଁ ସାଧାରଣ ଲୋକଙ୍କ ମନରୁ ଏହି ଭୟ ଦୂର ହେବ ବୋଲି ମତ ପ୍ରକାଶ ପାଉଛି ।



ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ୍ ଉଦ୍‌ଘାଟିତ

**● ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

## ଇନ୍ଦୁପୁର ଚାମ୍ପିଅନ, ରାଜକନିକା ରନର୍ସଅପ୍



ରାଜକନିକା,୪।୧(ସମିସ): ରାଜକନିକା ବ୍ଲକ୍ ଡାଳିକାଏଣ୍ଡା ଗ୍ରାମର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ୫୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବ୍ ୪ ୱିକେଟ୍‌ରେ ରାଜକନିକା କ୍ଲବକୁ ହରାଇ ଚାମ୍ପିଅନ୍ ହୋଇଛି । ରାଜକନିକା ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୭୩ ରନ କରିଥିବାବେଳେ ଇନ୍ଦୁପୁର ୧୭.୪ ଓଭରରେ ୬ ୱିକେଟ ହରାଇ ୧୭୪ ରନ କରି ବିଜୟ ଲାଭ କରିଥିଲା ।

କନିକା ଭାସ୍କର, ଡାଳିକାଏଣ୍ଡା ରତ୍ନ ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ସମ୍ମାନିତ ଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦର ସଭାପତି ଡାକ୍ତର ଆଶିଷ ବାରିକ, ବରିଷ୍ଠ ଆଇନଜୀବୀ ସଞ୍ଜୟ ଜେନା, ସ୍ଥାନୀୟ ସମିତି ସଭ୍ୟ ଅମିତ ନାୟକ, ଗୁରୁଜୀ ଗ୍ରୁପ ଅଫ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ନିବେଦିତା ଗୁରୁ, ଶିକ୍ଷାବିତ୍ ବସୁଦେବ ସ୍ୱାଇଁ, କମିଟି ଉପସଭାପତି ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୧ ଲକ୍ଷ ୨୧ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୭୭ ହଜାର ୭୭୭ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । ପ୍ରକାଶ ସାହୁ ଓ ନିଗମାନନ୍ଦ ବେହେରା ଖେଳ ପରିଚାଳନା କରିଥିବାବେଳେ ବିଜୟ ବେହେରା ମ୍ୟାଚ ରେଫରୀ କାର୍ଯ୍ୟ ତୁଲାଇଥିଲେ । ଶିକ୍ଷାବିତ ବିଦ୍ୟାଧର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ କ୍ଲବ୍ କୋଷାଧକ୍ଷ କୈଳାସ ସେଠୀ ଅତିଥି ପରିଚୟ, ସମ୍ପାଦକ ପ୍ରଶାନ୍ତ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରମୋଦ ରାଉତ, ସରୋଜ ବେହେରା, ପ୍ରେମାନନ୍ଦ ବିଶ୍ୱାଳ, ବିଶ୍ୱାମିତ୍ର ଜେନା, ଦୁଃଶାସନ ସ୍ୱାଇଁ, ଅଭୟ ସ୍ୱାଇଁ, ଅଦ୍ୱୈତ ବିଶ୍ୱାଳ, ରାଜନାରାୟନ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଗାୟତ୍ରୀ ପରିବାର ପକ୍ଷରୁ ନିଶା ନିବାରଣ ସଚେତନତା

ପଟ୍ଟାମୁଣ୍ଡାଇ,୪ ।୧(ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ସଂସ୍ଥାପିକା ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀ ଓ ଅଖଣ୍ଡ ଦୀପ ପ୍ରାକଟ୍ୟ ବର୍ଷ ପାଳନ ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ହରିଦ୍ୱାରଠାରୁ ଆରମ୍ଭ କରି ଦେଶ ବିଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବେଲତଳ ଗୁଲନଗର ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ନୂଆବର୍ଷରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜିଲ୍ଲା ସଂଯୋଜକ ତଥା ଗାୟତ୍ରୀ ପ୍ରଜ୍ଞାପୀଠ ମୁଖ୍ୟ ବ୍ୟବସ୍ଥାପକ ପ୍ରଭାତ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସରୋଜ ଆଚାର୍ଯ୍ୟ, ମହେଶ୍ୱର ପାଢ଼ୀ, ଝରଣା ଆଚାର୍ଯ୍ୟ, ରୀନାରାଣୀ ପାଢ଼ୀ, ପ୍ରଭାତ ପାତ୍ର, ରମେଶ ଦାସ, ସ୍ରୋତସ୍ୱିନୀ ପାତ୍ର, ଦେବକୀ ଦାସ, ଚତୁର୍ଭୁଜ ଦାସ, ଶୈଳବାଳା ଦାସ, ରାଜଶ୍ରୀ ସାହୁ, ଅନନ୍ୟା ବାଈ, ହରପ୍ରିୟା ଖିଲାର, ଚିନ୍ମୟୀ ଦାସ, ପ୍ରଣତି ଜତି, ସୁଚିସ୍ମିତା ଜତି, ଜ୍ୟୋତ୍ସ୍ନାରାଣୀ ଗିରି, ସୁଚିତ୍ରା ମହାନ୍ତି, ମମତା ଦାସ, ତପସ୍ୱିନୀ ଦାସ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ସାମିଲ ହୋଇଥିଲେ ।

## ପୁରୁଣା ଇଟାରେ ପୁନ୍ଦାଲ ଇରିଗେସନ ଅଫିସ ପାଚେରି ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡ଼ା,୪।୧(ସମିସ): ପୁନ୍ଦାଲ ଇରିଗେସନ ଅଫିସ ପାଚେରି ନିର୍ମାଣ କାମକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପାଚେରି ନିର୍ମାଣରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଫ୍ଲାଏ ଆସ୍ ଇଟା ବ୍ୟବହାର ହେବାକୁ ଥିବାବେଳେ ବାସ୍ତବରେ ପୁରୁଣା ନାଲି ଇଟା ବ୍ୟବହାର ହେଉଥିବା ଅଭିଯୋଗ ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିର୍ମାଣ ସ୍ଥଳରେ ବ୍ୟବହୃତ ଇଟାମଧ୍ୟରେ ଅନେକ ଅଧା ଭାଙ୍ଗା ଓ ପୁରୁଣା ଇଟା ଦେଖାଯାଉଛି । ଏହି ଇଟା କେଉଁଠୁ ଅଣାଯାଇଛି ଓ କେଉଁ ମୂଲ୍ୟରେ କାମରେ ଲାଗିଛି, ସେ ନେଇ ସ୍ୱଷ୍ଟତା ନ ଥିବାରୁ ସନ୍ଦେହ ଆହୁରି ଗଭୀର ହୋଇଛି । ଅଧିକ ଆଶ୍ଚର୍ଯ୍ୟର କଥା ହେଲା, ଏହି କାମ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସର ସମୀପରେ ହେଉଥିବା ସତ୍ତ୍ୱେ ଗୁଣମାନ ଉପରେ ଯଥୋଚିତ ନିରୀକ୍ଷଣ ହେଉନାହିଁ ବୋଲି ଅଭିଯୋଗ ହେଉଛି । ଯଦି ନିଜ କାର୍ଯ୍ୟାଳୟ ଆଖପାଖରେ ଚାଲୁଥିବା କାମରେ ଏଭଳି ଅନିୟମିତତା ଦୃଷ୍ଟିଗୋଚର ହେଉଛି, ତେବେ ଅନ୍ୟ ଦୂରସ୍ଥ ପ୍ରକଳ୍ପର ନିରୀକ୍ଷଣ କେମିତି ହେଉଛି ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସରକାରୀ ଅର୍ଥରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏଭଳି ଅବହେଳା ଓ ନିର୍ଦ୍ଦେଶ ଉଲ୍ଲଂଘନ ଯଦି ସତ୍ୟ ହୋଇଥାଏ, ତେବେ ଏହା ସରକାରୀ ଧନର ଅପଚୟ ସହ ଜନସାଧାରଣଙ୍କ ବିଶ୍ୱାସକୁ ମଧ୍ୟ ଆଘାତ କରୁଛି । ଏ ନେଇ ସ୍ଥାନୀୟ ସଚେତନ ନାଗରିକ ଓ ସମାଜସେବୀ ଉଚ୍ଚସ୍ତରୀୟ ତଦନ୍ତ, ନିର୍ମାଣ ସାମଗ୍ରୀର ଯାଞ୍ଚ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି ।



## ଛକନାରେ ନଡ଼ିଆ ଚାଷୀଙ୍କ କର୍ମଶାଳା

ଡେରାବିଶ,୪ ।୧(ସମିସ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମସ୍ଥିତ ଆଖଣ୍ଡଳମଣି ନାରିକେଳ ସମିତି କାର୍ଯ୍ୟାଳୟ ପରିସରରେ ନଡ଼ିଆ ଚାଷୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ସଂଯୋଜକ ସନାତନ କରଙ୍କ ତତ୍ତ୍ୱାବଧାନରେ ଆଖଣ୍ଡଳମଣି ନାରିକେଳ ସମିତି ଅଧୀନ ସ୍ଥାନୀୟ ଅନ୍ୟ ତିନିଟି ସମିତିର ୧୭୦ ଚାଷୀ ଏଥିରେ ଯୋଗଦେଇଥିଲେ । ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ନାରିକେଳ ଉନ୍ନୟନ ବୋର୍ଡ ଉପନିର୍ଦ୍ଦେଶକ ଶଶି କୁମାର ସି ଓ ମୁଖ୍ୟବକ୍ତା ଭାବେ ସହନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଦାସ ଯୋଗଦେଇ ସ୍ୱଳ୍ପ ବ୍ୟୟରେ ଅଧିକ ଅମଳ ପାଇଁ କେଉଁ ସମୟରେ ଔଷଧ ଓ ସାର ପ୍ରୟୋଗ କଲେ ନଡ଼ିଆ ଗଛଗୁଡ଼ିକ ହୃଷ୍ଟପୃଷ୍ଟ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ନଡ଼ିଆ ଚାଷୀମାନେ କେବଳ ନଡ଼ିଆ ନୁହେଁ ନଡ଼ିଆ ବାହୁଙ୍ଗାରୁ ଖଡ଼ିକା, ନଡ଼ିଆ କତା, ଶଢ଼େଇ ସଂଗ୍ରହ କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିବା ସହ ନଡ଼ିଆ ତେଲକୁ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଉଚିତ୍ ମୂଲ୍ୟରେ ବିକ୍ରି କରିପାରିବେ ବୋଲି କହିଥିଲେ । ସ୍ୱର୍ଣ୍ଣଲତା ସାମଲ, କେଦାର ମହାନ୍ତି, ଜ୍ୟୋତ୍ସ୍ନାମୟୀ ସାମଲ, ପ୍ରଦୀପ୍ତ ଶତପଥୀ, ଆଭାପ୍ରସାଦ ରଥ, ଦୀପ୍ତିରଞ୍ଜନ ସାମଲ, ଦେବବ୍ରତ ବଳ, କୁଳମଣି ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ହାଲିମା ବେଗମଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୪।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡର ସମାଜସେବୀ ତଥା ଓଡ଼ିଶା ଡାକ ପରିବାରର ସହସମ୍ପାଦକ ଶେଖ ସରାତୁଲ୍ଲାଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ହାଲିମା ବେଗମଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସେ ଶ୍ୱାସ ରୋଗରେ ପୀଡିତ ଥିଲେ । ସେ ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କର ପାରିବାରିକ ସମ୍ପର୍କ ଥିଲା । ଶନିବାର ସ୍ଥାନୀୟ ମୁସଲମାନ ବସ୍ତିରେ ତାଙ୍କୁ କବର ଦିଆଯାଇଥିଲା । ତାଙ୍କ ବିୟୋଗରେ ୧୧ନଂ ୱାର୍ଡରେ ଶୋକର ଛାୟା ଖେଳିଯାଇଛି ।

## ବିଶ୍ୱଶାନ୍ତି ମହାଯଜ୍ଞ; ଶୁଭଦେଲେ ବିଧାୟକ

ପଟ୍ଟାମୁଣ୍ଡାଇ,୪ ।୧(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଅନ୍ୟତମ ଗଣପର୍ବ ଓ ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୭୭ତମ ବିଶ୍ୱଶାନ୍ତି ମହାଯଜ୍ଞର ପାରମ୍ପରିକ ରୀତିନୀତି ଅନୁଯାୟୀ ଶୁଭ ଦିଆଯାଇଛି । ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଓ ଭ୍ରମରବର ତ୍ରିପାଠୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ମଧ୍ୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ଯଜ୍ଞର ଶୁଭ ଦେଇଛନ୍ତି । ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ପ୍ରଣବ ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା ସହସମ୍ପାଦକ ସରୋଜ ପାଢ଼ୀ କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ବିଦ୍ୟାଧର ସେଠୀ ଓ ଗୋପୀବଲ୍ଲଭ ନାୟକ, ବଣିକ ସଂଘ ଉପଦେଷ୍ଟା କିରଣ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ମହାଯଜ୍ଞ ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖରେ ପୂର୍ଣ୍ଣାହୂତି ଦିଆଯିବ ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା

ପଟ୍ଟାମୁଣ୍ଡାଇ,୪।୧(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁମନ୍ଦିରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ସଂଯୋଜନା କରିଥିଲେ । ଏଥିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଜଜମେଣ୍ଟ, ସ୍ଥାନୀୟ ଭାଷାରେ ଅନୁବାଦିତ, ମଧ୍ୟସ୍ଥତାରେ କେସର ସମାଧାନ, ବାଲ୍ୟବିବାହ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ସମ୍ପାଦକ ରବୀନ୍ଦ୍ର ଦାଶ, ରିଟେନର ଗୀତାଞ୍ଜଳି ପୃଷ୍ଟି, ନୋଟାରୀ ସତ୍ୟନାରାୟଣ ନାୟକ, ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ପ୍ରଭାତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅମେରେନ୍ଦ୍ର ରାଉତ, ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

## ରାଜକିଶୋର ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ମାର୍ଶାଘାଇ,୪ ।୧(ସମିସ): ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ବାହାଲତା ଖେଳପଡ଼ିଆରେ ଧନିଆପଡ଼ା ବ୍ରଜମହାକାଳୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୧୪ତମ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ ଯାଜପୁର ଫାଇଟର କ୍ଲବ ଓ ଜଗତ୍‌ସିଂହପୁର ଏର୍‌ପିଏସ୍ କ୍ଲବ ମଧ୍ୟରେ ଖେଳାଯାଇଥିଲା । ଜଗତସିଂହପୁର ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ କଟକ ଜାଗୁଆର କ୍ଲବ ଓ ନନ୍ତାର ମଣିନାଗେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ଜାଗୁଆର କ୍ଲବ ବିଜୟୀ ହୋଇଛି । ଜାଗୁଆର କ୍ଲବର ଟିଟନ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଆୟୋଜକ କ୍ଲବ ସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ତୋଫାନ ସ୍ୱାଇଁ, ଜଗନ୍ନାଥ ବେହେରା, ସଞ୍ଜୟ ବେହେରା, ସାଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଆଳି,୪।୧(ସମିସ): କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ରାସ୍ତା ଭୂଇଁପୁର ଛକରୁ ଅନତୀ ଦୂରରେ ଏକ ବାଇକ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୋବିନ୍ଦପୁର ଗ୍ରାମର ପରମେଶ୍ୱର ମଳିକ (୩୦) ଆଳି ବଜାର ଅଭିମୁଖେ ଆସୁଥିବା ସମୟରେ ଭୂଇଁପୁର ଛକର ଅନତୀ ଦୂରରେ ଅନ୍ୟପଟୁ ରାଣୀପୋଖରୀ ଗ୍ରାମର ସରୋଜ ବେହେରା(୨୬) ବାଇକ୍‌ରେ ଆସୁଥିଲେ । ଏହି ରାସ୍ତା ରେ ଭିଡ଼ ଯୋଗୁଁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ ଉଭୟ ଛିଟିକି ପଡ଼ିଥିଲେ । ସେମାନଙ୍କ ଶରୀରରେ ଶକ୍ତ ଆଘାତ ଲାଗିବା ସହ ପରମେଶ୍ୱରଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକ ଓ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ବାଦିପାଲା ମହୋତ୍ସବ ଉଦ୍‌ଯାପିତ

ଡେରାବିଶ,୪ ।୧(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଡେରାଡିହିସ୍ଥିତ ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ବାଦିପାଲା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଡେରାଡିହି ଓ କେଉଟ କଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା ୧୪୦ତମ ମହୋତ୍ସବ ଚଳିତବର୍ଷ ରାଜ୍ୟର ପ୍ରତିଷ୍ଠିତ ୬ ଜଣ ପାଲା ଗାୟକ ପାଲା ପରିବେଷଣ କରିଥିଲେ । ଶେଷ ପର୍ଯ୍ୟାୟରେ ଗାୟକ ସନାତନ ଦାସ ଓ ବିଶ୍ୱନାଥ ସ୍ୱାଇଁଙ୍କ ମଧ୍ୟରେ ଚାଲିଥିବା ପାଲା ପ୍ରତିଯୋଗିତା ଅତି ଉଚ୍ଚକୋଟୀର ହୋଇଥିଲା ।

**ମେଗା ପାନୀୟଜଳ ପ୍ରକଳ୍ପ କାମରେ ଅନିୟମିତତା**

# ହସ୍ତାନ୍ତର ପୂର୍ବରୁ ଲିକେଜ୍, ସ୍ଥାନୀୟ ଲୋକଙ୍କ ପ୍ରତିବାଦ

କେନ୍ଦ୍ରାପଡ଼ା,୪।୧(ସମିସ)



ଲୋକଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବା ସ୍ୱପ୍ନ ଦେଖାଇ ତିଆରି ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଏବେ ଫେଲ୍ ପ୍ରକଳ୍ପରେ ପରିଣତ ହୋଇଛି । ବଙ୍ଗାଳପୁର ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ମେଳଣ ପଡିଆରେ ନିର୍ମିତ ଏହି ପ୍ରକଳ୍ପ ହସ୍ତାନ୍ତର ପୂର୍ବରୁ ହିଁ ନିମ୍ନମାନର କାମର ଜୀବନ୍ତ ଉଦାହରଣ ହୋଇଉଠିଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବାବେଳେ ଜଳ ପରୀକ୍ଷା ସମୟରେ ଟାଙ୍କିରୁ ପାଣି ଲିକେଜ୍ ହୋଇ ବୋହିଯିବା ଘଟଣା ସାରା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରତିବାଦ କରିଛନ୍ତି ।

ପ୍ରକଳ୍ପର ଟାଙ୍କି ଛାତ ଓ ସମଗ୍ର ନିର୍ମାଣ ଗଠନ ଅତ୍ୟନ୍ତ ନିମ୍ନମାନର । ଟାଙ୍କିର ଲୁହାରେ ରଷ୍ଟ ଓ ଶିଉଳି ଧରିବା ଆରମ୍ଭ ହୋଇଗଲାଣି । ଏପରି ପରିସ୍ଥିତିରେ ଏହି ପ୍ରକଳ୍ପରୁ ଯୋଗାଯିବା ପାଣି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି । ପ୍ରକଳ୍ପ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ । କେଉଁ ଠିକାଦାର କାମ କରୁଛନ୍ତି, କେତେ ଟଙ୍କା ବ୍ୟୟ ହୋଇଛି, କେବେ କାମ ସମାପ୍ତ ହେବ, ଏ ସମସ୍ତ ତଥ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ଧକାରରେ ରହିଛି । ଯାହା ସରକାରୀ ପାରଦର୍ଶିତା ଉପରେ ଗଭୀର ସନ୍ଦେହ ସୃଷ୍ଟି କରୁଛି । ସ୍ଥାନୀୟ ଲୋକେ ଖୋଲାମେଲା ଭାବେ କହୁଛନ୍ତି, ଏହି ପ୍ରକଳ୍ପରେ ମରାମତି କଲେ ମଧ୍ୟ କିଛି ଲାଭ ହେବନି । କାରଣ ଭିତରୁ ହିଁ କାମ ଦୁର୍ବଳ ଓ ନିମ୍ନମାନର । ଏହି ଘଟଣାକୁ ନେଇ ଏବେ ଜନତାଙ୍କ ମନରେ ଅନେକ ପ୍ରଶ୍ନ ଲୋକଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ନାଁରେ ଏପରି ନିମ୍ନମାନର କାମକୁ ପ୍ରଶାସନ କି ଅଣଦେଖା କରିଦେବ? କାହାର ଆଶୀର୍ବାଦରେ କୋଟି କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ମହା ଫେଲ୍ ହେଉଛି? ଯେପର୍ଯ୍ୟନ୍ତ ଏହି ପ୍ରକଳ୍ପର ଗୁଣାତ୍ମକ ଯାଞ୍ଚ, ସ୍ୱାଧୀନ ତଦନ୍ତ ଓ ଦାୟୀ ଠିକାଦାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବନି, ସେ ପର୍ଯ୍ୟନ୍ତ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ଏକ ଭୟଙ୍କର ପ୍ରଶ୍ନଚିହ୍ନ ହୋଇ ରହିବ ।

■ କେବେ ସୁଧୁରିବ ଏମକେସିଜି କାଜୁଆଲିଟି ଅବ୍ୟବସ୍ଥା

# ପୁଅ ଚଟାଣରେ; ମା' ହାତରେ ସାଲାଇନ୍ ବୋତଲ



ବ୍ରହ୍ମପୁର,୪।୧(ସମିସ): ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ଏମକେସିଜି ମେଡ଼ିକାଲର କାଜୁଆଲିଟିରେ ଅବ୍ୟବସ୍ଥା ସୁଧାରିବାର ନାଁ ଧରୁନି। ଏଠାରେ ବିଭିନ୍ନ ସମୟରେ ଗୁରୁତର ରୋଗୀ ଉଚିତ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ମଧ୍ୟ ହୁଏ। ଏହା ସମୟେ ସମୟରେ ପ୍ରମାଣିତ ମଧ୍ୟ ହୋଇସାରିଛି। ଗତ ଦୁଇଦିନ ପୂର୍ବେ ଏଠାକୁ ଆସିଥିବା ଜଣେ ରୋଗୀଙ୍କୁ ବେଡ଼ ମିଳିନଥିବା ବେଳେ ସାଲାଇନ ଷ୍ଟାଣ୍ଡ ମଧ୍ୟ ନ ମିଳିବାରୁ ତାଙ୍କ ମା' ହାତରେ ସାଲାଇନ ବୋତଲ ଧରିଥିଲେ। ଏହି ଫଟୋ ଓ ଭିଡ଼ିଓ ସମ୍ପ୍ରତି ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏମକେସିଜି କାଜୁଆଲିଟି ଉପରେ ଲୋକଙ୍କ ଭରଷା ତୁଟୁଛି।

# ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲା ସହର ତଳି କ୍ରିୟାନୁଷ୍ଠାନ କମିଟି



ବ୍ରହ୍ମପୁର,୪।୧(ସମିସ): ବ୍ରହ୍ମପୁର ମହାନଗର ନିଗମରେ ସାମିଲ ସକାଶେ ଦୀର୍ଘ ୧୨ବର୍ଷ ହେଲା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସାମାଜିକ ରାଜନୈତିକ ଓ ଆଇନଗତ ଲଢେଇ କରି ଆସୁଥିଲେ। ଶେଷରେ ଗତ ଡିସେମ୍ବର ୩୧ରେ ୧୪ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ସମ୍ପର୍କିତ ବିଜ୍ଞପ୍ତି ଜାରି କରାଯାଇଥିଲା। ଏନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ୍ୟ ସରକାର ସମେତ ବିଭାଗୀୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛି। ସେହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କୁ ଗାନ୍ଧୀନଗର ସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ କରି ଧନ୍ୟବାଦ ଜଣାଇଥିଲେ। ପ୍ରତିନିଧି ମଣ୍ଡଳୀରେ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ଉପସଭାପତି ଦେବୀପ୍ରସାଦ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତି ଘରେ ଲାଗିବ 'ୱାଟର ମିଟର'; ମିଳିଛି ୬୦ ପ୍ରତିଶତ ସଫଳତା

ବ୍ରହ୍ମପୁର,୪।୧(ସମିସ):

'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ବିଜେଡି ସରକାର ଅମଳର ଆଉ ଏକ ସଫଳ ଅଭିଯାନ। ଯାହା ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇ ବର୍ତ୍ତମାନ ସଫଳ ରୂପାୟନ ହେବାକୁ ଯାଉଛି। ଏହାଦ୍ୱାରା ଜଳର ଅପଚୟକୁ ରୋକାଯିବା ସହିତ ଲୋକଙ୍କୁ ଅଯଥାରେ ଅଧିକ ଜଳକର ଦେବାକୁ ପଡୁନାହିଁ। ଏହି ଅଭିଯାନ କ୍ରମେ ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା।





- ଉପଭୋକ୍ତାଙ୍କ ସହଯୋଗ ଓ ଜଳସାଥୀଙ୍କ ଉଦ୍ୟମରେ ବୃଦ୍ଧି ପାଇଛି ଜଳକର ଆଦାୟ
- ୪୨ୱାର୍ଡରେ ନିୟୋଜିତ ଅଛନ୍ତି ୬୦ଜଣ ଜଳସାଥୀ, କଳେବର ସହିତ ବଢ଼ିବ ସଂଖ୍ୟା
- ହୋଟେଲ, ମଲ୍ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ପାଇପ୍ ସଂଯୋଗ ସହ ଲାଗିବ ମିଟର

ପ୍ରତ୍ୟେକ ଉପଭୋକ୍ତାଙ୍କ ଘରକୁ ପାଇପ ସଂଯୋଗ ସହିତ ୱାଟର ମିଟର ଜରିଆରେ ଜଳକର ଆଦାୟ କରାଯାଉଛି। ବ୍ରହ୍ମପୁର ସହରରେ ୱାଟ୍‌କୋ ପକ୍ଷରୁ ଚାଲିଥିବା ଏହି ଅଭିଯାନକୁ ବେଶ୍ ସଫଳତା ମିଳିପାରିଛି। ଜନସାଧାରଣଙ୍କ ସମେତ ଜନ ପ୍ରତିନିଧିଙ୍କ ସହଯୋଗରେ ଏହି ସଫଳତା ମିଳିଥିବା କହିଛନ୍ତି ୱାଟ୍‌କୋ ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀ। ୪୨ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ବର୍ତ୍ତମାନ ସୁଦ୍ଧା ମୋଟ ୬୫ହଜାର ଉପଭୋକ୍ତାଙ୍କ ମଧ୍ୟରୁ ଶତକଡା ୬୦ପ୍ରତିଶତ ଅର୍ଥାତ ୫୬ହଜାର ୨୩ଜଣ ଉପଭୋକ୍ତାଙ୍କ ଘରେ 'ୱାଟର ମିଟର' ଲାଗିପାରିଛି। ଉପଭୋକ୍ତାଙ୍କ ଠାରୁ ଜଳକର ଆଦାୟ କରିବାକୁ ସହରରେ ମୋଟ ୬୦ଜଣ ଜଳସାଥୀଙ୍କୁ ନିୟୋଜିତ କରାଯାଇଛି। ଜଳସାଥୀଙ୍କ ମାଧ୍ୟମରେ ଜଳକର ଆଦାୟ ସହିତ କେୱାଇସି ଅପଡେଟ, ଅଭିଯୋଗର ସମାଧାନ, ଉପଭୋକ୍ତାଙ୍କ ପାଇପ ସଂଯୋଗକୁ ନିୟମିତ କରିବା, ପାଣିର ପରୀକ୍ଷା କରିବା, ୱାଟ୍‌କୋର ପ୍ରଚାର ଓ ପ୍ରସାର ସହିତ ସର୍ଭେ କରି ଲୋକଙ୍କ ଠାରୁ ମତାମତ ସଂଗ୍ରହ ଆଦି କାର୍ଯ୍ୟ କରାଯାଉଛି। ଯଦିଓ କିଛି ଅଞ୍ଚଳରେ ଜଳକର ଆଦାୟରେ ସମସ୍ୟା ରହିଛି ତେବେ ଗତ ୬ମାସ ମଧ୍ୟରେ ସହରର ଅଧିକାଂଶ ଅଞ୍ଚଳରୁ ଭଲ ରାଜସ୍ୱ ସଂଗ୍ରହ କରାଯାଇଛି। ଜଳକର ବାବଦରେ ସହରରୁ ମାସିକ ୧କୋଟି ୫ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରହିଥିବା ବେଳେ ମାସିକ ପ୍ରାୟ ୭୮ରୁ ୮୦ଲକ୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଶତକଡା ୮୦ଭାଗ ଲକ୍ଷ୍ୟ ହାସଲ କରାଯାଇପାରିଛି। ଶତ ପ୍ରତିଶତ ଜଳକର ଆଦାୟ ଲକ୍ଷ୍ୟ ହାସଲ ସହିତ ଜଳର ଅପଚୟକୁ ରୋକିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଉଛି। ଏନେଇ ସଚେତନତା ସୃଷ୍ଟି ପରେ ବହୁ ପରିମାଣରେ ଜଳର ଅପଚୟକୁ ରୋକାଯାଇପାରିଛି। ସାଧାରଣ ଉପଭୋକ୍ତାଙ୍କ ପାଇଁ ପ୍ରତି ୧ହଜାର ଲିଟରକୁ ଏକ ୟୁନିଟ ଭାବେ ନିଆଯାଇ ସେଥିପାଇଁ ୬ଟଙ୍କା ୪୩ପଇସା ଜଳକର ଆଦାୟ କରାଯାଉଥିବା ବେଳେ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟୀକ ପ୍ରତିଷ୍ଠାନ ପାଇଁ ପ୍ରତି ୧ହଜାର ଲିଟର ପାଣି ପାଇଁ ମୂଲ୍ୟ ୨୧ଟଙ୍କା ୨୧ପଇସାକୁ ଧାର୍ଯ୍ୟ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ସହରର ବହୁ ହୋଟେଲ ଓ ବ୍ୟବସାୟୀକ ପ୍ରତିଷ୍ଠାନକୁ ପାନୀୟ ଜଳଯୋଗାଣ ଓ ସେଥିରେ ୱାଟର ମିଟର ସଂଯୋଗ ହୋଇପାରିନାହିଁ। ଏହା ହେଲେ ୱାଟକୋ ବ୍ରହ୍ମପୁର ବିଭାଜନର ଜଳକର ଆହୁରି ଅଧିକ ହୋଇପାରିବ ବୋଲି ଆଶା ରହିଛି। ସେପଟେ ବ୍ରହ୍ମପୁର ମହାନଗର ନିଗମରେ ଉପକଣ୍ଠର ୧୪ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମର ମିଶ୍ରଣ ସହ କଳେବର ବୃଦ୍ଧି ହେଲେ ଉପଭୋକ୍ତାଙ୍କ ସହିତ ଜଳସାଥୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି କହିଛନ୍ତି ୱାଟକୋ ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀ।

# ମା' ଦଣ୍ଡକାଳୀ ଗଞ୍ଜାମ ଢୋଲିଆ ମହାସଂଘର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୪।୧(ସମିସ): କବିସୂର୍ଯ୍ୟ ରଙ୍ଗମଞ୍ଚରେ ମା' ଦଣ୍ଡକାଳୀ ଗଞ୍ଜାମ ଜିଲ୍ଲା ଢୋଲିଆ ମହାସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଲୋକନାଥ ସାମନ୍ତରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଆଦିତ୍ୟା ଆଚାର୍ଯ୍ୟ, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଗଜପତି ଜିଲ୍ଲା ପ୍ରାକ୍ତନ ଆରକ୍ଷୀ ଅଧିକାରୀ ଜୟରାମ ଶତପଥୀଙ୍କ ସମେତ ସାମ୍ବାଦିକ ସୁଦୀପ ସାହୁ, ଗଞ୍ଜାମ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଓଡିଶା ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ବି. ରବି ରାଓ, ଜିଲ୍ଲା ଦଣ୍ଡ ନାଚ ସଭାପତି ବ୍ରଜ ସୁନ୍ଦର ମଲ୍ଲିକ, ପ୍ରାକ୍ତନ୍ ଜିଲ୍ଲାପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ସମାଜସେବୀ ବାବୁ ଗୌଡ ମଞ୍ଚାସୀନ ଥିଲେ। ପରମ୍ପରାକୁ ବଞ୍ଚେଇବା ସହ ନୂଆ ଢୋଲିଆ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ମହାସଂଘ ପକ୍ଷରୁ ପ୍ରଚେଷ୍ଟା କରାଯାଉଥିବା କୁହାଯାଇଥିଲା। କାର୍ଯ୍ୟକ୍ରମରେ ଢୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିବା ବେଳେ ଚଢେୟା-ଚଢ଼େୟାଣୀ ନୃତ୍ୟ, ଶିବ ପାର୍ବତୀ ନୃତ୍ୟ, ଗାହଣୀ ଗଣ୍ଡି, ରଣପା ଆଦି ପାରମ୍ପରିକ ନୃତ୍ୟ ସହ ଓଡ଼ିଶୀର ଅନ୍ୟାନ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯାତ୍ରା ନିର୍ଦ୍ଦେଶକ ଟୁଟୁ ପାଢୀ, ମହାସଂଘର ଉପ-ସଭାପତି ତାରା ପ୍ରସାଦ ଦାଶ, ସମ୍ପାଦକ ଖଲି ଦାସ, ସହ-ସମ୍ପାଦକ ରଞ୍ଜନ ଦାସ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତି ଥିଲେ। ଶେଷରେ ନାଟ୍ୟ ନିର୍ଦ୍ଦେଶକ କୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦେଶରେ କାମ ଦେବା ନାଁରେ ୭ ଲକ୍ଷ ଠକେଇ

■ ସାଇବର୍ ଥାନାରେ ଅଭିଯୋଗ

ବ୍ରହ୍ମପୁର,୪।୧(ସମିସ): ବିଦେଶରେ କାମ ଦେବା ନାଁରେ ଗଞ୍ଜାମ ଜିଲ୍ଲାର ୩ ଜଣ ବ୍ୟକ୍ତିଙ୍କଠାରୁ ୭ଲକ୍ଷ ଟଙ୍କା ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅଞ୍ଚଳର ଜଣେ ବ୍ୟକ୍ତି କିଛିମାସ ତଳେ ଫେସ୍‌ବୁକରେ ବିଦେଶରେ ଚାକିରି କରିବାକୁ ଇଚ୍ଛୁକ କି... ନେଇ ଏକ ବିଜ୍ଞାପନ ଦେଖିଥିଲେ। ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବା ପରେ ଜଣେ ବ୍ୟକ୍ତି ଦୁବାଇ ଓ ଆବୁଧାବି ଭଳି ଗଲ୍ଫ ଦେଶରେ ବିଭିନ୍ନ କାମରେ ନିୟୋଜିତ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲା। ଅଭିଯୋଗକାରୀ ତାଙ୍କୁ ନିଜର ବିବରଣୀ ଓ କାଗଜପତ୍ର ପ୍ରଦାନ କରିଥିଲେ। ସେହିବ୍ୟକ୍ତି ଜଣଙ୍କ ଅଭିଯୋଗକାରୀ ନାମରେ ଭିସା, ବୋର୍ଡିଂପାସ ଓ ଏୟାର ଟିକଟ ସହ ସର୍ଭିସ ଚାର୍ଜ ବାବଦକୁ ଲକ୍ଷାଧିକ ଟଙ୍କା ପଠାଇବାକୁ କହିଥିଲା। ଏହାପରେ ଅଭିଯୋଗକାରୀ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପଠାଇଥିଲେ। ଅଭିଯୋଗକାରୀ ନିଜ ପୁତୁରା ଏବଂ ଗ୍ରାମର ଆଉ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ବିଦେଶ ଯାଇ ଚାକିରି କରିବାକୁ ପ୍ରବର୍ତ୍ତାଇବା ସହ ବିଜ୍ଞାପନ ପ୍ରକାଶ କରିଥିବା ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ଦେଇଥିଲେ। ସେହିକ୍ରମରେ ଏହି ୩ଜଣ ସଂପୃକ୍ତ ବ୍ୟକ୍ତିଙ୍କ କହିବା ପ୍ରକାରେ ଭିସା, ଏୟାର ଟିକଟ ଓ ବୋର୍ଡିଂପାସ ବାବଦକୁ ୭ଲକ୍ଷ ଟଙ୍କା ପଠାଇଥିଲେ। ଟଙ୍କା ନେବା ପରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଏହି ୩ଜଣଙ୍କ ନାମରେ ଭିସା ଓ ଟିକଟ ଆଦି ପ୍ରସ୍ତୁତ କରିଥିବା କହିଥିଲା। ସେନେଇ ଏକାଧିକ ଫଟୋ ମଧ୍ୟ ପଠାଇଥିଲା। ହେଲେ ଦୁବାଇ ଯିବାର କିଛି ଦିନ ପୂର୍ବରୁ ଅଭିଯୋଗକାରୀ ଜଣଙ୍କ ସଂପୃକ୍ତ ବ୍ୟକ୍ତିଙ୍କୁ ଅରିଜିନାଲ ଟିକଟ, ଭିସା ଓ ବୋର୍ଡିଂ ପାସ ପଠାଇବାକୁ କହିବାରୁ ବ୍ୟକ୍ତି ଜଣଙ୍କ ଆଉ ଫୋନ ଗ୍ରହଣ କରିନଥିଲେ। ବିଭିନ୍ନ ଆଡୁ ଯାଞ୍ଚ ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଇବର ଠକ ଜଣଙ୍କ ଏକ ଆକ୍ସିସ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସମସ୍ତ ଟଙ୍କା ନେଇଥିବାରୁ ପୁଲିସ ସେହି ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି।

# କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର



ବ୍ରହ୍ମପୁର,୪।୧(ସମିସ): କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ବର୍ଷର ପ୍ରଥମ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି ଓଝା ଆସରର ସଂଚାଳନା ସହ ପ୍ରାକ୍-ଭାଷ କ୍ରମରେ କବିତାର ମୌଳିକତା, ଶୁଦ୍ଧତା, ସୌନ୍ଦର୍ଯ୍ୟ ସୁଶୋଭିତା ଓ କୌଳିନ୍ୟ ରକ୍ଷା ଦିଗରେ କବିମାନେ ଯତ୍ନବାନ୍ ହେବା ସହ ପ୍ରୟାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକାରିଣୀର ଅନ୍ୟତମ ସଦସ୍ୟ ଡ. ହୃଷୀକେଶ ପଣ୍ଡା ଆମନ୍ତ୍ରିତ ଆଲୋଚକ ରୂପେ ଆଗାମୀ ପିଢ଼ିର ପିଲାମାନେ ଆମ ସଂସ୍କୃତି ଓ ସର୍ଜନାର ଭୂମି ସହିତ ସମ୍ପର୍କିତ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉତ୍ତର ଆଧୁନିକ କବିତାର ଭାବ, ଭୂମି ଓ ଭାଷା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଜ୍ୟୋସ୍ନାରାଣୀ ଦେବୀ, ବଂଶୀଧର ସେଠୀ, ସ୍ୱର୍ଣ୍ଣମୟୀ ପାଢ଼ୀ, ଜ୍ୟୋତ୍ସ୍ନା ପାଣି, ନୀଳକଣ୍ଠ ଦାଶ, ଡ. ସନ୍ତୋଷ କୁମାର ଦାଶ, ଅମିତା ଦାଶ, ଡା. ସାଗର ରଞ୍ଜନ ତ୍ରିପାଠୀ, ଶରତ କୁମାର ଦାସ, ଗିରିଜା ଶଙ୍କର ଦାଶ, ଅନୁପ କୁମାର ମିଶ୍ର, ଡ. ପିନାକୀ ମହାନ୍ତି, ଡ. ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଉପସ୍ଥିତ କୃତଜ୍ଞତା ଜ୍ଞାପନ କରିଥିଲେ।

# ଯୁବକକୁ ଆକ୍ରମଣ କରି ଟଙ୍କା ଲୁଟ୍

ବ୍ରହ୍ମପୁର,୪।୧(ସମିସ): ଆସିକା ରୋଡ଼ଠାରେ ଗେଟବଜାର ଅଞ୍ଚଳର କେ. ଗୋବିନ୍ଦ ସେଠୀଙ୍କୁ ଆକ୍ରମଣ କରି ୬ହଜାର ଟଙ୍କା ଲୁଟ ହୋଇଛି। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଗୋବିନ୍ଦ ଆସିକା ରୋଡ଼ ନିକଟରେ ଥିବା ଏକ ଦୋକାନ କାମ କରନ୍ତି। ନୂତନବର୍ଷ ରାତି ସାଢ଼େ୧୦ଟାରେ ଅରୁଣ ନାମକ ଜଣେ ଯୁବକ ସମ୍ପୃକ୍ତ ଦୋକାନକୁ ଆସି ଧମକ ଚମକ ଦେବା ସହ ଗୋବିନ୍ଦ ଧରିଥିବା ୬ହଜାର ଟଙ୍କା ଝାମ୍ପି ନେଇଥିଲା। ଗତ ୨ତାରିଖ ସକାଳେ ଅରୁଣ ଖଣ୍ଡା ଧରି ଗୋବିନ୍ଦଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ଏନେଇ ଗୋବିନ୍ଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ୭ରୁ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ

ବ୍ରହ୍ମପୁର,୪।୧(ସମିସ): ଚଳିତମାସ ୭ରୁ ବ୍ରହ୍ମପୁର ଗୋଷାଣୀନୂଆଗାଁ ସ୍ଥିତ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ୩୫ତମ



ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ତଥା ୯ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ। ଏନେଇ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ରବିବାର ବ୍ରହ୍ମପୁର ପ୍ରକାଶମ ହଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ବଳରାମ ଦାସ ଓ ସାଧାରଣ ସମ୍ପାଦକ ରମେଶ ମହାରଣା ସୂଚନା ଦେଇଛନ୍ତି। ମହୋତ୍ସବରେ ପ୍ରତିଦିନ ଦୁଇଟି ଲେଖାଏଁ ନାଟକ ମଞ୍ଚସ୍ଥ ହେବ। ଉଦ୍‌ଯାପନୀ ଦିବସରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପୁରସ୍କାର ବିତରଣ ଅନୁଷ୍ଠିତ ହେବ।

ଚଳିତବର୍ଷ ନାଟକ ମହୋତ୍ସବର ପ୍ରଥମ ଦିବସରେ ଭଞ୍ଜନଗର ଗୁରୁନାଥ ସାଂସ୍କୃତିକ ପରିଷଦ ତରଫରୁ ପ୍ରଥମ ନାଟକ "ଥୁଣ୍ଟା ବରଗଛ', ଦ୍ୱିତୀୟ ନାଟକ ଭାବେ ଖୋର୍ଦ୍ଧା ଆଦର୍ଶ କଳାକାର ଅନୁଷ୍ଠାନ ତରଫରୁ ନାଟକ "ବସୁଧା', ଦ୍ୱିତୀୟ ଦିବସରେ ଜୟପୁର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନାଟକ "ମାଲ ଚାମ୍ବର' ଓ ବ୍ରହ୍ମପୁର ପଲ୍ଲବୀ ଅନୁଷ୍ଠାନ ତରଫରୁ ନାଟକ "ଧର୍ମ ସହିଲା ନାହିଁ', ତୃତୀୟ ଦିବସରେ ଖୋର୍ଦ୍ଧା ନୀଳ ଆକାଶ ନାଟ୍ୟ ଅନୁଷ୍ଠାନ ତରଫରୁ ନାଟକ "ଅନ୍ଧାର ଗଳିର ଗପ' ଓ ମହୋତ୍ସବର ଶେଷ ନାଟକ ଭାବେ ଭୁବନେଶ୍ୱର ପ୍ରତିଭା ନାଟ୍ୟସଂସ୍ଥା ତରଫରୁ ନାଟକ "ଅଭିଶପ୍ତ ନାୟକ' ମଂଚସ୍ଥ ହେବ ବୋଲି ଆୟୋଜକ ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆବାହକ ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଉପସଭାପତି ଇଂ.ଆଶୁତୋଷ ପାତ୍ର, ସନ୍ତୋଷ ପାଣିଗ୍ରାହୀ, ଡ଼. ବିଜୟ ମହାରଣା ପ୍ରମୁଖଙ୍କ ସହ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀର ବହୁ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ପାଣି ପାଇପ ମିଟର ଚୋରି ଅଭିଯୋଗରେ ୨ ଗିରଫ



ବ୍ରହ୍ମପୁର,୪।୧(ସମିସ): ପାଣି ପାଇପ ମିଟର ଚୋରି କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଶିବ କୁମାର(୧୯) ଓ ଲଙ୍ଗଳଦେଇର ଲବ ନାୟକ(୧୯)। ବଡ଼ବଜାର ଥାନା ଅଧିନ ପଞ୍ଚୁଦେଉଳ ସାହିର ବାସିନ୍ଦା ବିଜୟ ବେହେରାଙ୍କ ଅଭିଯୋଗ ଯେ, ତାଙ୍କ ସାହିର ୭ଜଣଙ୍କ ଘର ସମ୍ମୁଖରେ ଥିବା ପାଣି ପାଇପ ମିଟର ଗାଏବ ଥିଲା। ଦୁଇ ଦୁର୍ବୃତ୍ତ ଆସି ଏହି ମିଟର ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଘଟଣାକୁ ନେଇ ବିଜୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗଞ୍ଜାମ ଜିଲ୍ଲା କଳାକାର ସଂଘର କର୍ମକର୍ତ୍ତା ଚୟନ



ବ୍ରହ୍ମପୁର,୪।୧(ସମିସ): ଉତ୍କଳ ଆଶ୍ରମ ସଭାକକ୍ଷରେ ଗଞ୍ଜାମ ଜିଲ୍ଲା କଳାକାର ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଉପଦେଷ୍ଟା ଭାବେ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ତ୍ରିପତି ନାୟକ ଓ ବିଘ୍ନେଶ୍ୱର ସାହୁ ଚୟନ ହୋଇଥିବା ବେଳେ ସଭାପତିଭାବେ ଶଙ୍କର୍ଷଣ ସାବତ, ଉପ ସଭାପତିଭାବେ ତାପସ ପାଣିଗ୍ରାହୀ ଏବଂ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭାବେ ଡ. ମିହିର କୁମାର ତ୍ରିପାଠୀ, ସଂଗଠନ ସମ୍ପାଦକ ଭାବେ ଗିରିଜା ଶଙ୍କର ଦାଶ, ସାଂସ୍କୃତିକ ସମ୍ପାଦକ ଭାବେ କୃଷ୍ଣ ଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ଭାବେ ଅଜିତ କୁମାର ପାଢ଼ୀ, କୋଷାଧ୍ୟକ୍ଷ ଭାବେ ସରୋଜ କୁମାର ବାରିକ ଏବଂ ସଂଯୋଜକ ଭାବେ ରବୀନ୍ଦ୍ର କୁମାର ନାୟକ ଚୟନ ହୋଇଛନ୍ତି। ଆସନ୍ତା ବୈଠକରେ ଜିଲ୍ଲାର ସବୁ ଅଞ୍ଚଳରୁ କଳାକାର ମାନଙ୍କୁ ଆହ୍ୱାନ କରାଯାଇ କାର୍ଯ୍ୟକାରୀ ସଦସ୍ୟ ଏବଂ ସାଧାରଣ ପରିଷଦ ସଦସ୍ୟଭାବେ ଦାୟିତ୍ୱ ଦିଆଯିବ ବୋଲି ସଂଯୋଜକ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଅପ୍ରେଲ ମାସରେ ଗଞ୍ଜାମ ଜିଲ୍ଲା ନାଟକ ଉତ୍ସବ ଆୟୋଜିତ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କୈଳାସ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଆଇର ଜିଲ୍ଲା ପରିଷଦର ବୈଠକ

# ୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ବ୍ରହ୍ମପୁର,୪।୧(ସମିସ):

ପାର୍କସାହି ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ଗଞ୍ଜାମ ଜିଲ୍ଲା ପରିଷଦର ବୈଠକ ଅନୁଷ୍ଠିତ ହୋଇଛି। ବିଦେଶୀ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଆଶିଷ କାନୁନଗୋ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି, ଡବଲ ଇଞ୍ଜିନ ସରକାରର ଅପାରଗତା ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଚାଷୀମାନେ ସେମାନଙ୍କର ଧାନ ବିକ୍ରୀ ପାଇଁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଟୋକନ ପ୍ରଦାନରେ ବିଳମ୍ବ, ଟାର୍ଗେଟ ହ୍ରାସ, ଝୋଟ ଅଖା ଆଣିବାକୁ ବାଧ୍ୟ କରିବା ତଥା ମଣ୍ଡି ଖୋଲିବାର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ମାସ ୯ ତାରିଖ ଦିନ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଚାଷୀ ଧାରଣା ସଂଗଠିତ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଗତ ଡିସେମ୍ବର ୨୩ ତାରିଖରେ ଛତ୍ରପୁରଠାରେ ଅନୁଷ୍ଠିତ ଶତବାର୍ଷିକ ଉଦ୍‌ଯାପନୀ ସମାରୋହର ସଫଳତା ପାଇଁ ପାର୍ଟି ପକ୍ଷରୁ ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ବୈଠକ ଶେଷରେ ଆମେରିକାନ ସାମ୍ରାଜ୍ୟବାଦ ଦ୍ୱାରା ଭେନେଜୁଏଲାର ଉପରେ ଆକ୍ରମଣ ଏବଂ ସେଠାକାର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଅପହରଣ ଘଟଣାକୁ ନିନ୍ଦା କରାଯାଇ ପାର୍ଟି ଅଫିସ ସାମ୍ନାରେ ପାର୍ଟି ପକ୍ଷରୁ ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରକାଶ ପାତ୍ର, ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥଙ୍କ ସହ ସମ୍ପାଦକ ନୀଳକଣ୍ଠ ପାତ୍ର, ବରିଷ୍ଠ ନେତା କୈଳାସ ପାତ୍ର, ସୀମାଞ୍ଚଳ ବେହେରା, କାମଦେବ ନାହାକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



## ଚାଲିଛି ପିକ୍‌ନିକ୍ ଋତୁ, ଆଗକୁ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ

# ଚାନ୍ଦିପୁର ରାସ୍ତା ନିର୍ମାଣ ସରିବା ନେଇ ଅନିଶ୍ଚିତତା

ବାଲେଶ୍ୱର, ୪।୧ (ସମିସ)



ପ୍ରଶସ୍ତିକରଣ ହେଉଛି ଚାନ୍ଦିପୁର ରାସ୍ତା। ରାସ୍ତା ଚଉଡା ହେବା ସହ ଡ୍ରେନ୍ ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ଦୀର୍ଘ ଦିନର ଦାବି ପରେ ଚାଲିଛି ରାସ୍ତା କାମ। ଏ ହେଉଛି ଚାନ୍ଦିପୁର ପ୍ରୁଫ୍ ରୋଡ୍ ରାସ୍ତା। ପାତ୍ରପଡା ଛକରୁ ଆରମ୍ଭ ହୋଇ ଚାନ୍ଦିପୁର ଆଡକୁ ଯାଇଥିବା ରାସ୍ତା କାମ ଚାଲିଛି। ବାଲେଶ୍ୱର ସହରକୁ ଏହା ପ୍ରମୁଖ ରାସ୍ତା। ବିଶେଷକରି ପର୍ଯ୍ୟଟନ ସ୍ଥଳୀ ଚାନ୍ଦିପୁର ବେଳାଭୂମିକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା। ଯାହା ଶୋଚନୀୟ ଅବସ୍ଥାରେ ପଡିରହିଥିଲା। ଏବେ ଉକ୍ତ ରାସ୍ତା କାମ ଚାଲିଛି। ମାଟି ପଡ଼ି ରାସ୍ତା ପ୍ରଶସ୍ତିକରଣ ହେଉଛି। ଏବେ ପିକ୍‌ନିକ୍ ସମୟ ଚାଲିଛି। ଚାନ୍ଦିପୁରକୁ ଶହ ଶହ ବସ୍ ଯାଉଛି। ଅନ୍ୟପଟେ ଆଉ କିଛି ଦିନ ପରେ ଆରମ୍ଭ ହେବ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ। ସେଥିପାଇଁ ଏହି ଅଧପନ୍ତରିଆ ରାସ୍ତା ଯାତ୍ରୀଙ୍କ ପାଇଁ ବିପଦ ସାଜିପାରେ। ସେଥିପାଇଁ ଚିନ୍ତା ପ୍ରକଟ କରି ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି ପକ୍ଷରୁ ଆଲୋଚନା କରାଯାଇଛି।

ସୂଚନାଯୋଗ୍ୟ, ଚାନ୍ଦିପୁର ବେଳାଭୂମିକୁ ଯିବା ପାଇଁ ପ୍ରଶସ୍ତ ରାସ୍ତା ନଥିଲା। ଯାହା ବି ଥିଲା ତାହା ଦୀର୍ଘ ବର୍ଷ ଧରି ବାଲେଶ୍ୱର ସହର ଚାନ୍ଦିପୁର ପ୍ରୁଫ୍ ରାସ୍ତା ମରଣଯନ୍ତା ପାଲଟିଥିଲା। ବର୍ଷା ହେଲେ ରାସ୍ତାର ଅଧିକାଂଶ ସ୍ଥାନରେ ପାଣି ସୁଅ ଛୁଟୁଥିଲା। ରାସ୍ତା ସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା। କେଉଁଠି ପିଚୁ ଉଠି ଶୋଚନୀୟ ହୋଇପଡ଼ିଛି ତ କେଉଁଠି ଡ୍ରେନ୍ ସୁବିଧା ନ ଥିବାରୁ ପାଣି ସବୁ ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି। ରାସ୍ତାର ଅବସ୍ଥା ଏମିତି ହୋଇଛି ଯେ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବର୍ଷା ଦିନରେ ଏହି ରାସ୍ତା ଆହୁରି ଖରାପ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ବି ରାସ୍ତାର ଅବସ୍ଥା ସୁଧୁରୁ ନାହିଁ। ବରଂ ଦିନକୁଦିନ ଆହୁରି ଦୟନୀୟ ଅବସ୍ଥା ହେଲାଣି। ବାରମ୍ବାର ଏ ନେଇ ଜନପ୍ରତିନିଧି ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ପ୍ରତିଶ୍ରୁତି ମିଳିବା ଛଡ଼ା କାମ ଆଦୌ ହେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସଦର ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି, ଚାନ୍ଦିପୁର ରାସ୍ତା କାମ ଦୀର୍ଘ ଦିନର ଦାବି ଥିଲା। ଯେହେତୁ ରାସ୍ତାଟି ଆଇଟିଆର ର ଅଟେ ସେଥିପାଇଁ ରାସ୍ତା କାମ ଆଇଟିଆର ପକ୍ଷରୁ ହେଉଛି। ଗତ ଅଗଷ୍ଟ ମାସରେ ରାସ୍ତା କାମ ପାଇଁ ଅନୁମୋଦନ ହୋଇଛି। ମାତ୍ର ବର୍ଷା କାରଣରୁ ସେତେବେଳେ ଦୁଇ ମାସ କିଛି କାମ ହୋଇପାରିଲା ନାହିଁ। ସେଥିପାଇଁ ଆମେ ତାଙ୍କୁ ଏପ୍ରିଲ୍ ମାସ ସୁଦ୍ଧା ରାସ୍ତା କାମ

### ଜିଲ୍ଲାପାଳଙ୍କ ସହ ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟିର ଆଲୋଚନା

ଶେଷ ପାଇଁ ସମୟସୀମା ଦେଇଛୁ। ଏପ୍ରିଲ ସୁଦ୍ଧା ଆମକୁ ହସ୍ତାନ୍ତର କରିବାକୁ କହିଛୁ। ପାତ୍ରପଡା ପର୍ଯ୍ୟନ୍ତ ରାସ୍ତା ଆଇଟିଆର ରକ୍ଷଣାବେକ୍ଷଣ କରିଥିବାରୁ ସେମାନେ କାମ କରୁଛନ୍ତି। ତେବେ କାମ ଶୀଘ୍ର ସାରିବା ପାଇଁ କୁହାଯାଉଛି'। ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି ସଭାପତି ଜୀବନ ପ୍ରଦୀପ ଦାଶ କହିଛନ୍ତି, ଜିଲ୍ଲାପାଳଙ୍କ ସହ ବୈଠକରେ ଏବାବଦରେ ଆଲୋଚନା କରାଯାଇଥିଲା। ଏଡିଏମ୍ ଜେନେରାଲ ମଧ୍ୟ ଚାନ୍ଦିପୁରରେ ଏକ ବୈଠକ କରିଥିଲେ ସେଠାକୁ ମଧ୍ୟ ଆମେ ଯାଇଥିଲୁ। ଯେହେତୁ ରାସ୍ତା କାମ ପ୍ରତିରକ୍ଷା ବିଭାଗ କରୁଛି ସେଥିପାଇଁ ସେ ତାଙ୍କ ସହ କଥା ହେବେ ବୋଲି କହିଛନ୍ତି। ଯେଉଁ ରାସ୍ତା କାମ ନୂଆ ହେଉଛି ତାହକୁ ଟିକେ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ଯେମିତି ପୁରୁଣା ରାସ୍ତା ସହ ନୂଆ ରାସ୍ତା କାମକୁ ସମାନ କରିବାକୁ କୁହାଯାଇଛି। ଫଳରେ ଗାଡ଼ି ଗୁଡ଼ିକ ସୁବିଧାରେ ଯାତାୟାତ କରିପାରିବ। ନହେଲେ ଜାମ୍ ବଢିବ। ଏ ନେଇ ପ୍ରତିରକ୍ଷା ବିଭାଗ ସହ ଜିଲ୍ଲା ପ୍ରଶାସନ କଥାବାର୍ତ୍ତା କରିଛନ୍ତି। ସେମାନେ ଏବେ କାମ ମଧ୍ୟ ଜୋରଦାର କରୁଛନ୍ତି। ହେଲେ ପୁରୁଣା ରାସ୍ତା ଉପରେ ଯାହା ବି ଖାଲଖମା ଅଛି ସେସବୁ ଏବେ ମରାମତି ହୋଇପାରିବ ନାହିଁ। କାରଣ ରାସ୍ତା ପ୍ରଶସ୍ତିକରଣ କାମ ସମ୍ପୂର୍ଣ୍ଣ ହୋଇନାହିଁ। ସେଥିପାଇଁ ସେମାନେ ଏହାକୁ ଆଡଜଷ୍ଟ କରିବାକୁ କହିଛନ୍ତି'। ସେହିପରି କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି କହିଛନ୍ତି, ବେଳାଭୂମି ମହୋତ୍ସବକୁ ଲୋକ ବହୁତ ଆସିବେ ସେଥିପାଇଁ ସେମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ଆମେ ଆଲୋଚନା କରିଛୁ। ଏହି ରାସ୍ତା କାମ ଡିଫେନ୍ସ କରୁଛି। ସେଥିପାଇଁ କାମ ଚାଲୁଥିବା ରାସ୍ତାରେ ପ୍ରୋଟେକସନ୍ ୱାଲ୍ ବା ବାଲି ବସ୍ତା ଦେବା ପାଇଁ ଅନୁରୋଧ କରିଛୁ। ଏଥିସହ ଫିତା ବି ବାନ୍ଧିବାକୁ କହିଛୁ। ଫଳରେ ରାସ୍ତା କାମ ନେଇ ଲୋକେ ରାତିରେ ସଚେତନ ରହିବେ।

## ସେବା ଉଦ୍ଦେଶ୍ୟରେ ନୂତନ ୱେଲଫେୟାର ଟ୍ରଷ୍ଟ ଗଠିତ




ବାଲେଶ୍ୱର, ୪।୧(ସମିସ): ତୃଣମୂଳ ସ୍ତରରେ ସେବା ଉଦ୍ଦେଶ୍ୟରେ ସହରରେ ଆଞ୍ଚଲ ୱେଲଫେୟର ଟ୍ରଷ୍ଟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆକତପୁରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୌରାଧ୍ୟକ୍ଷା ସବିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା, ଟାଉନ ଥାନାଧିକାରୀ ବିଜୟ ଦାସ, ସଦର ବିଧାୟକଙ୍କ ପ୍ରତିନିଧି ଧିରଜ ମହାନ୍ତି, କାଉନସିଲର ମୀରାଜ ବାନୋ, ସାମାଜିକ କର୍ମୀ ସଲିମ ରାଜା ଓ ସାହେବା ଅଖତର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବ ଗଠିତ ଟ୍ରଷ୍ଟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଟ୍ରଷ୍ଟର ସଭାନେତ୍ରୀ ସବା କୌସର କାଦ୍ରୀ ପୌରହିତ୍ୟ କରିବା ସହ ପିତା ସ୍ୱର୍ଗତଃ ଶେଖ୍ ରେହାନ କାଦ୍ରୀଙ୍କ ମାନବ ସେବା ପ୍ରତି ସମର୍ପଣ ଭାବ ଓ ସାମାଜିକ କର୍ମୀ ସଲିମ ରେଜାଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେ ଜନସେବା ପାଇଁ ସମର୍ପିତ ଏହି ଟ୍ରଷ୍ଟ ଗଠନ ହୋଇଛି ବୋଲି ପ୍ରକାଶ କହିଥିଲେ। ମିନାଜୁଲ କାଦ୍ରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଶତାଧିକ ଗରିବ ଓ ଅସହାୟ ଲୋକଙ୍କୁ କମ୍ବଳ, ଜରୁରୀକାଳୀନ ଲାଇଟ୍, ତମ୍ବୁ, ଔଷଧ, ଚେୟାର ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବଂଟନ କରାଯାଇଥିଲା। ଟ୍ରଷ୍ଟି ମହମ୍ମଦ ସଗିର, ଜୁନେଦ କାଦ୍ରୀ, ସେଖ ନେଜାମୁଦ୍ଦିନ, ସହନାୱାଜ କାଦ୍ରୀ ପ୍ରମୁଖ ସହଯୋଗ କରିଥିଲେ।

● ଚାନ୍ଦିପୁର ବେଳାଭୂମି ମହୋତ୍ସବ

## ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳାକାର ଚୟନ

ବାଲେଶ୍ୱର, ୪।୧ (ସମିସ): ଆସନ୍ତା ୮ ତାରିଖରୁ ଆରମ୍ଭ ହେଉଥିବା ୨୬ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ କଳାକାର ଚୟନ ଅନୁଷ୍ଠିତ ହୋଇଯାଇଛି। ଗୋପାଳଗାଁସ୍ଥିତ ପ୍ରଜ୍ଞା ଭାରତୀ ଶିକ୍ଷା କେନ୍ଦ୍ରରେ ଆୟୋଜିତ ଏହି ଅଡିସନରେ କମିଟି କର୍ମକର୍ତ୍ତା ଜିତ ପ୍ରକାଶ ଦାଶ, ଭାଗବତ ସାହୁ, ସୌମ୍ୟରଞ୍ଜନ ଦାସ, ଅମୃତାଂଶୁ ପଟ୍ଟନାୟକ, ନତ୍ୟାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ବିଭିନ୍ନ ବର୍ଗର ଉଦୀୟମାନ କଳାକାର ଅଂଶଗ୍ରହଣ କରିଥିଲେ। ଏଥିରେ କଳାକାଳମାନେ ଉଭୟ ପାରମ୍ପରିକ ଓ ଶାସ୍ତ୍ରୀୟ ଭିତିକ ଜୁନିଅର ଓ ସିନିଅର ବର୍ଗରେ ସୋଲୋ ଡ୍ୟାନ୍ସ, ଡୁଏଟ୍ ଡ୍ୟାନ୍ସ, ଗ୍ରୁପ ଡ୍ୟାନ୍ସ, ସଙ୍ଗୀତ ପରିବେଷଣ କରିଥିଲେ। କମିଟି ସମ୍ପାଦକ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଅଡିସନରେ ଡକ୍ଟର ବସନ୍ତ କୁମାର ଭୋଇ, ଅନୁପମ ମିଶ୍ର, ଅପର୍ଣ୍ଣା ମହାପାତ୍ର ଓ ନୃତ୍ୟଗୁରୁ ଜ୍ୟୋତିର୍ମୟୀ ସାମଲ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ୟାସୀ ମହାରଣା, 'ନାଚ୍' ଅନୁଷ୍ଠାନର ରୋନାଲିସା ପଣ୍ଡା, ସନ୍ଧ୍ୟାରାଣୀ ଭୂୟାଁ, ଆରତୀ ଦାସ, ରାଜେନ୍ଦ୍ର ପଟ୍ଟନାୟକ ଓ ଅରୁଣାଂଶୁ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।



## ସାପ୍ତାହିକ କବିତା ପାଠୋତ୍ସବ



ବାଲେଶ୍ୱର, ୪।୧(ସମିସ): ସ୍ଥାନୀୟ ଶାନ୍ତିକାନନ ପରିସର ଫକୀରମୋହନ ସାହିତ୍ୟ ପରିଷଦରେ ସାପ୍ତାହିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଭା ମୁଖ୍ୟ ଭାବେ ଉପସଭାପତି ଦୀନବନ୍ଧୁ ଲେଙ୍କା, ସମ୍ମାନିତ ଅତିଥି ରମେଶ ଚନ୍ଦ୍ର ଦାସ, ସୁଷମା ମହାପାତ୍ର ଏବଂ ସଂଯୋଜନା ଓ ମଞ୍ଚ ପରିଚାଳନାରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ପ୍ରଭାକର ସାହୁ, ପ୍ରଭାତ ଆଚାର୍ଯ୍ୟ, ଜ୍ୟୋତ୍ସ୍ନା ରାୟ, ଶାନ୍ତି ଲତା ପଣ୍ଡା, ତ୍ରିନାଥ ନନ୍ଦୀ, ପ୍ରଭାସ ମଲ୍ଲିକ, ଜୁମରନାଥ ପାତ୍ର, ରିତେଶ ଦାଶ, ବାସନ୍ତୀ ଦେ, ଅର୍ଚ୍ଚନା କର, ରଞ୍ଜିତା ରାଉତ, ଗଗନ ସେଠୀ, ଜୟନ୍ତ ହଂସରାଜ, ଶୁଚିସ୍ମିତା କର, ସଙ୍ଗୀତା ରଥ ଏବଂ ଅନ୍ୟ କବି/କବୀମାନେ ନିଜର ସ୍ୱରଚିତ କବିତା ପାଠ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଏହି ଅବସରରେ ଆଜିର ପୁସ୍ତକ ବିଜେତା ରମେଶ ଚନ୍ଦ୍ର ଦାଶ ହୋଇଥିଲେ।

## 'ପ୍ରତିଭାଶ୍ରୀ'ର ନିର୍ମାଣ ଦିବସ ପାଳିତ



ବାଲେଶ୍ୱର, ୪।୧(ସମିସ): 'ପ୍ରତିଭାଶ୍ରୀ' ପରିବାର ତା'ର ଜନ୍ମଦିନକୁ ନୂତନ ବର୍ଷରେ 'ନିର୍ମାଣ ଦିବସ' ଭାବେ ପାଳନ କରିଛି। 'ଶ୍ରୀ ଶିକ୍ଷା କକ୍ଷ'ରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଠାରେ ଉପସ୍ଥିତ ସଦସ୍ୟମାନେ 'ନିର୍ମାଣ ପ୍ରଦୀପ' ପ୍ରଜ୍ୱଳନ କରି ନିଜକୁ ସୁନ୍ଦର ମନର ମଣିଷ ଭାବେ ତିଆରି କରିବାର ଶପଥ ଗ୍ରହଣ କରିଥିଲେ। 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଥମେ ସଦସ୍ୟମାନେ ପ୍ରତିଭାଶ୍ରୀ ସଂଗୀତ ପରିବେଷଣ କରିବା ପରେ 'ଶ୍ରୀ'ର ମୁଖ୍ୟ ଅନୁପ ଦାସ ସ୍ୱାଗତ କଥା ରଖିଥିଲେ ଓ ଆବାହକ ଅଜୟ ଗୁହା "ନିର୍ମାଣ ଦିବସ' ପାଳନ ସଂପର୍କରେ କହିଥିଲେ। 'ପ୍ରତିଭାଶ୍ରୀ'ର ଉପମୁଖ୍ୟ ମୂରଲୀଧର ନାୟକ, ସେବା ମୁଖ୍ୟ ଶାନ୍ତନୁ ଦାସ ଏବଂ ନିର୍ମାଣ ଶାଖା ମୁଖ୍ୟ ପର୍ଶୁରାମ ପ୍ରଧାନ ବକ୍ତବ୍ୟରେ 'ପ୍ରତିଭାଶ୍ରୀ'ର ଆଦର୍ଶ ଓ ବିଚାରକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ସଦସ୍ୟମାନଙ୍କୁ କହିଥିଲେ। ପୁରୁଷ ଶାଖାର ସଦସ୍ୟ ବିପ୍ଳବ ଦାସ ମହାପାତ୍ର, ସନ୍ତୋଷ ଦଳେଇ, ନୀଳମଣି ମଣ୍ଡଳ ଓ ମହିଳା ଶାଖାର ସଦସ୍ୟା ପ୍ରେୟସୀ ମହାପାତ୍ର, ସରସ୍ୱତୀ ଭୋଇ, ନନ୍ଦିତା ନାୟକ, ରଞ୍ଜନା ଘୋଷ, ପ୍ରତିମା ତ୍ରିପାଠୀ ପ୍ରମୁଖ ନିଜର କଥା ଉପସ୍ଥାପନ କରିଥିଲେ। 'ପ୍ରତିଭାଶ୍ରୀ'ର ଯୁବଶାଖା ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଯୁବ ଶାଖା ସଦସ୍ୟ ଅମରଜିତ ଦାସ, ପାର୍ଥସାରଥୀ ସାହୁ, ଶୁଭ୍ରାଂଶୁ ପଣ୍ଡା, ରୋଜାଲିନ୍ ଶତପଥୀ, ରଶ୍ମିତା ଆଚାର୍ଯ୍ୟ ଓ ଜୀବନ ଜ୍ୟୋତି ସ୍ୱାଇଁ ପ୍ରମୁଖ ମତ ପ୍ରକାଶ କରିଥିଲେ। ଚଳିତବର୍ଷ ପ୍ରତିଭାଶ୍ରୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷସାରା ରୌପ୍ୟ ଜୟନ୍ତୀ ପାଳନ କରିବ ବୋଲି ଘୋଷଣା କରାଯାଇଥିଲା। ସୁକୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦ୍ରଭାଗୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା



ବାଲେଶ୍ୱର, ୪।୧(ସମିସ): ଡିସେମ୍ବର ୨୯ ତାରିଖରୁ ଆରମ୍ଭ ହୋଇଥିବା ଚନ୍ଦ୍ରଭାଗୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ନାଚ୍ ଅନୁଷ୍ଠାନର ମିଳିତ ଉଦ୍ୟମରେ ବହୁବିଧ ପ୍ରତିଯୋଗିତା ହୋଇଥିଲା। 'ଚନ୍ଦ୍ରଭାଗା'ର ଏକ ସ୍ୱପ୍ନ ଥିଲା "ମେଗା କାର୍ଯ୍ୟକ୍ରମ': "ଜାତୀୟସ୍ତରୀୟ ବହୁଭାଷୀ ନାଟ୍ୟୋତ୍ସବ'ର ଶୁଭାରମ୍ଭ। ସଫଦର ହାସ୍‌ମିଙ୍କ ମୂଳ ହିନ୍ଦୀଲେଖା "ହଲ୍ଲାବୋଲ' ବଙ୍ଗଳା ନାଟକ ଶାନ୍ତିନିକେତନ ବୀରଭୂମ ଦ୍ୱାରା ନିର୍ମଳ ହାଜ୍‌ରାଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଭାରତର ବିଖ୍ୟାତ ମଞ୍ଚ ନିର୍ଦ୍ଦେଶକ ଅଭିନେତା ଝାଡ଼ଖଣ୍ଡଜାମ୍‌ସେଦ୍‌ପୁରର ଶିବଲାଲ୍‌ସାଗରଙ୍କ ହିନ୍ଦୀ ନାଟକ "ଟେରରିଷ୍ଟ୍ କି ପ୍ରେମିକା' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଅସୀମ ବସୁ ଫାଉଣ୍ଡେସନ୍ ସୌଜନ୍ୟରୁ ଇଂରାଜୀ ନାଟକ "ଦି ସ୍କେଲିଟେନ୍'ର ଓଡ଼ିଆ ରୂପାନ୍ତର କବି-କଥାକାର ଶକ୍ତି ମହାନ୍ତିଙ୍କ ଦ୍ୱାରା ଏବଂ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟିକା ସୁବାସିନୀ ଜେନା, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପୌରାଧ୍ୟକ୍ଷା ସବିତା ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ଏବଂ ଜନବାଦୀ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ "ଚନ୍ଦ୍ରଭାଗା'ର ଆଶ୍ଚର୍ଯ୍ୟଜନକ ନୂଆ ସମାଜ ଗଠନ କରିବାର ଭୂମିକା ପ୍ରତିଷ୍ଠାତା ଶ୍ରୀଦେବଙ୍କୁ ଅଧିକରୁ ଅଧିକ ସହାୟ ହେବାର ମନ୍ତବ୍ୟ ପ୍ରଦାନ କରିଥିଲେ। 'ନାଚ୍' ଅନୁଷ୍ଠାନର ଅରୁଣାଂଶୁ ପାଣିଗ୍ରାହୀ ଅତିଥି ଆବାହନ କରିଥିବା ବେଳେ କବି ଶ୍ରୀଦେବ "ଚନ୍ଦ୍ରଭାଗା'ର ପ୍ରାରମ୍ଭିକ ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଡ. ଶଶିକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀ ସମାରୋହ




ବାଲେଶ୍ୱର, ୪।୧(ସମିସ): ଶିକ୍ଷୟତ୍ରୀ ସାବିତ୍ରୀବାଈ ଫୁଲେ ମହିଳା ଶିକ୍ଷା ଓ ଅଧିକାର ମଞ୍ଚ ପକ୍ଷରୁ ଦେଶର ପ୍ରଥମ ମହିଳା ଶିକ୍ଷୟତ୍ରୀ କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେଙ୍କ ୧୯୬ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଉର୍ମିଳା ମାଝୀଙ୍କ ଅଧ୍ୟକ୍ଷତାରେ ଶିକ୍ଷାର ପ୍ରକୃତ ଦେବୀ ସାବିତ୍ରୀ ବାଈ ଫୁଲେଙ୍କ ଜନ୍ମ ବାର୍ଷିକୀ ପାଳନ କରିବା ଅବସରରେ ଜିଲ୍ଲାର ବହୁସଂଖ୍ୟକ ବୁଦ୍ଧିଜୀବୀ, ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ମନୋଜ ନାୟକ, ଫକୀରମୋହନ କଲେଜର ସହକାରୀ ପ୍ରାଧ୍ୟାପିକା ଡ. ସେବତୀ ମଲ୍ଲିକ, ଆମ୍ବେଦକର ବିଚାର ମଞ୍ଚର ସଭାପତି ସୁଦର୍ଶନ ଜେନା, ଅପରାହ୍ନର ଯୁଗ୍ମ ସମ୍ପାଦକ ବଂଶୀଧର ଜେନା ଓ ଲକ୍ଷ୍ମୀପ୍ରିୟା ଜେନା, ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା ପ୍ରତିମା ପଣ୍ଡା, ରେମୁଣା କଂଗ୍ରେସର ପୁରୁଖା ନେତା କହ୍ନେଇ ଚରଣ ବେହେରା, ତରୁଣ ଦାସ, କର୍ମଚାରୀ ନେତାଙ୍କ ସାଧୁଚରଣ ମଲ୍ଲିକ, ଆଇନଜୀବୀ ପ୍ରଜ୍ଞା ପାରମିତା ବିଶ୍ୱାଳ, ଶ୍ରମିକ ନେତା ରାଜକିଶୋର ଲେଙ୍କା, ଅନୁପମା ମୁର୍ମୁ, ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତି, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଯୁବନେତା ତପନ ରାଉତ, ଆଇନଜୀବୀ ଶକୁନ୍ତଳା ଦାସ, ବ୍ୟାଙ୍କ କର୍ମଚାରୀ ନେତା ଚକ୍ରଧର ଦାସ, ଶ୍ରମିକ ନେତା ଯତୀନ ପାତ୍ର, ଜୁନେତା ସୁଧାକର ରାଉତ, ଅମ୍ବିକା ବର, ରେବତୀ ବେହେରା, ଗଗନ ପାତ୍ର, ଦାମୋଦର ଖଟୁଆ, ରାମେଶ୍ୱର ବେହେରା, କଂଗ୍ରେସ ନେତା ନିଶିତ କୁମାର ବାରିକ ଓ ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ଆବାହକ ଅକ୍ଷୟ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା ଦେବୀ କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେଙ୍କ ବିଷୟରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ମିନତୀ ଦାସ ଧନ୍ୟବାଦ ଦେଇ ଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର,୪।୧(ସମିସ): ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରିଙ୍କ ସ୍ମୃତିରେ ସାତ ଦିନ ଧରି ବିଭିନ୍ନ ସାମାଜିକ କାର୍ଯ୍ୟ କରାଯିବା ସ୍ଥିର କରାଯାଇଛି। ଏହି ଅବସରରେ ପୌରପରିଷଦ ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ଦଉଡ଼ିଭଙ୍ଗା ଗ୍ରାମ ମା' ଗଡ଼ନାୟିକାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଇଶ୍ୱର ଟିଭି ପରିବାର ଓ ଇଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ତଥା କେୟାର ନେତ୍ରମ ମିଳିତ ଆନୁକୂଲ୍ୟରେ ଏକ ନିଃଶୁଳ୍କ ଚକ୍ଷୁ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୌରାଧ୍ୟକ୍ଷା ସବିତା ସାହୁ, ପୌର ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ସ୍ଥାନୀୟ କାଉନସିଲର ଅନିନ୍ଦ୍ୟ ପଣ୍ଡା, ସଦର ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ନନ୍ଦି, ପୌର ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ସାନିଟାରି ଇନ୍ସପେକ୍ଟର ମୁକୁନ୍ଦ ମୁରାରି ମହାଳିକ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କେୟାର ନେତ୍ରମର କର୍ମକର୍ତ୍ତା ୮୦ଜଣ ଲୋକଙ୍କ ଆଖି ପରୀକ୍ଷା କରି ଗରିବ ଅସହାୟଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକୁ ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସଭାପତି ସରୋଜ ସାହୁ, ସମ୍ପାଦିକା ଅମିତା ପିରି, ଶକ୍ତି କୁମାର ଦାସ, ମଞ୍ଜୁଲତା ଦାସ, ସୁରେନ୍ଦ୍ର ମହାଳିକ, ଅଶୋକ ଦାସ, ଶ୍ୟାମସୁନ୍ଦର ମହାଳିକ, ଲଳିତା ପିରି, ପ୍ରିତିଲତା ପିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅସ୍ଥାୟୀ ପ୍ରାର୍ଥନା ଗୃହକୁ ଭାଙ୍ଗିବା ଅଭିଯୋଗ

ନୀଳଗିରି, ୪।୧ (ସମିସ): ଅସ୍ଥାୟୀ ଛପର ଘରେ ନ ଥିଲା ପ୍ରଭୁ ଯୀଶୁଙ୍କ ଫଟୋ ନ ଥିଲା ପୂଜାର୍ଚ୍ଚନା। ଯୀଶୁଙ୍କୁ ବିଶ୍ୱାସ କରୁଥିବା କିଛି ବ୍ୟକ୍ତିବିଶେଷ କେବଳ ପ୍ରାର୍ଥନା କରି ଆସୁଥିଲେ। ମାତ୍ର ଏହାକୁ ସ୍ଥାନୀୟ କିଛି ବାସିନ୍ଦା ଏଠାରେ ଖ୍ରୀଷ୍ଟିଆନ ଧର୍ମାନ୍ତୀକରଣ କରାଯାଉଛି କହି ରବିବାର ଦିନ ଉକ୍ତ ଅସ୍ଥାୟୀ ଘରଟିକୁ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଏନେଇ ନିଳଗିରି ଥାନାରେ ଅଭିଯୋଗ ହୋଇଥିବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ମଛୁଆ ପଞ୍ଚାୟତର ମଛୁଆ ଗ୍ରାମର କାଳିଆ ସିଂ ନିଜସ୍ୱ ଜାଗାରେ ଏକ ଅସ୍ଥାୟୀ ଛପର ଘର କରିଥିଲେ। ଉକ୍ତ ଘରେ କିଛି ଯୁବକ, ଯୁବତୀ ପୁରୁଷ, ମହିଳା ମାନେ ବସା ଉଠା କରିବା ସହ ପ୍ରଭୁ ଯୀଶୁଙ୍କ ପ୍ରାର୍ଥନା କରି ଥାନ୍ତି। ମାତ୍ର ଏହାକୁ ଉକ୍ତ ଗ୍ରାମର ସନିଆ ସିଂ, ପଣ୍ଟୁ, ଅକ୍ଷୟ, ବସନ୍ତ ସିଂ, ଲମ୍ବୋଦର ପ୍ରଧାନ, ଗୁପିଆ ସିଂ, ରଥିଆ ସିଂ, ପଣ୍ଡା ସିଂ, କୈଳାସ ଜେନା ସମେତ ୨୦ରୁ ଉର୍ଦ୍ଧ ଗ୍ରାମବାସୀ ଉକ୍ତ ଘରେ କୌଣସି ପ୍ରାର୍ଥନା କିମ୍ବା ଖ୍ରୀଷ୍ଟିଆନ ଧର୍ମ ଆଲୋଚନା କରାଯାଇପାରିବ ନାହିଁ ବୋଲି କହି ଜେ.ସି.ବି ରେ ଭାଙ୍ଗି ଘରଟିକୁ ନଷ୍ଟ କରି ଦେଉଥିବାର କାଳିଆ ସିଂ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।



# କାଗଜକଲମରେ ଉଦ୍ୟାନ କୃଷି ବିଭାଗର ଚାରା ବଣ୍ଟନ

ବାଲେଶ୍ୱର, ୪।୧ (ସମିସ)

ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ ଧାନ ଚାଷ ଠାରୁ ଆରମ୍ଭ କରି ମୀନ, ପାନ ଚାଷ ମଧ୍ୟ କରାଯାଉଛି। ଏଥିପାଇଁ ଚାଷୀମାନଙ୍କୁ ସରକାରୀ ସ୍ତରରେ ସହଯୋଗ ମଧ୍ୟ କରାଯାଉଛି। ଏହାଛଡା ଉଦ୍ୟାନ କୃଷି ବିଭାଗ ମଧ୍ୟ ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ଚାରା ସବସିଡି ମାଧ୍ୟମରେ ଯୋଗାଇ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଏହାଛଡା ଡାଲି ଜାତୀୟ ଫସଲ ଠାରୁ ଆରମ୍ଭ କରି ମସଲା ଜାତୀୟ ଫସଲ ମଧ୍ୟ ଚାଷ କରାଯାଉଛି। ହେଲେ ସେଇ ଚାଷୀମାନଙ୍କୁ କେବଳ ଚାରା ପ୍ରଦାନ କରି ଶୋଇ ରହିଛି ଉଦ୍ୟାନ କୃଷି ବିଭାଗ। ଚାରା ପ୍ରଦାନ ପରେ ତାହାର ରକ୍ଷଣାବେକ୍ଷଣା ସଠିକ ଭାବେ ମଧ୍ୟ କରୁନାହିଁ।

ବାଲେଶ୍ୱର ଜିଲ୍ଲାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସବସିଡ଼ି ଆକାରରେ ପ୍ରଦାନ କରାଯାଉଛି ବିଭିନ୍ନ ଚାରା। ଆଉ ଚାରା ପ୍ରଦାନ କରିବା ପରେ ବିଭାଗ ତାର ଦାୟିତ୍ୱ ଶେଷ କରୁଥିବା ବେଳେ ଗଛ ଗୁଡିକ ବଂଚିଛି କି ନାହିଁ ତାର ହେଉନି ତଦାରଖ। ବିଭାଗ କେବଳ ନିଜର ଟାର୍ଗେଟ ପୂରଣ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବାସ୍ତବରେ ସମସ୍ତ ବ୍ଲକକୁ ସଠିକ ଭାବେ ଚାରା ଯୋଗାଯାଉଛି କି ନାହିଁ ତାହା ମଧ୍ୟ ସନ୍ଦେହରେ। ଚଳିତ ବର୍ଷ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକକୁ ଆମ୍ବ, ଲେମ୍ବୁ ଆଦି ବିଭିନ୍ନ ପ୍ରକାରର ୮୮ହଜାର ୪୫୦ଟି ଚାରା ଇନପୁଟ ସବସିଡି ସ୍କିମ ମାଧ୍ୟମରେ ପ୍ରାୟ ୧୭ଲକ୍ଷ ଟଙ୍କାରୁ ଅଧିକରେ ପ୍ରଦାନ କରାଯାଇଛି ବୋଲି ଉଦ୍ୟାନ କୃଷି ବିଭାଗର ରିପୋର୍ଟ କହୁଛି। ବାସ୍ତବରେ ଏହି ସବୁ ଚାରା ସଠିକ ଭାବେ ସମସ୍ତ ବ୍ଲକକୁ ଯାଇଛି ନା କେବଳ କାଗଜ କଲମରେ ତାହା ସୀମିତ ରହିଯାଇଛି ତାହା ସନ୍ଦେହରେ। ଅନ୍ୟପଟେ ଜିଲ୍ଲାରେ ଗୋଟିଏ ଗୋଟିଏ ବ୍ଲକରେ ପାଖାପାଖି ୨ଶହରୁ ଅଧିକ ଉଦ୍ୟାନ କୃଷି ଭିତ୍ତିକ ଚାଷୀମାନେ ରହିଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହା ସମସ୍ତଙ୍କୁ ଚଳିତ ବର୍ଷର ଚାରା ପ୍ରଦାନ କରାଯାଇଛି।

ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବାଲେଶ୍ୱର ସଦର, ରେମୁଣା, ବାହାନଗା, ସୋର, ସିମୁଳିଆ, ଖଇରା, ବସ୍ତା, ବାଲିଆପାଳ, ଜଳେଶ୍ୱର ଏବଂ ଭୋଗରାଇ ବ୍ଲକରେ ଥିବା ଚାଷୀମାନଙ୍କୁ ୪୧ଶହଟି ଆମ୍ବ ଚାରା ୨୦ଟଙ୍କା ଦରରେ ମୋଟ ୮୨ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ସେହିପରି ଏହି ସମସ୍ତ ବ୍ଲକରେ ଦୁଇ ହଜାର ଲେମ୍ବୁ ଚାରା ୯ଟା୫୦ପଇସା ଦରରେ ୧୯ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ସେହିପରି ନଡିଆ ଚାରା ବାଲେଶ୍ୱର ସଦର ବ୍ଲକକୁ ଏକ ହଜାର,ରେମୁଣା ବ୍ଲକକୁ ୯୪୮,ବାହାନଗା ବ୍ଲକଏକ ହଜାର,ସୋର ବ୍ଲକ ୯ଶହ,ସିମୁଳିଆ ବ୍ଲକକୁ ଏକ ହଜାର,ଖଇରା ବ୍ଲକକୁ ଏକ ହଜାର, ବସ୍ତା ବ୍ଲକକୁ୧୧୫୨, ବାଲିଆପାଳ ବ୍ଲକ,ଜଳେଶ୍ୱର ବ୍ଲକ ଏବଂ ଭୋଗରାଇ ବ୍ଲକକୁ ଏକ ହଜାର ଲେଖାଏଁ ନିଡିଆ ଚାରା ୩୫ଟଙ୍କା ମୂଲ୍ୟରେ ୩ଲକ୍ଷ ୫୦ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ସେହିପରି ଏହି ସମସ୍ତ ବ୍ଲକକୁ କାଜୁ ଚାରା ୧୬୦ଟି ଲେଖାଏଁ ୨୨ଟଙ୍କା ୫୦ପଇସା ମୂଲ୍ୟରେ ୩୬ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ସେହିପରି ଲିଚି ଚାରା ଏହି ସମସ୍ତ ବ୍ଲକକୁ ୭୫୦ଲେଖାଏଁ କରି ମୋଟ ୧ଲକ୍ଷ ୬୫ହଜାର ଟଙ୍କାରେ ପ୍ରଦାନ କରାଯାଇଛି। ସେହିପରି ପିଜୁଳି ଚାରା ବାଲେଶ୍ୱର ଏବଂ ରେମୁଣା ବ୍ଲକକୁ ୮୬୦ଟି ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ବାକି ବାହାନଗା,ସୋର,ସିମୁଳିଆ,ଖଇରା,ବସ୍ତା,ବାଲିଆପାଳ,ଜଳେଶ୍ୱର ଏବଂ ଭୋଗରାଇ ବ୍ଲକକୁ ୮୩୦ଟି ଲେଖାଏଁ ୧୮ଟଙ୍କା ୫୦ପଇସା ଦରରେ ମୋଟ ୧ଲକ୍ଷ ୫୪ ହଜାର୪୭୫ଟଙ୍କାରେ ପ୍ରଦାନ କରାଯାଇଛି। ମୋଟ ଉପରେ ଆମ୍ବ ଚାରା ୪୧ହଜାର, ଲେମ୍ବୁ ଚାରା ୨୦ହଜାର,ନଡ଼ିଆ ଚାରା ୧୦ହଜାର,କାଜୁ ଚାରା ୧୬୦୦,ଲିଚି ଚାରା ୭୫୦୦ ଏବଂ ପିଜୁଳି ଚାରା ୮୩୫୦ଟି ପ୍ରଦାନ କରାଯାଇଛି। ମୋଟ ଉପରେ ଏହି ସମସ୍ତ ଚାରା ଗୁଡିକ ବିଭିନ୍ନ ସବସିଡି ଆଧାରରେ ୧୭ଲକ୍ଷ ୧୫ହଜାର୪୭୫ଟଙ୍କାରେ ପ୍ରଦାନ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏନେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ,ସଳରକାରଙ୍କ ଇନପୁଟ ସବସିଡି ସ୍କିମ ମାଧ୍ୟମରେ ଚଳିତ ବର୍ଷ ୧୦ଟି ବ୍ଲକରେ ପାଖାପାଖି ୮୮ହଜାରରୁ ଅଧିକ ଚାରା ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। ଯାହାକୁ ଚାଷୀମାନେ କମ ଟଙ୍କାରେ କିଣି ନିଜ ବାଡିରେ ଲଗାଇ ଉପକୃତ ହେଉଛନ୍ତି। ଅନ୍ୟପଟେ ଚାରା ଯୋଗାଇବା ପରେ ସେମାନଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ କରାଯାଇ ନାହିଁ। ଯେଉଁ ଚାଷୀମାନେ ଏହି ଚାରା ଗୁଡିକ ନେଇଛନ୍ତି ସେଇ ଚାରା ଗୁଡିକ ବଂଚିଛି କି ନାହିଁ ତାର ତଦନ୍ତ ମଧ୍ୟ କରାଯିବ ବୋଲି କହିଛନ୍ତି।

# ଅଗ୍ନିକାଣ୍ଡରେ ଗୁହାଳ ଭସ୍ମୀଭୂତ

ବରୀ,୪।୧(ସମିସ): ବରୀବ୍ଲକବୋଦୁଅପଞ୍ଚାୟତରରେବଲନିକଟରେଥିବାଅକ୍ଷୟମଲ୍ଲିକଙ୍କ ଗୁହାଳଘରେକୌଣସିକାରଣରୁନିଆଁଲାଗିଯିବାରୁପୋଡି ପାଉଁଶ ହେଇଯାଇଛି । ଲୋକେ ଗୁହାଳ ଥିବା ଗୋରୁ, ଗାଇ, ଛେଳିଙ୍କୁ ଉଦ୍ଧାର କରିବା ସହିତ ନିଆଁକୁ ଆୟତ କରିଥଲେ । ସେ ଜଣେ ଶ୍ରମିକ ଶେଣୀର ଲୋକ ହେଇଥିବାରୁ ସରକାରୀ ସହାୟତା ପାଇଁ ଦାବି ହେଉଛି ।

# ବନ୍ଧମୁଣ୍ଡା ବାଲିଘାଟରେ ଚଢ଼ଉ; ଗାଡି ଜବତ



ଯାଜପୁର ୪ ।୧(ସମିସ) : ଯାଜପୁର ଜିଲ୍ଲା ବୁଢ଼ା ନଦୀର ବନ୍ଧମୁଣ୍ଡା ଘାଟରେ ବେଆଇନ ବାଲି ଚୋରାଚାଲାଣ ହେଉଥିବା ବେଳେ ଚଢ଼ଉ କରିଛି ଲଘୁ ଖଣିଜ ବିଭାଗ । ଗତକାଲି ବିଳମ୍ବିତ ରାତ୍ରୀରେ ଖଣି ବିଭାଗ ଏବଂ ପୁଲିସର ମିଳିତ ଉଦ୍ୟମରେ ଚଢ଼ଉ କରାଯାଇ ସେଠାରୁ ବାଲି ଉତ୍ତୋଳନ ଓ ପରିବହନ ପାଇଁ ବ୍ୟବହୃତ ଗାଡିକୁ ଜବତ କରାଯାଇଥିଲା । ଏହି ଚଢ଼ଉରେ ଜୁନିୟର ମାଇନିଂ ଅଫିସର ସିତେଶ ନାୟକ, ଛାୟାକାନ୍ତ ମହାନ୍ତ, ଯାଜପୁର ଟାଉନ ଥାନା ପୁଲିସ ସାମିଲ ହୋଇଥିଲେ ।

# ଏସ୍‌ପି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା

ବ୍ୟାସନଗର,୪।୧(ସମିସ): ଯାଜପୁର ଜିଲ୍ଲାର ସମାଜସେବୀ ତଥା ରାଜ୍ୟ ଯୁବ ବିଜୁ ଜନତା ଦଳର ଉପସଭାପତି ସୌମ୍ୟରଞ୍ଜନ ଧଳ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଏବଂ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସୌମ୍ୟରଞ୍ଜନ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଅବହେଳିତ ଏବଂ ନିଷ୍ପେସିତ ଲୋକମାନଙ୍କ ସମସ୍ୟା ସଂପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି ।

## ପୂର୍ବତନ ବିଧାୟିକାଙ୍କ ପଞ୍ଚାୟତରେ ସରପଞ୍ଚ ପଦବି ଖାଲି

# ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ବରୀ,୪।୧(ସମିସ): ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତରେ ଦୀର୍ଘ ତିନି ମାସ ଧରି ସରପଞ୍ଚ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ପ୍ରକାଶ ଥାଉକି ଏହି ପଞ୍ଚାୟତଟି ୧୪ ଗୋଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୧୬-୦୬-୨୦୨୫ ରିଖରେ ୮ ଜଣ ୱାର୍ଡ ସଭ୍ୟା/ସଭ୍ୟଙ୍କୁ ଲଗାତାର ଭାବେ ୩ ଗୋଟି ବୈଠକରେ ଅନୁପସ୍ଥିତ ରହିବା କାରଣରୁ ସରପଞ୍ଚ ଶକୁନ୍ତଳା ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତି କରି ଯାଜପୁର ଜିଲ୍ଲାପାଳ ପଞ୍ଚାୟତରାଜ ଆଇନର ଧାରା ୨୬(୨) ସଭ୍ୟ ପଦ ରଦ୍ଦ କରିଥିଲେ । ପଦ ରଦ୍ଦ ହୋଇଥିବା ୮ ଜଣଙ୍କ ମଧ୍ୟରେ ସେହି ପଞ୍ଚାୟତର ନାୟବ ସରପଞ୍ଚ ମଧ୍ୟ ପଦ ହରାଇଥିଲେ । ପରବର୍ତ୍ତୀ ସମୟରେ ସେହି ପଞ୍ଚାୟତରେ ରାଜନୈତିକ ତିକ୍ତତା ଲାଗି ରହିବା ସହିତ ଅବଶିଷ୍ଟ ୬ ଜଣଙ୍କ ମଧ୍ୟରୁ ୪ ଜଣ ୱାର୍ଡ ସଭ୍ୟା/ସଭ୍ୟ ଉପଜିଲ୍ଲାପାଳ ଯାଜପୁରଙ୍କ ନିକଟରେ ସରପଞ୍ଚ ଶ୍ରୀମତୀ ମଲ୍ଲିକଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ଉପଜିଲ୍ଲାପାଳ ଅଭିଯୋଗକାରୀ ୱାର୍ଡ ସଭ୍ୟା/ସଭ୍ୟଙ୍କ ଲିଖିତ ଅଭିଯୋଗରେ ଦସ୍ତଖତ ଯାଞ୍ଚ କରିବା ପରେ ସରପଞ୍ଚଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ କରାଯିବାକୁ ୦୮-୧୦-୨୦୨୫ ରିଖରେ ଧାର୍ଯ୍ୟ ହୋଇଥିବା ବେଳେ ତାର ଠିକ ପୂର୍ବଦିନ ଅର୍ଥାତ୍ ୦୭-୧୦-୨୦୨୫ ରିଖର ସରପଞ୍ଚ ଶକୁନ୍ତଳା ମଲ୍ଲିକ ସରପଞ୍ଚ ପଦରୁ ଇସ୍ତଫା ଦେଇଥିଲେ । ଇସ୍ତଫା ପରଠାରୁ ଅଦ୍ୟାବଧି କେହି ସରପଞ୍ଚ ଦାୟିତ୍ୱରେ ନଥିବାରୁ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥ ଉନ୍ନୟନ ମୂଳକ କାର୍ଯ୍ୟରେ ସଦୁପଯୋଗ ହୋଇ ନ ପାରିବା ସହିତ ପଞ୍ଚାୟତରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଚାୟତ ସ୍ତରୀୟ ସରକାରୀ ଅନୁଦାନକୁ ବିନିଯୋଗ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ରହିବା ଫଳରେ ପଞ୍ଚାୟତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ବିଷୟରେ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି କହିଛନ୍ତି ସରପଞ୍ଚଙ୍କ ଇସ୍ତଫା ପରେ ନାଏବ ସରପଞ୍ଚଙ୍କ ପଦ ରଦ୍ଦ ହୋଇଥିବାରୁ ପଞ୍ଚାୟତରାଜ ନିୟମ ଅନୁଯାୟୀ ଅନ୍ୟ ଜଣଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିବା କ୍ଷେତ୍ରରେ ଉପଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବିଞ୍ଝାରପୁର,୪।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁର ପଞ୍ଚାୟତର ବରିଷ୍ଠ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ମଗଫୁଲ ଅଲ୍ଲୀ ଖାନ (୭୧)ଙ୍କ ଆଜି ସକାଳେ ଦେହାନ୍ତ ହୋଇଯାଇଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ଦେହାନ୍ତ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ସାମ୍ବାଦିକ ଗୁଲସନ ନୱାଜ ଅଲ୍ଲୀ ଖାନ ଉପସ୍ଥିତ ଥିଲେ । ଏଥିସହିତ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି ଦେବପ୍ରସାଦ ସାହୁ, ଓୟୁଜେ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି ଅରୁଣ ରାଉତ ରାୟ, ସମ୍ପାଦକ ଚନ୍ଦ୍ରଶେଖର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଦିତ୍ୟ ମେକାପ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଅଭୟ ପତି, ବିଞ୍ଝାରପୁର ସାମ୍ବାଦିକ ୟୁନିଅନ, ଏସକେ ସନୱାର, ବିଶ୍ୱଜିତ ନାୟକ, ସୀତାକାନ୍ତ ସାମଲ, ସତ୍ୟରଞ୍ଜନ ମଲିକ, ଶଙ୍କର୍ଷଣ ସାମଲ, ନିମାଇଁ ଘଡ଼ାଇ, ଅନଙ୍ଗ ଉଦୟ ବେହୁରିଆ, ସୁରେନ୍ଦ୍ର ସାମଲ, ପ୍ରଦୀପ କୁମାର ମଲ୍ଲିକ, ଦେବେନ୍ଦ୍ର ସାମଲ, ଜାକିର ହୁସେନ, ଦେବାଶିଷ ସାହୁ, ହିମାଂଶୁ ଶେଖର ପାଢ଼ୀ, ସୌମ୍ୟରଞ୍ଜନ ଦାସ, ସରପଞ୍ଚ ଏମ୍‌ଡି ସବୀର, ସମାଜସେବୀ କୈଳାସ ସେଠୀ, କଂଗ୍ରେସ ନେତା ଶୁଭମ ଦାସ, ଅଶୋକ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଥିଲେ ।

## ଧର୍ମଶାଳା ମହୋତ୍ସବ

# ବଲିଉଡ୍ କଳାକାରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଧର୍ମଶାଳା,୪।୧(ସମିସ)

ଧର୍ମଶାଳା ମହୋତ୍ସବର ଉଦଯାପନୀ ଉତ୍ସବ ଯେତେ ପାଖେଇ ଆସୁଛି ସେହି ପରିମାଣରେ ଦର୍ଶକମାନଙ୍କ ଭିଡ ବଢ଼ିବାରେ ଲାଗିଛି । ପବିତ୍ର ଧନୁସଂକ୍ରାନ୍ତି ଠାରୁ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଥିବା ବେଳେ ଏହି ଅବସରରେ ଗତ ୨୫ ତାରିଖରେ ଉଦ୍‌ଘାଟିତ ହୋଇଥିବା






ଧର୍ମଶାଳା ମହୋତ୍ସବ ଆସନ୍ତା ୬ ତାରିଖରେ ଉଦଯାପିତ ହେବ । ମହୋତ୍ସବ ସରି ଆସୁଥିବା ବେଳେ ଆଜି ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ମେଳାରେ ବୁଲିବାର ମଜା ନେବା ସହ ମହୋତ୍ସବ ପଡିଆରେ ମୁକ୍ତାକାଶ ମଞ୍ଚରେ ବଲିଉଡ କଣ୍ଠଶିଳ୍ପୀ ବି ପ୍ରାକ ଓ ସାଥିମାନଙ୍କ ସଂଗୀତ ଓ ନୃତ୍ୟକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ । ପ୍ରାରମ୍ଭରେ ଆଜି ମହୋତ୍ସବ କମିଟିର ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକ, ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ ଓ ଜିଲ୍ଲା ବିଜେପି ପୂର୍ବତନ ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ । ଧର୍ମଶାଳା ହେଉଛି ଏକ ଐତିହ୍ୟ ସଂସ୍କୃତିର ମାଟି । ଏଠାକାର ବୌଦ୍ଧ ସଂସ୍କୃତିକ ବିଶ୍ୱ ପର୍ଯ୍ୟଟନରେ ସ୍ଥାନ ପାଇଛି । ଏହି ସାଂସ୍କୃତିକ ସଭାରେ ମହୋତ୍ସବ କମିଟିର ସଂଯୋଜକ ଦେବରଜ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ସଦସ୍ୟ ସବ୍ୟସାଚୀ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ବଲିଉଡ ଗାୟକ ବି ପ୍ରାକ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ଯାହାକୁ ଦର୍ଶକମାନଙ୍କ ସହ ଅତିଥିମାନେ ଭରପୁର ଉପଭୋଗ କରିଥିଲେ । ଅସନ୍ତାକାଲି ଦ୍ୱାଦଶ ସନ୍ଧ୍ୟାରେ ଇଣ୍ଡିଆନ ଆଇଡଲ ବିଜେତା ସଲମାନ ଅଲ୍ଲି ଏବଂ ସାଥୀମାନେ ସଙ୍ଗୀତ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟିର ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି ।

# କୋରେଇବାସୀଙ୍କ ମନରୁ ବିଦ୍ୱେଷ ଭାବ ଦୂର କରିବା ମୋ କାମ: ବବି

ବ୍ୟାସନଗର,୪।୧(ସମିସ): ନିର୍ବାଚନ ଆସିବ ଯିବ । ଲୋକେ ଯାହାକୁ ଚାହିଁବେ ତାକୁ ହିଁ ଜିତାଇବେ । ଏଥିରେ କିଛି ଅସୁବିଧା ନାହିଁ । କୋରେଇବାସୀ ଆଜି ପ୍ରତାରିତ ହୋଇଛନ୍ତି । କାରଣ ବିଗତ ୧୫ରୁ ୧୭ ବର୍ଷ ମଧ୍ୟରେ କୋରେଇର ନେତୃତ୍ୱ ନେଇଥିବା ନେତାମାନେ ନିଜ ନିଜ ରାସ୍ତାରେ ଛାଡି ପଳାଇଛନ୍ତି । ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବିଦ୍ୱେଷ ଭାବ ରହିଛି । କିନ୍ତୁ ଆଗାମୀ ଦିନରେ ସେହି ବିଦ୍ୱେଷ ଭାବକୁ ଦୂର କରିବା ପାଇଁ ମୁଁ ପ୍ରତିଶ୍ରୁତି ଦେଉଛି ବୋଲି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି । ବ୍ୟାସନଗର ପୌରପାଳିକାର ଯୋଡ଼ାବର ୧ ନଂ ୱାର୍ଡରେ ଅନୁଷ୍ଠିତ ଏକ



ଦଳୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ବବି କର୍ମୀ ଓ ଜନତାଙ୍କୁ ଉପରୋକ୍ତ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ସମୟରେ କୋରେଇର ବିକାଶର ବାଧକ ପାଇଁ କେତେକ ଗୋଷ୍ଠୀ ପ୍ରଣବଙ୍କ ବିରୋଧରେ ସୃଷ୍ଟି କରିଥିବା ବିଦ୍ୱେଷକୁ ପ୍ରତିହତ କରିବା ପାଇଁ ବବି ଆଜି ଏଭଳି କହିଥି?ବା ଚର୍ଚ୍ଚା ହେଉଛି । ଆଗାମୀ ଦିନରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ୱାର୍ଡରେ କରାଯିବ ଏବଂ ସଂଗଠନକୁ ଅଧିକ ମଜବୁଦ କରାଯିବ ବୋଲି ବବି ସୂଚନା ଦେଇଥିଲେ । ଏହି ଦଳୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପାଳିକାର ଅଧ୍ୟକ୍ଷ ସୁବାସ ବଳଙ୍କ ସମେତ ପୌରପାଳିକାର ଦଳୀୟ

## ● ପ୍ରୟାସ କ୍ଲାସେସ୍ ସିବିଏସ୍‌ଇ-ଏକାଦଶ ଶ୍ରେଣୀ ପ୍ରବେଶିକା ପରୀକ୍ଷା

# ଭାଗନେଲେ ୨୫୨୦ ଛାତ୍ରଛାତ୍ରୀ,୧୧ରେ ଫଳାଫଳ

ବ୍ୟାସନଗର,୪।୧(ସମିସ): ଯାଜପୁର କୋରେଇ ବ୍ଲକ ତଣ୍ଡରାଠାରେ ରହିଥିବା ଶିକ୍ଷାନୁଷ୍ଠାନ ପ୍ରୟାସ କ୍ଲାସେସ୍‌ର ୨୦୨୬-୨୭ ଶିକ୍ଷା ବର୍ଷ ନିମନ୍ତେ ସିବିଏସ୍‌ଇ ଏକାଦଶ ଶ୍ରେଣୀରେ ନାମଲେଖା ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ପ୍ରୟାସ ପ୍ରବେଶିକା ପରୀକ୍ଷା ନିମନ୍ତେ ରାଜ୍ୟର ଭିନ୍ନ ଭିନ୍ନ ୪ ଗୋଟି ଶିକ୍ଷାନୁଷ୍ଠାନ (ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୋଳ) ରେ ଏହି ପ୍ରବେଶିକା ପରୀକ୍ଷା ନିମନ୍ତେ ରବିବାର ବିଭିନ୍ନ ନିର୍ଦ୍ଧାରିତ କଲେଜ କ୍ୟାମ୍ପସ ଏବଂ ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା । ଅନଲାଇନ ମାଧ୍ୟମରେ ଆଡମିଶନ ଟେଷ୍ଟରେ ଭାଗନେବା ପାଇଁ ଗତ ବର୍ଷ ୨୩୦୮ ଜଣ ଛାତ୍ରଛାତ୍ରୀ ଆବେଦନ କରି ପରୀକ୍ଷା ଦେଇଥିବା ବେଳେ ଚଳିତବର୍ଷ ୨୫୨୦ ଜଣ ପରୀକ୍ଷା ଦେଇଛନ୍ତି । ଚଳିତ ପ୍ରବେଶିକା ପରୀକ୍ଷାରେ ଯାଜପୁରରେ ସର୍ବାଧିକ ୧୪୫୦ ଜଣ, ବାଲେଶ୍ୱରରେ ୪୭୦ ଜଣ, ଭୁବନେଶ୍ୱରରେ ୩୧୫ ଜଣ ଏବଂ ଅନୁଗୋଳରେ ୨୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଛନ୍ତି । ଗୋଟିଏ ସିଟିଙ୍ଗ (ଅପରାହ୍ନ ୨ରୁ ଅପରାହ୍ନ ୪ ଘଟିକା) ରେ ରବିବାର ଅନୁଷ୍ଠିତ ହେଉଥିବା ଏହି ପ୍ରବେଶିକା ପରୀକ୍ଷାରେ ୧୦ମ ଶ୍ରେଣୀ ଗଣିତ ଏବଂ ବିଜ୍ଞାନ ଉପରେ ପ୍ରଶ୍ନ ରହିଥିବା ବେଳେ ଆସନ୍ତା ଜାନୁଆରୀ ୧୧ ତାରିଖ ମଧ୍ୟରେ ଫଳାଫଳ ଘୋଷଣା କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଚଳିତ ଶିକ୍ଷା ବର୍ଷରେ ପ୍ରୟାସ କ୍ଲାସେସ୍‌ରେ ପାଠ ପଢିବା ନିମନ୍ତେ ଯାଜପୁର ୫୦୦ ଏବଂ ବାଲେଶ୍ୱର ୨୦୦; ମୋଟ ୭୦୦ ଗୋଟି ସିଟ ଉପଲବ୍ଧ ରହିଥିବା ବେଳେ ରବିବାର ଏଥିନିମନ୍ତେ ୨୫୨୦ ଜଣ ଛାତ୍ରଛାତ୍ରୀ ଆଡ୍‌ମିଶନ ଟେଷ୍ଟ ଦେଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏହି ଛାତ୍ରଛାତ୍ରୀ ୨୮ଟି ଜିଲ୍ଲାର କୋରାପୁଟ, ଝାରସୁଗୁଡା,ରାୟଗଡା, ମାଲକାନାଗିରି, ଅନୁଗୁଳ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହର ସମେତ ରାଜ୍ୟ ବାହାରର ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡଖଣ୍ଡରୁ ଆସି ଯାଜପୁର ସମେତ ରାଜ୍ୟର ଅନ୍ୟ ୩ ଗୋଟି ସେଣ୍ଟରରେପରୀକ୍ଷା ଦେଇଛନ୍ତି ।



# ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ଦାନଗଦି,୪।୧(ସମିସ): ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ଉତ୍କର୍ଷ ସାମ୍ବାଦିକ କର୍ମଶାଳା ଦାନଗଦି ସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟ ଓ ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗ ଦେଇଥିଲେ । ରାଜ୍ୟ ସରକାର ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଯଦି ଆମେ ଦେଇଥିବା ଦାବିଗୁଡିକୁ ପୂରଣ ନ କରନ୍ତି ତା'ହେଲେ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି କହିବା ସହ ନିରପେକ୍ଷ ଖବର ପରିବେଷଣ କରିବା ପାଇଁ ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ । ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ସଫଳ ମହିଳା ଉଦ୍ୟୋଗୀ ଅବନ୍ତୀ ସାମଲ, ଯୁବ ସମାଜସେବୀ ଇଂ.ଅରବିନ୍ଦ ମହାରଣା, ସଫଳ ଉଦ୍ୟୋଗୀପତି ହରିହର କରଣ, ଯୁଥ ଆଇକନ ସ୍ମୃତିରଞ୍ଜନ ଜେନା, ଆରକ୍ଷୀ ଅଧିକ୍ଷକ ଆଶିଷ କୁମାର ସାହୁ, ସଫଳ ଉଦ୍ୟୋଗୀ ଦେବେନ୍ଦ୍ର ଜେନା, ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ରାୟ, ସମବାୟବିତ ଓ ସମାଜସେବୀ ପ୍ରତାପ କୁମାର ଧୀର, ନିଦାନ ଓ ସ୍ୱାସ୍ଥ୍ୟ ଚିକିତ୍ସାରେ ରବୀନ୍ଦ୍ର ଡାକୁଆ, ସହକାରୀ ପ୍ରଧାପକ ସାମନ୍ତ ବିଶ୍ୱଭୂଷଣ ଧୀର, ସୁଧୀ ରଞ୍ଜନ ମିଶ୍ର ବରିଷ୍ଠ ପ୍ରଶାସକ ଜିନ୍ଦଲ ଷ୍ଟିଲ, ଡାକ୍ତର ସନ୍ତୋଷ କୁମାର ଧଳ ଯୁବ ସମାଜସେବୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ପ୍ରିୟରଞ୍ଜନ କର ଓ ସାମନ୍ତ ବିଶ୍ୱଭୂଷଣ ଧୀରଙ୍କ ଦ୍ୱାରା ଏକ ସାମ୍ବାଦିକତା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବଟିକୁ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ରଙ୍ଗବଲ୍ଲଭ ସାହୁ, ଉପଦେଷ୍ଟା ଦୁଷ୍ମନ୍ତ ଘଡେଇ, ଉପଦେଷ୍ଟା ବିପ୍ଳବ ବିଜୟ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଉପ ସଭାପତି ପ୍ରଦୀପ ଜେନା, ସମ୍ପାଦକ ସୁଭାଶିଷ ରାଉତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିକାଶ ମଞ୍ଚର ଶୀତବସ୍ତ୍ର ବଣ୍ଟନ

ଯାଜପୁର,୪ ।୧(ସମିସ): ଯାଜପୁର ସହର କିଆନାଳୀକୂଳ ଛକରେ ଯାଜପୁର ବିକାଶ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି



କାର୍ଯ୍ୟକ୍ରମକୁ ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଗରିବ ଅସହାୟଙ୍କ ନିମନ୍ତେ ଏହି ଶିବିରଟି ଖୋଲାଯାଇଛି । ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାହା ପାଖାରେ ସମର୍ଥ ଅଛି ଦିଅନ୍ତୁ ଓ ଯାହା ପାଖରେ ସମର୍ଥ ନାହିଁ ନିଅନ୍ତୁ । ଏହି ଶିବିରରେ କମ୍ବଳ, ଶୀତ ବସ୍ତ୍ର ରଖାଯାଇ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ତରୁଣ ନନ୍ଦ, ନିତ୍ୟାନନ୍ଦ ମିଶ୍ର, ପଦ୍ମାକର ଗୁରୁ, ଦାମୋଦର ବେହେରା, ଡ. ମୂରଲୀଧର ଜେନା, ଜିଲା ପ୍ରେସ୍ କ୍ଲବର ସଭାପତି ଅଜୟ କୁମାର ରାଉଳ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରତିବର୍ଷ ବିକାଶ ମଞ୍ଚ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ କରାଯାଇ ଆସୁଅଛି । ଏହି କାର୍ଯ୍ୟକ୍ରମ ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।

# ମାଧବାନନ୍ଦ ପାଠାଗାରର ବୈଠକ

ଯାଜପୁର,୪।୧(ସମିସ): ଯାଜପୁର ବ୍ଲକ୍ ଅର୍ନ୍ତଗତ ଭୁବନେଶ୍ୱରପୁର ପଞ୍ଚାୟତର କୁନିନ୍ଦା ଗ୍ରାମରେ ମାଧବାନନ୍ଦ ପାଠାଗାରର ଏକ ବୈଠକ କୁମାରସାହି ସରସ୍ୱତୀ ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ଅଭୟ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଠାଗାରର ସଭାପତି ସନ୍ତୋଷ ଦାସ ଏବଂ ସମାଜସେବୀ ଗଣେଶ ସାହୁ ଯୋଗଦେଇ ପାଠାଗାର ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆସନ୍ତା ଜାନୁଆରୀ ୨୩ ତାରିଖ ଆଦର୍ଶ ଶିକ୍ଷକ ତଥା ସମାଜ ସଂସ୍କାରକ ମାଧବାନନ୍ଦ ଷଡ଼ଙ୍ଗୀଙ୍କ ସ୍ମୃତି ଦିବସ ରେ ଏହି ପାଠାଗାରର ଉଦଘାଟନ ଉତ୍ସବ



ଅନୁଷ୍ଠିତ ହେଉଛି । ଏହି ପାଠାଗାରରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ସରସ୍ୱତୀ ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରଞ୍ଜନ କୁମାର ଦାସ, ବିଦ୍ୟାଧର ସାହୁ, ପ୍ରକାଶ ବେହେରା, ନକୁଳ ବେହେରା, ଲକ୍ଷ୍ମୀଧର ବେହେରା, ଚନ୍ଦ୍ରମଣି ମୁଦୁଲି, ନାରାୟଣ ମୁଦୁଲି, ଧନେଶ୍ୱର ବେହେରା, ସୋମ୍ୟରଞ୍ଜନ ଓଝା, ଅଭିଜିତ ଦାସ, ଶୁଭଙ୍କର ଦାସ, ବିଶ୍ୱଜିତ ଦାସ, ପ୍ରତ୍ୟୁଷ ଓଝା, ଆଶିଷ ସାହୁ, ସତ୍ୟପ୍ରକାଶ ସାହୁ, ବାସୁଦେବ ସେଠୀ, ସୋମ୍ୟରଞ୍ଜନ ବାରିକ, ସତ୍ୟଜିତ୍ ଦାସ, ଶୁଭମ୍ କୁମାର ସାହୁ, କାଠି ବେହେରା, କାହ୍ନୁ ଚରଣ ବେହେରା, ଶୁଭମ୍ ସାହୁ, ଶ୍ରୀଧର ବାରିକ, ସୁରେନ୍ଦ୍ର ଓଝା ଓ ସୁରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ୨ଦିନ ପରେ ଖୋଲିବ ମଣ୍ଡି

# ଅଖା ଦ୍ୱନ୍ଦରେ ଚାଷୀ

ଦଶରଥପୁର,୪।୧(ସମିସ)

ଆଉ ଦିନେ ଦି' ଦିନ ପରେ ଯାଜପୁର ଜିଲ୍ଲାରେ ଧାନ ମଣ୍ଡି ଖୋଲିବ । ଟୋକନ ମେସେଜ ପାଇ ମଣ୍ଡିରେ ଧାନ ବିକିବାକୁ ଚାଷୀ ସଜବାଜ ହେଉଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଝୋଟ ଅଖାରେ ଧାନ କିଣା ନିଷ୍ପତି ଚାଷୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ଏପରିକି ଯୋଗାଣ ବିଭାଗର ଏହି ନିର୍ଦ୍ଦେଶନାମା ଯୋଗୁ ମଣ୍ଡିରେ ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ବୃଦ୍ଧି ପାଇଛି । ଚଳିତ ଖରିଫ ଋତୁର ୧ମ ପର୍ଯ୍ୟାୟରେ ଜିଲ୍ଲାରୁ ୧୪ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଦଶରଥପୁର ବ୍ଲକରୁ ୨୬ଟି ସୋସାଇଟି ଓ ଏସଏଚ୍‌ଜି ମାଧ୍ୟମରେ ପଞ୍ଜିକୃତ କରିଥିବା ୧୦,୦୨୨ ଜଣ ଚାଷୀଙ୍କ ଠାରୁ ଦେଢ଼ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଜିଲ୍ଲା ଯୋଗାଣ ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଛି । ମାତ୍ର ଝୋଟ ଅଖାରେ ମଣ୍ଡିରେ ଧାନ ଦେବା ନିଷ୍ପତିରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି । ଝୋଟ ହେଉ କି ଜରି ଅଖା ସରକାରୀ ସ୍ତରରେ ଅଖାର ପୂର୍ବ ମୂଲ୍ୟରେ ବୃଦ୍ଧି କରାଯାଇନଥିବା ବେଳେ ଗତ ଖରିଫ ଋତୁରେ ଜିଲ୍ଲାର ଜଣେ ହେଲେ ଚାଷୀଙ୍କୁ ଆଦୌ ଅଖା ମୂଲ୍ୟ ମିଳିନଥିବା ଅଭିଯୋଗ ହୋଇଥିଲା । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଯାଜପୁର ଜିଲ୍ଲାରେ ୨୦ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କିଣାଯାଇଥିଲା । ଏ ବାବଦରେ ମିଲର ମାନେ ସରକାରଙ୍କ ଠାରୁ ଝୋଟ ଅଖା ପ୍ରତି ୭ଟଙ୍କା ଏବଂ ଜରି ଅଖା ପ୍ରତି ୫ଟଙ୍କା ହିସାବରେ ୩୦ଲକ୍ଷ ଟଙ୍କା ନେଇଥିବା ବେଳେ ଜିଲ୍ଲାର ସମସ୍ତ ପଞ୍ଜିକୃତ ଚାଷୀ ନିଜ ଅର୍ଥରେ ଅଖା କିଣି ମଣ୍ଡିରେ ଧାନ ବିକ୍ରୟ କରିଥିଲା । ଜିଲ୍ଲା ଯୋଗାଣ ବିଭାଗ ସୂଚନା ଅନୁସାରେ ଗତ ବର୍ଷ ଯାଜପୁର ଜିଲ୍ଲାରୁ ମୋଟ ୨୦ଲକ୍ଷ ୫୪ହଜାର ୩୦୬ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିଲା । ୧୦ମିଲର ଏବଂ ୩୫ଟି ଏସ୍‌ଏଚଜି ଉକ୍ତ ଧାନ କ୍ରୟ କରିଥିଲେ । ଜିଲ୍ଲାର ଆଶୀର୍ବାଦ ମିଲ ସର୍ବାଧିକ ୬ଲକ୍ଷ ୩ହଜାର ୮୭୫ ମେଟ୍ରିକ ଟନ ଧାନ କ୍ରୟ କରିଥିବା ବେଳେ କୃପାଳୁ ରାଇସ ମିଲ ୩ଲକ୍ଷ ୫୮ହଜାର ୪୨୦ମେଟ୍ରିକ ଟନ,ଇଷ୍ଟର୍ନ ରାଇସ ମିଲ ୨ଲକ୍ଷ ୪୫ହଜାର ୬୪୭ମେଟ୍ରିକ ଟନ, ସନ୍ତୁକା ମିଲ ୨ଲକ୍ଷ ୨୩୨ମେଟ୍ରିକ ଟନ ଓ ମହାବଳୀ ମିଲ ୧ଲକ୍ଷ ୭୮ହଜାର ମେଟ୍ରିକ ଟନ ଧାନ କ୍ରୟ କରିଥିଲେ । ସେହିପରି ଗୋଲଖ ମିଲ ୨୨ହଜାର ୮୪ଟନ, ସାଇବାବା ମିଲ ୬୦ହଜାର ୩୯୩ଟନ, ଏମ ଫୁଡ ମିଲ ୬୭ହଜାର ୨୩୮ଟନ, ସାଇ ମିଲ ୫୦ହଜାର ୭୪୨ଟନ ଏବଂ ଚଣ୍ଡୀ ମିଲ ୫୪ହଜାର ୨୩୬ଟନ ଧାନ କିଣିଥିଲା । ଏହାବାଦ ୩୫ଟି ଏସ୍‌ଏଚଜି ୧ଲକ୍ଷ ୧୨ହଜାର ୫୪୬ମେଟ୍ରିକ ଟନ ଧାନ କ୍ରୟ କରିଥିଲେ । କିଣା ଯାଇଥିବା ଧାନ ପାଇଁ ୫୦କେଜି ଅଖା ବାବଦରେ ମୋଟ ୪ଲକ୍ଷ ୧୦ହଜାର ୮୬୧ଟି ଅଖାରେ ଧାନ କ୍ରୟ କରାଯାଇ ଜରି ଅଖା ପ୍ରତି ୫ଟଙ୍କା ଓ ଝୋଟ ଅଖା ପ୍ରତି ୭ଟଙ୍କା ମୂଲ୍ୟରେ ଅଖା ବାବଦକୁ ସରକାର ମିଲର ମାନଙ୍କୁ ୨୮ଲକ୍ଷ ୭୬ହଜାର ୨୭ଟଙ୍କା ପ୍ରଦାନ କରିଥିଲେ ମଧ୍ୟ ଦଶରଥପୁର ସମେତ ଜିଲ୍ଲାର ସମସ୍ତ ବ୍ଲକରେ ପଞ୍ଜିକୃତ ଚାଷୀ ନିଜ ଅର୍ଥରେ ଅଖା କିଣି ମଣ୍ଡିରେ ଧାନ ବିକିଥିଲେ । ପ୍ରତ୍ୟେକ ମଣ୍ଡିରୁ ମିଲର ଚାଷୀଙ୍କୁ ଅଖା ଅର୍ଥ ଦେବା ସହିତ ଓ ନିଜ ଗାଡି ଭଡ଼ାରେ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ କରିବାର ସରକାରୀ ନିୟମ ରହିଥିବା ବେଳେ ଚଳିତ ଖରିଫ ଋତୁରେ ଜିଲ୍ଲା ପ୍ରଶାସନ ଏକପାଖିଆ ନିଷ୍ପତି ଯୋଗୁ ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଇଛି । ଏପରିକି ଏହି ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମଣ୍ଡିରେ ବିବାଦ ଉଗ୍ର ରୂପ ନେବାର ସମ୍ଭାବନା ସୃଷ୍ଟି ହେବା ନିଶ୍ଚିତ ବୋଲି ଅକରପଡା ପ୍ୟାକ୍ସରେ ଧାନ ବିକିବାକୁ ନାମ ପଞ୍ଜିକୃତ କରିଥିବା ଚାଷୀ ଉପେନ୍ଦ୍ର ବେହୁରିଆ କହିଛନ୍ତି । ସେହିପରି ମା' ଲକ୍ଷ୍ମୀ ଏସଏଚଜିରେ ପଞ୍ଜିକୃତ ଚାଷୀ ଶ୍ରୀକାନ୍ତ ବେହୁରିଆ ଝୋଟ ଅଖା ନିଷ୍ପତିକୁ ବାଧ୍ୟତାମୂଳକ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସଚେତନ କରିବା ସହିତ ବଜାରରେ ଆବଶ୍ୟକ ପରିମାଣରେ ଝୋଟ ଅଖା ଉପଲବ୍ଧ କରିବାକୁ ପଦକ୍ଷେପ ନେବା ଉଚିତ ମନେ କରିନଥିବା ବେଳେ ହଠାତ ନିଷ୍ପତିକୁ ଚାଷୀଙ୍କ ଉପରେ ଲଦି ଦେବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ପଚାଇବାରୁ ମଣ୍ଡିରେ ଝୋଟ ଅଖା ବ୍ୟବହାର ନୂଆ ନୁହେଁ ପୂର୍ବରୁ ଏହି ବ୍ୟବସ୍ଥା ରହିଛି । ଚଳିତ ବର୍ଷ ଚାଷୀ ମଣ୍ଡିରେ ଧାନ ବିକ୍ରୟ ସମୟରେ ଜରି ଅଖା ସହିତ ଝୋଟ ଅଖାକୁ ପ୍ରାଥମିକତା ଦେବାକୁ କୁହାଯାଇଛି ବୋଲି କହିଥିଲେ ।

ବଜାରରେ ମିଳୁନି ଝୋଟ ଅଖା

# ସିନାପାଲି ଥାନା ପକ୍ଷରୁ ରକ୍ତଦାନ ଶିବିର

**ସିନାପାଲି, ୪।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସରରେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହଙ୍କ ତତ୍ତ୍ୱାବଧାନରେ ମେଗା ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୨ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରି ୭୩ ୟୁନିଟ୍ ରକ୍ତ ଦାନ କରି ମାନବ ସେବା ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଏହାର ଜୀବନ ରକ୍ଷାରେ ଭୂମିକା ଓ ସମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ମିନା ଘିଭେଲା, ସିନାପାଲି ଥାନା ଅଧିକାରୀ ଦୁର୍ଗା ମାଧବ ବାଗ ଓ ଡାକ୍ତର ସାହିଲ ଯୋଶୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏସ୍‌ଆଇ ସହଦେବ ଯୋଶୀ, ଏସ୍‌ଆଇ ବିଷ୍ଣୁ ପ୍ରଧାନ, ଏସ୍‌ଆଇ ଜ୍ୟୋସ୍ନାରାନି ଖୁଣ୍ଟିଆ, ଏସ୍‌ଆଇ ପ୍ରଭାକର ନାଏକ, ଏସ୍‌ଆଇ ରାମ ବାଗ, ଏସ୍‌ଆଇ ରେବତୀ ଦୁର୍ଗା, ଏସ୍‌ଆଇ ତରୁନ କୁମାର ସାହୁ, ହବିଲଦାର ଅଭିରାମ ଘିଭେଲା ସହ



ସମସ୍ତ କନଷ୍ଟେବଲ, ଗୃମରକ୍ଷୀ ଓ ଆଇଆରବି ଷ୍ଟାଫମାନଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା। ସିଏଚସି ସିନାପାଲି ଓ ଓବିସି ଡିଏଚଏଚ, ନୂଆପଡ଼ାର ମେଡିକାଲ ଟିମ୍ ସକ୍ରିୟ ଭୂମିକା ନିଭାଇଥିଲେ। ଏହି ଦଳରେ ମେଡିକାଲ ଅଫିସର ଡ.ସାହିଲ ଯୋଶୀ, ଲାବୋରେଟରୀ ଟେକ୍ନିସିଆନ ବଳରାମ ପାତ୍ର, ଏଲଟି ଘନଶ୍ୟାମ ପଧାନ, ଏନସିଡି କାଉନସେଲର ଲିଙ୍ଗେଶ୍ୱର ଦାସ, ଅଟେଣ୍ଡାଣ୍ଟ ହେତୁରାମ ଓ ନର୍ସିଂ ଅଫିସର ଡ. ସୁମନ ସୌରଭ ଅନ୍ତର୍ଭୁକ୍ତ ଥିଲେ। ରକ୍ତଦାନ ଶିବିରରେ ଅନେକ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ, ଡ୍ରାଇଭର ସଂଘ ସଦସ୍ୟ, ସିନାପାଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଞ୍ଚଳର ଯୁବଗୋଷ୍ଠୀ ସହ ଅଞ୍ଚଳବାସୀ ଯୋଗଦେଇ ରକ୍ତଦାନ କରିଥିଲେ।

■ ଥୁଆମୂଳରାମପୁର ଅଞ୍ଚଳରେ ଟୋକିମରା ପର୍ବ

# ଆଦିବାସୀ ନୃତ୍ୟଗୀତରେ ଉତ୍ସବମୁଖର ଅଞ୍ଚଳ

**ଥୁଆମୂଳରାମପୁର, ୪।୧(ସମିସ)**





ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିଆରା ପର୍ବ ହେଉଛି ଟୋକିମରା ପର୍ବ ଯାହା ପ୍ରତିବର୍ଷ ପୌଷ ମାସର ଶେଷ ରବିବାର ଦିନ ପାଳନ ହୋଇଥାଏ। ଥୁଆମୂଳରାମପୁର ବ୍ଲକର ଗୋଟିଏ ପାର୍ଶ୍ୱରେ ପୌଷ ମାସର ଶେଷ ରବିବାର ତଥା ଗତ ୨୮ ତାରିଖ ଦିନ ବ୍ଲକର ତଳଝାପିର ମୁନୁଷପଡ଼ା, ଗୋପାଳପୁରର ବେଦାଖୋଲା, ମହୁଲପାଟଣାର ଟିକିଲିପଦରରେ ଟୋକିମରା ପର୍ବ ପାଳିତ ହୋଇଯାଇଥିବା ବେଳେ ଅନ୍ୟ ପଟରେ ପୌଷ ପୂର୍ଣ୍ଣିମାର ପରବର୍ତ୍ତୀ ରବିବାର ଦିନ ଏହି ପର୍ବ ପାଳନ ହୋଇଥିଲା। ଗୁଣପୁର, ସିଆଳିପଦର, ନାକୁରୁଣ୍ଡିର ଟୁରିଭେଜିଗୁଡା, କିଆପଦରର ସାପମୁଣ୍ଡି ଏବଂ କାଣିଗୁମା ପଞ୍ଚାୟତର ଚାଟିକନା ଠାରେ ଶାନ୍ତି ଶୃଙ୍ଖଳାର ସମ୍ପନ୍ନ ହୋଇଯାଇଛି। ସାପମୁଣ୍ଡି ଠାରେ ଅନୁଷ୍ଠିତ ପର୍ବରେ ୧୨ଟି ପଦର ତଥା ଗାଁରୁ ୧୨ଟି ଟାଙ୍ଗୀ ଅସ୍ତ୍ର ଆସି ସ୍ଥାନୀୟ ଧରନୀ ଗୁଡିଠାରେ ପୂଜାର୍ଚ୍ଚନା ଏବଂ ପରେ ମଧ୍ୟାହ୍ନ ସମୟରେ ଟୋକିମରା କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ନୃତ୍ୟ ଗୀତ ଏବଂ ଆଦିବାସୀ ବାଦ୍ୟରେ ଉତ୍ସବ ମୁଖର ହୋଇପଡ଼ିଥିଲା ସମଗ୍ର ସାପମୁଣ୍ଡି ଗାଁ। ସେହିପରି ନାକୁରୁଣ୍ଡି ର ଟୁରିଭେଜିଗୁଡା ଠାରେ ମଧ୍ୟ ନାକୁରୁଣ୍ଡି ସମେଇ ସିଲେଟ, କେରପାଇ ପଞ୍ଚାୟତ ଏବଂ ପଡୋଶୀ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ଏବଂ କାଶୀପୁର ବ୍ଲକରୁ ପ୍ରାୟ ୩୦ଟି ଗାଁରୁ ୩୦ ଟାଙ୍ଗୀ ଓ ଛୁରୀ ଆସିଥିଲା। ସେହିପରି ସିଆଳିପଦର ଠାରେ ୧୬ ଖଣ୍ଡ ଟାଙ୍ଗୀ ଆସିଥିଲା। ଏହି ପର୍ବରେ ଆସିଥିବା ଟାଙ୍ଗୀ ଛୁରୀ ମାଧ୍ୟମରେ ବୋଦାବଳୀର ମାଂସ କଟାଯାଇ ନିଜନିଜ ଗାଁର ମଙ୍ଗଳ ପାଇଁ ନେଇଥାନ୍ତି। ଏହି ମାଂସ ଗାଁରେ ପୋତା ଗଲେ ଗ୍ରାମବାସୀଙ୍କ ମଙ୍ଗଳ ହେବ ବୋଲି ବିଶ୍ୱାସ କରାଯାଏ। ଯେହେତୁ ଏହି ପର୍ବରେ ଆଦିବାସୀଙ୍କ ଧରନୀ ଗୁଡିରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଆସିଥାଏ।କେତେବେଳେ କୌଣସି ଅଘଟଣ ନହୁଏ ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଆଥିଲା। ମାଟି ମା ମାଟି ଦେବତାର ଆଦ୍ୟ ପୂଜକ ହେଉଛନ୍ତି ଆଦିବାସୀ। ଯେଉଁଠି ଆସ୍ଥା ଓ ବିଶ୍ୱାସ ପ୍ରତଫଳିତ ହୋଇଥାଏ। ସେଇ ମାଟି ମାଆର ପୂଜା କରି ବିଭିନ୍ନ ଖାଦ୍ୟ ଶସ୍ୟର ବୀଜ ବୁଣାଯାଇଥାଏ ସେଇ ଶସ୍ୟ ଅମଳରେ କୌଣସି ରୋଗପୋକରୁ ରକ୍ଷା ସହିତ ନିଜ ତଥା ନିଜ ପରିବାର ନିଜ ଗାଁ ମାଟିର ସୁଖ ସମୃଦ୍ଧିର କାମନା କରିଥାନ୍ତି ଆଦିବାସୀ। ସେଥିପାଇଁ ଧରନୀ ଗୁଡି ତଥା ମାଟି ଦେବତାଙ୍କ ପୀଠରେ ଆଦିବାସୀ ପରମ୍ପରାର ରୀତିନୀତି ଅନୁଯାୟୀ ବିଭିନ୍ନ ସମୟରେ ପୂଜାର୍ଚ୍ଚନା ସହ ପର୍ବ ପାଳନ କରିଥାଆନ୍ତି। ଶସ୍ୟ ଅମଳ ପରେ ସେଇ ମାଟି ଦେବତାଙ୍କୁ ଶାନ୍ତି କରିବା ପାଇଁ ଅଞ୍ଚଳରେ ଟୋକିମରା ପର୍ବ ପାଳନ କରାଯାଇଥାଏ।

# ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଦେହାନ୍ତ

**ନୂଆପଡ଼ା, ୪।୧(ସମିସ):** ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କ ମୃତ୍ୟୁ ପରେ ବିଭିନ୍ନ ମହଲରେ ଶୋକର ଛାୟା



ଖେଳି ଯାଇଛି। ସେ ଓଡ଼ିଶାର ପ୍ରଥମ ସଂସଦ ଖଡିଆଳ ସାହିତ୍ୟ ସମିତିର ସ୍ଥାୟୀ ସଭାପତି ଥିଲେ। ଆସନ୍ତାକାଲି (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ତାଙ୍କ ପୁଅ ତଥା ଯୁବରାଜ ଦେବ ଦେବ ସିଂ ଦେଓ ମୁଖାଗ୍ନି ଦେବା ପରେ ଶେଷ କୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସ୍ୱର୍ଗତ ମନ୍ତ୍ରୀ ତଥା ଖଡ଼ିଆଳର ବିଧାୟକ ଏବଂ ପୂର୍ବର ଖଡ଼ିଆଳ ଗଡ଼ଜାତର ରାଜା ଅନୁପ ସିଂ ଦେଓଙ୍କ ବଡ଼ ପୁଅ ଥିଲେ ଜିତାମିତ୍ର। ସେ ଜଣେ ସୁସାହିତ୍ୟିକ, ଗବେଷକ ଏବଂ ପ୍ରତ୍ନତାତ୍ତ୍ୱିକ୍। ତାଙ୍କର ବହୁ ଲେଖା ଦେଶ ବିଦେଶରେ ଆଦୃତ ରହିଛି। ତାଙ୍କ ମୃତ୍ୟୁରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ନୂତନ କର୍ମକର୍ତ୍ତା

**ଭବାନୀପାଟଣା, ୪।୧(ସମିସ):** ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ବାର୍ଷିକ ସାଧାରଣ ଅଧିବେଶନ କାଇଁସିର ଠାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ରାଉରକେଲା ଓ ସମ୍ବଲପୁର ମଣ୍ଡଳ ଅଧିନସ୍ଥ ଟିପିଡବ୍ଲୁଓଡିଏଲ ଅଧିନରେ କାର୍ଯ୍ୟରତ ଗ୍ରାଜୁଏଟ ଇଞ୍ଜିନିଅର ସଂଘର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବାରିକଙ୍କ ଅଦକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟରତ ଇଂଜିନିୟରମାନେ ସନମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପଦ୍ଧତିରେ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉକ୍ତ ନିର୍ବାଚନରେ ଜଗନ୍ନାଥ ବାରିକ ସଭାପତି, ବିଜୟ ମହାପାତ୍ର ଉପସଭାପତି, ଶଙ୍କର ବେହେରା ସାଧାରଣ ସମ୍ପାଦକ, ବ୍ରଜକିଶୋର ମିଶ୍ର ସହ ସମ୍ପାଦକ ଓ ସୂର୍ଯ୍ୟକାନ୍ତ ସାହୁ କୋଷାଧକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ଗାୟା, ଜସ୍ମିତ ସିଂ ଛାବ୍ରା ଓ ଗୁପ୍ତ ପ୍ରସାଦ ତ୍ରିପାଠୀ ସହ ସାଧାରଣ ସମ୍ପାଦକ ଏବଂ କଶଲେଶ ପ୍ରଧାନ, ଉଦୟଭାନୁ ନନ୍ଦି, ବାପୁଜୀ ପ୍ରଧାନ, ପୂରନ୍ଦର ସାହୁ, ନିଖିଲ ପଟେଲ, ପ୍ରିୟବ୍ରତ ଜେନା ଓ ବିବେକାନନ୍ଦ ଷଡ଼ଙ୍ଗୀ ଏକଜୁକୁଟିଭ ବଡି ଭାବେ ନିର୍ବାଚିତ ହୋଇଥିଲେ। ରାଜୁ ସାହା, ମନୋରଞ୍ଜନ ଓ ହିମାଂଶୁ ସାମନ୍ତ ରାୟଙ୍କୁ ସର୍ବ ସମ୍ମତିକ୍ରମେ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ନିର୍ବାଚିତ ସଭ୍ୟମାନେ ଇଂଜିନିୟରଙ୍କ ସମସ୍ତ ସମସ୍ୟାକୁ ଆଗାମୀ ଦିନରେ ଟାଟା ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନ କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।




# ସ୍ୱତନ୍ତ୍ର ମଣ୍ଡି ଖୋଲିବା ନେଇ ଚାଷୀଙ୍କ ବୈଠକ



**କୋକସରା, ୪।୧(ସମିସ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତର ଚାଷୀମାନେ ଦୀର୍ଘ ବର୍ଷ ହେଲା କୋକସରା ମଣ୍ଡିରେ ଧାନ ବିକ୍ରି କରି ଆସୁଛନ୍ତି। ତେବେ ମାଝୀଗୁଡାରୁ କୋକସରା ମଣ୍ଡି କୁ ୫/୬ କିମି ରାସ୍ତା ହେଉଥିବା ବେଳେ ଅନେକ ସମୟରେ ଚାଷି ମାନେ ଧାନ ବିକ୍ରି ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ରବିବାର ମାଝୀଗୁଡା ପଞ୍ଚାୟତର ମାଝୀଗୁଡା, ଦାବ୍ରିଗୁଡା ଓ କାଦୋପଦର ଗ୍ରାମର ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ମାଝୀଗୁଡା ଗ୍ରାମର ଚାଷୀ ତଥା ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ଗିରି ଗୋବର୍ଦ୍ଧନ ପାହାଡ଼ ନିକଟରେ ଅନୁଷ୍ଠିତ ବୈଠକରେ ମାଝୀଗୁଡା ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ଧାନ ମଣ୍ଡି ସ୍ୱତନ୍ତ୍ର କରିବା ପାଇଁ ଆଗାମୀ ଦିନରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିବାକୁ ଦାବି କରିଥିଲେ। କୋକସରାରେ ମଣ୍ଡି ରହିଥିବା କାରଣରୁ ଅନେକ ସମୟରେ ଚାଷୀମାନେ ଧାନ ନେବାରେ ଅସୁବିଧାର ସମ୍ମୁଖୀନ ହେବାସହ ଖରିଫ ଋତୁରେ ଶୀତ କାକର ରାତିରେ ଯାତାୟାତ କରିବାରେ ନାନା ଯାତନା ଭୋଗୁଥିବା ଅଭିଯୋଗ କରିଛନ୍ତି। ବୈଠକରେ ଚାଷି ଦୁର୍ଗା ପ୍ରସାଦ ନାଏକ, ଧବଳେଶ୍ୱର ନାଗ, ପଙ୍କଜ ପୋଡ଼, ରମେଶ ଚନ୍ଦ୍ର ଦୁର୍ଗା, ରଞ୍ଜିତ ପୋଡ, ଦ୍ୱାରିକା ନାଥ ବାଗ, ଦୁଃଶାସନ ଚଣ୍ଡି, ଚିତ୍ରସେନ ନାଏକ, ତ୍ରିନାଥ ପୁଞ୍ଜି, ପରମେଶ୍ୱର ପାଣିଗ୍ରାହୀ, ଗୋକୁଳ ପୁଞ୍ଜି, ଜୟଲାଲ ରଣା ସମେତ ଅନ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଡମ୍ବ ସମାଜ କମିଟି ଗଠିତ

**କୋକସରା, ୪।୧(ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ପାତ୍ରବସା ବିରିଭଁଟା ଠାରେ ଆମପାଣି ଡମ୍ବ ସମାଜର ସମାବେଶ ଓ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାତ୍ରବସା ଡମ୍ବ ସମାଜର



ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମପାଣି ଜୋନ ସଭାପତି ବନମାଳୀ ବାଗ ମୁଖ୍ୟମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।ସମ୍ପାଦକ କ୍ଷେତ୍ରରାମ ପାତ୍ର, ଜୋନ ଅଧ୍ୟକ୍ଷ ଗଙ୍ଗାଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ସହିତ ଉପସ୍ଥିତ ସମାଜର କାର୍ଯ୍ୟକର୍ତ୍ତାମାନେ ପରସ୍ପରକୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆମପାଣି ପଞ୍ଚାୟତସ୍ତରୀୟ ଡମ୍ବ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଦୟାନିଧି ନାଏକ ମନୋନୀତ ହୋଇଥିଲେ। ଉପସଭାତି ବଳରାମ ଦୂର୍ଗା ଓ ଭୁବନେଶ୍ୱର ବେଶ୍ରା, ସମ୍ପାଦକ ଯୁଗଳ କିଶୋର ନାଏକ, ସହ ସମ୍ପାଦକ ରାଘବ ସୁନା ଓ କୋଷାଧ୍ୟକ୍ଷ ଭାବରେ କେଶବ ବେଣୁପାଣି ମନୋନୀତ ହୋଇଥିଲେ। ସମାବେଶରେ ଆମପାଣି ପଞ୍ଚାୟତ ଆମପାଣି, ପାତ୍ରବସା, କୁଟୁରୁ, ବିରିମୁହାଣ, କାଦୋମାଲି, କଲୋନିପଡ଼ା ଆଦି ଭାତ କମିଟିର କର୍ମକର୍ତ୍ତା ସମେତ ୮ଟି ପଞ୍ଚାୟତର ସଭାପତି, ସମ୍ପାଦକ ଓ ସମାଜପ୍ରେମୀ ଯୋଗ ଦେଇଥିଲେ। ସଭାକୁ ନୀଳମଣି ଖମାରୀ ପରିଚାଳନା କରିଥିଲେ।ପାତ୍ରବସା ଭାତ୍ କମିଟିର ହେମନ୍ତ ସୁନା, ଏକାଙ୍ଗ ଦୂର୍ଗା, ଭୋଲାନାଥ ମଙ୍ଗରାଜ, ଉମେଶ ବାଗ, ପୁସ୍ତମ୍ ସୁନା, କାର୍ତ୍ତିକ ଠାକୁର, ଖଗେଶ୍ୱର ବାଗ, ତ୍ରିଲୋଚନ ବାଗ, ବିଶ୍ୱମ୍ବର ନାଏକ, ନକୁଳ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦଶମ ଶ୍ରେଣୀ ଛାତ୍ରଙ୍କ ସଫଳତା




**ନୂଆପଡ଼ା, ୪।୧(ସମିସ):** ଭାଲେଶ୍ୱରସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ନେହେରୁ ପଟେଲ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରି ସଫଳତା ଆଣିଛନ୍ତି। ତାଙ୍କର 'ସୋଲାର କମ୍ବାଇଣ୍ଡ ଅଟୋ ମେଟେଡ୍ ସ୍ପ୍ରେୟର ମେସିନ 'ପ୍ରକଳ୍ପ ନେଇ ୫୨ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଲିକତାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ଏହି ପ୍ରକଳ୍ପ ଗଣିତ ଶିକ୍ଷକ ବିକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା। ନେହେରୁଙ୍କ ସଫଳତା ବିଦ୍ୟାଳୟ ପାଇଁ ତଥା ନୂଆପଡ଼ା ଜିଲ୍ଲା ପାଇଁ ଗୌରବର କଥା ହେବା ସହିତ, ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଅନ୍ୱେଷଣ ପାଇଁ ପ୍ରେରଣା ଦେଇଛି। ଏହି ସଫଳତା ପାଇଁ ନୂଆପଡ଼ା ଜିଲ୍ଲାର ଜିଲ୍ଲାବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ବିଦ୍ୟାଳୟର ପ୍ରିନ୍ସିପାଲ ରାମନାଥ ଜାଲ, ଅନ୍ୟ ସହକର୍ମୀ ବୃନ୍ଦ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ନେହେରୁ ପଟେଲ ଓ ତାଙ୍କ ମାର୍ଗଦର୍ଶକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ସଫଳତା ନେହେରୁଙ୍କୁ ଭବିଷ୍ୟତରେ ଅଧିକ ସୃଜନଶୀଳ ପ୍ରୟାସ ପାଇଁ ପ୍ରେରିତ କରିବା ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଉଦାହରଣ ସୃଷ୍ଟି କରିଛି।

# ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରଜତ ଜୟନ୍ତୀ ଉଦ୍‌ଘାଟିତ



**ଭବାନୀପାଟଣା, ୪।୧(ସମିସ):** ନର୍ଲା ବ୍ଲକ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରୁପ୍ରାର ରଜତ ଜୟନ୍ତୀ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଶୁଭ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ରୁପ୍ରା ସରପଞ୍ଚ ଡଲି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ବିବରଣୀ ପଠନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ସ୍ମରଣିକା 'ରୁପା ଝରନ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଭୂମୀଦାତା, ଅର୍ଥଦାତା, ଶ୍ରମଦାତା, ଗୃହଦାତାଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀ ସୋମ୍ୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଦ୍ୱାରସନୀ, ପାଟଖଣ୍ଡା ଓ ଶିବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ମୁଣ୍ଡଛିନା, ବିଶିଷ୍ଟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ୍ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ବୈଦ୍ୟରାଜ ପବିତ୍ର ଶବର, କଳାହାଣ୍ଡିର ବରିଷ୍ଠ ନେତୃତ୍ୱ ଆର୍ତ୍ତତ୍ରାଣ ମହାପାତ୍ର ଓ ଯୁଗଳ ପୋଡ଼, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂରାତନ ଛାତ୍ର ତଥା ଆନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲେଖକ ଡିଲେଶ୍ୱର ରଣା। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ତେଜରାଜ ସାହୁଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ

# କବିତା ସଂକଳନ 'ଆସମାନ ମୈ ଖୁଲତି ଖିଡ଼କି'ଉନ୍ମୋଚିତ

**ନୂଆପଡ଼ା, ୪।୧(ସମିସ):** ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅବସରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସ୍ୱରଚିତ କବିତା ସଙ୍କଳନ ଚିତ୍ରଅଙ୍କାର ଅନୁସୃଜନ ଆସମାନ ମୈ ଖୁଲତି ଖିଡ଼କିର ଶୁଭ ଉନ୍ମୋଚନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ଡ଼.ମହେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଜୟପ୍ରକାଶ ରଥ ମୁଖ୍ୟଅତିଥି, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବିଶେଷ ଅତିଥି, ସମ୍ମାନିତ ଅତିଥିଭାବେ କବି ମୁମତାଜ ସହରିଆର, ଡ.ବାସୁଦେବ ସୁନାନୀ, ଶ୍ରୀକାନ୍ତ ଚଟର୍ଜି ପ୍ରମୁଖ ଯୋଗ ଦେଇଥିଲେ।




ଏହି ଅବସରରେ ଅତିଥିମାନେ କବିତା ସଙ୍କଳନ ଉପରେ ବିନ୍ୟାସ କରି ଏଥିରେ କିପରି ଶବ୍ଦ ସଂଯୋଜନା କରାଯାଇଛି ଏବଂ ଏଥିରେ କବିଙ୍କର ଭାବାବେଗ ଉପରେ ଆଲୋକପାତ କରିଥିଲେ। କବି କେବେ ନିଜ ପାଇଁ ଲେଖେ ନାହିଁ ବରଂ ଲୋକଙ୍କ ପାଇଁ ସମର୍ପଣ ବୋଲି କହିଥିଲେ। କବିତା ହୃଦୟର ଏକ ସ୍ପନ୍ଦନ।ଏହା ସୃଷ୍ଟିର ଏକ ବିନ୍ୟାସ। କବିତା କବି ଜୀବନର ଏକ ଅନୁଶୀଳନ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ କବି ମଧୁସୂଦନ ଦାଶଙ୍କ ଦ୍ୱାରା ସ୍ୱରଚିତ ଗୀତ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷେ ଓଡିଆ ସଂକଳନ ଚିତ୍ର ଅଙ୍କା ଏବଂ ହିନ୍ଦୀ ଅନୁବାଦିତ କବିତାକୁ କବିମାନେ ପଠନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କବି, ଲେଖକ ଏବଂ ସାହିତ୍ୟ ଅନୁରାଗୀମାନେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁକୁର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲାକ୍ରିଡାଧିକାରୀ ରାଜେନ୍ଦ୍ର ବଡେଇ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ; ସିରୁଲ ଚାମ୍ପିଅନ

**କେସିଙ୍ଗା, ୪।୧(ସମିସ)**

କେସିଙ୍ଗା ବ୍ଲକ ଗୋକୁଲେଶ୍ୱର ଯୁଜୁରାଙ୍ଗ ଗ୍ରାମରେ ରବିବାର ଡାକ୍ତର ବି.ଆର ଆମ୍ବେଦକର ସଂଘ ପକ୍ଷରୁ ଏକ ଦିବାସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଯୋଗଦାନ କରିଥିବା ବେଳେ ଫାଇନାଲ ଖେଳରେ ବ୍ରାହ୍ମଣିକୁ ହରାଇ ସିରୁଲ ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବେ ଗୋକୁଲେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ସମିତି ସଭ୍ୟା ସୂର୍ଯ୍ୟକାନ୍ତି ନାୟକ, ଗାଁର ଗୌନ୍ତିଆ ପ୍ରଦୀପ୍ତ ସିଂ, ପୂର୍ବତନ ଏଓଏସସିଏଫ କେସିଙ୍ଗା ବ୍ଲକ ସଭାପତି ଯୁଧିଷ୍ଠିର ଭଗତ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବାବୁଲି ସୁନା ଓ ଉପସଭାପତି ଶଙ୍କର ନାୟକଙ୍କ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଦୀନବନ୍ଧୁ, ବଂଶୀଧର, ରୋହନ, ନେପାଳ, ଦୁର୍ଯ୍ୟୋ, ଅନାଦି, ବଳରାମ, ଦିନେଶ, ପୀତବାସ କମିଟି କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।



# ଚନ୍ଦନ ରାଉତ ହତ୍ୟା ଘଟଣା; ୩ ଗିରଫ



**ବରଗଡ଼, ୪।୧(ସମିସ):** ବରଗଡ଼ ଘୁଲିପାଲି ରାସ୍ତା ପାର୍ଶ୍ୱରେ ହୋଇଥିବା ଚନ୍ଦନ କୁମାର ରାଉତ ହତ୍ୟା ଘଟଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାସ କରିଛି ବରଗଡ଼ ଟାଉନ ପୁଲିସ। ଏହି ଘଟଣାରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସୂଚନାନୁଯାୟୀ, ଗତ ୩ ତାରିଖ ମଧ୍ୟରାତ୍ରିରେ ବରଗଡ଼ ଘୁଲିପାଲି ରାସ୍ତା କଡ଼ରେ ବାନ୍ଧୁଟିକ୍ରାର ପ୍ରାୟ ୨୬ ବର୍ଷୀୟା ଚନ୍ଦନ କୁମାର ରାଉତଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଘଟଣାର ତଦନ୍ତ କରି ଟାଉନ ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟେ ସ୍ୱିଫ୍ଟ ଡିଜାର୍ଡ ଗାଡ଼ିକୁ ଜବତ କରିଛନ୍ତି। ତେବେ ହତ୍ୟାର କାରଣ ପ୍ରେମ ଜନିତ ହୋଇଥିବା ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପଟରେ ମୃତ ଚନ୍ଦନର ବାପା ଶରତ କୁମାର ରାଉତ ତାଙ୍କ ପୁଅର ବାଇକ ଏ ପର୍ଯ୍ୟନ୍ତ ମିଳି ନଥିବା କହିବା ସହ ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି; ପୁଲିସ ଭଲ ଭାବରେ ତଦନ୍ତ କରନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ସୁବର୍ଣ୍ଣପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଜମନକିରା, ୪।୧(ସମିସ)

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସୁବର୍ଣ୍ଣପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପାଲି, ଗୁଣ୍ଡରୁଚୁଆ, ଧୁଡ଼ିପାଲି, ଚନ୍ଦନିମାଲ, ବାଙ୍କମା, ଡିମିରିମୁଣ୍ଡା, ଭୋଜପୁର ଓ ବଡମାଲ ପ୍ରଭୃତି ଆଠଟି ପଞ୍ଚାୟତ ଅଞ୍ଚଳର ଏକ ମିଳିତ ସାମାଜିକ, ସାଂସ୍କୃତିକ ସଂଗଠନ। ସୁବର୍ଣ୍ଣପାଲି ଗାଁ ଗୋପପୁର ହୋଇଥିବା ବେଳେ ଲଛିମାଲ ମଥୁରା ହୋଇଥିଲା। ପ୍ରଥମ ରଜନୀରେ ଗୋପପୁରରେ ହରିବଂଶ ସ୍ଥାପନ, ପଠନ ନନ୍ଦ ଯଶୋଦାଙ୍କ ଅଳଙ୍କାର ଧାରଣ ଓ ଅଭିଷେକ ଆଦ୍ୟା ଶକ୍ତିଙ୍କ ବରଦାନ ଏବଂ ଯଶୋଦାଙ୍କ ଗର୍ଭ ଧାରଣ ନାଟ୍ୟ ଭିନୟ ହୋଇଥିଲା। ସେହିପରି ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ମଥୁରାପୁରରେ ନାଟ୍ୟ ଅଭିନୟ ହୋଇ ଶନିବାର ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମଥୁରା କଟକେ ଉଦ୍‌ଯାପନୀ ଉତ୍ସବ ରେ ମୁଖ୍ୟଅତିଥି ଭାବରେ ଆଞ୍ଚଳିକ ଧନୁଯାତ୍ରା କମିଟିର ସଭାପତି ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ୍ଦ ସ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ଜମନକିରା ବିଡିଓ ରବୀନ୍ଦ୍ର ସେଠୀ, ମୃତ୍ତିକା ସଂରକ୍ଷଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଗୁଣ୍ଡରୁଚୁଆ ମଣ୍ଡଳ ସଭାପତି ମନୋଜ ମାଝୀ,





ଧନୁଯାତ୍ରା କମିଟି ଆବାହକ ସନ୍ତୋଷ କୁମାର ପଟେଲ, ସୁବର୍ଣ୍ଣପାଲି ସରପଞ୍ଚ ସତ୍ୟାନନ୍ଦ ବାଘ, ଆକାଶ ବାଣୀ କଳାକାର ସୁରଥ ନାୟକ, ନାଟ୍ୟ ନିର୍ଦ୍ଦେଶକ ଶୁଶିଲ କୁମାର ମହାକୁଲ, ରାଜପୁରୋହିତ ସୁନ୍ଦରମଣୀ ପାଣିଗ୍ରାହୀପ୍ରଭୃତି ଯୋଗ ଦେଇଥିଲେ। ଅକ୍ରୁରଙ୍କ ସହ ଶ୍ରୀକୃଷ୍ଣ-ବଳରାମ ଧନୁଯାତ୍ରା ସ୍ଥଳକୁ ଆସିବା ପରେ ଧନୁ ଭଗ୍ନ, କୁବଳୟା ତାରଣ, ଶ୍ରୀକୃଷ୍ଣ-ବଳରାମଙ୍କ ସହିତ ଅଷ୍ଟମଲ୍ଲଙ୍କ ଯୁଦ୍ଧ ଓ ନିଧନ, ମିତ୍ରରାଜା ଗଣ ପରାସ୍ତ, ଜରାସନ୍ଧ ପଳାୟନ, କଂସ ନିଧନ, ଉଗ୍ରସେନଙ୍କ ପୁନଃ ସିଂହାସନ ଗ୍ରହଣ ଓ ଧର୍ମ ରାଜ୍ୟ ପ୍ରତିଷ୍ଠା, ବନ୍ଦୀଶାଳାରୁ ଦେବକୀ-ବସୁଦେବ ଉଦ୍ଧାର, ଶ୍ରୀକୃଷ୍ଣ- ବଳରାମଙ୍କ ସହ ଭେଟ ସର୍ବସାଧାରଣ ଦର୍ଶନ ସହ ସମାପନ ହୋଇଥିଲା। କାର୍ଯ୍ୟକାରି ସଭାପତି ଲିପଟନ କିଣ୍ଡୋ ସହ ସମସ୍ତ କର୍ମକର୍ତ୍ତା, ଯାତ୍ରା ସଂଗଠନ ଟିକେଶ୍ୱର ପଟେଲ, ସମାଜ ସେବୀ ଆଦର୍ଶ ପଟେଲ, ଗୋପପୁର ସହାୟିକା ଅନ୍ନପୂର୍ଣ୍ଣା ମହାକୁଳ, ମହାମନ୍ତ୍ରୀ ହିରେନ୍ଦ୍ର ବାଘ, ଦୂତ ଭୁଲେଶ୍ୱର ଖର୍ସେଲ, ଗାୟକ ବିଶେଶ୍ୱର ପଧାନ, ଗାୟିକା ମାନସୀ ଖିର, ନୃତ୍ୟ ନିର୍ଦ୍ଦେଶକ ଦିବ୍ୟ ଲୋଚନ ବେରିହା, ମକରଦୂଜ କୁମ୍ଭାଟି, ଶାନ୍ତନୁ ଖୁଣ୍ଟିଆ, ସହନିର୍ଦ୍ଦେଶକ ନେତ୍ରାନନ୍ଦ ପୃଷେଠ ସହଯୋଗ କରିଥିଲେ। ନନ୍ଦ ରାଜା ଭାବରେ ଅଶ୍ୱିନୀ ମହାକୁଳ ଓ ନନ୍ଦ ରାଣୀ ଭାବରେ ଯଶୋବନ୍ତି ମହାକୁଳ ସୁନ୍ଦର ଅଭିନୟ କରିଥିଲେ। ସେହିପରି ମଥୁରା କଟକେ ନାଟ୍ୟଭିନୟରେ ଉଗ୍ରସେନ ଭୂମିକାରେ ଶେଷଦେବ ପଟେଲ, ମନ୍ତ୍ରୀ ଅକ୍ରୁର ସଞ୍ଜିବ ସାହୁ, କଂସ ମହାରାଜ ଓମ୍ ପ୍ରସାଦ ପଟେଲ, ମହାମନ୍ତ୍ରୀ ଉପେନ୍ଦ୍ର କୁମୁରା, ନାରଦ ଡ଼ କୁମାର ବିକ୍ରମ, ସେନାପତି କିଶୋର ଲାଲ ନାଏକଙ୍କ ସହ ଅନ୍ୟାନ୍ୟ କଳାକାରଙ୍କୁ ନେଇ ଧନୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଭାକୁ ମଳୟ ବେହେରା ପରିଚାଳନା କରିଥିଲେ।ଉଗ୍ରସେନଙ୍କୁ ମଥୁରା ରାଜ୍ୟ ଭାର ଅର୍ପଣ କରାଯାଇଥିଲା। କିନ୍ତୁ ଧନୁ ଯାତ୍ରା ଉଦ୍‌ଯାପିତ ଦିନ ମଥୁରା କଟକେ ମଦର ବନ୍ୟା ଛୁଟି ଥିଲା।ଖୋଲାଖୋଲି ଭାବରେ କିଛି ଲୋକ ସର୍ବସାଧାରଣ ରାସ୍ତା ଉପରେ ମଦ ପିଉ ଥିବା ବେଳେ ଅନେକ ସ୍ଥାନରେ ଛୋଟ ଛୋଟ ପାଟି ତୁଣ୍ଡ ଦେଖା ଦେଇଥିଲା।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବରଗଡ଼, ୪।୧(ସମିସ):** ବରଗଡ଼ର ଉନ୍ନତି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଛି। ୨୪୮.୦୬ ଲକ୍ଷ ବ୍ୟୟ ଅଟକଳରେ ବରଗଡ଼ ତହସିଲ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ନିଶାମଣି ସ୍କୁଲ ପାଖରେ ରାଜସ୍ୱ ବିଭାଗ ପାଇଁ ୬୪୮.୭୮ ଲକ୍ଷ ବ୍ୟୟରେ ନିର୍ମିତ ହେବାକୁ ଥିବା ୧୨ ଗୋଟି ଡି ଟାଇପ କୋଠରୀ, ୫୩୯. ୬୩ ଲକ୍ଷ ବ୍ୟୟରେ ୧୨ ଗୋଟି ଇ ଟାଇପ କୋଠରୀ ନିର୍ମାଣ, ୧୯୨.୨୨ ଲକ୍ଷ ବ୍ୟୟରେ ୬ ଗୋଟି ଏଫ୍ ଟାଇପ କୋଠରୀ ନିର୍ମାଣ ପାଇଁ ମନ୍ତ୍ରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ, ଅରୁଣ କୁମାର ପାଣ୍ଡେ, ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ମାଟି ପାଇ ସବୁବେଳେ ମୁଁ ଉତ୍ସର୍ଗୀକୃତ। ଆଗମୀ ଦିନରେ ଆହୁରି ବହୁ ଉନ୍ନୟନମୂଳକ କାର୍ଯ୍ୟ ସବୁ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଠିକାଦାର ସଙ୍ଘ ସଭାପତି ସୁଧାଂଶୁ ଗଡ଼ତିଆ, ନାରାୟଣ ମେହେର, ଲକ୍ଷ୍ମୀ ନାରାୟଣ ପଣ୍ଡା, ରାଜ କୁମାର ବିଶି, ପୁରନ୍ଦର ଦୋରା, ଅକ୍ରୁର ମଲ୍ଲିକ, ମାନସ ଚାନ୍ଦ, ପ୍ରିତମ ସିଂ, ରବି ନାରାୟଣ ଦାଶ, ଅଶୋକ ପଣ୍ଡା, ଶୁକ୍ରୁ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

**ଘେଁସ, ୪।୧(ସମିସ):** ଶନିବାର ଘେଁସ, ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ପୌଷ ପୂର୍ଣ୍ଣିମା ତିଥିରେ ଶ୍ରୀ କୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନରେ ତିଲେଇମାଲ ନିବାସୀ କୈଳାସ ସାହୁ, ପେଟୁପାଲି ନିବାସୀ ଅକ୍ଷୟ ମେହେର ସପତ୍ନିକ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପେଟୁପାଲି ଗ୍ରାମର ହୃଷିକେଶ ମେହେର ଭାଗବତ ପାରାୟଣ କରିଥିବା ବେଳେ ବାଦ୍ୟ ଯନ୍ତ୍ରରେ ଏମ୍. ସିରଗିଡା ନିବାସୀ ଭଗିରଥ ମେହେର, ରେଙ୍ଗାଲି ନିବାସୀ ନୀଳମଣି ଭୁଏ ସହଯୋଗ କରିଥିଲେ। ଉକ୍ତ ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରବଚକ ବିନୋଦ ବାବା ମାନପୁର, ସମ୍ମାନିତବକ୍ତା ଭାବେ ଉମାକାନ୍ତ ସାହୁ, ସୁକଳ ତେର୍ମା ତାଙ୍କରି ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଏ ଅନୁଷ୍ଠାନରେ ସମସ୍ତ ସାଧୁ ସନ୍ଥ, ଯୋଗୀ ବୈଷ୍ଣବ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ଏ କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା ତଥା ଅଞ୍ଚଳର ଭାଗବତ ପ୍ରେମୀ ଯୁବଗୋଷ୍ଠୀର ଭକ୍ତମାନେ ସହଯୋଗ କରିଥିଲେ।



# ନେତ୍ରଭାନୁ ପ୍ରଧାନଙ୍କୁ ସମ୍ବର୍ଦ୍ଧନା



**ବରଗଡ଼, ୪।୧(ସମିସ):** ପାକ୍ଷିକପତ୍ରିକା 'କୋଶଳଟାଇମ' ର ୧୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପୂଜ୍ୟପୂଜା ଏବଂ ସନ୍ଥମାନଙ୍କର ପଦ ପ୍ରକ୍ଷାଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରିଡର୍ ପ୍ରଫେସର ନେତ୍ରଭାନୁ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଶଳଟାଇମ ପକ୍ଷରୁ ସନ୍ଥ ସ୍ୱାମୀ ବାଳହଂସଜୀ ମହାରାଜ, ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ, ସ୍ୱାମୀ ନିତ୍ୟବୁଦ୍ଧାନନ୍ଦଜୀ ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସ୍‌ୱାଲ୍ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତା ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଫେସର ପ୍ରଧାନ ଗୀତାର ଜ୍ଞାନ, କର୍ମ ଓ ଭକ୍ତି ଯୋଗ ଉପରେ ସମ୍ୟକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନନ୍ଦ ଆଶ୍ରମର ସଭାପତି ଅଚ୍ୟୁତାନନ୍ଦ ମହାପାତ୍ର ମଞ୍ଚାସୀନ ଥିଲେ। ଦୃଷ୍ଟିବାଧିତ ଛାତ୍ର ମନୀଷ ତାଣ୍ଡି ଓ ରାଧା ଭୂମିକାରେ ଅଭିନୟ କରିଥିବା ଛାତ୍ରୀ ସାଇନା ପ୍ରଧାନ ଯଥାକ୍ରମେ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। କ୍ରିଷ୍ଣାବିକାଶର ଛାତ୍ରୀ ମାନବିକା ପଣ୍ଡା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସ୍ୱାଗତ ଭାଷଣ ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ଦେଇଥିବାବେଳେ ପରିଚୟ ପ୍ରଦାନ କରିଥିଲେ ସୋହେଲା କଲେଜର ପ୍ରାଧ୍ୟାପକ ଡ଼ ରମେଶ ଚନ୍ଦ୍ର ସୁପକାର। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କବୟିତ୍ରୀ ପ୍ରବାସିନୀ ହୋତା। ଶିକ୍ଷକ ଗଜେନ୍ଦ୍ର ଦାଶ ଶ୍ଲୋକାଚ୍ଚାରଣ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନକୁଲ୍ ସେଠ। ଅଧ୍ୟାପକ ମୋହନ ସାହୁ, ଅଧ୍ୟାପିକା ଜୟଶ୍ରୀ ସାହୁ, ପ୍ରଣତି ପ୍ରଧାନ, ସୁଜାତା ସାହୁ, ନାରାୟଣ ଦାଶ, ନାଥ ପ୍ରଧାନ, ଆଇନଜୀବୀ ଶଙ୍କର୍ଷଣ ମିଶ୍ର, କୁଞ୍ଜବିହାରୀ ପଣ୍ଡା, ଗାୟତ୍ରୀ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏଥିରେ ଯୋଗଦେଇଥିଲେ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା

# ପରିବାର ଲୋକଙ୍କୁ ଭେଟିଲେ ରାଜନେତା

**ଧର୍ମଗଡ଼, ୪।୧(ସମିସ):** ତାମିଲନାଡୁରେ ଅମାନୁଷିକ ଭାବେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ସୋସିଆଲ ମେଡିଆରେ ଭାଇରାଲ ହୋଇ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଏକ ଭିଡିଓରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣକାରୀ ମାନେ କଟୁରି ସାହାଯ୍ୟରେ ନୃଶଂସ ଭାବେ ଆକ୍ରମଣ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।ଯାହା ତାମିଲନାଡୁ ପୁଲିସ ଯୁବକଙ୍କୁ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଏ।ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଓଡ଼ିଆ ଯୁବକଙ୍କ ଠିକଣା ଓ ପରିଚୟ ପାଇଁ କଳାହାଣ୍ଡି ବିଭିନ୍ନ ପୁଲିସ ଷ୍ଟେସନରେ ଯୁବକଙ୍କ ଫୋଟୋ ସହ ଏଫଆଇଆର କପି ଛଡା ଯାଇଥିଲା। ଶେଷରେ ଯୁବକଙ୍କ ଠିକଣା ମିଳି ପାରିଥିବା ସୂଚନା ମିଳିଛି। ଗୋଲାମୁଣ୍ଡା ବ୍ଲକ ଖମାରହଳଦୀ ପଞ୍ଚାୟତ ଶୋଷିଆ ଗ୍ରାମର ସୁରଜ ଦୁର୍ଗା(୧୯)ହୋଇଥିବା ଜଣାପଡ଼ିଛି। ଖବର ପାଇ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଖମାରହଳଦୀ ସରପଞ୍ଚ ରବୀନ୍ଦ୍ର ମୁଣ୍ଡ, ପିଇଓ ବିଶ୍ୱ ରଞ୍ଜନ ପଣ୍ଡା ପ୍ରମୁଖ ଯୁବକଙ୍କ ବଡ଼ ବାପା ମାଆଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।ଘଟଣା ଉପରେ ଓଡ଼ିଶା ସରକାରଙ୍କ ସହିତ କଥା ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଯୁବକ ଜଣକ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଯୁବକ ଜଣକଙ୍କର ପରିବାରରେ ବାପା-ମାଁଙ୍କ ମୃତ୍ୟୁ ଦୀର୍ଘ ଦିନ ହେବ ମୃତ୍ୟୁବରଣ କରିଥିଲେ। ପରିବାର କହିଲେ କେବଳ ବଡ଼ ବାପା ଓ ମାଁ। ଦୀର୍ଘ ଦିନ ଧରି ଯୁବକ ଜଣକ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବରେ ରହିଥିବା ତାଙ୍କ ପରିବାର ପକ୍ଷରୁ ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ପରେ ଉକ୍ତ ଯୁବକଙ୍କ ପରିଚୟ ଜଣା ପଡ଼ିବା ପରେ ଯୁବକଙ୍କ ବଡ଼ ମାଁ ଓ ବଡ଼ ବାପାଙ୍କ ଘରେ ପ୍ରଶାସନ ଓ ରାଜନେତା ପହଞ୍ଚିଛନ୍ତି। ତେବେ ବ୍ଲକ ଅଧ୍ୟକ୍ଷ ପହଞ୍ଚି ଉକ୍ତ ପରିବାରକୁ ସମସ୍ତ ପ୍ରକାରର ସରକାରୀ ଯୋଜନା ଯୋଗାଇ ଦେବା ପାଇଁ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



# କଳବଳ କରୁଛି ରାଇସ୍ ମିଲ୍, ଫ୍ୟାକ୍ଟ୍ରି ଧୂଆଁ

**କେସିଙ୍ଗା, ୪।୧(ସମିସ):** ଦିନକୁ ଦିନ ରାଜ୍ୟ ସରକାର ରାଜ୍ୟବାସୀଙ୍କ ଉପରେ ନୂତନ ନୂତନ ବୋଝ ଲଦୁଥିବା ବେଳେ ପୁରୁଣା ବୋଝ ମଧ୍ୟ ଉତାରିବା ପାଇଁ ମନ୍ତ୍ରଣା କରୁଛନ୍ତି। ବର୍ତ୍ତମାନ ପଲ୍ୟୁସନ ନାଁରେ ଲୋକଙ୍କୁ ପେଟ୍ରୋଲ ମିଳିବ ନାହିଁ ବୋଲି ଡ଼ରାଇ ପଲ୍ୟୁସନ ସାର୍ଟିଫିକେଟ ନାଁରେ ଟ୍ୟାକ୍ସ ସଂଗ୍ରହ କରୁଛନ୍ତି।ଯଦି ବାଇକ୍ ପାଇଁ ପରିବେଶ ଦୂଷିତ ହେଉଛି ତାହାହେଲେ ସରକାରଙ୍କ ପଦକ୍ଷେପ ନିହାତି ସ୍ୱାଗତ ଯୋଗ୍ୟ କିନ୍ତୁ ସହର ଶେଷ ମୁଣ୍ଡରେ କିଛି ସହର ମଧ୍ୟ ଭାଗରେ ଥିବା ବଡ଼ ବଡ଼ ରାଇସ ମିଲ ଓ ଅନ୍ୟାନ୍ୟ ଫ୍ୟାକ୍ଟ୍ରି କଣ ଅମ୍ଳଜାନ ଛାଡୁଛନ୍ତି କି ବୋଲି ପ୍ରଶ୍ନ ଉଠୁଛି।ଯଦି ବାଇକ୍‌ର ଅଳ୍ପ ଧୂଆଁରୁ ପରିବେଶ ଦୂଷିତ ହେଉଛି ତାହାହେଲେ ମିଲମାନଙ୍କରୁ ନିର୍ଗତ କଳାକଳା ଧୂଆଁ ପାଇଁ କଣ ପରିବେଶ ଦୂଷିତ ହେଉନାହିଁ। ମାତ୍ର ୭୦ରୁ ୧୦୦ ଟଙ୍କା ଦେଇ ଦେଲେ ପଲ୍ୟୁସନ୍ ସାର୍ଟିଫିକେଟ ମିଳୁଛି ଓ ବର୍ଷକ ପାଇଁ ପରିବେଶ ସଫା ହୋଇ ଯାଉଛି।ଲୋକଙ୍କୁ ଭଲ, ରାସ୍ତା, ଭଲ ସ୍ୱାସ୍ଥ୍ୟ, ଭଲ ପିଇବା ପାଣି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ କହି ଆସିଥିବା ସରକାର ଲୋକଙ୍କ କେତେ ସୁବିଧା ସୁଯୋଗ ଯୋଗାଇଛି ଓ ଲୋକେ ଟ୍ୟାକ୍ସ ବାନ୍ଧି ବାନ୍ଧି, ଲାଇନ ଲାଗି ଲାଗି କେତେ ଖୁସି ଅଛନ୍ତି ତାହା ଆଗାମୀ ଦିନରେ ଜଣା ପଡ଼ିବ।

# ରାମଚନ୍ଦ୍ର ମେହେର ହେଲେ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି

**ଭୁବନେଶ୍ୱର, ୪।୧ (ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ରାମଚନ୍ଦ୍ର ମେହେରଙ୍କୁ ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଦଳ ପକ୍ଷରୁ ପ୍ରେସ ଇସ୍ତାହାର ଜରିଆରେ ସୂଚନା ଦିଆଯାଇଛି।

# ହୀରାକୁଦ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ



**ହୀରାକୁଦ, ୪।୧ (ସମିସ):** ହୀରାକୁଦ ସୃଜନୀ ପରିବାର ତରଫରୁ ହୀରାକୁଦ ନାଟ୍ୟ ମହୋତ୍ସବ ବିଲଡିଂ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ବୀଣାପାଣି ସାହିତ୍ୟ କଳା ସଂସଦ, ବଡକରଲେ ସୁବର୍ଣ୍ଣପୁରର ନାଟକ 'ନାଇଟ୍ ହସ୍ପିଟାଲ'ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇ ସମସ୍ତଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା।ଏଥିରେ ଚିତ୍ରକଳାର ପ୍ରଦର୍ଶନୀ ମଧ୍ୟ ହୋଇଥିଲା। ସଭା କାର୍ଯ୍ୟରେ ଓଡ଼ିଶା ରାଜ୍ୟ ଶ୍ରମ କମିଶନର, ନିର୍ଦ୍ଦେଶକ ଫାକ୍ଟ୍ରି ଏବଂ ବୋଇଲେର ଡିରେକଟରେଟ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ ସିଂ ସିଏସଆର ହିଣ୍ଡାଲ୍‌କୋର ପରାମର୍ଶଦାତା ସୁକାନ୍ତ କୁମାର ମହାପାତ୍ର ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ନୂତନ କଳାକାର ସୃଷ୍ଟି ହେବେ ବୋଲି କହିଥିଲେ।ସୃଜନୀ ସଭାପତି ଶ୍ରୀନିବାସ ପଣ୍ଡା ଆମ କଳା ସଂସ୍କୃତିକୁ ଗୁରୁତ୍ୱ ଦେବା କଥା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଚଳଚିତ୍ର ଓ ନାଟ୍ୟ ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇ କଳାକୁ ଆଗକୁ ନେବାକୁ ହେଲେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବା ଦରକାର ନଚେତ ତାହା ମୂଲ୍ୟହୀନ ହୋଇଯିବ ବୋଲି କହିଥିଲେ। ଏହି ଅବସରରେ ସମ୍ବଲପୁରର ବର୍ଷିଆନ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ସୁନ୍ଦରଗଡ଼ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶୀତଳ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସୃଜନୀ ନାଟ୍ୟ ସଂସଦ ସଭାପତି ପୂର୍ଣ୍ଣାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କୈଳାଶ ଦାଶ କରିଥିଲେ।ସୃଜନୀ ପରିବାରର ମୁଖ୍ୟ ସୁଶାନ୍ତ ପାଣିଗ୍ରାହୀଙ୍କ ସହ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦନା ହୋଇଥିଲା।

# ନିହାର ରଞ୍ଜନ ପଧାନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଅମ୍ବାଭୋନା, ୪।୧(ସମିସ)

ଅମ୍ବାଭୋନା ବ୍ଲକ ଝାରପାଲି ଗ୍ରାମରେ ଲକି ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ଇସ୍ରୋ ବୈଜ୍ଞାନିକ ସ୍ୱର୍ଗତ ନିହାର ରଞ୍ଜନ ପଧାନଙ୍କ ସ୍ମୃତିରେ ତୃତୀୟ ବର୍ଷର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ନୀଲ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦାରୀ ଗ୍ରାମପଞ୍ଚାୟତର ସରପଞ୍ଚ ଜ୍ଞାନ ରଞ୍ଜନ ଭୋଇ, ସମିତି ସଭ୍ୟ ରଘୁନାଥ ମହାନ୍ତି, ଅଶୋକ ମହାପାତ୍ର, ପୂର୍ଣ୍ଣାନନ୍ଦ ବଢ଼େଇ (ମଣ୍ଟୁ), ରାଜକୁମାର ପଧାନ, ଦେବାର୍ଚ୍ଚନ ନାଏକ, ଠାକୁରରାମ ସାହୁ, ଯାଦବ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୧ ଦିନ ଧରି ଆୟୋଜିତ ହେବାକୁ ଥିବା ବେଳେ ଏଥିରେ ପ୍ରାୟ ୩୨ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ବାଂଜିପାଲି ଓ ଭୁକ୍ତା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବାଞ୍ଜିପାଲି ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ଖେଳ ପରିଚାଳନାର ଦାୟିତ୍ୱ ଦୀପକ ଓ ଶେଷ ଦେବ ନେଇଥିବାବେଳେ ଧାରାବିବରଣୀ ଓ ସ୍କୋର ଦାୟିତ୍ୱ ହିମାଂଶୁ ରାଓତ ସମ୍ପାଦନ କରିଥିଲେ। ଲକି ସ୍ପୋର୍ଟ୍ସ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ସମୀର ସାହୁ, ଶୁଭମ ବାରିକ, ଭାଗରଥି, ନିବେଶ, ଆକାଶ, ରାହୁଲ, ଚୂଡାମଣୀ, ଦଧି, ରାଜୁ, ଅଭିନାଶ, ଅକ୍ଷୟ, ଦିନେଶ, ସୌମ୍ୟ, ଶଂଶାକ, ଶେଖର, କହ୍ନେୟା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।



# ଦିଲ୍ଲୀ ଜୁହାର ପରିବାର ପକ୍ଷରୁ ପୁଷପୁନି ଭେଟ୍‌ଘାଟ୍




**ସମ୍ବଲପୁର, ୪।୧(ସମିସ):** ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ରବିବାର ରାଜଧାନୀର ଲାଜପତ ଭବନରେ ପୁଷପୁନି ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ମା'ସମଲେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ସୁରେଶ୍ୱରୀ ଓ ମା' ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିନ୍ ଅଫ କଲେଜେସ ପ୍ରଫେସର ବଳରାମ ପାଣି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୈନିକ ସମାଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମାନାଥ ଝା, କେରଳ ପୋଲିସର ପୂର୍ବତନ ମହାନିର୍ଦ୍ଦେଶକ ସଞ୍ଜୀବ ପାଟଜୋଷୀ, ଭାରତୀୟ ବାୟୁସେନାର ପୂର୍ବତନ ଅଧିକାରୀ ଏୟାର କମୋଡୋର ଡ. ଅଶୋକ କୁମାର ଦାଶ, ବରିଷ୍ଠ ଅଧିବକ୍ତା ଶରତ ଚନ୍ଦ୍ର ନନ୍ଦ ଓ ବରିଷ୍ଠ ସାମ୍ବାଦିକ ଡ. ଭବାନୀ ଦୀକ୍ଷିତ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରିୟଲ ପ୍ରଧାନ, ପରିଧି ପଟେଲ, ଲାବନ୍ୟା ପ୍ରଧାନ ଓ ଅନ୍ୱେଷା ପଣ୍ଡା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀନିକା ଦାଶ, ଦିବ୍ୟାଂଶ ତ୍ରିପାଠୀ ଓ ଆୟୁଷ୍ମାନ ରାଉତ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ପୁଷପୁନି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ବ୍ୟଞ୍ଜନ ଚାଉଳବରା ତେତେଲ ଚଟନୀ ସହିତ ଅନେକ ନିରାମିଷ ଓ ଆମିଷ ବ୍ୟଞ୍ଜନର ଲୋକେ ଆନନ୍ଦ ନେଇଥିଲେ। ୫୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆୟୋଜନରେ ମାନସ ରଞ୍ଜନ ମିଶ୍ର, ବିଜୟାନନ୍ଦ ନାଏକ, ଅରକ୍ଷିତ ଶାସ୍ତ୍ରୀ, କୁନ୍ତଳା ଭୋଇ, ଦେବଦତ୍ତ ଦାଶ, ବାସୁଦେବ ତ୍ରିପାଠୀ, ମାନସ ମହାନ୍ତି, ତାପସ ଷଡ଼ଙ୍ଗୀ, ଅଜିତ ଦାଶ, ଶ୍ରୀକାନ୍ତ ମିଶ୍ର, ଆକାଶ ପାଣିଗ୍ରାହୀ, ଚନ୍ଦ୍ରଶେଖର ପାଢ଼ୀ, ବିଜୟ ତ୍ରିପାଠୀ, ସତ୍ୟନାରାୟଣ ପ୍ରଧାନ, ଜଗଦୀଶ ପଟେଲ, ନିର୍ମଳ ଦେହରି, କୈଳାଶ ନାଏକ ସହଯୋଗ କରିଥିଲେ।













# ସମ୍ବଲପୁର ଲୋକମହୋତ୍ସବ ଉଦ୍‌ଘାଟିତ









**ସମ୍ବଲପୁର, ୪।୧(ସମିସ)**

ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡ଼ି ପଡ଼ିଆରେ ୨୮ତମ ସମ୍ବଲପୁର ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚବାଦ୍ୟ ଓ ରଙ୍ଗାରଙ୍ଗ ଆତସବାଜି ସହ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସିଆର୍‌ପିଏଫ ଡିଆଇଜି ସଞ୍ଜୟ କୁମାର ସିଂହ, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ କମିଶନର ରେହାନ ଖତ୍ରୀ, ପ୍ରୋବେସନର ସୁଭ୍ରା ପଣ୍ଡା ଓ କମଲ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକ ମହୋତ୍ସବ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମନୋରଞ୍ଜନ ସାହୁ, ଡ଼ ପରମେଶ୍ୱର ମୁଣ୍ଡ, ଡ. ଶ୍ୟାମ ସୁନ୍ଦର ଧର ଓ ସଂଧ୍ୟାରାଣୀ ସରକାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟ ଅତିଥି ସୁରେଶ ପୂଜାରୀ କହିଥିଲେ ଯେ, ଦିନକୁ ଦିନ ସମ୍ବଲପୁର ଲୋକ ମହୋତ୍ସବର କାୟା ବୃଦ୍ଧି ପାଉଛି। ଆଗାମୀ ଦିନରେ ଏହା ଆହୁରି ବ୍ୟାପ୍ତ ହେଉ। ସମ୍ବଲପୁର ଲୋକ ମହୋତ୍ସବର ଏକ ସ୍ୱତନ୍ତ୍ର ପରିଚୟ ରହିଛି ଏବଂ ସମ୍ବଲପୁରୀ ସଂସ୍କୃତି ବିଶ୍ୱ ଦରବାରରେ ଲୋକପ୍ରିୟ ହୋଇପାରିଛି। କଳାକାରମାନଙ୍କ ସମଷ୍ଟୀ ଅଞ୍ଚଳର କଳାକୁ ସମୃଦ୍ଧି କରିବ। ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ, ସମ୍ବଲପୁର ମାଟିରେ ସବୁ କଳା ଭରି ରହିଛି। ଏହି ଅଞ୍ଚଳର କଳା, ସଂସ୍କୃତିର ବେଶ ପରିଚୟ ରହିଛି। ଯାହା ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଛି।

## ପାରମ୍ପରିକ ଲୋକନୃତ୍ୟର କମ୍ପୁଛି ମଞ୍ଚ

ସମ୍ବଲପୁର ବଜନିଆ ପକ୍ଷରୁ ଜହ୍ନିଫୁଲ, ହିମାଚଳ ପ୍ରଦେଶର ସିରମୋର ନାତି, ରାୟଗଡ଼ାର ଢେମସା, ବାମରର କରମା, ଉତ୍ତର ପ୍ରଦେଶର ମୟୂର, କୋରାପୁଟର ଦୁରୁଆ, ଆସାମର ବିହୁ, ସମ୍ବଲପୁର ଜବାନ କ୍ଲବ୍ ରସରକେଲି, ପଞ୍ଜାବର ଭାଙ୍ଗଡ଼ା, ବଲାଙ୍ଗିରର ଢ଼ାପ, ମହାରାଷ୍ଟ୍ରର ଲାବଣୀ, ରାଜସ୍ଥାନର କାଲବେଲିଆ, ଗୁଜୁରାଟର ରାଥୁଆ ଓ ହରିଆନାର ଘୁମର ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବ ସମିତି ସଂଯୋଜକ ଦୀପକ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।କୁନିକୁନି କଳାକାର ମାନେ ସମ୍ବଲପୁରୀ ନୃତ୍ୟରେ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସହର

ସମ୍ବଲପୁର ଲୋକ ମହୋତ୍ସବ ଆୟୋଜନ ସମିତି ପକ୍ଷରୁ ରବିବାର ପୂର୍ବାହ୍ନରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ ଖେତ୍ରି ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ରାମଜୀ ଗୁଡ଼ି, ବାଲିବନ୍ଧା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ହାଟପଡ଼ା, ଦଲେଇପଡ଼ା, ମ୍ୟୁନସିପାଲଟି ଛକ ଦେଇ ଗଙ୍ଗାଧର ମଣ୍ଡପରେ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ଶୋଭାଯାତ୍ରାରେ ମାଁ ସମଲେଶ୍ୱରୀଙ୍କ ପ୍ରତିକୃତି, ସ୍ୱାଗତ ତୋରଣ ସହ ବରଗାଁ କୀର୍ତ୍ତନ ଦଳ, ଚକୁଳିର ସମ୍ପ୍ରଦା, ବାମରା କରମା ନୃତ୍ୟ, ନାକଟିଦେଉଳର କୃଷ୍ଣଗୁରୁ, ଜାଦୁଲୋଇସିଂର ଦଣ୍ଡ ନୃତ୍ୟ, ବୌଦ୍ଧର ମୟୂର ନାଚ, ବଡ଼ବଜାର ଭରନୀ କଳା ପରିଷଦର ଦୁଲଦୁଲି, ହୀରାକୁଦ ଜୟ ମାତାଦୀ ଘଣ୍ଟବାଦ୍ୟ ନୃତ୍ୟ ସାମିଲ ହୋଇଥିଲା। ଏଥିସହ ଲୋକ କଳାକାର ସମେତ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଦଳର କଳାକାରମାନେ ସାମିଲ ହୋଇଥିଲେ। ନୃତ୍ୟାଙ୍ଗନାଙ୍କ ନୃତ୍ୟଛଟା ସହ ବାଦ୍ୟ ଶବ୍ଦରେ ସମ୍ବଲପୁର ସହର ଦୁଲୁକି ଉଠିଥିଲା। ବିଭିନ୍ନ ସ୍ଥାନରେ ଜନସାଧାରଣ ଶୋଭାଯାତ୍ରାକୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଆଇଏଏସ ପ୍ରବସୋନାରୀ ଶୁଭ୍ରା ପଣ୍ଡା, ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା, ମହୋତ୍ସବ କମିଟି ସଂଯୋଜକ ଦୀପକ କୁମାର ପଣ୍ଡା, ସହ ସଂଯୋଜକ ସତ୍ୟ ରଞ୍ଜନ ବେହେରା, ଉପଦେଷ୍ଟା କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ସୁଧୀର ରଞ୍ଜନ ବହିଦାର, ରାମଦାସ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଭୋଳା ମହନ୍ତମ ଓ ସମୀର ରଞ୍ଜନ ବାବୁ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ବିଭିନ୍ନ ଉପସମିତିର ଆବାହକ, ସହ ଆବାହକ, ଆୟୋଜନ ସମିତିର ସଦସ୍ୟ ସଦସ୍ୟା ଓ କଳାକାର ମାନେ ଉପସ୍ଥିତ ଥିଲେ। ଏହି ସାଂସ୍କୃତିକ ଶୋଭାଯାତ୍ରାଙ୍କୁ ବିଭିନ୍ନ ପଡ଼ାର ଯୁବକ ସଂଘ ଓ ମହିଳା ସମିତି ମାନେ ସ୍ୱାଗତ କରିଥିଲେ।



# ରାଜେନ୍ଦ୍ର ବୈଠାରୁ ସରକାରୀ ଓକିଲ ଭାବେ ନିଯୁକ୍ତ

**ରେଢ଼ାଖୋଲ, ୪।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଭାଗୀୟ ଅଦାଲତରେ ରାଜ୍ୟ ସରକାର ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତ ହୋଇଛନ୍ତି।ଦୀର୍ଘ ୧୮ ବର୍ଷ ହେଲା ରେଢ଼ାଖୋଲ କୋର୍ଟରେ ରାଜେନ୍ଦ୍ର ପ୍ରସାଦ ବୈଠାରୁ କାର୍ଯ୍ୟରତ ରହି ଆସିଛନ୍ତି। ୧୯୯୫ ମସିହାରୁ ଛାତ୍ର ନେତା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ବିଭିନ୍ନ ସଂଗଠନର ସକ୍ରିୟ ସଦସ୍ୟ ରହିଛନ୍ତି। ଛାତ୍ର ନେତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏତତ୍ ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାଂସ୍କୃତିକ ଅନୁଷ୍ଠାନର ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ରେଢ଼ାଖୋଲ ଅଞ୍ଚଳରେ ଦୀର୍ଘ ୨୫ ବର୍ଷ ପରେ ବିଜେପି ରାଜ୍ୟ ସରକାର ପକ୍ଷରୁ ସରକାରୀ ଓକିଲ ଭାବେ ନିଯୁକ୍ତ ପରେ ରେଢ଼ାଖୋଲ ଅଞ୍ଚଳରେ ଖୁସିର ବାତାବରଣ ଖେଳିଯାଇଛି। ସରକାରୀ ଓକିଲ ନିଯୁକ୍ତି ସୂଚନା ମିଳିବା ପରେ ସହରର ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ରେଢ଼ାଖୋଲ କୋର୍ଟରେ ଯୁବ ଆଇନଜୀବୀ ତୁଷାରକାନ୍ତ କର, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ଭାବଗ୍ରାହୀ ଗଡ଼ତିଆ, ସୁଜିତ୍ କୁମାର ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ ରାଜ୍ୟ ସରକାର ପକ୍ଷରୁ ସରକାରୀ ଆଇନଜୀବୀ ଭାବରେ ନିଯୁକ୍ତି ପାଇଛନ୍ତି।



### ବଙ୍ଗୀୟ ଶ୍ରମିକ ହତ୍ୟା ଘଟଣା

# ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଦାବି କଲେ ଅଧିର ରଞ୍ଜନ

**ସମ୍ବଲପୁର, ୪।୧(ସମିସ):** ଲୋକଙ୍କ ସୁରକ୍ଷା ପାଇଁ ପୁଲିସ ରହିଛି। ଯଦି କୌଣସି ସମସ୍ୟା ହୁଏ ତାର ସମାଧାନ ପାଇଁ ମଧ୍ୟ ପୁଲିସ ନିୟୋଜନ ହୋଇଛନ୍ତି। କିନ୍ତୁ ସମ୍ବଲପୁରରେ ପୁଲିସ ଉପସ୍ଥିତିରେ କିଛି ସାଧାରଣଲୋକ ନିଜେ ପୁଲିସ ହେଇ ଯାଉଛନ୍ତି। ଅର୍ଥାତ ପୁଲିସ ଉପସ୍ଥିତିରେ ଆଇନକୁ ହାତକୁ ନେଉଛନ୍ତି ବୋଲି ପଶ୍ଚିମବଙ୍ଗ ପୂର୍ବତନ ଲୋକସଭା ସାଂସଦ ଅଧିର ରଞ୍ଜନ ଚୌଧୁରୀ କହିଛନ୍ତି। ସମ୍ବଲପୁର ଦାନୀପାଲିରେ ବଙ୍ଗାଳୀ ଶ୍ରମିକଙ୍କୁ ଅତିନିର୍ମମ ଭାବେ ହତ୍ୟା ଘଟଣାରସ୍ଥିତ ଅନୁଧ୍ୟାନ ପାଇଁ ଆଜି ପୂର୍ବତନ ସାଂସଦ ତଥା କେନ୍ଦ୍ର ସିଡବ୍ଲ୍ୟୁସି ସଦସ୍ୟ ଶ୍ରୀ ଚୌଧୁରୀ ସମ୍ବଲପୁର ଗସ୍ତରେ ଆସିଥିଲେ। ପ୍ରଥମେ ଘଟଣା ଘଟିଥିବା ସ୍ଥାନକୁ ଯାଇଥିଲେ। ପ୍ରବାସୀ ଶ୍ରମିକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଯୋଗ ଦେଇଥିଲେ। ସେ କହିଥିଲେ, ବହୁ ବର୍ଷରୁ ପଶ୍ଚିମବଙ୍ଗ ଶ୍ରମିକ ଓଡ଼ିଶାରେ କାମ କରିଥାନ୍ତି। ବାଂଲାଦେଶୀ ଓ ବଙ୍ଗାଳୀ ମଧ୍ୟ ପାର୍ଥକ୍ୟ ରହିଛି। ଗତ ଡିସେମ୍ବର ୨୪ ତାରିଖରେ ଜୁଏଲ ଶେଖ ନାମକ ଯେଉଁ ଶ୍ରମିକଙ୍କ ସମ୍ବଲପୁରରେ ହତ୍ୟା କରାଗଲା, ସେ ଭାରତୀୟ। ପଶ୍ଚିମବଙ୍ଗ ମୁର୍ସିଦାବାଦ ସୁତି ଥାନା ଅଞ୍ଚଳର। ଆଧାରକାର୍ଡ ମାଗି ଝଗଡ଼ା କରି ଶ୍ରମିକଙ୍କ ଉପରେ ଜୁଲୁମ କରିବା କେତ ଦୂର ଠିକ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ଚୌଧୁରୀ ପ୍ରବାସୀ ବଙ୍ଗାଳୀ ଶ୍ରମିକଙ୍କୁ ଭେଟି ଆଲୋଚନା କରିଥିଲେ। ସମ୍ବଲପୁରରେ ଶ୍ରମିକଙ୍କୁ ହତ୍ୟା ଘଟଣା ପରେ ସମସ୍ତେ ଭୟଭୀତ ହୋଇଛନ୍ତି। ତେଣୁ ପଶ୍ଚିମବଙ୍ଗ ଫେରିଯାଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ପୁଲିସ ପ୍ରଶାସନ ଏ ସମ୍ପର୍କରେ ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ବଙ୍ଗାଳୀ ହେଉ କି ମରାଠୀ ହେଉ ଆଧାର କାର୍ଡ ମାଗି ଯାଞ୍ଚ କରିବା ଅଧିକାର କିଏ ଦେଉଛି। ଯଦି କୌଣସି ସମସ୍ୟା ହେଉଛି ତାହାଲେ ପୁଲିସକୁ ଜଣାଯାଉ। ପୁଲିସ ଉପସ୍ଥିତିରେ କିଛି ଲୋକ ନିଜେ ଆଇନ ହାତକୁ ନେଉଛନ୍ତି। ଶ୍ରମିକ ହତ୍ୟା ଘଟଣା ପରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏପରି ସ୍ଥିତ ଆଗକୁ ଯେପରି ନହୁଏ ସେଥିପ୍ରତି ପୁଲିସ ଧ୍ୟାନ ଦେଉ। ଏହା ସହ ସମସ୍ତ ବଙ୍ଗାଳୀ ଶ୍ରମିକଙ୍କ ସୁରକ୍ଷା ଦାବି କରିଛନ୍ତି ଶ୍ରୀ ଚୌଧୁରୀ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ କୁମାର ଗୁରୁ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜୟ ଶଙ୍କର ମିଶ୍ର, କୁଚିଣ୍ଡା ବିଧାୟକ ପାର୍ଥୀ କେଦାରନାଥ ବରିହା, ଏମଡି ମୁକ୍ତର, ହୀରାକୁଦ ଟାଉନ ସଭାପତି ରବି ରାଉତ, ବିଜୟ ଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏ ଘଟଣା ବାବଦରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ସମ୍ବଲପୁର ଏସ୍‌ପି ମୁକେଶ ଭାମୂଙ୍କ ସହ ଶ୍ରୀ ଚୌଧୁରୀ ଆଲୋଚନା କରିଥିଲେ।



# ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏସନର ସାଧାରଣ ସଭା




**ସମ୍ବଲପୁର, ୪।୧(ସମିସ):** ସ୍ଥାନୀୟ କାଇଁସିରରେ ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏସନର ବାର୍ଷିକ ସାଧାରଣଅଧିବେଶନଅନୁଷ୍ଠିତ ହୋଇଛି।ରାଉରକେଲ, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ମଣ୍ଡଳ ଅଧିନସ୍ଥ ଟିପିଡବ୍ଲ୍ୟୁଓଡିଏଲ ଅଧିନରେ କାର୍ଯ୍ୟରତ ଗ୍ରାଜୁଏଟ ଇଞ୍ଜିନିୟର୍ସ ଉପସ୍ଥିତ ଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବାରିକ ଅଧ୍ୟକ୍ଷତା କରିଥିଲେ। ବୈଠକରେ କାର୍ଯ୍ୟରତ ଇଞ୍ଜିନିୟରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାରେ ଗଣତାନ୍ତ୍ରିକ ପଦ୍ଧତିରେ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲେ। ଜଗନ୍ନାଥ ବାରିକ ସଭାପତି, ବିଜୟ କୁମାର ମହାପାତ୍ର ଉପସଭାପତି, ଶଙ୍କର ବେହେରା ସାଧାରଣ ସମ୍ପାଦକ, ବ୍ରଜକିଶୋର ମିଶ୍ର ସଂଯୁକ୍ତ ସମ୍ପାଦକ, ସୂର୍ଯ୍ୟକାନ୍ତ ସାହୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ଗାୟା, ଜଶମିତ ସିଂ ଛାବ୍ରା ଓ ଗୁପ୍ତ ପ୍ରସାଦ ତ୍ରିପାଠୀ ସହସାଧାରଣ ସମ୍ପାଦକ, କମଳେଶ ପ୍ରଧାନ, ଉଦୟଭାନୁ ନନ୍ଦୀ, ବାପୁଜୀ ପ୍ରଧାନ, ପୁରନ୍ଦର ସାହୁ, ନିଖିଲ ପଟେଲ, ଚୌଧୁରୀ ପ୍ରିୟବ୍ରତ ଜେନା ଓ ବିବେକାନନ୍ଦ ଷଡ଼ଙ୍ଗୀ ଏକଜିକ୍ୟୁଟିଭ ବଡି ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ରାଜୁ ସାହୁ, ମନରଞ୍ଜନ ସାହୁ ଓ ହିମାଂଶୁ ସାମନ୍ତରାୟଙ୍କୁ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ।



## ସତ୍ୟସାଇ ସଂଗଠନ ତରଫରୁ ଶୀତବସ୍ତ୍ର ବଣ୍ଟନ

ଚିଲିକା, ୪।୧(ସମିସ): ଖୋର୍ଦ୍ଧା ଜିଲ୍ଲା ସତ୍ୟସାଇ ସଂଗଠନ ବାଣପୁର ସମିତି ତରଫରୁ ଚିଲିକା ବ୍ଲକ ଅନ୍ତର୍ଗତ କୁମ୍ଭୀର ପଡା ସ୍ଥିତ ବୃଦ୍ଧାଶ୍ରମ ପରିସରରେ ଥିବା ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଅଛି । ସଂଗଠର ଖୋର୍ଦ୍ଧା ଜିଲ୍ଲା ସଭାପତି ବ୍ରଜସୁନ୍ଦର ମିଶ୍ର, ଜିଲ୍ଲା ସେବା ଦଳ ସଂଯୋଜକ ରାଜକିଶୋର ଭୋପା, ଯୁବସଂଯୋଜକ ସଂଗ୍ରାମ କେଶରୀ ସେଠୀ, ବାଣପୁର ସମିତି ଆବାହକ ବିଭୂତି ଭୂଷଣ ଘଡେଇ, ମହିଳା ଶିକ୍ଷା ସଂଯୋଜକ ସୁପ୍ରଭା ମିଶ୍ର ଓ ନାଚୁଣୀ ଭଜନ ମଣ୍ଡଳୀ ଆବାହକ ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଥିଲେ । ସମଦାୟ ୨୫ ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ବାଣପୁର ସମିତି, ବାଲୁଗାଁ ଭଜନ ମଣ୍ଡଳ, ନାଚୁଣୀ ଭଜନ ମଣ୍ଡଳୀ ଓ ବଉଳା ବନ୍ଧ ଭଜନ କେନ୍ଦ୍ର ସହଯୋଗ କରିଥିଲେ । ବୃଦ୍ଧାଶ୍ରମର ପରିଚାଳକ ଜୟକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଉତ୍କଳ କରାଟେ ସ୍କୁଲ୍ ପ୍ରତିଯୋଗୀଙ୍କ ସଫଳତା



ଟାଙ୍ଗୀ, ୪।୧(ସମିସ): ୧୫ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଚାନ୍ଦପୁର ଉତ୍କଳ କରାଟେ ସ୍କୁଲରୁ ୧୩ କରାଟେ ପ୍ରତିଯୋଗୀ ଏଥିପାଇଁ ପ୍ରଥମେ ଥର ଅଂଶଗ୍ରହଣ କରିଥିଲେ । ସାଇଶ୍ରୀ ବିଜୟଲକ୍ଷ୍ମୀ ଭୂଜବଳ, ମାନ୍ୟତା ନାୟକ, ସାହିଲ ନାୟକ, ସ୍ୱୟଂ ସ୍ୱରୂପ ନାୟକ ସ୍ୱର୍ଣ ପଦକ ପାଇଥିବା ବେଳେ ପ୍ରତ୍ୟୁଷା ରାୟ ପଟ୍ଟନାୟକ, ଭବ୍ୟା ବେହେରା, ଅନମୋଲ ରାଠୋର ରୌପ୍ୟ ପଦକ, ତାରାପ୍ରସାଦ ସାହୁ, ଅନ୍ୱେଷା ତ୍ରିପାଠୀ, ସାଇପ୍ରସାଦ ନାୟକ, ରିୟାଂଶି ପ୍ରିୟଦର୍ଶିନୀ, ଅନିରୁଦ୍ଧ ସାମନ୍ତରାୟ, ଚିରାଗ ସାହୁ କାଂସ୍ୟ ପଦକ ବିଜେତା ହୋଇଥିବା ଜଣାପଡିଛି । ଏହି ଶାଖାକୁ ନଟରାଜ ଡ୍ୟାନ୍ସ ଏକାଡେମୀ ମୁଖ୍ୟ ଅବିନାଶ ଦାସ ପରିଚାଳନା କରିବା ସହ ପ୍ରତାପ କୁମାର ଜେନା ପ୍ରଶିକ୍ଷକ ଭାବେ ନିଯୁକ୍ତି ହୋଇଥିବା ମଧ୍ୟ ଜଣାପଡିଛି ।

## ବ୍ରଜମୋହନପୁର କ୍ରିକେଟ କ୍ଲବ୍ ଚାମ୍ପିଅନ



ନିରାକାରପୁର, ୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ପଞ୍ଚାୟତ ରମାବିଲିଠାରେ ଚାଲିଥିବା ୧୩ତମ ପରମେଶ୍ୱର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିନର ଖେଳ ଶେଷ ହୋଇଛି । ଫାଇନାଲ ମ୍ୟାଚ ବ୍ରଜମୋହନପୁର ଓ ନିରାକାରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବ୍ରଜମୋହନପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୭ ରନ ସଂଗ୍ରହ କରିଥିଲା । ଜବାବରେ ନିରାକାରପୁର ଦଳ ନିର୍ଦ୍ଧାରିତ ଓଭରରେ ୮୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିଥିଲା । ବିଜୟୀ ଦଳର ଲିପୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ନନ୍ଦୁ ମ୍ୟାନ ଅଫ ଦି ସିରିଜ ହୋଇଥିଲେ । ଉକ୍ତ ମ୍ୟାଚରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଶିକ୍ଷକ ବିଜୟ ସେଠୀ, ନିତ୍ୟାନନ୍ଦ ମଙ୍ଗରାଜ, ରବି ପ୍ରଧାନ, ପ୍ରମୋଦ ଜେନା, ରମାବିଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟୁଲୁ ମାଝି ଆଦି ଅତିଥି ରୂପରେ ଯୋଗ ଦେଇଥିଲେ । ନିରଞ୍ଜନ ସୁନ୍ଦରାୟ ଏବଂ ସୁଦର୍ଶନ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତି ସଂଘ ବୈଠକ



ବୋଲଗଡ଼, ୪।୧(ସମିସ): ବୋଲଗଡ଼ ବ୍ଲକ ବାଙ୍କୋଇ ଜୋନ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତିର ତ୍ରୟମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଙ୍କୋଇ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଏହି ବୈଠକରେ ସଭାପତି କୁଳମଣି ହୋତା ପୌରୋହିତ୍ୟ କରିଥିଲେ । ବୈଠକରେ ଉକ୍ତ ସଙ୍ଘର ସଦସ୍ୟ ଥିବା ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ୪ଜଣ ନୂତନ ସଦସ୍ୟ ଯୋଗଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ନନ୍ଦ କିଶୋର ନାୟକଙ୍କ ଉପସ୍ଥାପନାରେ କବି ବାନାମ୍ବର ମହାରଣା, ଲିଲି ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ହୋତାଙ୍କ ସମେତ ଅନ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ରୂପେ ଡାକ୍ତର ସଦାନନ୍ଦ ହୋତା ଯୋଗଦେଇ ହୃଦରୋଗ, ଚକ୍ଷୁ ରୋଗ, ଅର୍ଶ ଏବଂ ମଳକଣ୍ଟକ ଇତ୍ୟାଦି ରୋଗ ବିଷୟରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରତ୍ନାକର ପାଣି, ବରିଷ୍ଠ ସଦସ୍ୟ ଜୟକୃଷ୍ଣ ଫତେସିଂହ, ମାଧବ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ସଦସ୍ୟ ବାନାମ୍ବର ମହାରଣା ଧନ୍ୟବାଦ ଦେଇଥିଲେ ।

# ଚାଷୀ ଉପରେ ଦାଉ ସାଧୁଛି ହାତୀ

ଖୋର୍ଦ୍ଧା/ବେଗୁନିଆ, ୪।୧(ସମିସ):

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ ବନାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଲାଗି ରହିଛି । ଆଜକୁ ପ୍ରାୟ ୧୦ଦିନ ହେବ ହାତୀ ପଲ ଏହି ଅଞ୍ଚଳରେ ରହିଛନ୍ତି । ସଞ୍ଜ ନଇଲେ, ଖାଦ୍ୟ ଲାଳସାରେ ଗାଁ ମୁହାଁ ହେଉଛନ୍ତି । ଚାଷୀଙ୍କ ଏକର ଏକର ଚାଷଜମି ର ଅମଳ ଧାନ କୁ ଖାଇଯିବା ସହ ଦଳିମକଚି ନଷ୍ଟ କରୁଛନ୍ତି । ବହୁ

**■ ବେଗୁନିଆରେ ହାତୀପଲଙ୍କ ଉପଦ୍ରବ**

**■ ଦଳିଚକଟି ନଷ୍ଟ କରୁଛନ୍ତି ଅମଳ ଧାନ**

ବାଧାବିଘ୍ନ ଦେଇ ଚାଷୀ ଧାନ ଫସଲ କରିଛନ୍ତି । ଧାନରେ ଅମଳ ସମୟରେ ହାତୀଙ୍କ ଉପଦ୍ରବ ବଢିବାରେ ଲାଗିଛି । ହାତୀଙ୍କ ଫସଲ ନଷ୍ଟ ବାବଦକୁ ଯାହା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ଏଣୁ କ୍ଷତିପୂରଣ ନୁହଁ ହାତୀଙ୍କ ନିୟନ୍ତ୍ରଣ ଦିଗରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି କ୍ଷତିଗ୍ରସ୍ତ ଗ୍ରାମବାସୀ କହିଛନ୍ତି । ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ସେଭଳି କିଛି ପଦକ୍ଷେପ ନେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦୁଇଦିନ ତଳେ ଭୁଆସୁଣିପାଟଣାର ଜଣେ



ଯୁବକଙ୍କୁ ହାତୀ ଦଳି ମାରିଦେଇଛି । ଫଳରେ ଲୋକଙ୍କ ଭିତରେ ଭୟର ବାତାବରଣ ଦେଖାଦେଇଛି । ସଞ୍ଜ ନଇଲେ ଗାଁ ଗୁଡିକରେ ତାଟି କବାଟ ପଡୁଛି ।

ପ୍ରକାଶଥାଉକି, ଆଜକୁ ପ୍ରାୟ ୬ଦିନ ହେବ ବେଗୁନିଆ, ଛତ୍ରପଡା, ସିକୋ, ଶଗଡଭଙ୍ଗା, ଅଠରାଙ୍ଗ, ଦେଉଳି, ଦଳକ, ଗୋଡା, ଅତ୍ରି, ପରିଛଳ, ଡାଳତୋଳା, ଲୋକିପୁର, ଗଡମାଣତ୍ରି, ରାମଚନ୍ଦ୍ରପୁର, ବାଦବାରବାଟୀ, ଗୋପାଳପୁର, ନାରଗୋଦା ପ୍ରଭୃତି ମୌଜାରେ ହାତୀ ପଲ୍ଲ ଉପଦ୍ରବ ଜାରୀ ରଖିଛନ୍ତି । ବିଭିନ୍ନ ସ୍ଥାନରେ ହାତୀ ପଶି ଘର ଦ୍ୱାର ଭାଙ୍ଗୁଛି । କେତେବେଳେ କଲେଜରେ ପଶିଲାଣି ତ ଆଉ କେତେବେଳେ କାହାଘରେ ପଶି ଆଜବେଷ୍ଟସ ଭାଙ୍ଗିଲେଣି । ବିଭିନ୍ନ ସ୍ଥାନରୁ ହାତୀ ଉପଦ୍ରବର ଦୃଶ୍ୟକୁ ମୋବାଇଲରେ ଉତ୍ତୋଳନ କରି ଯୁବକ ମାନେ ଭାଇରାଲ କରୁଛନ୍ତି ।

ସେହିପରି ଚାଷଜମିରେ ଧାନ ଅମଳ କରି ଘରକୁ ନେବାକୁ ରଖିଥିବା ଚାଷୀର ଅମଳ ଧାନକୁ ଖାଇବା ସହ ଦଳମକଚି ନଷ୍ଟ କରୁଛନ୍ତି । ଫଳରେ ଅନ୍ୟଠାରୁ ଧାରକରଜ କରି ଚଳିତବର୍ଷ ଭଲ ଧାନ ଅମଳ କରି ମଣ୍ଡିରେ ବିକ୍ରି କରିବା ଆଶା ରଖିଥିବା ଚାଷୀର ଆଶା ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଛି । ମହାଜନର ଅର୍ଥ କିପରି ଶୁଝିବ ଓ ବର୍ଷକର ଖାଦ୍ୟ କିପରି ସଂଗ୍ରହ କରିବ ସେହି ଚିନ୍ତାରେ କ୍ଷତିଗ୍ରସ୍ତ ଚାଷୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି । ଅନ୍ୟପକ୍ଷରେ ଦିନରେ ଲୋକଙ୍କୁ ମେଘା ଫୋନ୍ ଯୋଗେ ସଜାଗ କରିବା ସହ ରାତିରେ ଡ୍ରୋନ କ୍ୟାମେରାରେ ହାତୀ ମାନଙ୍କ ଗତିବିଧି ଉପରେ ବନ କର୍ମଚାରୀ ନଜର ରଖୁଥିବା କହିଛନ୍ତି ରେଞ୍ଜର ଜୟକୃଷ୍ଣ ପଣ୍ଡା । ତାଙ୍କ କହିବା ଅନୁସାରେ, ଛିମା ଓ କୁଶପଲ୍ଲା ଅଂଚଳରେ ରହିଛନ୍ତି ୧୬ଟିକିଆ ହାତୀପଲ । ସ୍ଥାନୀୟ ଅଂଚଳରେ ୧୦ରୁ ଉଦ୍ଧ୍ୱର୍ କର୍ମଚାରୀ ରହି ଲୋକଙ୍କୁ ସଚେତନ କରାଉଛନ୍ତି । ହାତୀ ଘଉଡାଇନେବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

ପ୍ରକାଶ ଥାଉକି, ନାରଗୋଦା ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ହଜ, ସିକୋ, ଶଗଡଭଙ୍ଗା, ହିରାପୁର, କୁଶପଲ୍ଲା, ବୋତଲମା, ଗଡମାଣତୀର, ରାଉତପଡା, ଗୋବିନ୍ଦପୁର ଓ ଦେଉଳି ପ୍ରଭୃତି ଅଞ୍ଚଳ ସମେତ ବୋତଲମା ପଞ୍ଚାୟତର ସୀମାକୁ ଲାଗିଥିବା ବାରବାଟୀ, ମୁଗମଣ୍ଡା, ନାରାୟଣୀପଡାରେ ଉପଦ୍ରବ ଜାରୀ ରଖିଛନ୍ତି ।

## ପୀତବାସ ରାଉତ କ୍ରିକେଟ: କିଆପଲା ଚାମ୍ପିଅନ

କଳାପଥର, ୪।୧(ସମିସ): ବାଙ୍କୀ ଉପଖଣ୍ଡ କିଆପଲା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ପଞ୍ଚାୟତସ୍ତରୀୟ ଅବସରପ୍ରାପ୍ତ ସେନା ଅଧିକାରୀ ପୀତବାସ ରାଉତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ନୂଆଗାଁ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା । ଫାଇନାଲ ମ୍ୟାଚ କିଆପଲା କ୍ରିକେଟ୍ କ୍ଲବ୍ ବନାମ ଢ଼ଅଁସର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ପ୍ରଥମେ ଟସ ଜିତି କିଆପଲା ଦଳ ନିର୍ଦ୍ଧାରିତ ଓଭରରେ ୨୪୪ ରନ ସଂଗ୍ରହ କରିଥିଲା । ଜବାବରେ ଢ଼ଅଁସର କ୍ରିକେଟ ଦଳ ସମସ୍ତ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ପ୍ରମୋଦ ମହାପାତ୍ର ଓ ସ୍ୱାଧୀନ ନାୟକ ଖେଳ ପରିଚାଳନା କରିଥିଲେ । ସମାଜସେବୀ ଅବିନାଶ ପଟ୍ଟନାୟକ ମୁଖ୍ୟ ଅତିଥି, ସ୍ୱରୋଜ ମତଗଜସିଂହ



ମୁଖ୍ୟବକ୍ତା, ଦେବାଶିଷ ମାନସିଂହ, ପ୍ରମୋଦ ପଣ୍ଡା ଓ ରବିନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରି ଥିଲେ । ଯୁବକବି ଭାସ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତାପ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## କାଇପଦର ଚାମ୍ପିଅନ

ନିରାକାରପୁର, ୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ସବର ସାଇ କ୍ରିକେଟ୍ ପଡ଼ିଆରେ ଠାରେ ଏ ୱାନ ୟଙ୍ଗ ଷ୍ଟାର କ୍ରିକେଟ ଆସୋସିଏସନ୍ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି କାଇପଦର ଓ ଜରିପୁଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଥିଲା । ଜରିଫୁଟ ୮ ଓଭରରେ ସମସ୍ତ ୱିକେଟ ହରାଇ ୩୮ ରନ କରିଥିଲା । କାଇପଦର ୫ ଓଭରରେ ୩ ୱିକେଟ ହରାଇ ବିଜୟ ହାସଲ କରିଛି । ଏହି ମ୍ୟାଚକୁ ସୁକାନ୍ତ ନାୟକ ଏବଂ ଜ୍ୟୋତିରଞ୍ଜନ ନାୟକ ପରିଚାଳନା କରିଥିଲେ । ଏଥିରେ ମ୍ୟାନ ଏଫ୍ ଦି ମ୍ୟାଚ ଏବଂ ମ୍ୟାନ ଏଫ୍ ଦି ସିରିଜ୍ କାଇପଦର ଟିମର ଶରତ ନାୟକ ହୋଇଥିଲେ । ଅତିଥି ଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ମାନସ ଦାସ, ଭବନୀ ଶଙ୍କର ବରିସଲ, ନାଏବ ସରପଞ୍ଚ ମୋହନ ମହାପାତ୍ର, ରମେଶ ନାୟକ ପ୍ରମୁଖ ଯୋଗ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ ।

## ବେଦପାଠଶାଳା ପରିଦର୍ଶନ କଲେ ବିଧାୟକ

ନିରାକାରପୁର, ୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଦିବ୍ୟସିଂହପୁର ଶ୍ରୀ ଦେବ୍ୟୈ ଶୁକ୍ଲ ଯଜୁର୍ବେଦ କାଣ୍ୱ ବେଦପାଠଶାଳାକୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପରିଭ୍ରମଣ କରି ବେଦ ବିଦ୍ୟାର୍ଥୀମାନଙ୍କ ଭଲ ମନ୍ଦ ସୁଖ ଦୁଃଖ ବୁଝିବା ସହିତ ଆଶୀର୍ବାଦ ପ୍ରଦାନ କରିଥିଲେ । ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀ କାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ଉମାମହେଶ୍ୱର ବଣିକ ସଂଘର ସ୍ୱାସ୍ଥ୍ୟସେବା ଶିବିର

ବାଲୁଗାଁ, ୪।୧(ସମିସ) : ବାଲୁଗାଁର ପ୍ରତିଷ୍ଠିତ ବ୍ୟବସାୟିକ ସଂଗଠନ ଶ୍ରୀ ଶ୍ରୀ ଉମାମହେଶ୍ୱର ବଣିକ ସଂଘ ପକ୍ଷରୁ ଭୁବନେଶ୍ୱର ସ୍ଥିତ ସନସାଇନ ହସ୍ପିଟାଲ ସହଯୋଗରେ ସଂଘ ସଭାଗୃହ ପରିସରରେ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସଂଘର ସଭାପତି ରବିନାରାୟଣ ନାୟକ ଉଦଘାଟନ କରିଥିବା ବେଳେ ଉକ୍ତ ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଉମେଶଚନ୍ଦ୍ର ସାହୁ, ହୃଦରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀତମ ଆଚାର୍ଯ୍ୟ ଏବଂ କିଡନି ରୋଗ ବିଶେଷଜ୍ଞ ଡାକ୍ତର ଆଦିତ୍ୟ ପ୍ରସାଦ ପାଢୀଙ୍କ ସମେତ ହସ୍ପିଟାଲର ସେବିକା ମାନେ ସାମିଲ ହୋଇ ଆଖପାଖ ଅଞ୍ଚଳର ୧୩୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସଂଘ ସଭାପତିଙ୍କ ସହ ଉପ ସଭାପତି ଧୀରେନ୍ଦ୍ରନାଥ ପାତ୍ର ଓ ସେଖ୍ ଗନିଫ୍, ସଂପାଦକ ସରୋଜ ପାତ୍ର ଓ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିବା ବେଳେ ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ଶିବପ୍ରସାଦ ପ୍ରଧାନ ଓ ବୁଦ୍ଧନାଥ ଦଳାଇ ସହଯୋଗ କରିଥିଲେ ।

## ନେହରୁ ସେବା ସଂଘରେ ଲୁଇସ୍ ବ୍ରେଲ୍ ଜୟନ୍ତୀ



ବାଣପୁର, ୪।୧(ସମିସ) : ଦୃଷ୍ଟି ବାଧିତ ବିଦ୍ୟାର୍ଥୀମାନେ ପାଠ ପଢିବା ପାଇଁ ବ୍ୟବହୃତ ହେଉଥିବା ବ୍ରେଲ ଲିପିର ଉଦ୍‌ଭାବକ ମହାତ୍ମା ଲୁଇସ ବ୍ରେଲଙ୍କ ୨୧୭ତମ ଜୟନ୍ତୀ ନେହରୁ ସେବା ସଂଘ ବାଣପୁର ପକ୍ଷରୁ ସଂଘର କନକ ଭବନରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦିକା ସରୋଜିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ବାଣପୁର ବ୍ଲକ ଶିକ୍ଷାଅଧିକାରୀ ସନାତନ ଜାଲି, ଶିକ୍ଷାବିତ ଚିନ୍ତାମଣି ମିଶ୍ର, ଗଜେନ୍ଦ୍ର ପ୍ରସାଦ ଜେନା, କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ଯୋଗଦେଇ ଲୁଇସ ବ୍ରେଲ ଉଦ୍‌ଭାବନ କରିଥିବା ଲିପି ଦୁଇ ଶତାବ୍ଦି ଧରି ସମଗ୍ର ବିଶ୍ୱରେ ଦୃଷ୍ଟିହୀନ ଭିନ୍ନକ୍ଷମଙ୍କ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ବିରେନ୍ଦ୍ର କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ପ୍ରଦୀପ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶେଷରେ ଯୁଗଳ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ଦୃଷ୍ଟିହୀନ ବିଦ୍ୟାଳୟର ବିଦ୍ୟାର୍ଥୀ ଏବଂ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଦିକ୍ଷିତିପଡ଼ା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଟାଙ୍ଗୀ, ୪।୧(ସମିସ): ଦିକ୍ଷିତିପଡା ଠାରେ ୧୨ ତମ ଦିକ୍ଷିତିପଡା ପ୍ରିମିୟର ଲିଗ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ୍‌ରେ ଆରିସ ୱାରିଅର ସହ ସାଇଶକ୍ତି ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସାଇଶକ୍ତି ବ୍ୟାଟିଂ କରି ୧୨ ଓଭରରେ ୫ଟି ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା । ଜବାବରେ ଆରିସ ୭ ଉଇକେଟରେ ୧୪୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସମାଜସେବୀ ତାୟବ ଖାନ, ଅବସରପ୍ରାପ୍ତ ଡେପୁଟି ସୁବେଦାର ଶେଖ ସୌକତ ଅଲ୍ଲି, ଦିକ୍ଷିତିପଡା ଗ୍ରାମ୍ୟ କମିଟି ସଭାପତି ଶେଖ ବରକତୁଲ୍ଲା, ଅବସରପ୍ରାପ୍ତ ଯବାନ ଶେଖ ମୋନିରୁଦିନ ପ୍ରମୁଖ ଅତିଥୀ ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳ ପରିଚାଳନା କରିଥିଲେ ସେଖ ସାହିଦ, ସେଖ ସାହେବାଜ, ତୃତୀୟ ଅମ୍ପେୟାର ସେଖ ଜସିମୁଦିନ । ଖେଳ ଟି ଆୟୋଜନ କରିଥିଲେ ସେକ ସାହିଦ, ସେକ ଜସିମୁଦିନ, ସେକ ସାହେବାଜ, ସେକ ସାହାଜାନ, ସେକ ରୌଫ ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବାଲୁଗାଁ, ୪।୧(ସମିସ) : ରବିବାର ଦିବସ ବ୍ୟାପି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ତଥା ଶୁଭାବିର୍ଭାବ ଓ ସତ୍‌ସଙ୍ଗ ଶ୍ରୀମନ୍ଦିରର ନବମ ବାର୍ଷିକ ଉଦ୍‌ବୋଧନ ସ୍ମୃତି ମହୋତ୍ସବ ବାଲୁଗାଁ ସତ୍‌ସଙ୍ଗ ବିହାର ପରିସରରେ ପାଳିତ ହୋଇଯାଇଛି । ସତ୍‌ସଙ୍ଗ ବିହାରର ସହପ୍ରତି ଋତିକ୍ କୃଷ୍ଣ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସତ୍‌ସଙ୍ଗ କେନ୍ଦ୍ରର ସଭାପତି ତରଣୀ ବଳବନ୍ତରାୟ ଉପସ୍ଥିତ ଥିଲେ । ସକାଳ ୯ଟାରେ ସରଳାପଦର ଛକ ସ୍ଥିତ ମା'ଉତରାୟଣୀ ମନ୍ଦିର ନିକଟରୁ ଠାକୁରଙ୍କୁ ସୁସଜ୍ଜିତ ରଥରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାଲୁଗାଁ ନଗର ପରିକ୍ରମା କରାଯାଇଥିଲା । ସତ୍‌ସଙ୍ଗ ଅନୁଷ୍ଠାନ ତରଫରୁ ସଂଗୀତାଞ୍ଜଳି କାର୍ଯ୍ୟକ୍ରମ ପରେ ସତସଙ୍ଘ ଆରମ୍ଭରେ ସତ୍ୟାନୁ ଶରଣ ପାଠ କରିବା ସହ ଭଜନ କରିଥିଲେ । ପ୍ରାରମ୍ଭିକ ସହପ୍ରତି ଋତିକ କସ୍ତୁରୀ ଚରଣ ପ୍ରଧାନ ସୂଚନ ଦେଇଥିଲେ । ଏହି ଅବସରରେ ଆୟୋଜିତ ସତ୍‌ସଙ୍ଗରେ ଋତିକ୍ କାଶୀନାଥ ସାହୁ ପ୍ରାରମ୍ଭିକ ଆଲୋଚନା କରିଥିବା ବେଳେ ଅତିଥି ଭାବେ ସହପ୍ରତି ଋତିକ କେଦାର ନାଥ ମହାନ୍ତି ବକ୍ତବ୍ୟ ରଖିଥିଲେ । ଉକ୍ତ ମହୋତ୍‌ଠବରେ ସହପ୍ରତି ଋତିକ କାଶୀନାଥ ସାହୁ, ପୁରୁଷୋତମ ପାଲଟାସିଂହ, ଭିକାରୀ ଚରଣ ପାତ୍ର, ଯାଜକ ବୈକୁଣ୍ଠ ନାଥ ମହାରଣା ଓ ଅଧ୍ୟୁକ୍ୟ ଶରତ ଜନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରିଥିଲେ ।

# ପାଲା ସଂସ୍କୃତିରେ ଲୋକଶିକ୍ଷା ଆଲୋଚନାଚକ୍ର

ଖୋର୍ଦ୍ଧା/ଜଟଣୀ, ୪।୧(ସମିସ):

ଜଟଣୀ ରାମଚନ୍ଦ୍ରପୁର ବଜାରଠାରେ ଆଜି ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଆବାହକତ୍ୱ ଓ ଡ. ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ଆମରି ସତ୍ୟ ବିକାଶ ପରିଷଦର ଏକ ଆଲୋଚନା ଚକ୍ର 'ପାଲା ସଂସ୍କୃତିରେ ଲୋକଶିକ୍ଷା' ଅନୁଷ୍ଠିତ ହୋଇଯାଇଛି । ଅତିଥି ପରିଚୟ ପଣ୍ଡିତ ରମାକାନ୍ତ ମିଶ୍ର, ସ୍ୱାଗତ ଭାଷଣ ଆମରି ସତ୍ୟ ବିକାଶ ପରିଷଦର ସମ୍ପାଦକ ଆଦି ନାରାୟଣ ଖଣ୍ଡୁଆଳ ଦେଇଥିଲେ । ଆମରି ସତ୍ୟ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ପାଲା ମାଧ୍ୟମରେ ଲୋକ ଗୀତ, ଛାନ୍ଦ ଚଉପଦୀ ଦ୍ୱାରା ଲୋକ କଳାର ପ୍ରଚାର ଓ ତଦ୍ୱାରା ନୈତିକ ବୌଦ୍ଧିକ ଶିକ୍ଷା ହୋଇପାରିବ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକା ଡ. ଆରତି କର ଓଡ଼ିଆ




ସାହିତ୍ୟ, ଓଡ଼ିଆ ଭାଷା ପାଲା ମାଧ୍ୟମରେ କିପରି ଲୋକାଭିମୁଖୀ ହୋଇପାରୁଛି ସେବିଷୟରେ କହିବା ସହିତ ବ୍ୟସ୍ତ ବହୁଳ ଜୀବନରେ ଜୀବନ ଧାରଣ କରିବାର ସୂତ୍ର ପାଲାରୁ ହିଁ ଶିକ୍ଷା କରାଯାଏ ବୋଲି ଆଲୋଚନା କରିଥିଲେ ।

ମୁଖ୍ୟ ଅତିଥି ଡ. ଶଶାଙ୍କ ଶେଖର ରଥ ସତ୍ୟପୀର ପୂଜା ବା ସତ୍ୟ ନାରାୟଣ ପୂଜା ରୁ ପାଲାର ଆରମ୍ଭ । ପାଲା ଏକ ସାଂସ୍କୃତିକ ଅନୁଷ୍ଠାନ ଓ ସୁଫି ଧର୍ମ ସହିତ ଭକ୍ତି ଧର୍ମର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଓଡ଼ିଶାର ପ୍ରାକ୍ତନ ପାଲା ଗାୟକମାନଙ୍କର ଗୁଣ ଗାନ କରିବା ସହ ରୀତି ଯୁଗୀୟ ଓ ମଧ୍ୟ ଯୁଗୀୟ କାବ୍ୟ କବିତା ପାଲାକାରମାନଙ୍କ ଦ୍ୱାରା କିପରି ଲୋକଲୋଚନକୁ ଆସିପାରୁଛି ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ପଣ୍ଡିତ କାଶୀନାଥ ଦାସ ପାଲା ମାଧ୍ୟମରେ ପୁରାଣ, ଭାଗବତ, ରାମାୟଣ, ମହାଭାରତ ଆଦି ବିଭିନ୍ନ ଶାସ୍ତ୍ର ଗୁଡ଼ିକର ଆଲୋଚନା ହୋଇପାରୁଛି, ତଦ୍ୱାରା ଲୋକ ଶିକ୍ଷା ହୋଇପାରୁଛି ବୋଲି କହିଥିଲେ । ସୁରେଶ ଚନ୍ଦ୍ର ମିଶ୍ର ଏପରି ଆଲୋଚନ ଚକ୍ର ଜନସାଧାରଙ୍କ ଉପରେ ଅନେକ ପ୍ରଭାବ ପକାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ।

ଏହି ଅବସରରେ ବିପ୍ଳବ ସମ୍ବିତ କୁମାର, କାଦମ୍ବରି ସ୍ୱାଇଁ, ଅମ୍ରିତା ସାମଲ, ଶରତ ଚନ୍ଦ୍ର ଦାଶ ଓ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ପାଲା ଗାୟକ/ଗାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ କବିତା ପାଠ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜବାହର ଲାଲ ସୁବୁଦ୍ଧି ସଭାପତି, ପଦ୍ମନାଭ ପାଣିଗ୍ରାହୀ ଓ ଡ. ସୁକାନ୍ତି ମହାପାତ୍ର ସଂଯୋଜକ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ । ସୁରେଶ କୁମାର ସ୍ୱାଇଁ ମଞ୍ଚ ପରିଚଳନା ଓ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଦିବ୍ୟଲୋଚନ ଭାରିମଲ୍ଲ, ଜଗନ୍ନାଥ ନାୟକ, ରୋହିତ ଚମ୍ପତି, ଦ୍ୱିତିକୃଷ୍ଣ ମହାନ୍ତି, ସୁରେଶ ଚନ୍ଦ୍ର ରଥ, ନର୍ମଦା ଦୋରା, ପ୍ରଭାସ ଚନ୍ଦ୍ର ମଙ୍ଗରାଜ ପ୍ରଭୃତି କବିତା ପାଠ କରିଥିଲେ ।

## ଲବଣଗିରିରେ ହିନ୍ଦୁ ସମ୍ମିଳନୀ



ଜଟଣୀ, ୪।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଜଟଣୀ ବ୍ଲକ ଲବଣଗିରି ଜଗନ୍ନାଥ କ୍ଷେତ୍ରରେ ଆଜି ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ଗୌତମ ବୁଦ୍ଧ ପ୍ରଭାତ ଶାଖା ତଥା ଜାମୁକୋଳି ବସତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଜୁନା ଆଖଡ଼ା ମହାମଣ୍ଡଳେଶ୍ୱର ବିଷ୍ଣୁ ଗିରି ମହାରାଜ ମୁଖ୍ୟଅତିଥି, ବିଶିଷ୍ଟ ଶିଳ୍ପପତି ତିରୁପତି ପାଣିଗ୍ରାହୀ ଏବଂ ରାଜ୍ୟପାଳଙ୍କ ପୂର୍ବତନ ସଚିବ (ଅବସରପ୍ରାପ୍ତ) ସୁକାନ୍ତ ପ୍ରଧାନ ସମ୍ମାନିତ ଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ସଦସ୍ୟ ଅମରେନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ ସେନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଲବଣଗିରି ପାହାଡ଼ ଉପରେ ତଥା ଜଗନ୍ନାଥ ମନ୍ଦିର ପାଦ ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।



‘ଆମ ବସ୍’ ଦୁର୍ଘଟଣା ନେଇ ପ୍ରତିବାଦ

# ଅନ୍‌ଲାଇନ୍ ଅଟୋ ଚାଳକଙ୍କ ବିକ୍ଷୋଭ

## ବସ୍‌କୁ ଯମ ସଜାଇ ଶାନ୍ତି ପୂଜା



ଭୁବନେଶ୍ୱର,୪।୧(ସମିସ): ‘ଆମ ବସ୍’ ଧକ୍କାରେ ମୃତ୍ୟୁ ହୋଇଥିବା ଅଟୋ ଚାଳକଙ୍କୁ ନ୍ୟାୟ ମିଳିବା ସହ ‘ଆମ ବସ୍’ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଦାବି କରିଛନ୍ତି ଅନ୍‌ଲାଇନ୍ ଅଟୋଚାଳକ। ରବିବାର ଗାଡ଼କଣ ‘ଆମ ବସ୍’ ଡିପୋ ନିକଟରେ ଶତାଧିକ ଅଟୋ ଚାଳକ ମିଳିତ ହୋଇ ପ୍ରତିବାଦ ସହ ବିକ୍ଷୋଭ କରିଥିଲେ। ଆମ ବସ୍ ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ବିକ୍ଷୋଭବେଳେ ସଂଘ ପକ୍ଷରୁ କୁହାଯାଇଛି ଯେ ରାଜଧାନୀରୁ ସମ୍ପୂର୍ଣ୍ଣ ଭାବେ ‘ଆମ ବସ’ ସେବାକୁ ଉଠାଇ ଦିଆଯାଉ। ଏଥିସହିତ ମୃତ୍ୟୁ ହୋଇଥିବା ଅଟୋ ଚାଳକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ସହିତ ମୃତ ଅଟୋ ଚାଳକଙ୍କ ପରିବାରର ଜଣଙ୍କୁ ଏକ ଚାକିରି ପ୍ରଦାନ କରିବା ପାଇଁ ଦାବି କରିଥିଲେ। ତତ୍‌ସହିତ ଅନ୍ୟ ଅଟୋ ଚାଳକଙ୍କୁ ସୁରକ୍ଷା ଦିଆଯିବା ସହ ଅଟୋ ଚାଳକ କଲ୍ୟାଣ ବୋର୍ଡକୁ କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଏପରିକି ଅଟୋ ଚାଳକମାନେ ‘ଆମ ବସ୍’କୁ ଯମ ଭାବେ ସଜାଇ ଶାନ୍ତି ପୂଜା କରିଥିଲେ। ପ୍ରତିଦାବ ସମୟରେ ୩ ଘଣ୍ଟାରୁ ଅଧିକ ସମୟ ଡିପୋରୁ ବସ୍ ମଧ୍ୟ ବାହାରି ପାରି ନ ଥିଲା। ୨୦୧୫ରୁ ଏଯାଏଁ ମୃତ୍ୟୁ ହୋଇଥିବା ସମସ୍ତଙ୍କୁ କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା।

## ପର୍ଯ୍ୟଟକଙ୍କ ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୁରୁତର





ବାଲିପାଟଣା,୪।୧(ସମିସ): ଭୁବନେଶ୍ୱର ଉପକଣ୍ଠ ନିମାପଡ଼ା-ସରଦେଇପୁର ରାସ୍ତାର ଗାରେଡ଼ିପାଞ୍ଚଣ ଛକ ନିକଟରେ ଆଜି ଏକ ପର୍ଯ୍ୟଟକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ଗାରେଡ଼ିପାଞ୍ଚଣର ଲିଟୁ ଓରଫ୍ ସୁଜିତ କୁମାର ମାର୍ଥା। ସେଠାରେ ଥିବା ଲୋକେ ଯୁବକଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାରେ ପର୍ଯ୍ୟଟକଙ୍କ ଗାଡ଼ି ଭାଙ୍ଗି ଯାଇଥିବାବେଳେ ଆଗ ଚକା ଫାଟି ଯାଇଥିଲା। ତେବେ ଗାଡ଼ିରେ ବସିଥିବା ୮ ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି। ସୂଚନା ଅନୁସାରେ, ପଶ୍ଚିମବଙ୍ଗରୁ ଗୋଟିଏ ପରିବାରର ଜଣେ ମହିଳାଙ୍କ ସମେତ ୭ ପର୍ଯ୍ୟଟକ ପୁରୀ ବୁଲିବାକୁ କିଛି ଦିନ ହେଲା ଆସିଛନ୍ତି। ଆଜି ସକାଳୁ ପୁରୀରୁ ଏକ ଗାଡ଼ି ଭଡ଼ାକରି କୋଣାର୍କ ବୁଲିବାକୁ ବାହାରିଥିଲେ। ସେଠାରୁ ନନ୍ଦନକାନନ ବୁଲିବାକୁ ନିମାପଡ଼ା ରାସ୍ତାରେ ଉତ୍ତରା ଦେଇ ଭୁବନେଶ୍ୱର ଯିବାର ଥିଲା। ତେବେ ବାଲିପାଟଣା ଥାନା ଗାରେଡ଼ିପାଞ୍ଚଣ ଗାଁ ରାସ୍ତାରୁ ବାହାରି ମୁଖ୍ୟ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ପର୍ଯ୍ୟଟକଙ୍କ ଏହି ଗାଡ଼ି(ଓଡି ୩୦ ଏ ୪୦୫୦) ସହ ବାଇକ୍ ଚାଳକଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଯୁବକ ଜଣଙ୍କ ପାଞ୍ଚ ଫୁଟ ଉପରକୁ ଉଠି ରାସ୍ତାରେ ଛିଟିକି ପଡ଼ିଥିଲେ। ଅପରପକ୍ଷରେ ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ କାର୍ ଚାଳକ ଜୋର୍‌ରେ ବ୍ରେକ୍ ମାରିବାରୁ କାର୍‌ଟି ପ୍ରାୟ ଶହେ ଫୁଟ ପର୍ଯ୍ୟନ୍ତ ଘୁଷୁଡ଼ି ଯାଇଥିଲା। ଫଳରେ କାର୍‌ର ଆଗ ଚକା ଫାଟିଯାଇଥିଲା। ସୌଭାଗ୍ୟକୁ ଗାଡ଼ିଟି ଓଲଟିବା ଆଗରୁ ଅଳ୍ପକେ ଅଟକି ଯାଇଥିଲା। ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ସ୍ଥାନୀୟ ଯୁବକ ସହଯୋଗ କରିଥିଲେ। ଗୁରୁତର ବାଇକ୍ ଚାଳକଙ୍କୁ ନିକଟସ୍ଥ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

## ଜୀବନ ହାରିଲେ ଯୁବକ

ଭୁବନେଶ୍ୱର,୪।୧(ସମିସ): ସୁବାସନଗର ବସ୍ତିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତକ ହେଉଛନ୍ତି ସ୍ଥାନୀୟ ଅଲେଖ ମଠ ନିକଟରେ ରହୁଥିବା କାହ୍ନା ବିଶ୍ୱାଳ (୨୧)। ସୂଚନା ଅନୁସାରେ, କାହ୍ନା ତାଙ୍କ ପରିବାର ସହ ସୁବାସନଗର ବସ୍ତିରେ ରହୁଥିଲେ। ଗତକାଲି ରାତିରେ ସପରିବାର ଖାଇସାରିବା ପରେ ଶୋଇଥିଲେ। ବିଳମ୍ବିତ ରାତିରେ ପରିବାର ଲୋକେ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ କାହ୍ନା ଆଉ ଗୋଟିଏ ରୁମକୁ ଯାଇଥିଲେ। ବେକରେ ଲୁଗା ଲଗାଇ ଆଜବେଷ୍ଟସ୍ କାଠରେ ଝୁଲି ପଡ଼ିଥିଲେ। ସକାଳୁ ପରିବାର ଲୋକେ ଉଠିବା ବେଳକୁ କାହ୍ନାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି ଏମ୍ସ ଡାକ୍ତରଖାନାକୁ ପଠାଇବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ନାବାଳିକାକୁ ଅସଦାଚରଣ; ଶ୍ରମିକ ଗିରଫ

ଭୁବନେଶ୍ୱର,୪।୧ (ସମିସ): ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ଶ୍ରମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲା ରଘୁନାଥଗଞ୍ଜ ଥାନା ଅଞ୍ଚଳର ସୋହାବୁଲ୍ ଶେଖ୍ (୨୩)। ପୁଲିସ ସୂଚନାନୁସାରେ, ସୋହାବୁଲ୍ ଭରତପୁର ଥାନା ଅଞ୍ଚଳରେ ଚାଲିଥିବା ଏକ ନିର୍ମାଣାଧୀନ କୋଠାରେ ଶ୍ରମିକ ଭାବେ କାମ କରୁଥିଲା। ସେହି କୋଠା ନିକଟରେ ପରିବାର ସହ ରହୁଥିବା ନାବାଳିକା ଗତକାଲି ରାତି ପ୍ରାୟ ସାଢ଼େ ୯ଟା ସମୟରେ ଘର ବାରଣ୍ଡାରେ ବସିଥିଲେ। ସେହି ସମୟରେ ସୋହାବୁଲ୍ ସେଠାକୁ ଯାଇ ନାବାଳିକାକୁ ଅସଦାଚରଣ କରିବା ସହ ଫେଭର୍ ମାଗିଥିଲା। ନାବାଳିକା ଘର ଭିତରକୁ ଯାଇ ମାଆଙ୍କୁ ଡାକିବାରୁ ସୋହାବୁଲ୍ ସେଠାରୁ ପଳାଇଥିଲା। ଏ ନେଇ ନାବାଳିକାର ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ପୁଲିସ ସୋହାବୁଲକୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ପଜେସନ ଦେଉନି ବିଲଡର

## ଥାନାରେ ଅଭିଯୋଗ କଲେ ୧୫୦ରୁ ଊର୍ଦ୍ଧ୍ୱ ପରିବାର



କଟକ,୪।୧(ସମିସ): ଦୀର୍ଘ ୧୭ ବର୍ଷ ଧରି ପିପି କନଷ୍ଟ୍ରକସନଠାରୁ ବିଦ୍ୟାଧରପୁର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିକଟରେ ଜମି କିଣିବା ସତ୍ତ୍ୱେ ପୋଜେସନ କିମ୍ବା ସରକାରୀ ରାସ୍ତା ସହ ଉକ୍ତ ପ୍ରୋଜେକ୍ଟର ସଂଯୋଗୀକରଣ ହୋଇ ନଥିବା ଅଭିଯୋଗରେ ସୋସାଇଟି ଚେଞ୍ଜର୍ସ ରାଜ୍ୟ ସଭାପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଆଜି ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ସଂଖ୍ୟାଧିକ କ୍ରେତା। ତାରିଣୀ ଭିଲ୍ଲା ଜମିକ୍ରେତା ସଂଘର ସଂପାଦକ ଦେବଦତ୍ତ ନାୟକ, ଜୟଗୁରୁ ଦାସ, ସୁଧୀର ସ୍ୱାଇଁ, ଅଜୟ ରାଏ ଭୂୟାଁ, ନରେନ୍ଦ୍ର ସ୍ୱାଇଁ, ବିଷ୍ଣୁ ସାମଲ ଓ ୧୫୦ରୁ ଊର୍ଦ୍ଧ୍ୱ ପରିବାର ଯେଉଁମାନେ ରାସ୍ତା କିମ୍ବା ପୋଜେସନ ପାଇ ନାହାନ୍ତି ରେରା କୋର୍ଟ ୨୦୨୦ ଆଦେଶ ଦେବା ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ନିଜ ଅଧିକାରରୁ ବଞ୍ଚିତ ରଖିବା ଅଭିଯୋଗରେ ବାରଙ୍ଗ ଥାନାକୁ ଯାଇଁ ଆଇଆଇସିଙ୍କୁ ପିପି କନଷ୍ଟ୍ରକସନ ବିରୁଦ୍ଧରେ ଅଭିଯୋଗ କରିଥିଲେ। ସେଠାରେ ପିପି କନଷ୍ଟ୍ରକସନର ବିଲଡର ପ୍ରକାଶ ନାୟକକୁ ପୁଲିସ ଡାକି ଗୋଟିଏ ରାଜିନାମା ଲେଖାଇଥିଲେ। ଯେଉଁଥିରେ ୧ ସପ୍ତାହ ମଧ୍ୟରେ ରାସ୍ତା ସଂଯୋଗୀକରଣ ସବୁ ପ୍ଲଟକୁ କରିବା ସହ ଲୋକଙ୍କୁ ଏକ ମାସ ମଧ୍ୟରେ ପୋଜେସନ ଦେବ ବୋଲି ବିଲଡ଼ର ପ୍ରକାଶ ନାୟକ ରାଜିନାମା ଦେଇଥିଲେ। ଏହି ଘଟଣାରେ ତୁରନ୍ତ ସମାଧାନ ନ ହେଲେ ଲୋକମାନେ ଆଗାମୀ ଦିନରେ ଜିଲ୍ଲାପାଳ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଜଗତ କଲ୍ୟାଣ ଭାଗବତ ସତ୍ ସଂଘର ବାର୍ଷିକ ଉତ୍ସବ



କଟକ,୪।୧(ସମିସ): କଟକ ସହରର ମହିଦାସ ବଜାର ଅଞ୍ଚଳରେ ଜଗତ କଲ୍ୟାଣ ଭାଗବତ ସତ୍ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଅତି ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଶ୍ରୀମଦ୍ ଭାଗବତ ପାରାୟଣ ଏବଂ ପବିତ୍ର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୂତି ପରେ ଅଞ୍ଚଳରେ ଏକ ଶାନ୍ତିପୂର୍ଣ୍ଣ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଶ୍ରୀ ଶ୍ରୀ ବାଲକେଶ୍ୱର ରାଧା ଗୋବିନ୍ଦ ମନ୍ଦିର ପରିସରରେ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ସଂଘର ସଦସ୍ୟ ଓ ଶ୍ରଦ୍ଧାଳୁମାନେ ସମବେତ ହୋଇ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହିଦାସ ବଜାରର ସମସ୍ତ ମୁରବୀ, ଯୁବକ, ସ୍ଥାନୀୟ କ୍ଲବଗୁଡ଼ିକର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମହିଦାସ ବଜାର ପୂଜା କମିଟିର ସଭାପତି ଓ ସମ୍ପାଦକ ମଧ୍ୟ ଉପସ୍ଥିତ ରହି ଭକ୍ତଙ୍କୁ ଉତ୍ସାହିତ କରିଥିଲେ। ସତ୍ ସଂଘର ଏହି ପ୍ରୟାସ ଅଞ୍ଚଳରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାରେ ସହାୟକ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା

## ମନ୍ଥର ଗତିରେ ତଦନ୍ତ; ବଦଳିଲେ ଅଧିକାରୀ



କଟକ,୪।୧(ସମିସ): କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅସ୍ୱାଭାବିକ ମୃତ୍ୟୁ ବିବାଦକୁ ନେଇ ମର୍କତନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏବେ ଏହା ଧିମେଇଯାଇଛି। ଏହା ଭିତରେ ତଦନ୍ତକାରୀ ଅଫିସର ତଥା ଆଇଆଇସି ସତ୍ୟବ୍ରତ ଭୂତିଆଙ୍କ ଲାଲବାଗ ଥାନାକୁ ବଦଳି ହୋଇଯାଇଛି। ଯାହାଫଳରେ ତଦନ୍ତର ଗତି ଆହୁରି ମନ୍ଥର ହେବାର ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ଏମ୍ସ ପକ୍ଷରୁ ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ମେଡିକାଲ ରିପୋର୍ଟ ଏଯାବତ୍ ପୁଲିସର ହସ୍ତଗତ ହୋଇନାହିଁ। କେବେ ଏମ୍ସ କର୍ତ୍ତୃପକ୍ଷ ମର୍କତନଗର ଥାନାକୁ ରିପୋର୍ଟ ପ୍ରଦାନ କରିବେ, ତାହା ସ୍ପଷ୍ଟ ହୋଇନାହିଁ।

ଗତ ଡିସେମ୍ବର ୨୧ ତାରିଖରେ ତାଙ୍କ ମା’ ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ପୁଲିସ ୯ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ୨ଦିନ ମଧ୍ୟରେ ସମସ୍ତଙ୍କୁ ନୋଟିସ୍ ଦିଆଯାଇ ଜେରା କରାଯିବ ବୋଲି କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ପୁଲିସ ନୋଟିସ୍ ଦେଇନାହିଁ। ଏତଲାର ୧୫ଦିନ ବିତିଯାଇଥିଲେ ମଧ୍ୟ କାହାରିକୁ ଜେରା କରାଯାଇ ପାରିନାହିଁ। ତଦନ୍ତରେ ବିଳମ୍ବ ହେବାରୁ ଏହା ବାଟବଣା ହେବା ସହ ଅଭିଯୁକ୍ତମାନେ ଖସିଯିବାର ସମ୍ଭାବନା ରହିଛି। ଏହି ମାମଲାର ତଦନ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କେନ୍ଦ୍ରିତ ହୋଇଥିଲା। ପ୍ରଥମ ଦିଗଟି ଥିଲା ମାନସିକ ନିର୍ଯାତନା। ଏଥିପାଇଁ ପୁଲିସ ମୁଖ୍ୟତଃ ହ୍ୟୁମାନଙ୍କ ମୋବାଇଲ୍ ସିଡିଆର୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଯାଞ୍ଚ କରିବା ସହ ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସବୁ ଅଭିଯୋଗ ହୋଇଥିଲା ସେମାନଙ୍କ ବୟାନ ରେକର୍ଡ କରିବାର ଥିଲା। ଦ୍ୱିତୀୟ ଦିଗଟି ଟଙ୍କା ପଇସା ହଡ଼ପ ବା ଆର୍ଥିକ ହେରଫେର। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ପୁଲିସ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବା ସହିତ ସନ୍ଦେହଜନକ ବ୍ୟକ୍ତିଙ୍କ ନାମରେ ହୋଇଥିବା ନୂଆ ଦିଗ ଖୋଜିବାର ଯୋଜନା ରହିଥିଲା। ତୃତୀୟ ଦିଗଟି ଥିଲା, ବିଷକ୍ରିୟା ସନ୍ଦେହ, ଯାହାର ତଦନ୍ତ କରିବା ପୁଲିସ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଏମ୍ସରେ ହ୍ୟୁମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇନଥିଲା ଏବଂ ମରଶରୀରକୁ କବର ଦିଆସରିଛି। ଏହା ତଦନ୍ତରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷରେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତାଙ୍କ ସମେତ ଡାକ୍ତର ସୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଆବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା’ ଶେଫାଳୀ ନିବେଦନ କରିଥିଲେ। ଏଭଳି ସଂଗୀନ ଅଭିଯୋଗ ହ୍ୟୁମାନଙ୍କ ମା’ଆଣିଥିଲେ ମଧ୍ୟ ପୁଲିସ ଏହାକୁ ହାଲୁକା ଭାବେ ଗ୍ରହଣ କରି ତଦନ୍ତ ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରୁନଥିବା ଅଭିଯୋଗ ଉଠିଛି। ତେବେ ଏଭଳି ଅଭିଯୋଗକୁ ପୁଲିସ ଅଧିକାରୀ ଖଣ୍ଡନ କରିଛନ୍ତି।

**ଏପର୍ଯ୍ୟନ୍ତ ଏମ୍ସରୁ ହସ୍ତଗତ ହେଲାନି ମେଡିକାଲ ରିପୋର୍ଟ**

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ ମେଗା ସ୍ପୋର୍ଟସ କାର୍ନିଭାଲ୍

କଟକ,୪।୧(ସମିସ): କଟକ ସହରର କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରସ୍ତୁତ କରିବା ଲକ୍ଷ୍ୟରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ "ମେଗା ସ୍ପୋର୍ଟସ କାର୍ନିଭାଲ' ଆଜି ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେଉଥିବା "ମୋକିମ ଫାଉଣ୍ଡେସନ ପ୍ରିମିୟର ଲିଗ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମଧ୍ୟ ସେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ଯେ କଟକ ସହରର ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳର କ୍ଲବ ମାନଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଥିରେ ସହରର ପ୍ରାୟ ୬୪ଟି ଦଳ ଭାଗ ନେଉଥିବା ବେଳେ ଏହା ସ୍ଥାନୀୟ ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ ଉତ୍ସାହ ସୃଷ୍ଟି କରିଛି। କେବଳ କ୍ରିକେଟ ନୁହେଁ, ବରଂ ଏହି କାର୍ନିଭାଲରେ ଟାଇକୋଣ୍ଡୋ, ଯୋଗ ଏବଂ ବକ୍ସିଂ ଭଳି ବିଭିନ୍ନ ଇଣ୍ଡୋର କ୍ରୀଡ଼ାକୁ ମଧ୍ୟ ସାମିଲ କରାଯାଇଛି। ଆସନ୍ତା ଜାନୁୟାରୀ ୧୪ ତାରିଖରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଏହି ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ। ଆଜିର ଏହି ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କର୍ପୋରେଟର ଲିଜା ରାଣୀ ରାଉତ, ଶେଖବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା ଏବଂ ସୁଦିପ୍ତା ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅଷ୍ଟମ ବେତନ କମିସନରେ ଡାକ ପେନସନଭୋଗୀଙ୍କୁ ସାମିଲ ଦାବି



କଟକ,୪।୧(ସମିସ): ଡାକ ବିଭାଗର ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ କିପରି ଅଷ୍ଟମ ବେତନ କମିସନରେ ଅନ୍ତର୍ଭୁକ୍ତ ହୋଇ ସେମାନଙ୍କ ସଂଶୋଧିତ ଓ ବର୍ଦ୍ଧିତ ପେନସନର ସୁବିଧା ପାଇପାରିବେ ସେଥିପାଇଁ କେନ୍ଦ୍ର ସରକାରଙ୍କ ଠାରେ ଡାକ ପେନସନ ଭୋଗୀମାନେ ଦାବି କରିଛନ୍ତି। ନବବର୍ଷ ୨୦୨୬ ପରିପ୍ରେକ୍ଷୀରେ କଟକ ନଗର ମଣ୍ଡଳ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକ ଜିପିଓ ରିକ୍ରେସନ୍ କ୍ଲବରେ ଅନୁଷ୍ଠିତ ହୋଇଥିଲା। ବିଷ୍ଣୁପ୍ରସାଦ ଦାସଙ୍କ ଆବାହକତ୍ୱରେ ଏବଂ କୁଞ୍ଜବିହାରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନବବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଭିଜନର ପୂର୍ବତନ ପିଏମ୍‌ଜି ଲଳିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ କୁଞ୍ଜବିହାରୀ ରଥ, ଏ.କେ.ଗାଙ୍ଗୁଲି, ଗୋପୀନାଥ ମହାନ୍ତି, ପଦ୍ମନାଭ ରଣସିଂ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପ୍ରସାଦ ପଣ୍ଡା, ଗୋପବନ୍ଧୁ ନାୟକ, ଗନ୍ଧର୍ବ ଜେନା, ଅଭିନ୍ନ ଚନ୍ଦ୍ର ସିଂହ, ଅଜୟ ନାୟକ, ଧନେଶ୍ୱର ଜେନା ପରିଚାଳନା କରିଥିଲେ। ବିମଳ ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ନିଶାରେ ୯୪ ବର୍ଷୀୟ କେଶବ

ଡାଏରୀରେ ସାଇତିଛନ୍ତି ୫୪ ବର୍ଷର କ୍ରିକେଟ ଇତିହାସ



କଟକ,୪।୧(ସମିସ): କୁହାଯାଏ ସଉକର କୌଣସି ବୟସ ନଥାଏ। ଯଦି ମନରେ ଆଗ୍ରହ ଏବଂ କିଛି ହାସଲ କରିବାର ଜିଦ୍ ଥାଏ, ତେବେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି କଟକର ୯୪ ବର୍ଷୀୟ ବୃଦ୍ଧ କେଶବଚନ୍ଦ୍ର ଦାଶ। ଯେଉଁ ବୟସରେ ମଣିଷ ସ୍ମୃତିଶକ୍ତି ହରାଇ ବସେ, ସେହି ବୟସରେ କେଶବ ବାବୁଙ୍କ ମସ୍ତିଷ୍କ କ୍ରିକେଟ୍ ସ୍କୋରବୋର୍ଡ ଭଳି ଦ୍ରୁତ ଗତିରେ ଚାଲିଛି। ୧୯୭୦ ମସିହାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ, ଭାରତ ଖେଳିଥିବା ପ୍ରତିଟି ମ୍ୟାଚର ଟିକିନିଖି ତଥ୍ୟ ତାଙ୍କ ଡାଏରୀର ପୃଷ୍ଠାରେ ଜୀବନ୍ତ ହୋଇ ରହିଛି।

କେଶବଙ୍କ ଏହି ଅଭ୍ୟାସ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଟିଭି କିମ୍ବା ସ୍ମାର୍ଟଫୋନ୍ ନଥିଲା। ସେ ସମୟରେ ୫-୬ଟି ଦେଶ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ସୀମିତ ଥିଲା। ସେତେବେଳେ ସେ ଜଣେ ଡେଭଲପମେଣ୍ଟ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଅଫିସ୍ ଗଲା ବେଳେ ସାଥୀରେ ରେଡିଓ ନେଇ ଯାଉଥିଲେ। ରେଡିଓରୁ ଧାରାବିବରଣୀ ଶୁଣି ସେ ମ୍ୟାଚର ସ୍କୋର, ଖେଳାଳିଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଟିପି ରଖୁଥିଲେ। ୧୯୮୩ ମସିହାରେ ଭାରତ ବିଶ୍ୱକପ୍ ଜିତିବା ପରେ ତାଙ୍କର ଏହି ନିଶା ଦ୍ୱିଗୁଣିତ ହୋଇଯାଇଥିଲା। ତାଙ୍କ ଡାଏରୀ କୌଣସି ଇତିହାସ ବହିଠାରୁ କମ୍ ନୁହେଁ। ସେଥିରେ ଉଲ୍ଲେଖ ରହିଛି, ମ୍ୟାଚ୍ କେଉଁ ଷ୍ଟାଡିୟମରେ ଏବଂ କେଉଁ ଦେଶ ବିପକ୍ଷରେ ହେଉଛି? ଖେଳାଳିଙ୍କ ନାମ ଏବଂ ସେମାନଙ୍କ ଜର୍ସି ନମ୍ବର। କିଏ କେତେ ରନ୍ କଲା, କିଏ ଶତକ ହାସଲ କଲା। ବୋଲରଙ୍କ ପ୍ରଦର୍ଶନ ଏବଂ କିଏ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେଲା। ଆଜିର ସମୟରେ ସବୁ ସୂଚନା ଗୁଗଲରେ ଉପଲବ୍ଧ, କିନ୍ତୁ କେଶବଙ୍କ ପାଇଁ ନିଜ ହାତରେ ଲେଖିବାର ଆନନ୍ଦ କିଛି ଅଲଗା। ଖେଳ ପ୍ରତି ତାଙ୍କର ଭଲପାଇବା ଏତେ ଯେ ଭାରତର ମ୍ୟାଚ୍ ଥିଲେ ସେ ଖାଇବା ପିଇବା ବି ଭୁଲିଯାଆନ୍ତି। ତାଙ୍କ ବୋହୂ ଅନୀତା ପାଢ଼ୀଙ୍କ କହିବା ଅନୁସାରେ, ଯଦି ଦିବାରାତ୍ର ମ୍ୟାଚ୍ ଥାଏ, ତେବେ ତାଙ୍କୁ ଖାଇବାକୁ ଦେବା କଷ୍ଟକର ହୋଇପଡ଼େ। ଯଦି କୌଣସି କାମରେ ବାହାରକୁ ଯାଆନ୍ତି, ରାତି ଯେତେ ହେଲେ ବି ମ୍ୟାଚ୍ ହାଇଲାଇଟ୍ସ ଦେଖି ତଥ୍ୟ ଲିପିବଦ୍ଧ କରିବା ପରେ ହିଁ ସେ ଶୁଅନ୍ତି। ତାଙ୍କର ଏହି ଗଭୀର ଜ୍ଞାନ ପାଇଁ ସେ ଅନେକ କ୍ରିକେଟ୍ କୁଇଜ୍ ପ୍ରତିଯୋଗିତାରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଅନେକ ଲୋକ 'ଡାଇମେନସିଆ' ବା ସ୍ମୃତିଭ୍ରଂଶ ରୋଗର ଶିକାର ହୁଅନ୍ତି। ମାତ୍ର କେଶବ ବାବୁଙ୍କ ନାତି ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଲଗ୍ନଜିତ ଦାଶଙ୍କ ମତରେ, ଏହି ଲେଖା ଅଭ୍ୟାସ ହିଁ ତାଙ୍କୁ ବୌଦ୍ଧିକ ସ୍ତରରେ ସକ୍ରିୟ କରି ରଖିଛି। ଏହି କାରଣରୁ ୯୪ ବର୍ଷ ବୟସରେ ବି ସେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସଚେତନ ଅଛନ୍ତି। କେଶବଙ୍କ ଜୀବନ ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ଶିକ୍ଷା। କୌଣସି କାମ ପ୍ରତି ଯଦି ସଚ୍ଚୋଟ ନିଶା ଥାଏ, ତେବେ ତାହା କେବଳ ଆନନ୍ଦ ଦିଏ ନାହିଁ ବରଂ ଶରୀର ଓ ମନକୁ ମଧ୍ୟ ନିରୋଗ ରଖେ। କଟକର ଏହି କ୍ରିକେଟ୍ ପ୍ରେମୀ ବୃଦ୍ଧ ଜଣକ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ।



## ଭୁବନେଶ୍ୱର ସିଟି

**ଆରମ୍ଭ ହେଲା ପଥୋତ୍ସବ**

# ଶୀତୁଆ ସକାଳରେ ଝୁମିଲେ ରାଜଧାନୀବାସୀ









ଭୁବନେଶ୍ୱର,୪।୧(ସମିସ): ନୂଆ ବର୍ଷର ପ୍ରଥମ ରବିବାର ରାଜଧାନୀରେ 'ପଥୋତ୍ସବ' ଫେରିଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ଚଳିତବର୍ଷ ତିନିଟି ଜୋନ୍‌ରେ ଏହା ଆୟୋଜନ ହେବାକୁ ଥିବାବେଳେ ପ୍ରଥମ 'ପଥ ଉତ୍ସବ' ସ୍ମାର୍ଟ ଜନପଥର ମାଷ୍ଟକ୍ୟାଣ୍ଟିନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସିର ଅନ୍ୟ ଅଧିକାରୀଙ୍କ ସମେତ କର୍ପୋରେଟରମାନେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସକାଳ ୬ଟାରୁ ମାଷ୍ଟରକ୍ୟାଣ୍ଟିନ୍‌ରୁ



ରାମମନ୍ଦିର ଛକ ମଧ୍ୟରେ ଦେଖିବାକୁ ମିଳିଥିଲା ପ୍ରବଳ ଜନସମାଗମ। ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ଯୋଗାଭ୍ୟାସ ଠାରୁ ଆରମ୍ଭ କରି ରକ୍ତଦାନ, ସ୍କେଟିଂ, ସାଇକ୍ଲିଂ, ରଙ୍ଗୋଲି, ସ୍ୱାସ୍ଥ୍ୟ ପରୀକ୍ଷା, ବ୍ୟାୟାମ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ନାଚ ଗୀତରେ ଝୁମିଥିଲେ ରାଜଧାନୀବାସୀ। ତେବେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପପୁ ପମ୍‌ପମ୍ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲେ। ଏଥିସହ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଅନ୍ତରା ପ୍ରଥମେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ପାଇଁ ଏକ ଗୀତ ଉତ୍ସର୍ଗ କରିଥିଲେ। ଏହାପରେ ଗୋଟିକ ପରେ ଗୋଟିଏ ଗୀତରେ ନାଚି ଉଠିଥିଲେ ଦର୍ଶକ।

ପଥ ଉତ୍ସବରେ ଏଥର ପିଲାମାନଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୁରୀର ଫେଟ୍ ଫାଇଟର ଅନୁଷ୍ଠାନ ପକ୍ଷରୁ କୁନି କୁନି ପିଲାଙ୍କ ଦ୍ୱାରା ଦୁଃସାହସିକ ମାଲଖମ୍ବ ପରିବେଷଣ କରାଯାଇଥିଲା। ଯାହାଦ୍ୱାରା ଫ୍ୟାସନ୍ ସୋ', ଜୁମ୍ବା, ଫେସ୍ ପେଣ୍ଟିଂ, ପାରମ୍ପରିକ ଖେଳ, ଚିତ୍ରକଳା, ରଙ୍ଗୋଲି, ସ୍କେଟିଂ, ମେହେନ୍ଦି, ଲୋକନୃତ୍ୟ, ବ୍ୟଙ୍ଗଚିତ୍ର, ଯୋଗ, କରାଟେ, ସ୍କେଚ୍, ଡିଜେ ବ୍ରାସ୍‌ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଭରପୁର ମଜା ନେଇଥିଲେ ରାଜଧାନୀବାସୀ। ଏହାସହ ବୃକ୍ଷ ଛେଦନ ପରିବର୍ତ୍ତେ ଚାରା ରୋପଣ କରିବାକୁ ସଚେତନ କରାଇଥିଲେ ପୁରୀର ଜଗନ୍ନାଥ ମିଶ୍ର। ନିଜକୁ ଗଛ ବେଶରେ ସଜ୍ଜିତ କରି ସଚେତନତା କରାଇଥିଲେ। କେବଳ ସେତିକି ନୁହେଁ ଚାର୍ଲି ଚାପଲିନଙ୍କ ସହ ସେଲଫି ନେବାକୁ ମଧ୍ୟ ପ୍ରବଳ ଭିଡ଼ ଜମିଥିଲା। ସେହିପରି ଭିଡ଼ ଭିତରୁ ପ୍ରତିଭା ଖୋଜିବାକୁ 'ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥର 'ପଥ ଉତ୍ସବ'ରେ କିଛି ନୂଆ କାର୍ଯ୍ୟକ୍ରମ ସାମିଲ୍ କରାଯାଇଥିବାରୁ ଏକ ନିଆରା ଅନୁଭୂତି ଦେଇଥିଲା। ଶୀତୁଆ ସକାଳରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକମାନେ ଏକାଠି ହୋଇ ଏହି କାର୍ଯ୍ୟକ୍ରମକୁ ଉତ୍କଣ୍ଠାର ସହ ଉପଭୋଗ କରିଥିଲେ। ସେହିପରି ୫୦ରୁ ଉର୍ଦ୍ଧ୍ୱ କୁନି କୁନି ପିଲାମାନେ ସ୍କେଟିଂର ମଜା ନେଇଥିଲେ। ମୁରୁଜରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଖଣାହାରୀଙ୍କୁ ବେଶ୍ ଆକୃଷ୍ଟ କରିଥିଲା। କେବଳ ସେତିକି ନୁହେଁ ମେହେନ୍ଦି ଓ ଫେସ୍ ପେଣ୍ଟିଂ କରିବାକୁ ଯୁବଗୋଷ୍ଠୀଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଥିଲା। ପିଲାଙ୍କ ଠାରୁ ବୟସ୍କ ଯାଏଁ ସମସ୍ତେ ନିଜ ମୁହଁରେ ନିଜ ପସନ୍ଦର ଛବି ଆଙ୍କିବାକୁ ଚିତ୍ରଶିଳ୍ପୀଙ୍କ ନିକଟରେ ଲାଇନ୍ ଲଗାଇଥିଲେ। ଏଠାରେ ମାଗଣାରେ ସମସ୍ତଙ୍କ ମୁହଁରେ ବିଭିନ୍ନ ଆର୍ଟ କରାଯାଉଥିବା ବେଳେ ଚିତ୍ର କରିବାକୁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

## ବାଣିଜ୍ୟ ଶିକ୍ଷା ଓ ଶିକ୍ଷଣ ପଦ୍ଧତି ନେଇ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ




ଭୁବନେଶ୍ୱର,୪।୧(ସମିସ): ଏନ୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ପିନାକଲ୍ ହ୍ୟୁମାନ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଓଡ଼ିଶା କମର୍ସ ଆସୋସିଏସନ୍ ସହଯୋଗରେ ବାଣିଜ୍ୟ ଶିକ୍ଷା ଓ ଶିକ୍ଷଣ ପଦ୍ଧତିର ସାମ୍ପ୍ରତିକ ପ୍ରବଣତା ବିଷୟରେ ଏକ ଫାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଏଏସବିଏମ ୟୁନିଭର୍ସିଟିର ଉପକୁଳପତି ଡ. ରଞ୍ଜନ କୁମାର ବଳ, ଓଡ଼ିଶା କମର୍ସ ଆସୋସିଏସନର ସଭାପତି ଡ. କିଶୋର କୁମାର ଦାସ ଓ ସଚିବ ଡ. ବିଶ୍ୱ ମୋହନ ଜେନା, ପିନାକଲ ହ୍ୟୁମାନ ରେସୋର୍ସ ପ୍ରାଇଭେଟ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର ସନ୍ତୋଷ ଦାଶ ଓ ଏନଏମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷା ରିଚା ପରିଡ଼ା ଯୋଗ ଦେଇଥିଲେ।

ଏନଏମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଧାନାଚାର୍ଯ୍ୟ ଡ. ନିରଞ୍ଜନ ମିଶ୍ର ଓ ନିର୍ଦ୍ଦେଶକ ଡ. ସୁଦୀପ ଘୋଷ ଏବଂ ଡ. ସୁରେଶ୍ୱରୀ ପ୍ରସାଦ ଦାଶ ଏବଂ ମୁଖ୍ୟବକ୍ତା ଭାବେ ଡ. ଆଦ୍ରଶ ରଥ ଓ ଡ. ସିଦ୍ଧାର୍ଥ ମିଶ୍ର ଉପସ୍ଥିତ ଥିଲେ।

**ଜୀବନର କେତେ ରଙ୍ଗ**

## ସାଇକଲକୁ ସାହାରା କରି ପରିବାର ଚଳାଉଛନ୍ତି ବୁଲୁ

ଭୁବନେଶ୍ୱର, ୪।୧ (ସମିସ): ରାସ୍ତାରୁ ସାଇକଲ ସଂଖ୍ୟା ଦ୍ରୁତ ଭାବେ ହ୍ରାସ ପାଉଥିବାବେଳେ ଏହାକୁ ସାହାରା କରି ନିଜର ପରିବାର ଚଳାଉଛନ୍ତି ବୁଲୁ। ଘର ଢେଙ୍କାନାଳ ଜିଲ୍ଲାରେ। ରାଜଧାନୀରେ ହଜାର ହଜାର ଶ୍ରମଜୀବୀଙ୍କ ସହ ପ୍ରତିଦିନ ସାମ୍ନା କରିବାକୁ ହୁଏ। ମାତ୍ର ସାଇକଲ ମାଧ୍ୟମରେ ନିଜର ଭିନ୍ନ ଏକ କାହାଣୀ ଲେଖିବାକୁ ପଡ଼େ ବୁଲୁଙ୍କୁ। ଏହି ଜୀବିକାରୁ ନିଜ ପିଲାଙ୍କୁ ପାଠ ପଢ଼ାଇ ବଡ଼ ମଣିଷ କରିବାକୁ ଦିନରାତି ପରିଶ୍ରମ ବି କରୁଛନ୍ତି ସେ। ତାଙ୍କ ପାଇଁ ନା କୌଣସି କାମ ଛୋଟ ହୋଇଥାଏ ନା ବଡ଼ ବୋଲି କୁହନ୍ତି। ଯେତେବେଳେ ଯାହା ମିଳିଲା ସେଥିରେ କେମିତି ପରିବାର ପୋଷିବେ ସେ ଚିନ୍ତାରେ କାମରେ ଲାଗି ପଡ଼ନ୍ତି। ରୋଜଗାର କରିବା ଉଦ୍ଦେଶ୍ୟ ନେଇ ପହଞ୍ଚିଥିଲେ ରାଜଧାନୀ ଭୁବନେଶ୍ୱରରେ। ବିଭିନ୍ନ ପ୍ରକାର ସ୍ନାକ୍ସ ଓ ମୁଢ଼ି ବେପାର ଆରମ୍ଭ କରିଥିଲେ। ସେଇଥିରେ ହିଁ ସେ ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଛନ୍ତି।

୩୯ ବର୍ଷରେ ଘର ଛାଡ଼ି ରାଜଧାନୀରେ ଆସି ଜୀବିକା କରିବା ପଛର ତାଙ୍କ ସଂଘର୍ଷ ଆଗରେ ବର୍ଷା, ଖରା ଓ ଶୀତ ମଧ୍ୟ ହାର ମାନିଛି। ଖରାରେ ବିଭିନ୍ନ ଦୋକାନ ଦୋକାନ ବୁଲି ସେ ବିକ୍ରି କରିଥାନ୍ତି ତାଙ୍କ ସାମଗ୍ରୀ। ତାଙ୍କ ସାଇକଲ ହିଁ ଦୁଃଖ ସୁଖର ସାଥୀ ହୋଇଛି। ପ୍ରତିଦିନ ସେ ସାଇକଲରେ ବେପାରକୁ ବାହାରି ପଡ଼ିଥାନ୍ତି। କେବଳ ଦୋକାନ ନୁହଁ, କଲୋନୀ କଲୋନୀ ବୁଲୁଥାନ୍ତି ବେପାର ଆଶାରେ। କେବେ ଭଲ ବେପାର ହେଲେ ଖୁସିରେ ଘରକୁ ଫେରନ୍ତି ତ କେବେ ଖାଲି ହାତରେ। ସେତେଟା ଲାଭ ମିଳୁନଥିବାରୁ ଗାଡ଼ି ବଦଳରେ ସାଇକଲକୁ ହିଁ ସେ ନିଜ ସାହାରା କରି ସେଥିରେ ବେପାର କରୁଛନ୍ତି। ବିଭିନ୍ନ ସ୍କୁଲ ଓ କଲେଜ ବାହାରେ ମଧ୍ୟ ଛୁଆଙ୍କ ମନ ପସନ୍ଦର ନଳୀ, ପାମ୍ପଡ଼ ଓ ମୁଡୁକିର



ପସରା ଧରି ସାଇକେଲରେ ପହଞ୍ଚିଯାଆନ୍ତି। ସେ ବିକ୍ରି କରୁଥିବା ସ୍ନାକ୍ସର ମୂଲ୍ୟ ୧୦ ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ହାତ ଗୋଡ଼ ଚଳୁଥିବା ଯାଏଁ ସେ ଏହିପରି ପରିଶ୍ରମ କରି ଚାଲିଥିବେ ଏବଂ ଦିନେ ନା ଦିନେ ପରିଶ୍ରମର ଫଳ ତାଙ୍କୁ ମିଳିବ ବୋଲି ସେ ବିଶ୍ୱାସ ରଖିଥିବା କୁହନ୍ତି।

## ଏକାମ୍ର କାନନରେ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ୯ରୁ

- ଏଥର ୩ଦିନ ଚାଲିବ ପ୍ରଦର୍ଶନୀ
- ମୁଖ୍ୟ ଆକର୍ଷଣ ପାଲଟିବ ମ୍ୟୁଜିକାଲ ଫାଉଣ୍ଟେନ୍

ଭୁବନେଶ୍ୱର,୪।୧(ସମିସ): ରଙ୍ଗୀନ ଫୁଲର ସମ୍ଭାରରେ ଝଲସିବ ବଟାନିକାଲ୍ ଗାର୍ଡେନ୍। ଲାଲ୍ ଗୋଲାପରୁ ଆରମ୍ଭ କରି ଧଳା, ନୀଳ ଓ ହଳଦିଆ ରଙ୍ଗର ଗୋଲାପର ଆସର ଜମିବ ଗାର୍ଡେନରେ। ଦର୍ଶକଙ୍କୁ ଆକର୍ଷିତ କରିବ ଡାଲିଆ ଓ ଗ୍ଲାଡିଓଲି ଫୁଲର ସୌନ୍ଦର୍ଯ୍ୟ। ଏପରି ଭଳିକି ଭଳି ଫୁଲର ପସରା ଦେଖିବା ପାଇଁ ଆସନ୍ତା ୯ ତାରିଖରୁ ୧୧ ତାରିଖ ଯାଏଁ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ। ଲୋକଙ୍କ ମଧ୍ୟରେ ଫୁଲ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ରାଜଧାନୀକୁ ଆହୁରି ସୌନ୍ଦର୍ଯ୍ୟମୟ କରିବା ପାଇଁ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ସହ ବଗିଚା ସୌନ୍ଦର୍ଯ୍ୟକରଣ, ଫୁଲ ପ୍ରଦର୍ଶନୀ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପରିସରରେ ଥିବା ବଟାନିକାଲ୍ ଗାର୍ଡେନ୍‌ରେ ହେବ ଏହି ପ୍ରଦର୍ଶନୀ। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି) ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରଦର୍ଶନୀ ଚଳିତ ବର୍ଷ ୩ ଦିନ ଧରି ଚାଲିବ। ଏହି ପୁଷ୍ପ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଉଭୟ ଦେଶୀ ଓ ବିଦେଶୀ ଫୁଲ ଦେଖିବାକୁ ପାଇବେ ପର୍ଯ୍ୟଟକ। ଚଳିତବର୍ଷ ୫ଶହରୁ ଉର୍ଦ୍ଧ୍ୱ ପ୍ରଜାତିର ଫୁଲକୁ ପ୍ରଦର୍ଶନୀ ପାଇଁ ଯୋଜନା ରଖାଯାଇଛି। ଏହି ପ୍ରଦର୍ଶନୀରେ ଫୁଲଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି। ପ୍ରଦର୍ଶନୀ ପାଇଁ ଫୁଲ ରଖାଯିବା ବ୍ୟତୀତ ଫୁଲ ବିକ୍ରି ପାଇଁ ମଧ୍ୟ ରଖାଯିବ। ପ୍ରଦର୍ଶନୀ ପାଇଁ ବିଦେଶୀ ଫୁଲଗୁଡିକ ମଧ୍ୟରେ ଗ୍ଲାଡିଓଲି, କାଲେଣ୍ଡୁଲା, ଆଷ୍ଟର ପ୍ରଭୃତି। ସେହିପରି ଦେଶୀ ଫୁଲ ମଧ୍ୟରେ ଗେଣ୍ଡୁ, ଗୋଲାପ, ଲିଲି, ଜିନିଆ ଓ କେତକୀ ଆଦି ସାମିଲ ହେବେ। ପ୍ଲାଣ୍ଟ ବଜାରରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟପୂର୍ଣ୍ଣ ବୃକ୍ଷ ସହ ଫୁଲ ଗଛ, ଫୁଲ ମଞ୍ଜି, ବୃକ୍ଷ ଉପକରଣ ପ୍ରଭୃତି ଉପଲବ୍ଧ ହେବ। ଏହାବ୍ୟତୀତ ଏଥିରେ ବିଭିନ୍ନ ନର୍ସରୀମଧ୍ୟ ପ୍ରଦର୍ଶନୀରେ ଭାଗ ନେବେ। ସମସ୍ତେ କିପରି ବଗିଚାଟିଏ ତିଆରି କରିବାକୁ ଆଗ୍ରହୀ ହେବେ ସେଥିପାଇଁ ସଚେତନତା କରାଯିବା ପାଇଁ ପ୍ରଦର୍ଶନୀ ମଧ୍ୟରେ ବିଭିନ୍ନ ସଂସ୍ଥା ପକ୍ଷରୁ ମିନି ଗାର୍ଡେନର ବ୍ୟବସ୍ଥା କରାଯିବ। ଚଳିତ ବର୍ଷ ଏକାମ୍ର ପାର୍କ ପରିସରରେ ମୁଖ୍ୟ ଆକର୍ଷଣ ପାଲଟିବ ମ୍ୟୁଜିକାଲ ଫାଉଣ୍ଟେନ୍। ପ୍ରତିବର୍ଷ କେବଳ ୱାଟର୍ ଫାଉଣ୍ଟେନ୍ ମନୋରଞ୍ଜନ କରାଉଥିବାବେଳ ଏଥର ନୂତନ କରି ମ୍ୟୁଜିକ ଫାଉଣ୍ଟେନ୍ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭବ ଦେବ। ଆର୍‌ପିଆର୍‌ସି ସହ ଏକାମ୍ରକାନନର ବାହାର ପାର୍ଶ୍ୱ କାନ୍ଥରେ ଚଳିତବର୍ଷ ନୂଆ ରୂପରେ ଦେଖାଦେଇଛି। ସବୁଜ ଭରା ପରିବେଶ ସହ ବିଗିଚା, ଫୁଲ, ପାର୍କ ଭିତରେ ଥିବା ବିଭିନ୍ନ ପ୍ରକାରର ପ୍ରାକୃତିକ ଶୋଭାରାଜିକୁ କାନ୍ଥରେ ଭିନ୍ନ ଶୈଳୀରେ କଲର୍ ପେଣ୍ଟରେ ଅଙ୍କାଯାଇଛି। ଯାହା ଏଥର ଦର୍ଶକଙ୍କ ପ୍ରବେଶ ପଥରୁ ଆରମ୍ଭରୁ ଆକର୍ଷଣ କରିବ। ଚଳିତବର୍ଷ ଏହି ପ୍ରଦର୍ଶନୀରେ ଫୁଲ ସଜ୍ଜା, ବଗିଚା ସଜ୍ଜା, ଛାତ ଉପର ବଗିଚା ଆଦି ଭଳି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ। ଏହି ପୁଷ୍ପ ପ୍ରଦର୍ଶନୀରେ ବ୍ୟକ୍ତିଗତଭାବେ ଏବଂ ଅନୁଷ୍ଠାନ ମଧ୍ୟ ଅଂଶଗ୍ରହଣ କରିବେ।













